ବଡଧରଣର ରାକେଟ ସମ୍ପୃକ୍ତ ଥିବା ଜଣାପଡିଛି। ବଲାଙ୍ଗୀର ଜିଲା ସମେତ ପଡୋଶୀ କଳାହାଣ୍ଡି, ବରଗଡ଼, ନୂଆପଡ଼ା, ସୁବର୍ଣ୍ଣପୁର, ବୌଦ୍ଧ ଏବଂ କନ୍ଧମାଳ ଜିଲାରେ ଉନ୍ନତ ମାନର କଳାକେନ୍ଦୁ ଏବଂ ଖଇର ଗଛ ମିଳୁଥିବାରୁ ଏହି ଅଞ୍ଚଳରେ କାଠ ଚୋରାଚାଲାଣ ରାକେଟ ସକ୍ରିୟ ଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ବଲାଙ୍ଗୀର ବନ ବିଭାଗ ଗତ ପ୍ରାୟ ୮ରୁ ୧୦ ମାସ ମଧ୍ୟରେ ୪୦ ଟ୍ରିପ୍‌ରୁ ଊର୍ଦ୍ଧ୍ୱ ଖଇର ଏବଂ କଳାକେନ୍ଦୁ କାଠ ଜବତ କରି ସାରିଲାଣି। ଗତ ଡିସେମ୍ବର ମାସରେ ବନ ବିଭାଗ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଖଇର ଏବଂ କଳାକେନ୍ଦୁ କାଠଗଣ୍ଡି ସହ ଗାଡି ଜବତ କରିଥିଲେ। ଡିସେମ୍ବର ୨୪ତାରିଖରେ କଣ୍ଟାବାଞ୍ଜି ଲାର୍କି ସେକ୍ସନର ଖରଖରା ଗାଁ ନିକଟରୁ ୧୫ କୁଇଣ୍ଟାଲ ଖଇର କାଠ ବୋଝେଇ ଗାଡି ଜବତ ହୋଇଥିଲା। ୨୬ ତାରିଖରେ କଣ୍ଟାବାଞ୍ଜି ରେଞ୍ଜର କାଦୋବସା ଗାଁ ନିକଟରୁ ୫୩ଟି କଳାକେନ୍ଦୁ ଗଣ୍ଡି ବୋଝେଇ ଗାଡିକୁ ଜବତ କରାଯାଇଥିଲା। ସେହିପରି ଡିସେମ୍ବର ୨୯ରେ ମୁରିବାହାଲ ରେଞ୍ଜର ଇଚ୍ଛାପଡା ଗାଁ ନିକଟରୁ ୧୯ଟି କଳାକେନ୍ଦୁ ବୋଝେଇ ଗାଡି ଜବତ କରାଯାଇଥିଲା। ବଲାଙ୍ଗୀର ଜିଲାର ବିଭିନ୍ନ ବନାଞ୍ଚଳରୁ କିଛି ବର୍ଷ ମଧ୍ୟରେ ଖଇର ଏବଂ କଳାକେନ୍ଦୁ କାଠ ବ୍ୟାପକ ପରିମାଣରେ ଚୋରାଚାଲାଣ ହୋଇଛି। ଏଥିରେ ଆନ୍ତଃରାଜ୍ୟ ଚୋରାଚାଲାଣ ରାକେଟ ସକ୍ରିୟ ରହିଛନ୍ତି। ବଲାଙ୍ଗୀର ଜିଲାରୁ ପଡୋଶୀ ଜିଲା ଦେଇ ଛତିଶଗଡ, ମହାରାଷ୍ଟ୍ର, ଗୁଜରାଟ ଓ ଅନ୍ୟ ରାଜ୍ୟକୁ କଳାକେନ୍ଦୁ ଓ ଖଇର କାଠ ଚାଲାଣ ହେଉଥିବା ଜଣାପଡିଛି। ବଲାଙ୍ଗୀର ଜିଲାର କେତେଜଣ କାଠ ମାଫିଆ ମଧ୍ୟ ଏଥିରେ ସମ୍ପୃକ୍ତ ଥିବା ଚର୍ଚ୍ଚାର ବିଷୟ ହୋଇଛି। ବନ ବିଭାଗ କର୍ମଚାରୀମାନେ ଚାଲାଣ ହେଉଥିବା ବିପୁଳ ପରିମାଣର କାଠରୁ ଅଳ୍ପ କାଠ ଜବତ କରୁଥିବା ଏବଂ ଅଧିକାଂଶ କାଠ ଜବତ ଘଟଣାରେ ☞ପୃଷ୍ଠା-୧୧


ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ
सेन्ट्रल बैंक ऑफ़ इंडिया
Central Bank of India
1911 से आपके लिए ''सेंट्रल'' "CENTRAL" TO YOU SINCE 1911

କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର

ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆପଣଙ୍କୁ ୭ ଫେବୃଆରୀ ୨୦୨୬ କାର୍ଯ୍ୟକ୍ରମରେ ଆମନ୍ତ୍ରିତ କରୁଅଛି ।

ରାଷ୍ଟ୍ରୀୟ ମେଗା ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟରିଚ୍ କାର୍ଯ୍ୟକ୍ରମ

ବ୍ୟବସାୟିକ ବିସ୍ତାର ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା ପର୍ଯ୍ୟନ୍ତ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପ୍ରତ୍ୟେକ ଏମ୍‌ଏସ୍‌ଏମ୍‌ଇ ସ୍ୱପ୍ନକୁ ଉପଯୁକ୍ତ ଆର୍ଥିକ ସମାଧାନ ସହିତ ପୂରଣ କରିଥାଏ

ସେଣ୍ଟ ବିଜିନେସ୍ ଲୋନ୍
• ବ୍ୟବସାୟୀ, ନିର୍ମାତା ଓ ପ୍ରୋସେସରମାନଙ୍କ ପାଇଁ
• ସୁଧ ହାର ୭.୭୫%*ରୁ ଆରମ୍ଭ
• ଋଣ ରାଶି ଟ.୨୫ କୋଟି ପର୍ଯ୍ୟନ୍ତ

ସେଣ୍ଟ ଇଞ୍ଜିନିୟରିଙ୍ଗ୍
• ଇଞ୍ଜିନିୟରିଙ୍ଗ୍ ଉତ୍ପାଦଗୁଡିକର ନିର୍ମାଣ, ଫାବ୍ରିକେଶନ୍, ଟେଷ୍ଟିଙ୍ଗ୍ ଓ କମିସନିଙ୍ଗ୍ ପାଇଁ
• ସୁଧ ହାର ୭.୭୫%ରୁ ଆରମ୍ଭ
• ଋଣ ରାଶି ଟ.୫୦ କୋଟି ପର୍ଯ୍ୟନ୍ତ

ସେଣ୍ଟ ହୋଟେଲ
• ହୋଟେଲ, ରିସୋର୍ଟ, କାଫେ ଓ ହସ୍ପିଟାଲିଟୀ ୟୁନିଟ୍‌ଗୁଡିକ ପାଇଁ
• ସୁଧ ହାର ଆର୍‌ବିଏଲ୍‌ଆର୍ (ବର୍ତ୍ତମାନ ୮.୨୫%)ରୁ ଆରମ୍ଭ
• ଋଣ ରାଶି ଟ.୧୦୦ କୋଟି ପର୍ଯ୍ୟନ୍ତ

ସେଣ୍ଟ ସଞ୍ଜିବନୀ
• ହସ୍ପିଟାଲ, କ୍ଲିନିକ୍, ଲାବ୍ ଓ ହେଲ୍‌ଥ୍ କେୟାର ୟୁନିଟ୍‌ଗୁଡିକ ପାଇଁ
• ସୁଧ ହାର ଆର୍‌ବିଏଲ୍‌ଆର୍ (୮.୨୫%) + ୦.୧୫%*ରୁ ଆରମ୍ଭ
• ଋଣ ରାଶି ଟ.୧୦୦ କୋଟି ପର୍ଯ୍ୟନ୍ତ

ଏବଂ ଆହୁରି ବି ଅନେକ ଯୋଜନା...

ତାରିଖ: ୦୭.୦୨.୨୦୨୬
ସମୟ: ପୂର୍ବାହ୍ନ ୧୦.୦୦ ଘଟିକା
ସ୍ଥାନ: ଜନ ଶିକ୍ଷଣ ସଂସ୍ଥାନ, ସିଡିଏ, ସେକ୍ଟର-୮, କଟକ - ୭୫୩୦୧୪

Scan to apply Loan

ତାରିଖ: ୦୭.୦୨.୨୦୨୬
ସମୟ: ପୂର୍ବାହ୍ନ ୧୦.୦୦ ଘଟିକା
ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ରାଜା ବଗିଚା, ଏଡିଏମ୍ ଛକ ନିକଟ, ବାଲେଶ୍ୱର - ୭୫୬୦୦୧

ଆପଣଙ୍କ ସମସ୍ତ ପ୍ରକାର ଏମ୍‌ଏସ୍‌ଏମ୍‌ଇ ଆବଶ୍ୟକତା ନିମନ୍ତେ ସହଜ ଏବଂ ସୁଗମ ଅର୍ଥ ପ୍ରାପ୍ତ କରନ୍ତୁ
କୌଣସି ଅନୁସନ୍ଧାନ ନିମନ୍ତେ ଆପଣଙ୍କ ନିକଟସ୍ଥ ଶାଖା/କ୍ଷେତ୍ରୀୟ କାର୍ଯ୍ୟାଳୟ/ଅଞ୍ଚଳ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ।

*ନିୟମ ଓ ସର୍ତ୍ତାବଳୀ ଲାଗୁ

GIVE US A MISSED CALL FOR LOAN ASSISTANCE 922 390 1111
Toll Free Number 1800 30 30
www.centralbank.bank.in

ଆଗରୁ ଯାହା ସବୁ ଦେଖାଯାଇଛି – ଆଗରୁ ଯେଉଁସବୁ ଉପାୟ ବାହାର କରାଯାଇଛି– ଆଗରୁ ଯାହାସବୁ ଗଠନ କରାଯାଇଛି ସେସବୁକୁ ପଛରେ ପକାଇ ଦିଅ । ... ତା'ପରେ ସେହି ଅଜଣା ରାଜ୍ୟକୁ ଯାତ୍ରା ଆରମ୍ଭ କରିଦିଅ ଏବଂ ତା'ପରେ ଯାହାକିଛି ଘଟିବାର ଘଟୁ। ବାସ– ଏତିକି । –ଶ୍ରୀମା



# ଟିକା ବିରୋଧୀ ଦୃଷ୍ଟିକୋଣ



ପିଟର ସିଙ୍ଗର

୨୦୨୫ରେ ଆମେରିକାରେ ଦୁଇ ପିଲାଙ୍କ ସମେତ ୩ ଜଣ ମିଳିମିଳାରେ ମୃତ୍ୟୁବରଣ କରିଥିଲେ। ସେମାନଙ୍କ ମୃତ୍ୟୁକୁ ରୋକାଯାଇପାରିଥାଆନ୍ତା। ଗତବର୍ଷ ଆମେରିକାରେ ୨,୨୬୭ ଲୋକ ମିଳିମିଳାରେ ଆକ୍ରାନ୍ତ ହୋଇଥିଲେ, ଯାହା ୨୦୨୪ଠାରୁ ୨୮୫ ଜଣ ବେଶି। ଏହି ଆକ୍ରାନ୍ତଙ୍କ ସଂଖ୍ୟା ୩୦ ବର୍ଷ ମଧ୍ୟରେ ସବୁଠୁ ବେଶି। ଏହିସବୁ ପୀଡ଼ିତ ଯଦି ସୁସ୍ଥ ହୋଇପାରିଲେ ତେବେ ୩ ଜଣ କାହିଁକି ଭଲ ହୋଇ ନ ଥାନ୍ତେ ? ଗତ ବର୍ଷ ଫେବୃଆରୀରେ ରବର୍ଟ ଏଫ୍. କେନେଡି ଜୁନିୟର ଆମେରିକାର ସ୍ୱାସ୍ଥ୍ୟ ଓ ମାନବ ସେବା ବିଭାଗର ସଚିବ ଭାବେ ଦାୟିତ୍ୱ ନେଇଥିଲେ। ତେବେ କେନେଡି ଟିକାର ଅଟିଜମ୍ ସହିତ ସମ୍ପର୍କ ଥିବା ଅସତ୍ୟ ସିଦ୍ଧାନ୍ତକୁ ଉତ୍ସାହିତ କରିଆସିଛନ୍ତି। ସେ ଦାବି କରିଛନ୍ତି, ଟିକା ଆମେରିକୀୟ ପିଲାଙ୍କର ଏକ ପୂରା ପିଢ଼ିକୁ ନଷ୍ଟ କରିଦେଇଛି। ତାଙ୍କର ଏହି ମନ୍ତବ୍ୟ ଯୋଗୁ ଆମେରିକାରେ ଟିକାକରଣ ପ୍ରତିଶତ ହ୍ରାସ ପାଇବାର ଅଧିକ ସମ୍ଭାବନା ଅଛି। ଏହି କାରଣରୁ ମିଳିମିଳା ଆକ୍ରାନ୍ତଙ୍କ ସଂଖ୍ୟାରେ ଦ୍ରୁତ ବୃଦ୍ଧି ଘଟିଛି।

କେନେଡି ଦାୟିତ୍ୱ ନେବା ପରେ ଟିକା ପରାମର୍ଶଦାତା କମିଟିରୁ ଅଭିଜ୍ଞ ବୈଜ୍ଞାନିକଙ୍କୁ ବାହାର କରିଦେଇ ସେମାନଙ୍କ ସ୍ଥାନରେ ଅନଭିଜ୍ଞ ବ୍ୟକ୍ତିଙ୍କୁ ଅବସ୍ଥାପିତ କରିଛନ୍ତି। କୋଭିଡ୍–୧୯କୁ ପ୍ରତିହତ କରିବା ସକାଶେ ଶୀଘ୍ର ତଥା ଅଧିକ ପ୍ରଭାବୀ ଟିକା ପ୍ରସ୍ତୁତ କରି ଅନେକଙ୍କ ଜୀବନ ବଞ୍ଚାଇଥିବା ପଦ୍ଧତି ଏମ୍ଆର୍ଏନ୍ଏ ପାଇଁ ଆବଶ୍ୟକ ପାଣ୍ଠି ପ୍ରତ୍ୟାହାର କରିନେଇଛନ୍ତି। କେନେଡି ପରାମର୍ଶ ଦେଇଥିଲେ, ଭିଟାମିନ୍ 'ଏ' ନେବା ମିଳିମିଳାର ଏକ ବିକଳ୍ପ ହେବ। ଏଭଳି କହିବା ପରେ ଟେକ୍ସାସର ମାତାପିତାମାନେ ସେମାନଙ୍କ ପିଲାଙ୍କୁ ଉଚ୍ଚ ଡୋଜର ଭିଟାମିନ୍ 'ଏ' ଦେଇଥିଲେ ଏବଂ ଏହା ଯୋଗୁ ପିଲାଙ୍କଠାରେ କ୍ଷତିକାରକ ପ୍ରଭାବ ପରିଲକ୍ଷିତ ହୋଇଥିଲା।

ଜନ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆମେରିକା ସମେତ ଅନ୍ୟ କେତେକ ଦେଶ ବିଜ୍ଞାନର ମାନକଠାରୁ ଦୂରେଇ ଯାଇଥିବା ଦେଖାଯାଏ। ସ୍ଲୋଭାକିଆର ପ୍ରଧାନମନ୍ତ୍ରୀ ରବର୍ଟ ଫିକୋ ଦେଶରେ ମହାମାରୀର ପ୍ରତିକ୍ରିୟା ଉପରେ ତଦନ୍ତ ପାଇଁ ଜଣେ ଅସ୍ଥିଶଲ୍ୟ ଡାକ୍ତର ତଥା ଟିକା ବିରୋଧୀ ଆକ୍ଟିଭିଷ୍ଟ ପିଟର କୋଟଲାରଙ୍କୁ ନିଯୁକ୍ତ କରିଥିଲେ। ଅକ୍ଟୋବର ୨୦୨୪ରେ ସେ ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ ଯେ କୋଭିଡ୍–୧୯ ବାୟୋଟେରରିଜମ୍‌ର ଏକ କାର୍ଯ୍ୟ। ବିନା ପ୍ରମାଣରେ ରିପୋର୍ଟରେ ଦାବି କରାଯାଇଥିଲା ଯେ, ଏମ୍ଆର୍ଏନ୍ଏ ଟିକାଗୁଡ଼ିକ ମାନବ ଶରୀରରେ ଡିଏନ୍ଏକୁ ବଦଳାଇ ଦିଏ ଏବଂ ଏହା ଉପରେ କଟକଣା ଲଗାଇବା ଲାଗି ସୁପାରିସ କରିଥିଲେ।

ଏକ ସ୍ୱାଧୀନ ସମାଜରେ ବ୍ୟକ୍ତିମାନେ ଟିକାଗୁଡ଼ିକ ସମ୍ପର୍କରେ ନିରାଧାର ମତ ଦେଇପାରିବେ ଏବଂ ବୈଜ୍ଞାନିକମାନେ ସେଗୁଡ଼ିକୁ ଭୁଲ ପ୍ରମାଣିତ କରିପାରନ୍ତି। କିନ୍ତୁ ସାର୍ବଜନୀନ ସ୍ୱାସ୍ଥ୍ୟ ଅଧିକାରୀମାନେ ସବୁ ତଥ୍ୟ ଓ କାର୍ଯ୍ୟ ଉପରେ ଅନୁଧ୍ୟାନ କରିବା ଉଚିତ। ଖୁବ କମ୍ ଘଟଣାରେ ବୈଜ୍ଞାନିକ ସହମତିକୁ ବିରୋଧ କରୁଥିବା ଦୃଷ୍ଟିକୋଣ ସତ୍ୟ ବୋଲି ଧରି ନିଆଯାଉଛି ଏବଂ ତାହା ସାଧାରଣରେ ଏକ



ନୂଆ ତଥା ଗ୍ରହଣୀୟ ସିଦ୍ଧାନ୍ତ ହୋଇଯାଉଛି। ସାର୍ବଜନୀନ ସ୍ୱାସ୍ଥ୍ୟ ଅଧିକାରୀଙ୍କର ସ୍ୱତନ୍ତ୍ର ଉତ୍ତରଦାୟିତ୍ୱ ରହିଛି, କାରଣ ଅନେକ ଲକ୍ଷଙ୍କୁ ପ୍ରଭାବିତ କରୁଥିବା ନୀତି ସେମାନେ ନିର୍ଦ୍ଧାରଣ କରିଥାନ୍ତି। ତେବେ ଟିକାଗୁଡ଼ିକ ହେଉଛି ଇତିହାସରେ ସବୁଠୁ ବ୍ୟାପକ ଭାବେ ପରୀକ୍ଷିତ ମେଡିକାଲ ଚିକିତ୍ସା ମଧ୍ୟରୁ ଅନ୍ୟତମ। ତଥାପି କେନେଡିଙ୍କ ଭଳି ଟିକାକୁ ନେଇ ସଂଶୟ ପ୍ରକାଶ କରୁଥିବା ବ୍ୟକ୍ତିମାନେ ଆହୁରି ଅଧିକ ଅନୁଧ୍ୟାନ ପାଇଁ ଦାବି କରୁଥିବାବେଳେ ଅନ୍ୟପଟେ ସେମାନଙ୍କ ଦାବି ପଛରେ ବହୁତ କମ୍ ପ୍ରାମାଣିକ ମାନକ ଥିବା ସତ୍ତ୍ୱେ ତାହାକୁ ଗ୍ରହଣ କରିନେଉଛନ୍ତି।

ଯେଉଁ ପରିମାଣରେ ଟିକାକରଣ ହେବା କଥା ତାହାଠାରୁ ଯେତେବେଳେ କମିଗଲା ସେତେବେଳେ ଅଧିକ ଟିକାକରଣ ହାରରୁ ବିପଦରେ ଥିବା ଲୋକମାନେ ଯେଉଁ ଦୃଢ଼ ପ୍ରତିରୋଧକ ଶକ୍ତି ପାଇବା କଥା ତାହା ସମ୍ଭବ ହେଲାନାହିଁ। ଫଳରେ ଯେଉଁ ରୋଗକୁ ରୋକାଯାଇପାରିଥାଆନ୍ତା ତାହା ପୁନର୍ବାର ଫେରିଛି। ଆମେ ଏହା ଇତିହାସର ଦୃଷ୍ଟାନ୍ତରୁ ମଧ୍ୟ ଜାଣିଛେ । ଏବକାର ବଡ଼ ଉଦାହରଣ ହେଉଛି ରୋମାନିଆ ଓ ଏବେ କାନାଡା। ଏସବୁ ଦେଶରେ ମିଳିମିଳା ଦୂର ହୋଇଛି ବୋଲି ବିଚାର କରାଯାଉଥିଲେ ମଧ୍ୟ ସେଠାରେ ଏହା ପୁଣି ଫେରିଛି। ରୋମାନିଆରେ କମ୍ୟୁନିଷ୍ଟ ଶାସନରେ ପିଲାଙ୍କ ଟିକାକରଣ ବାଧ୍ୟତାମୂଳକ ଥିଲା ଏବଂ ମିଳିମିଳା ସମ୍ପୂର୍ଣ୍ଣ ଦୂର ହୋଇଯାଇଥିଲା। ତେବେ ଏକଛତ୍ରବାଦୀ ଚାଓସେସ୍କୁଙ୍କ ଶାସନର ପତନ ପରେ ଯେତେବେଳେ ଲୋକେ ସ୍ୱାଧୀନତା ଏବଂ ଇୟୁ ସଦସ୍ୟତାର ଉନ୍ନତ ଜୀବନଶୈଳୀକୁ ଗ୍ରହଣ କରିନେଲେ ସେତେବେଳେ ସର୍ବସମ୍ମତକ୍ରମେ ଟିକା ନେବା ଇଚ୍ଛାଧୀନ ହୋଇଗଲା। ୨୦୨୩ ସୁଦ୍ଧା ରୋମାନିଆରେ ମିଳିମିଳା ଟିକାକରଣ ପ୍ରତିଶତ ତଳକୁ ଖସି ୬୨%ରେ ପହଞ୍ଚିଗଲା। ପ୍ରକୃତରେ ସେଠାରେ ଟିକାକରଣ ଆରମ୍ଭ ହେବା ସମୟରେ ଏହା ୯୫% ଥିଲା। ୨୦୨୪ରେ ଦେଶରେ ୩୦,୦୦୦ ମିଳିମିଳା ଆକ୍ରାନ୍ତଙ୍କ ମଧ୍ୟରୁ ୨୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଅନେକ ଅଧିକାରୀ କହନ୍ତି, ସେମାନେ ବ୍ୟକ୍ତି ସ୍ୱାଧୀନତାକୁ ସମ୍ମାନ ଦେଉଛନ୍ତି ବା ଗ୍ରହଣ କରୁଛନ୍ତି। କିନ୍ତୁ ନିଜେ ନିଷ୍ପତ୍ତି ନେବାର ବ୍ୟକ୍ତିଗତ ସ୍ୱାଧୀନତା ଥିବା ବୟସ୍କମାନେ ଅନ୍ୟମାନଙ୍କ କ୍ଷତି କରୁଥିବା ନିଷ୍ପତ୍ତିରେ ନିଜକୁ ସାମିଲ କରିବା କଥା ନୁହେଁ। ପିଲାଙ୍କ ଟିକାକରଣକୁ ସେମାନେ ମନା କରିଛନ୍ତି। ଶିଶୁବିହାର କିମ୍ବା ପ୍ରାଥମିକ ସ୍କୁଲରେ ପିଲାଙ୍କୁ ଟିକା ଦିଆଯିବା ଉଚିତ। ଏହା ସେମାନଙ୍କୁ ସୁରକ୍ଷା ଦେବା ସହ ମାନସିକ ସ୍ତରରେ ମଜଭୁତ କରିଥାଏ। ଟିକାକରଣକୁ ରୋକିବା ଦ୍ୱାରା ଟିକା ନେବା ଯୋଗ୍ୟ ପିଲା ଏବଂ ଟିକା ନ ନେଇ କମ୍ ପ୍ରତିରୋଧକ ଶକ୍ତି ଥିବା ଲୋକଙ୍କ ପ୍ରତି ଅଧିକ ବିପଦ ସୃଷ୍ଟି କରିଥାଏ। ଯେତେବେଳେ ଜନସମୁଦାୟରେ ରୋଗ ପ୍ରତିରୋଧକ ଶକ୍ତି କମେ ତାହା ସାମଗ୍ରିକ ଭାବେ ସମସ୍ତଙ୍କର କ୍ଷତି ଘଟାଏ।

ଫାର୍ମାସ୍ୟୁଟିକାଲ କମ୍ପାନୀଗୁଡ଼ିକ ବିରୋଧରେ କେନେଡି ଲଢୁଛନ୍ତି ବୋଲି ନିଜକୁ ପ୍ରତିପାଦିତ କରିବା ସହ ଅକ୍ସିକୋନୋଟିନର ପ୍ରମୋଶନରେ ପୁର୍ଡିଉ ଫାର୍ମାର ଦୁର୍ନୀତିକୁ ସୂଚିତ କରିଛନ୍ତି। କିନ୍ତୁ କର୍ପୋରେଟର ଅବୈଧ କାର୍ଯ୍ୟର ମାମଲାଗୁଡ଼ିକୁ ଦର୍ଶାଇ ସ୍ୱାଧୀନ ଗବେଷକ, ସାରା ବିଶ୍ୱର ସାର୍ବଜନୀନ ସ୍ୱାସ୍ଥ୍ୟ ସଂସ୍ଥା ଏବଂ ବୈଜ୍ଞାନିକ ତଥ୍ୟ ସମର୍ଥିତ ଏକ ସମ୍ପୂର୍ଣ୍ଣ ଚିକିତ୍ସାଗତ ପଦକ୍ଷେପକୁ ଅସ୍ୱୀକାର କରିବା ଯୁକ୍ତିଯୁକ୍ତ ନୁହେଁ। ଟିକାର ବିପଦକୁ ନେଇ ଥିବା ଅସତ୍ୟ ତଥ୍ୟକୁ ଯେତେବେଳେ ସରକାରୀ ଅଧିକାରୀମାନେ ବିଶ୍ୱାସ କରିବେ ସେତେବେଳେ ଟିକା ନ ନେଇ ମିଳିମିଳାରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିଥିବା ଟେକ୍ସାସର ପିଲାଙ୍କ ଭଳି ଲୋକେ ମରିବେ। ଯେଉଁମାନେ ସ୍ୱାସ୍ଥ୍ୟ ନୀତି ଉପରେ ସେମାନଙ୍କ ଶକ୍ତି ପ୍ରୟୋଗ କରୁଛନ୍ତି, ସେମାନେ ଏହି ପରିଣାମ ପାଇଁ ଉତ୍ତରଦାୟୀ ରହିବେ। ଅନେକ ସମୟ ଧରି ଲୋକେ ନିର୍ଭରକରି ଆସୁଥିବା ଅତ୍ୟଧିକ ପ୍ରମାଣସମ୍ମତ ତଥ୍ୟ ଏବଂ ଜ୍ଞାନକୁ ବେଖାତିରି କରିବା ପ୍ରକୃତରେ ଏକ ନୈତିକ ବିଫଳତା। ଟିକା ସୁରକ୍ଷାକୁ ନେଇ ରହିଥିବା ପ୍ରଶ୍ନଗୁଡ଼ିକର ଗଭୀର ଅନୁଧ୍ୟାନ କରାଯିବା ଦରକାର। ଏଥିପାଇଁ ଟିକା ସୁରକ୍ଷା ନିରୀକ୍ଷଣ ବ୍ୟବସ୍ଥା ରହିଛି ଏବଂ କ୍ୱଚିତ ପ୍ରତିକୂଳ ଘଟଣାଗୁଡ଼ିକ ଉପରେ ସତର୍କତାର ସହ ଗବେଷଣା କରାଯାଉଛି। କିନ୍ତୁ ଏକ ଉତ୍ତମ ଓ ବିଶ୍ୱସନୀୟ ତଦନ୍ତ ଏବଂ ଦୃଢ଼ ତଥ୍ୟକୁ ଅସ୍ୱୀକାର କରାଯିବା ମଧ୍ୟରେ ଅନ୍ତର ରହିଛି।

ବିଶେଷଜ୍ଞମାନେ ଆକଳନ କରୁଛନ୍ତି ଯେ, ଟିକା ବିରୋଧୀମାନେ ବୈଜ୍ଞାନିକ ତଥ୍ୟକୁ ଅସ୍ୱୀକାର କରିବା ଯୋଗୁ ଏବେ କ୍ଷତି ଘଟୁଛି । ରୋଗ ପୁନର୍ବାର ପ୍ରକାଶ ପାଉଛି, ଯେଉଁ ରୋଗରେ ମୃତ୍ୟୁ ହେବା କଥା ନୁହେଁ ସେଥିରେ ମୃତ୍ୟୁ ହେଉଛି ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ପ୍ରଗତିକୁ ଦୁର୍ବଳ କରୁଛି। ପରିଣାମ ବିନାଶକ ହେବା ପୂର୍ବରୁ ଏହାକୁ ବନ୍ଦ କରିବାକୁ ପଡ଼ିବ। ତଥ୍ୟକୁ ଗ୍ରହଣ କରୁଥିବା ବିଶ୍ୱସନୀୟ ବୈଜ୍ଞାନିକଙ୍କୁ ସରକାର ନିଯୁକ୍ତ ଦେବା ଦରକାର। ସାର୍ବଜନୀନ ସ୍ୱାସ୍ଥ୍ୟ ସଂସ୍ଥାଗୁଡ଼ିକ ରାଜନୈତିକ ସିଦ୍ଧାନ୍ତ ଅନୁଯାୟୀ କାମ ନ କରି ସର୍ବସମ୍ମତ ବୈଜ୍ଞାନିକ ତଥ୍ୟ ଆଧାରରେ କାର୍ଯ୍ୟ କରିବାକୁ ହେବ। ଯେତେବେଳେ ଅଧିକାରୀମାନେ ତଥ୍ୟକୁ ବିରୋଧ କରୁଥିବା ଦୃଷ୍ଟିକୋଣ ସ୍ଥାୟୀ ଭାବେ ଜାରି ରଖିବେ ସେତେବେଳେ ସେମାନଙ୍କୁ ପଦବୀରୁ ବାହାର କରିଦେବା ଉଚିତ। ନଚେତ ସେମାନେ ସେହି ଦୃଷ୍ଟିକୋଣକୁ ଏକ ନୀତିରେ ପରିଣତ କରିଦେବେ, ଯାହା ଭୟଙ୍କର ପରିଣାମ ସୃଷ୍ଟି କରିବ।

**ପ୍ରଫେସର(ମେଡିକାଲ ଏଥିକ୍ସ), ସେଣ୍ଟର୍ ଫର୍ ବାୟୋମେଡିକାଲ ଏଥିକ୍ସ, ନ୍ୟାଶନାଲ ୟୁନିଭର୍ସିଟି, ସିଙ୍ଗାପୁର**

# ବହି କଥା



ଅଞ୍ଜନ ଚାନ୍ଦ

ଦିନ ଥିଲା ବହି ସହିତ ଅନ୍ତରଙ୍ଗ ହେବାପାଇଁ ନିଭୃତ କକ୍ଷଟିଏ ଲୋଡ଼ା ହେଉଥିଲା। ଯାହାର ନାଁ ଥିଲା ପଢ଼ା ଘର। ସେଇ ପଢ଼ାଘର ସବୁ ଆଜି ବି ରହିଛି। ବିଭିନ୍ନ ଶିକ୍ଷାନୁଷ୍ଠାନ ସହିତ ସରକାରଙ୍କ ସ୍ୱତନ୍ତ୍ର ପାଠାଗାରଗୁଡ଼ିକ ପୂର୍ବ ପରି ପ୍ରଚଳିତ ହେଉଛି। ଘରଗୁଡ଼ିକ ଆଧୁନିକ ଏବଂ ସୁସଜ୍ଜିତ। ବଡ଼ ବଡ଼ ଆଲମିରା ଭିତରେ ଅସଂଖ୍ୟ ପୁସ୍ତକ। ଅଥଚ ତାହାର ଅତୀତର ଆଦୃତି ଏବେ ଆଉ କେଉଁଠି ବି ନାହିଁ। ବହିର ଇତିହାସ ଅନୁସନ୍ଧାନ କଲେ ଜଣାଯାଏ ଆଜକୁ ୩୫୦୦ ବର୍ଷ ତଳେ ପ୍ରାୟ ଖ୍ରୀଷ୍ଟ ପୂର୍ବ ୧୫୦୦ରେ ବିଶ୍ୱର ପ୍ରଥମ ଗ୍ରନ୍ଥ ଋକବେଦ ସଂସ୍କୃତ ଭାଷାରେ ଭୂର୍ଜ ପତ୍ରରେ ଲେଖା ହୋଇଥିଲା। ମୁଦ୍ରିତ ପୁସ୍ତକ ପ୍ରକାଶିତ ହେବାକୁ ଏହାପରେ ଅନେକ ବର୍ଷ ବିତି ଯାଇଥିଲା। ନବମ ଶତାବ୍ଦୀରେ ସମ୍ଭବତଃ ୮୬୮ ଖ୍ରୀଷ୍ଟାବ୍ଦରେ ତତ୍କାଳୀନ ଚାଇନାରେ ଡାଇମଣ୍ଡ ସୂତ୍ର ନାମକ ପୁସ୍ତକ ମୁଦ୍ରିତ ହୋଇ ପ୍ରକାଶିତ ହେବା ପରେ ଏହା କ୍ରମଶଃ ଅନ୍ୟ ଦେଶକୁ ପ୍ରସାରିତ ହୋଇଥିଲା। କାଳକ୍ରମେ ମଣିଷର ଦୈନନ୍ଦିନ ଜୀବନ ସହିତ ବହି ଜଡ଼ିତ ହେଲା। ଗପ, ଗୀତ, ଇତିହାସ, ଖବର ସହିତ ବିବିଧ ଶିକ୍ଷା ବହି ମାଧ୍ୟମରେ ସମାଜକୁ ମିଳିପାରିଲା। ବହିର ଆବଶ୍ୟକତା ବଢ଼ିବାରୁ ମୁଦ୍ରଣ ଯନ୍ତ୍ରରେ ଉନ୍ନତି ଆସିଲା। ଏ କ୍ଷେତ୍ରରେ ଡିଜିଟାଲ ପ୍ରିଣ୍ଟିଂ ଏକ ନୂତନ ବିପ୍ଳବ ସୃଷ୍ଟି କଲା। ଏହାଦ୍ୱାରା ସହଜରେ ଏବଂ ଅଳ୍ପ ସମୟରେ ସୁନ୍ଦର ସୁନ୍ଦର ପୁସ୍ତକ ପ୍ରକାଶିତ ହୋଇ ବହି ବଜାରକୁ ସମୃଦ୍ଧ କରିଦେଲା। ଆକଳନରୁ ଜଣାଯାଏ ଏବେ ବର୍ଷକୁ ପ୍ରାୟ ୨.୨ ମିଲିୟନ ବହି ବିଶ୍ୱରେ ପ୍ରକାଶିତ ହେଉଅଛି। ଅଣପଞ୍ଜୀକୃତ ପୁସ୍ତକ ସଂଖ୍ୟାକୁ ମିଶାଇଲେ ଏହା ୪ ମିଲିୟନରୁ ଅଧିକ ହେବ। ଭାରତରେ ଏହି ସଂଖ୍ୟା ୯୦ ହଜାରରୁ ଅଧିକ ଏବଂ ଅଣପଞ୍ଜୀକୃତ ପୁସ୍ତକ କେତେ ପ୍ରକାଶିତ ହେଉଛି ତାହା ଠିକ୍ ଭାବେ କହି ହେବନାହିଁ। ବହିଗୁଡ଼ିକର ବିକ୍ରି ପରିମାଣ ମଧ୍ୟ ଅନିର୍ଦ୍ଦିଷ୍ଟ। କିନ୍ତୁ ଯେତେ ବହି ବିକ୍ରି ହେଉଛି ଅଧାରୁ ଅଧିକ ଇଂଲିଶ ଭାଷାରେ ଲିଖିତ। ଭାରତରେ ଇଂଲିଶ ଭାଷା ସମେତ ଅନ୍ୟ ପ୍ରାୟ ୨୪ଟି ଭାଷାରେ ବହି ପ୍ରକାଶିତ ହୁଏ। ୨୦୨୦ ମସିହା ପର୍ଯ୍ୟନ୍ତ ଭାରତୀୟ ପୁସ୍ତକ ବଜାର ୭୩ ହଜାର ୯୦୦ କୋଟି ଥିଲା। ପୁଣି ପ୍ରତିବର୍ଷ ଏହା ୨୦ ପ୍ରତିଶତ ହାରରେ ବୃଦ୍ଧି ହେଉଛି। ଭାରତର ବହି ବଜାର ସମ୍ପର୍କରେ ଏହି ଆକଳନ ଯଦି ସତ ହୋଇଥାଏ ତା'ହେଲେ ବର୍ତ୍ତମାନ ସମୟରେ ମଧ୍ୟ ଆମ ଦେଶରେ ବହି ବିକ୍ରି ଭଲ ଚାଲିଛି ବୋଲି ବୁଝିବାକୁ ହେବ। ଅଥଚ ଆମ ରାଜ୍ୟରେ ବହି ପ୍ରତି, ଏପରି କି ସାହିତ୍ୟ ପତ୍ରିକା ପ୍ରତି ମଧ୍ୟ ପାଠକଙ୍କ ରୁଚି ଦୟନୀୟ ଭାବରେ କମିଯାଇଛି।

ରାଜ୍ୟରେ ଅନେକ ସଙ୍ଗଠନ ଏବେ ସାହିତ୍ୟ ଓ ସଂସ୍କୃତି ସହିତ ଜଡ଼ିତ। ଗାଁରୁ ସହର ସବୁଠି ଅନେକ ସାହିତ୍ୟ ସଭା ଓ କବିତା ଆସର। ଅନେକ ପ୍ରକାଶନ ସଂସ୍ଥା କବିତା, ଗପ ଓ ନିବନ୍ଧ ପୁସ୍ତକ ଛାପିବାରେ ବ୍ୟସ୍ତ। ବର୍ଷ ଯାକ କେତେ କେତେ ପୁସ୍ତକ ଉନ୍ମୋଚନ ଏବଂ ସେଥିପାଇଁ ଆଡ଼ମ୍ବରପୂର୍ଣ୍ଣ ଉତ୍ସବମାନ ଅନୁଷ୍ଠିତ ହେଉଛି। ସମୀକ୍ଷକମାନେ ବହିର ଗୁଣ ଗ୍ରାମ ଏମିତି ବର୍ଣ୍ଣନା କରୁଛନ୍ତି, ଯେମିତି ବିଶ୍ୱର ଶ୍ରେଷ୍ଠ ବହିଟିଏ ପ୍ରକାଶିତ ହୋଇଛି। ଅଥଚ ସେ ବହି କେବେ ବଜାରକୁ ଯାଏନା। ପାଠକ ତାହାକୁ କିଣି ପଢ଼ନ୍ତି ନାହିଁ। ପ୍ରକାଶକଙ୍କ ସୌଜନ୍ୟରୁ ଯେତୋଟି ବହି ମିଳିଥାଏ ସେଗୁଡ଼ିକୁ ଲେଖକ ଆତ୍ମପ୍ରଚାର ପାଇଁ ମାଗଣା ବଣ୍ଟନ କରନ୍ତି।

ପୁସ୍ତକ ପ୍ରକାଶନ ବ୍ୟାପାର ଏବେ ଆମ ରାଜ୍ୟରେ କେବଳ ଲାଭଦାୟକ ବେପାରରେ ପରିଣତ ହୋଇଛି। ବହୁ ନାମକୁ ମାତ୍ର ପ୍ରକାଶକ, ଯେଉଁମାନଙ୍କର ପୁସ୍ତକ ବିକ୍ରୟ ପାଇଁ କୌଣସି ବ୍ୟବସାୟ କେନ୍ଦ୍ର ନାହିଁ, ବହିମେଳାରେ ମଧ୍ୟ କେବେହେଲେ ଯୋଗ ଦିଅନ୍ତି ନାହିଁ, ସେମାନେ ଲେଖକଙ୍କଠାରୁ ଅର୍ଥ ନେଇ ବହି ଛାପନ୍ତି। ବହିରେ କେଉଁ ବିଷୟ ଅଛି ତାହା ଜାଣିବାରେ ସେମାନଙ୍କର ଆଗ୍ରହ ନ ଥାଏ। ଅର୍ଥ ମିଳିଲେ ଯେ କୌଣସି ବହି ଛାପି ଦେଇପାରନ୍ତି। ନିଜ ନାମରେ ବହି ଖଣ୍ଡେ ଛପାଇ ଲେଖକର ପରିଚୟ ସାଉଁଟି ନେବାକୁ ଯେଉଁ ବିକଳ ମାନସିକତା ଆମ ଭିତରେ ପ୍ରବଳ ହେଉଛି ସେଇ ତଥାକଥିତ ପ୍ରକାଶକମାନେ ତାହାର ଫାଇଦା ନେଉଛନ୍ତି।

ପୁସ୍ତକ ପଠନ ପାଇଁ ମାନସିକତା ହିଁ ସବୁଠାରୁ ବଡ଼ କଥା। ଏବେ କିନ୍ତୁ ସେପରି ନାହିଁ। ବଡ଼ମାନେ ସମୟ ମିଳିବା ମାତ୍ରେ ମୋବାଇଲ ଉପରେ ଝୁଙ୍କି ପଡୁଛନ୍ତି। ପିଲାମାନେ ବହିରେ ଛବି ଦେଖିବା ଅଥବା ହାତରେ ଖଡ଼ି ଧରିବା ଆଗରୁ ମୋବାଇଲରେ ଟିପ ମାରି ଖୁସି ହୋଇ ଯାଉଛନ୍ତି। ବହି ପଢ଼ିବା ପ୍ରତି ରୁଚି ହ୍ରାସ ପାଇବାରେ କେବଳ ଆମର ବିବର୍ତ୍ତିତ ମାନସିକତା ହିଁ କାରଣ ବୋଲି ମନେହୁଏ। ବରିଷ୍ଠଙ୍କ ଆଚାର ବିଚାରରେ ସୁସ୍ଥତା କନିଷ୍ଠମାନଙ୍କୁ ପ୍ରଭାବିତ କଲେ ଏବେ ମଧ୍ୟ ପ୍ରକାଶ ପାଉଥିବା ଭଲ ବହି ଗୁଡ଼ିକ ପାଠକଙ୍କ ହାତରେ ଶୋଭା ପାଇବ ବୋଲି ଆଶା ଓ ବିଶ୍ୱାସ।

**ବିକାଶନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର**
**ମୋ: ୬୩୭୦୬୬୧୧୪୭**

## ଏଇ ଭାରତରେ

ଭାରତର ବିଭିନ୍ନ ଅଞ୍ଚଳରେ ନବଜାତକଙ୍କ ଓଜନ କମ୍ ରହୁଥିବା ଦେଖାଯାଉଛି। ଗର୍ଭବତୀଙ୍କ ପୁଷ୍ଟିକର ଖାଦ୍ୟ ଅଭାବ ଯୋଗୁ ଏହା ଘଟୁଛି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହନ୍ତି। ଏହି ସମସ୍ୟା ଆଦିବାସୀ ଅଞ୍ଚଳରେ ଅଧିକ । ତେବେ ଛତିଶଗଡ଼ କୋରେଆ ଜିଲାର ଜିଲାପାଳ ଚନ୍ଦନ ରଞ୍ଜନ ତ୍ରିପାଠୀ ଗର୍ଭଧାରଣ ସମୟରେ ପୁଷ୍ଟିହୀନତା ଦୂର କରିବା ସକାଶେ ୨୦୨୫ରୁ 'କୋରେଆ ମୋଡାକ ଲଡ୍ଡୁ' ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ଗର୍ଭବତୀଙ୍କୁ ପୁଷ୍ଟିକର ଲଡ୍ଡୁ ଖାଇବାକୁ ଦିଆଯାଉଛି। ଲଡ୍ଡୁ ଯୋଜନାକୁ ସଫଳ କରିବା ସକାଶେ ଜିଲାପାଳ ଏକ ଟିମ୍ ଗଠନ କରିଛନ୍ତି। ଅଟା, ଗୁଡ଼, ରାଶି, ବାର୍ଲି ଓ ଘିଅରେ ଲଡ୍ଡୁ କରାଯାଉଛି। ପ୍ରତ୍ୟେକ ଲଡ୍ଡୁର ଓଜନ ୨୦ ଗ୍ରାମ। ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ଲଡ୍ଡୁ ତିଆରିରେ ସହଯୋଗ କରୁଛନ୍ତି। ପ୍ରତିଦିନ ଜଣେ ଗର୍ଭବତୀଙ୍କୁ ଦୁଇଟି ଲଡ୍ଡୁ ଖାଇବାକୁ ଦିଆଯାଉଛି। ଅଙ୍ଗନୱାଡିକେନ୍ଦ୍ର, ପିଏଚ୍‌ସି ଏବଂ ଆଶାକର୍ମୀଙ୍କ ମାଧ୍ୟମରେ ଲଡ୍ଡୁ ବଣ୍ଟାଯାଉଛି। ଯୋଜନା ଆରମ୍ଭ ସମୟରେ ଗର୍ଭବତୀମାନେ ଏହି ଲଡ୍ଡୁ ଖାଉ ନ ଥିଲେ। କିନ୍ତୁ ପରେ ସେମାନଙ୍କ ପରିବାର ଏହାର ଆବଶ୍ୟକତା ଜାଣିବା ପରେ ଗର୍ଭବତୀମାନେ ଲଡ୍ଡୁ ଖାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୬ ଫେବୃଆରୀ ୧୯୭୭

- କ୍ଷୁଦ୍ରଶିଳ୍ପ ସଂସ୍ଥାଗୁଡ଼ିକ ପ୍ରତି କମ୍ପାନୀ ଆଇନର ୫୮ (କ) ଧାରା ଲାଗୁ ହେବନାହିଁ ବୋଲି ସରକାର ଏକ ବିଜ୍ଞପ୍ତି ଜରିଆରେ ଘୋଷଣା କରିଛନ୍ତି।
- ବଡ଼ ବଡ଼ ସହର ଓ ଜାତୀୟ ଗୁରୁତ୍ୱ ଥିବା ସଂସ୍ଥାଗୁଡ଼ିକର ଉନ୍ନୟନ ପାଇଁ କେନ୍ଦ୍ର ସରକାର ୯ଟି ରାଜ୍ୟକୁ ଯୋଜନା ସାହାଯ୍ୟ ଛଡ଼ା ଅତିରିକ୍ତ ୧୫ କୋଟି ୫୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | 6 | 2 | | |
| 2 | | 1 | 7 | | | 3 | 6 | |
| | | | 3 | | 2 | | | 4 |
| | | | | | | | 4 | |
| | 1 | 8 | 4 | 9 | 5 | | | |
| 4 | | 5 | 6 | 2 | 7 | | | |
| | 6 | 2 | | | | | | |
| | 4 | 9 | 2 | 3 | | 6 | | 5 |
| 1 | | | 5 | | 9 | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 8 | 1 | 4 | 7 | 5 | 9 | 6 |
| 7 | 6 | 9 | 5 | 8 | 2 | 4 | 1 | 3 |
| 4 | 1 | 5 | 3 | 9 | 6 | 7 | 2 | 8 |
| 1 | 5 | 6 | 4 | 7 | 9 | 8 | 3 | 2 |
| 2 | 9 | 7 | 8 | 1 | 3 | 6 | 5 | 4 |
| 8 | 4 | 3 | 6 | 2 | 5 | 9 | 7 | 1 |
| 5 | 3 | 2 | 9 | 6 | 4 | 1 | 8 | 7 |
| 6 | 7 | 1 | 2 | 5 | 8 | 3 | 4 | 9 |
| 9 | 8 | 4 | 7 | 3 | 1 | 2 | 6 | 5 |

ଗତକାଲିର ଉତ୍ତର

# ଗୋଟିଏ ଲାଉର ଦୁଇଟି ମଞ୍ଜି



ଡ. ମନୋଜ କୁମାର ମହାନ୍ତି

ଯାଯାବର ମଣିଷ ନଦୀକୂଳରେ ବସତି ସ୍ଥାପନ କରି କୃଷିକୁ ଜୀବିକାଭାବେ ଗ୍ରହଣ କଲା। କୃଷି ବଂଶାନୁକ୍ରମିକଭାବେ ଜୀବିକା–ନିର୍ବାହର ସ୍ରୋତ ପାଲଟିଗଲା। ସମୟକ୍ରମେ କୃଷି ସହ ଅନ୍ୟାନ୍ୟ କର୍ମକୁ ଜୀବିକାନିର୍ବାହ ପନ୍ଥାରୂପେ ଗ୍ରହଣ କଲା। ସମୟକ୍ରମେ ବିଜ୍ଞାନ ଓ ବୈଷୟିକ ବିଜ୍ଞାନ ସାହାରାରେ ସୃଷ୍ଟିହେଲା ଆତ୍ମନିଯୁକ୍ତିର ସୁବିଧା ସୁଯୋଗ। ଏଥିସହ ରାଷ୍ଟ୍ରକୁ ସୁଶାସନ, ଶିକ୍ଷା, ସ୍ୱାସ୍ଥ୍ୟ ସହ ସାଧାରଣ ଜନତାଙ୍କ ଜୀବନକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିବାପାଇଁ ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଗଲା। ରାଷ୍ଟ୍ରର ସୁରକ୍ଷା ତଥା ସାଧାରଣ ଜନତାଙ୍କ ସେବକ ସାଜିଥିବା ଗଣତନ୍ତ୍ରର ବ୍ୟବସ୍ଥାପିକାର ସର୍ବୋଚ୍ଚ ଆସନରେ ଅଧିଷ୍ଠିତ ନେତାଙ୍କ ବୃତ୍ତିଭାବେ ରାଜନୀତି ଏକ ସ୍ୱତନ୍ତ୍ର ପରିଚୟ। ସାଧାରଣ ଜନତାଙ୍କୁ ସୁରକ୍ଷା, ସୁଶାସନ ସହ ନ୍ୟାୟଦେବା ଲକ୍ଷ୍ୟରେ ନିଜକୁ ଶାସକ ବୃତ୍ତିରେ ସାମିଲ କରି ଜନତାଙ୍କ ସୁଖଦୁଃଖର ସାଥୀଭାବେ ନିଜକୁ ପରିଚିତ କରାନ୍ତି। ରାଜତନ୍ତ୍ରରେ ଯେପରି ରାଜା ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡର ଅଧିକାରୀ, ସମସ୍ତ ପ୍ରଜାମାନଙ୍କର ରକ୍ଷକ, ପାଳନ କର୍ତ୍ତା, ନ୍ୟାୟଦାତା, ଅନ୍ନଦାତା ଠିକ ସେମିତି ଗଣତନ୍ତ୍ର ବ୍ୟବସ୍ଥାରେ ନିର୍ବାଚିତ ନେତାଙ୍କ ଭୂମିକା ଏକାପ୍ରକାରର। ରାଜତନ୍ତ୍ର ସମୟରେ ରାଜା ନିର୍ବାଚନ ଏକ ପାରିବାରିକ ସ୍ୱୀକୃତିଭିତ୍ତିକ କିନ୍ତୁ ଗଣତନ୍ତ୍ରରେ ଅବଶ୍ୟ ତାହା ସର୍ବସମ୍ମତିକ୍ରମେ। ଯଦିଓ ଗଣତନ୍ତ୍ରରେ ପରିବାରବାଦର ପ୍ରଭାବ ଏବେବି ବଳବତ୍ତର କିନ୍ତୁ ତାହା ନିର୍ବାଚିତ ପ୍ରକ୍ରିୟା ମାଧ୍ୟମରେ ସମ୍ପାଦିତ। ନିର୍ବାଚନ ପୂର୍ବରୁ ସାଧାରଣ ଜନତାଙ୍କୁ ହାତଯୋଡ଼ି, ମୁଣ୍ଡିଆମାରି, ମା–ଭଉଣୀ ଓ ମଉସା–ମାଉସୀର ପରିଚୟ ସୃଷ୍ଟିକରି ସବୁ ସମସ୍ୟାର ସମାଧାନ ସହ ନ୍ୟାୟପାଇଁ ପୂର୍ଣ୍ଣ ପ୍ରତିଶ୍ରୁତି ଦିଆଯାଏ। ବାସ୍ତବରେ ରାଜନୀତିରେ ଯୁଗେଯୁଗେ ଜୟ। ସେ ରାଜା ହୁଅନ୍ତୁ କି ନେତା। ରାଜତନ୍ତ୍ରେ ରାଜା ଓ ଗଣତନ୍ତ୍ରେ ନେତାମନ୍ତ୍ରୀ, ରାଷ୍ଟ୍ର ଶାସନର ପରିଭାଷା। କୌଶଳପୂର୍ବକ ରାଜନୀତିରେ ତଥା ଶାସନଗାଦିରେ ନିଜକୁ ରାଜାଭିଷେକ କରିବାର ଆପ୍ରାଣ ଉଦ୍ୟମରେ ଅହରହ ବ୍ୟସ୍ତ। ରାଜନୀତିରେ ଯେଉଁ ଆନନ୍ଦ ଅଛି ତାହା ଆଉ କେଉଁଠି ନାହିଁ। ଅବଶ୍ୟ ପଥ ଟିକେ ବନ୍ଧୁର ତଥାପି ଥରେ ପଥିକ ହୋଇଗଲେ ପାଦ ଆପେଆପେ ସେ ବନ୍ଧୁର ପଥକୁ ଅତିକ୍ରମ କରିଚାଲେ। ଭାରତରେ ନିଜ ପ୍ରିୟଜନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ରାଜନୀତିର ପଶା ଖେଳାଯାଏ। ଯଦି ଉପରୁ ତଳ ପର୍ଯ୍ୟନ୍ତ ସବୁ ତାଳମେଳ ଠିକ–ଠାକ୍ ରହେ ତେବେ ମନ୍ତ୍ରୀପଦ ମିଳିବା ଥୟ। ଶାସକ ଦଳରେ ଯେକୌଣସି ବିଭାଗରେ ନେତାପଦ 'ସୌଭାଗ୍ୟ ଉପରେ ପାଟଛତା' ସଦୃଶ।

ଶାସନକୁ ଆସିବା ପୂର୍ବରୁ ପୂର୍ବ ସରକାର ବିରୋଧରେ ଅନେକ ଅଭିଯୋଗ ସହ ସାଧାରଣଜନତାଙ୍କୁ ମୋହଗ୍ରସ୍ତକରି ଶାସନରେ ଅଧିଷ୍ଠିତ ହୋଇ ଶେଷରେ ସେମାନଙ୍କ ସହ ଚକ୍ରାନ୍ତ କରାଯାଉଛି। ସମସ୍ତ ଯୋଗ୍ୟତା ଥାଇ



ଶିକ୍ଷିତ ଯୁବସମାଜକୁ ତଥା ସାଧାରଣ ଜନତାଙ୍କୁ ନ୍ୟାୟ ଦେବାପାଇଁ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ସେକଥା ଭୁଲି ଯାଉଛନ୍ତି। ସାଧାରଣ ଜନତାଙ୍କୁ ମାଗଣା ଟଙ୍କାକିଆ ଚାଉଳ, ରାଶନ କାର୍ଡ, ରାଜ୍ୟରେ ନାରୀଙ୍କୁ ଆର୍ଥିକ ସଶକ୍ତ କରାଇବା ପାଇଁ ଟଙ୍କା, ବୃଦ୍ଧାବୃଦ୍ଧଙ୍କୁ ମାସିକ ଭତ୍ତା ଦେଇ ନିଜର ମୋଟାଅଙ୍କର ବେତନ ସହ ସବୁପ୍ରକାର ଭତ୍ତା ରୁଣ୍ଡେଇବାପାଇଁ ଆଗଭର ନେତାଗଣ। ନେତାଙ୍କ ପାଇଁ ସବୁ ମାଗଣା। ପାଞ୍ଚବର୍ଷ ପୂରଣପରେ ବାକିଜୀବନ ପେନ୍‌ସନରେ। ଶାସନରେ ଅଧିଷ୍ଠିତ ପ୍ରତ୍ୟେକ ଶାସକ ସେ ରାଜତନ୍ତ୍ରରେ ରାଜା ହୁଅନ୍ତୁ କି ଗଣତନ୍ତ୍ରରେ ନେତା ସମସ୍ତଙ୍କର ସେଇ ଏକାପ୍ରକାରର ମନୋଭାବ। ନିଜକୁ ସର୍ବୋଚ୍ଚ ଆସନରେ ଅଧିଷ୍ଠିତ କରି ଜନତାଙ୍କୁ ପରୋକ୍ଷରେ ହେଉ କି ପ୍ରତ୍ୟକ୍ଷରେ ନିୟନ୍ତ୍ରଣ କରିବା ପ୍ରତ୍ୟେକ ଶାସକର ଲକ୍ଷ୍ୟ। ସେଦିନର ରାଜତନ୍ତ୍ରର ରାଜା ଏବର ଗଣତାନ୍ତ୍ରିକ ନେତା ମଧ୍ୟରେ କିଛି ପ୍ରଭେଦ ନାହିଁ। ଯେଉଁ ସ୍ୱେଚ୍ଛାଚାରିତା ରାଜତନ୍ତ୍ରରେ ଦେଖିବାକୁ ମିଳେ ତାହା ପୁନଶ୍ଚ ଗଣତନ୍ତ୍ରରେ ପ୍ରତିଫଳିତ ହେଉ ନାହିଁ ତ ? କାରଣ ରାଜତନ୍ତ୍ର ଶାସକଗୋଷ୍ଠୀ ନିଜ ସୁଖସୁବିଧାର ପୂରଣ ଲକ୍ଷ୍ୟରେ ସାଧାରଣ ଜନତାଙ୍କ ଉପରେ ଅଯଥା ଭିନ୍ନଭିନ୍ନ 'କର' ଆଦାୟ କରିବାପରି ଗଣତନ୍ତ୍ର ଶାସକଗଣ ଜନତାଙ୍କ ସଂଗୃହୀତ 'ଦ୍ରବ୍ୟକର'ରୁ ରାଜକୋଷ ଭରିବା ପରେ ସେଥିରୁ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ନିଜପାଇଁ କିଛି ପ୍ରତିଶତ ଯୋଗାଡ କରିବା ନେତାଙ୍କର ଭିତିରିଆ କାରବାର। ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରି ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟାପକ/ଅଧ୍ୟାପିକା ତଥା ଅନ୍ୟାନ୍ୟ କର୍ମଚାରୀଙ୍କ ଜୀବନ ନିର୍ବାହ ଯାହାଯେମିତି ହେଉପଛେ, ତା'ପ୍ରତି ନେତାମନ୍ତ୍ରୀଙ୍କର ଟିକେ ଭ୍ରୂକ୍ଷେପ ନାହିଁ। ବିଧାନସଭା ନିକଟସ୍ଥ ଲୋୟର ପିଏମ୍‌ଜିରେ ଥିବା ଧାରଣା ସ୍ଥଳରେ ବର୍ଷସାରା ବିଭିନ୍ନ ବିଭାଗର ସରକାର ଚୁକ୍ତିଭିତ୍ତିକ କର୍ମଚାରୀ, ସ୍ୱଳ୍ପ ବେତନଭୋଗୀ ଏବଂ ପେନ୍‌ସନରୁ ବଞ୍ଚିତ ଅବିବାହିତ ଝିଅ, ବିବାହିତ ମହିଳା, ମଧ୍ୟ ବୟସ୍କ, ବୟସ୍କ ତଥା ଶାରୀରିକ ଅକ୍ଷମ ନାରୀପୁରୁଷ ଦିବାରାତ୍ରି ଧାରଣାରେ ଦେଉଥିବାର କ'ଣ କିଛି ମହତ୍ତ୍ୱ ନାହିଁ?

ଏବକାର ଗଣତନ୍ତ୍ର ଓ ସେବର ରାଜତନ୍ତ୍ର ଗୋଟିଏ ଲାଉର ଦୁଇଟି ମଞ୍ଜି ସଦୃଶ। ସେଦିନ ରାଜତନ୍ତ୍ରରେ ରାଜା ଏକଛତ୍ରବାଦ, ଯୁଦ୍ଧଖୋର, ଧର୍ମାନ୍ଧତା, ବିସ୍ତାରବାଦକୁ ନିଜର ପ୍ରମୁଖ ଅସ୍ତ୍ର କରୁଥିଲେ ଆଜି ମଧ୍ୟ ଗଣତନ୍ତ୍ରରେ ନେତୃବୃନ୍ଦଙ୍କ ମଧ୍ୟରେ ଏକଛତ୍ରବାଦ, ଯୁଦ୍ଧଖୋର, ଧର୍ମାନ୍ଧତା ସହ ବିସ୍ତାରବାଦର ମାନସିକତା ଦେଖିବାକୁ ମିଳୁଛି। ଯେମିତି ରାଜତନ୍ତ୍ରରେ ରାଜାମାନେ ନିର୍ଦ୍ଦିଷ୍ଟ ଧର୍ମର ପୃଷ୍ଠପୋଷକତାକୁ ପ୍ରଶ୍ରୟ ଦେଇ ଚାଲିଥିଲେ ଗଣତନ୍ତ୍ରରେ ନେତାମାନେ ମଧ୍ୟ ନିଜକୁ ଏକ ନିର୍ଦ୍ଦିଷ୍ଟ ଧର୍ମର ରକ୍ଷକଭାବେ ଗ୍ରହଣ କରି ସାମ୍ପ୍ରଦାୟିକ ହିଂସାକାଣ୍ଡ ସୃଷ୍ଟି କରି ଚାଲିଛନ୍ତି।

**ଦର୍ଶନ ବିଭାଗୀୟ ମୁଖ୍ୟ**
**ବି.ଏନ. ଏମ.ଏ. ମହାବିଦ୍ୟାଳୟ**
**ଭଦ୍ରକ, ମୋ:୮୮୯୫୩୪୧୦୩୩**

## ପାଠକ ଶ୍ରେଷ୍ଠ ବିଚାରକ

### ବିମାନ ସେବା ପୁନଃ ଆରମ୍ଭ ହେଉ

ମହାଶୟ,

'ଉଡାନ' କେବଳ ମାତ୍ର ଏକ ଯୋଜନା ନୁହେଁ ବରଂ ଏହା ସମାବେଶୀ, ସ୍ଥାୟୀ ଏବଂ ଆମ ବିକାଶ ଯାତ୍ରାର ଏକ ଅଭିନ୍ନ ଅଙ୍ଗ। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ନିକଟସ୍ଥ ରଙ୍ଗେଇଲୁଣ୍ଡା 'ଉଡାନ' ଯୋଜନାରେ ସାମିଲ ହେଲା। ୫ ମାର୍ଚ୍ଚ ୨୦୨୩ ପଞ୍ଚାୟତିରାଜ ଦିବସ ଅବସରରେ ବହୁ ଆଡ଼ମ୍ବରରେ ଆରମ୍ଭ ହେଲା ଇଣ୍ଡିଆ ୱାନ୍ ଏୟାର କମ୍ପାନୀର ରଙ୍ଗେଇଲୁଣ୍ଡାରୁ ଭୁବନେଶ୍ୱର ୯ ସିଟ୍‌ବିଶିଷ୍ଟ ସପ୍ତାହରେ ତିନି ଦିନ ଚଳାଚଳ କରିବାକୁ ଥିବା ବିମାନ ସେବା। ବ୍ରହ୍ମପୁରରୁ ଭୁବନେଶ୍ୱର ୧୭୦ କିଲୋମିଟର ଦୂରତା ପାଇଁ ଉଡାଜାହାଜ ନିଏ ମାତ୍ର ୩୦ ମିନିଟ ସମୟ। ବିମାନ ଭଡ଼ା ୧୨୦୦ରୁ ୧୪୦୦ ଟଙ୍କା। ତେବେ ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ବ୍ରହ୍ମପୁର ଆକାଶରେ ଆଉ ବିମାନ ଉଡୁନାହିଁ। ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍ ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ବିଭିନ୍ନ ସ୍ଥାନ ତଥା ପଡ଼ୋଶୀ ରାଜ୍ୟକୁ ବିମାନ ଚଳାଚଳ କରନ୍ତା ଯାହାର ସୁଫଳ ଓଡ଼ିଶାବାସୀ ପାଇ ପାରନ୍ତେ। ଦକ୍ଷିଣ ଓଡ଼ିଶାବାସୀଙ୍କ ଭାବ, ଓ ଆବେଗ ରଙ୍ଗେଇଲୁଣ୍ଡା ସହ ଜଡ଼ିତ। ବ୍ରହ୍ମପୁର ଏବଂ ଦକ୍ଷିଣ ଓଡ଼ିଶାର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରୁ ଖୁବ୍‌ଶୀଘ୍ର ଯେପରି ବିମାନ ଚଳାଚଳ ଆରମ୍ଭ ହୁଏ, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ। ଆଉ ଅଧିକ ବିଳମ୍ବ ନ ହେଉ।

**–ପ୍ରତାପ ନାୟକ, କେ୯ଏ କଳିଙ୍ଗ ବିହାର, ଭୁବନେଶ୍ୱର**

## ଚିରନ୍ତନୀ

ରୂପର ଛଳନା ନ କର ଆଉ
ରୂପସି ଆଗୋ
ରୂପର ଉଢ଼ାଳେ ଲୁଚାଅ ନାହିଁ
ମନର ଦାଗ ।
–(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜଙ୍ଗଲ ନିଆଁ ନିବାରଣ ନେଇ ଯୁବ, ଛାତ୍ର ସମାଜକୁ କରାଯିବ ସଚେତନ

## ସାଥୀ ପରିବାର, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସହଯୋଗରେ ସାଇକେଲ ଯାତ୍ରା

ଅନୁଗୋଳ,୫।୨ (ଜ୍ୟୋତିରଞ୍ଜନ ସାହୁ)/(ଦିବ୍ୟଶାନ୍ତନୁ ନାଥ)

ଜଙ୍ଗଲ ନିଆଁ ନିବାରଣ ସହ ପ୍ରକୃତି ଓ ପରିବେଶ ସୁରକ୍ଷାକୁ ଜନାନ୍ଦୋଳନର ଆକାର ଦେବା ଉଦ୍ଦେଶ୍ୟରେ ସାଥୀ ପରିବାର, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସହଯୋଗରେ ବିଶାଳ ସଚେତନତାମୂଳକ ସାଇକେଲ ଶୋଭାଯାତ୍ରା ଗୁରୁବାର ଅନୁଗୋଳ ବ୍ଲକ ପୁରୁଣାଗଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଶୁଭାରମ୍ଭ ହୋଇଛି। ଆସନ୍ତା ୯ ତାରିଖରେ ଶୈଳଶ୍ରୀକ୍ଷେତ୍ରରେ ଶେଷ ହେବାକୁ ଥିବା ଏହି ୫ ଦିନିଆ ସାଇକେଲ ଯାତ୍ରା ପ୍ରାୟ ୨୮୦ କିଲୋମିଟର ଦୂରତା ଅତିକ୍ରମ କରିବ। ଏହି ଯାତ୍ରା ସମୟରେ ୧୨୦ଟି ଗ୍ରାମର ଲୋକଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ବଣ୍ଟାଯିବ। ବିଶେଷକରି ଜଙ୍ଗଲ ନିଆଁକୁ କିପରି ପ୍ରତିରୋଧ କରାଯାଇପାରିବ, ସେ ସମ୍ପର୍କରେ ଯୁବ ଓ ଛାତ୍ର ସମାଜକୁ ସଚେତନ କରାଯିବା ଲକ୍ଷ୍ୟ ରଖାଯାଇଛି।

ସାଥୀ ପରିବାର ଅନୁଷ୍ଠାନର ମୁଖ୍ୟ ପରାମର୍ଶଦାତା ସୁଶାନ୍ତ ତ୍ରିପାଠୀ ଓ କର୍ମକର୍ତ୍ତା ସୁବ୍ରତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପୁରୁଣାଗଡ଼ ଜଗନ୍ନାଥ ମନ୍ଦିରଠାରୁ ସକାଳ ୮ଟାରେ ଏହି ସାଇକେଲ ସଚେତନତା ଯାତ୍ରା ଆରମ୍ଭ ହୋଇଥିଲା। ମାଟିଆସାହି ସରପଞ୍ଚ ସତ୍ୟବ୍ରତ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଞ୍ଚଳରେ ଉତ୍ସାହଜନକ ପରିବେଶ ସୃଷ୍ଟି ହୋଇଥିଲା। ନାମ ସଂକୀର୍ତ୍ତନ ସହ ପରିବେଶ ପ୍ରେମୀ, ଛାତ୍ରୀଛାତ୍ର ଓ




ଅନୁଗୋଳ ପୁରୁଣାଗଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ସଚେତନତା ସାଇକେଲ ଯାତ୍ରାର ଶୁଭାରମ୍ଭ କରାଯାଉଛି।

### ୫ ଦିନରେ ୨୮୦ କି.ମି. ପରିକ୍ରମା, ୧୨୦ ଗ୍ରାମରେ ବଣ୍ଟାଯିବ ସଚେତନତା ବାର୍ତ୍ତା

ସ୍ଥାନୀୟ ଅଧିବାସୀ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଛୋଟ ପିଲାମାନେ ନିଜ ସାଇକେଲ ନେଇ ଏହି ଶୋଭାଯାତ୍ରାରେ ଯୋଗଦେବା ଅଭିଯାନକୁ ଆକର୍ଷଣୀୟ କରିଥିଲା। ସ୍ଥାନୀୟ ଲୋକେ ମଧ୍ୟ ଏହି ସାଇକେଲ ଯାତ୍ରାକୁ ସ୍ୱାଗତ କରି ପରିବେଶ ସୁରକ୍ଷାରେ ସହଯୋଗ କରିବାକୁ ଆଗେଇ ଆସିଥିଲେ। ଏହି ଅବସରରେ ସୁଶାନ୍ତ ଓ ସୁବ୍ରତ କହିଥିଲେ, ପ୍ରତିବର୍ଷ ଗ୍ରୀଷ୍ମଋତୁରେ ଜଙ୍ଗଲରେ ଲାଗୁଥିବା ନିଆଁ ଯୋଗୁ ବନ୍ୟପ୍ରାଣୀ, ବୃକ୍ଷଲତା, ମାଟି ଓ ଜଳବାୟୁ କିପରି ଘୋର ପ୍ରଭାବିତ ହେଉଛି, ସେ ସମ୍ପର୍କରେ ଲୋକଙ୍କୁ ବୁଝାଯିବ। ପାହାଡ଼ ଓ ଜଙ୍ଗଲର ଶୁଖିଲା ପତ୍ରରେ ନିଆଁ ଲଗାଯିବା କାର୍ଯ୍ୟ ବର୍ଜନ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯିବ। ଦୈନନ୍ଦିନ ଜୀବନରେ ପରିବେଶମୂଳକ ଅଭ୍ୟାସ ଗଢ଼ି ତୋଳିବାକୁ ଉତ୍ସାହିତ କରାଯିବ। ଗ୍ରାମେ ଗ୍ରାମେ ଚାରାରୋପଣ ସହ ସେଗୁଡ଼ିକର ଯତ୍ନ ନେବା ପାଇଁ ଲୋକଙ୍କୁ ଆହ୍ୱାନ ଦିଆଯିବ। ପଲିଥିନ୍, ପ୍ଲାଷ୍ଟିକ ବୋତଲ, ଗ୍ଲାସ ଓ ପ୍ଲେଟ ଭଳି ଏକକ ବ୍ୟବହୃତ ପ୍ଲାଷ୍ଟିକ ସାମଗ୍ରୀର ବ୍ୟବହାର ହ୍ରାସ କରିବାକୁ ପରାମର୍ଶ ଦିଆଯିବ। ଶକ୍ତି, ଜଳ ସଂରକ୍ଷଣ ସହ ସ୍ଥାନୀୟ ବନ୍ୟପ୍ରାଣୀ ଓ ପକ୍ଷୀ ସୁରକ୍ଷା ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରାଯିବ। ରାସାୟନିକ ସାର ବଦଳରେ ଜୈବିକ ଖତ ବ୍ୟବହାର ସହ ପ୍ରାକୃତିକ କୃଷି ଓ ଗୋ-ସମ୍ପଦ ସୁରକ୍ଷା ଉପରେ କୃଷକମାନଙ୍କ ସହିତ ଆଲୋଚନା କରାଯିବ ବୋଲି ଉଭୟେ କହିଛନ୍ତି।

ଏହି ସାଇକେଲ ସଚେତନତା ଯାତ୍ରା ଅନୁଗୋଳ ବନଖଣ୍ଡ, ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଏବଂ ଆଠମଲ୍ଲିକ ବନଖଣ୍ଡର ୧୨୦ରୁ ଅଧିକ ଗ୍ରାମ ପରିକ୍ରମା କରି ଗ୍ରାମବାସୀ, ମାତୃଶକ୍ତି, ଯୁବଶକ୍ତି ଓ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବ। ସାଥୀ ପରିବାର ଅନୁଷ୍ଠାନର ମୁଖ୍ୟ ପରାମର୍ଶଦାତାଙ୍କ ସହ ଏହି କାର୍ଯ୍ୟକ୍ରମରେ ସଭାପତି ସିଦ୍ଧାର୍ଥ ପ୍ରଧାନ, ସୁବ୍ରତ ପ୍ରଧାନ, ସଦସ୍ୟ ପିଣ୍ଟୁ ବେହେରା, ରାଜେଶ ରଞ୍ଜନ ସାହୁ, ଶୁଭେନ୍ଦୁ ସାହୁ, ଦିଲୀପ ସାହୁ, ସୌମ୍ୟରଞ୍ଜନ ଅନ୍ଧ, ଗୁରୁଦେବ ସାହୁ, ବିଜୟ କୁମାର ଜେନା, ପପୁନ ସାହୁ, ଯୁବ ସାମାଜିକ କର୍ମୀ ସୁବ୍ରତ କୁମାର ସାହୁ, ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନର ବିନୋଦ ମାଝୀ ଓ ଦିବ୍ୟରଞ୍ଜନ ସାହୁ, ସୁମନ୍ତ ସାହୁ, ସେକେଣ୍ଡ ୟୁଥ୍ ଲାଇଟ୍ ଆସୋସିଏଶନର ଶିପୁନ ସାହୁ, ସୁନୀଲ ଦଳବେହେରା ଏବଂ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପରିବାରର ଅନୁଗୋଳ ଜିଲା ସଦସ୍ୟମାନେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆବେଦନ ୧୮ ଯାଏ ବୃଦ୍ଧି

ଭୁବନେଶ୍ୱର,୫।୨ (ସୁଚିସ୍ମିତା ସାହୁ)

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ ସମୟସୀମା ବୃଦ୍ଧି କରାଯାଇଛି। ପୂର୍ବରୁ ଏହାକୁ ଫେବୃଆରୀ ୫ ତାରିଖ ଯାଏ ବଢ଼ାଯାଇଥିଲାବେଳେ ଏବେ ଆସନ୍ତା ୧୮ ତାରିଖକୁ ପୁନଃ ବୃଦ୍ଧି କରାଯାଇଛି। ଏଥିପାଇଁ www. msp.odisha.gov.inରେ ଆବେଦନ କରିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅଧୀନରେ ମାଧ୍ୟମିକ ବିଦ୍ୟାଳୟ ଏବଂ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ପୁରସ୍କାର, ପ୍ରାଥମିକ ବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପୁରସ୍କାର, ପୁରାତନ ଛାତ୍ରୀଛାତ୍ର କମିଟି ପୁରସ୍କାର, ଗ୍ରାମପଞ୍ଚାୟତ ପୁରସ୍କାର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆର୍‌ସିସି) ପୁରସ୍କାର, ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପୁରସ୍କାର, ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ପୁରସ୍କାର, ଜିଲା ପୁରସ୍କାର, ବ୍ଲକ ପୁରସ୍କାର, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ପୁରସ୍କାର ପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଛି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ୱେବ୍‌ସାଇଟରେ ସମସ୍ତ ସୂଚନା ଉପଲବ୍ଧ ରହିଥିବା କୁହାଯାଇଛି।

# ୧୪ରୁ ତୋଷାଳି ସ୍ୱଦେଶୀ ମେଳା

## ଗଢ଼ିଲା ପ୍ରଚାର ରଥ

ଭୁବନେଶ୍ୱର,୫।୨ (ସୁଚିସ୍ମିତା ସାହୁ)

ଆସନ୍ତା ୧୪ ତାରିଖରୁ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ୨୦ତମ ତୋଷାଳି ସ୍ୱଦେଶୀ ମେଳା ଆରମ୍ଭ ହେବ। ୧୩ଦିନ ଧରି ଅର୍ଥାତ୍ ୨୬ ତାରିଖ ଯାଏ ଚାଲିବାକୁ ଥିବା ଏହି ମେଳା ପାଇଁ ଗୁରୁବାର ଏକାମ୍ର ହାଟରୁ ପ୍ରଚାର ରଥ ଗଡିଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏହି ରଥର ଶୁଭାରମ୍ଭ କରିଛନ୍ତି। ଏହି ପ୍ରଚାର ରଥ କଟକ, ଭୁବନେଶ୍ୱର, ପୁରୀ, ସମ୍ବଲପୁର, ବ୍ରହ୍ମପୁର ପ୍ରମୁଖ ସହର ପରିକ୍ରମା କରିବ। ଚଳିତବର୍ଷ ତୋଷାଳି ସ୍ୱଦେଶୀ ମେଳାର ଥିମ୍ ରହିଛି 'ସ୍ୱଦେଶୀ ଏବଂ ଆତ୍ମନିର୍ଭର'। ମେଳାରେ ମୋଟ ୮୪୦ଟି ଷ୍ଟଲର ଆୟୋଜନ ହୋଇଥିବା ସୂଚନା ଦିଆଯାଇଛି। ପ୍ରଚାର ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଭାକର ମହାରଣା, ପଦ୍ମଶ୍ରୀ ଇଲିଆନା ଚିତାରିସ୍ତି, ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧାରୀ, ହସ୍ତଶିଳ୍ପ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ସେରିଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ସିଡାକ୍‌ର ସଦସ୍ୟ ସଚିବ ଚିନ୍ମୟୀ ବିଶ୍ୱାଳ, ଉପ ଶାସନ ସଚିବ ସୁବ୍ରତ କୁମାର ବେହେରାଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସୁନା, ରୁପା ଦରରେ ନିୟମିତ ଉପର ତଳ




# ପ୍ରଧାନମନ୍ତ୍ରୀଙ୍କୁ ଗୃହକୁ ଆସିବାକୁ ମନା କରିଥିଲେ ବାଚସ୍ପତି

- କଂଗ୍ରେସ ଏମ୍‌ପି ଅବାଞ୍ଛିତ କାର୍ଯ୍ୟ କରିବାର ବଳିଷ୍ଠ ସୂଚନା ଥିଲା
- ବାଚସ୍ପତିଙ୍କ ପଛରେ ଲୁଚିଲେ ମୋଦି: ବିରୋଧୀ

ନୂଆଦିଲ୍ଲୀ,୫।୨(ପି.ଟି.)

ଲୋକ ସଭାରେ ପ୍ରଧାନମନ୍ତ୍ରୀ ବସୁଥିବା ଆସନ ପାଖରେ କେତେଜଣ କଂଗ୍ରେସ ଏମ୍‌ପି ପହଞ୍ଚି ଅବାଞ୍ଛିତ କାର୍ଯ୍ୟ କରିପାରନ୍ତି ବୋଲି ବଳିଷ୍ଠ ସୂଚନା ପାଇଥିବା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ସେଥିପାଇଁ ସେ ପ୍ରଧାନମନ୍ତ୍ରୀଙ୍କୁ ଗୃହକୁ ଆସି ଉଦ୍‌ବୋଧନ ଦେବା ପାଇଁ ମନା କରିଥିଲେ ବୋଲି ଗୁରୁବାର କହିଛନ୍ତି। ଏଭଳି ଘଟଣା ଘଟିଥିଲେ ତାହା ଦେଶର ଗଣତାନ୍ତ୍ରିକ ପରମ୍ପରାକୁ ଚୂରମାର କରିଦେଇଥାନ୍ତା ବୋଲି ଅପରାହ୍ନ ୩ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବାଚସ୍ପତି କହିଛନ୍ତି। ଏଭଳି ଯୋଜନା ହୋଇଥିଲା ବୋଲି କେହି କହିବା ସମ୍ପୂର୍ଣ୍ଣ ଭୁଲ୍ ବୋଲି ୱାୟନାଡ ଏମ୍‌ପି କହିଛନ୍ତି।

ବିର୍ଲାଙ୍କ ମନ୍ତବ୍ୟ ଉପରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ତୀବ୍ର ପ୍ରତିକ୍ରିୟା ରଖିଛନ୍ତି। ପ୍ରଧାନମନ୍ତ୍ରୀ ବାଚସ୍ପତିଙ୍କ ପଛରେ ଲୁଚିଲେ ବୋଲି ସେ ଅଭିଯୋଗ କରିଛନ୍ତି। ମୋଦିଙ୍କୁ ଆଘାତ ଦେବା ନେଇ କୌଣସି ଯୋଜନା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପ୍ରିୟଙ୍କା କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଉପରେ କେହି ହାତ ଉଠାଇବା କିମ୍ବା ତାଙ୍କୁ ଆଘାତ ଦେବା ବା ସେଭଳି କିଛି କରିବାର ପ୍ରଶ୍ନ ଉଠୁନାହିଁ। ସୁରକ୍ଷା ଚିନ୍ତା ନେଇ ବାଚସ୍ପତିଙ୍କ ଅଭିଯୋଗକୁ କଂଗ୍ରେସ ନେତା ପଓ୍ୱନ ଖେରା ଖଣ୍ଡନ କରିଛନ୍ତି। ମହିଳା ଏମ୍‌ପିମାନେ ଗୃହରେ ପ୍ରତିବାଦ ଜଣାଉଥିଲେ ବୋଲି ସେ କହିଛନ୍ତି।

ବିରୋଧୀଙ୍କୁ ସମାଲୋଚନା କରି ବାଚସ୍ପତି କହିଥିଲେ, ବୁଧବାର ତାଙ୍କ କାର୍ଯ୍ୟାଳୟରେ କେତେଜଣ ବିରୋଧୀ ସଦସ୍ୟଙ୍କ ଆଚରଣ ଉପଯୁକ୍ତ ନ ଥିଲା ଏବଂ ବାସ୍ତବରେ ତାହା ଏକ କଳାଦାଗ ଭଳି ଥିଲା। ଦୁଃଖର ସହ ଜଣାଇବାକୁ ଚାହୁଁଛି ଯେ, ବୁଧବାର ଗୃହରେ କେତେଜଣ ସଦସ୍ୟ ଯେଭଳି ବ୍ୟବହାର ଦେଖାଇଲେ ପାର୍ଲାମେଣ୍ଟ ଇତିହାସରେ କେବେ ଦେଖାଦେଇ ନ ଥିଲା ବୋଲି ବାଚସ୍ପତି କହିଛନ୍ତି। ବୁଧବାର ପ୍ରଧାନମନ୍ତ୍ରୀ ଗୃହରେ ଉଦ୍‌ବୋଧନ ଦେବା ସମୟ ପୂର୍ବରୁ କେତେଜଣ ବିରୋଧୀ ମହିଳା ସଦସ୍ୟ ବ୍ୟାନର ଧରି ତାଙ୍କ ଆସନ ଆଡ଼େ ମାଡ଼ିଯାଇଥିଲେ। ଫଳରେ ଦିନକ ପାଇଁ ଗୃହକୁ ମୁଲତବୀ ରଖାଯାଇଥିଲା। ସେତେବେଳେ ମୋଦି ଗୃହରେ ନ ଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଭାଜପା ସଦସ୍ୟ ପି.ପି. ଚୌଧରୀ ଧନ୍ୟବାଦ ପ୍ରସ୍ତାବରେ ମନ୍ତବ୍ୟ ରଖିଥିଲେ। ଏହି ସମୟରେ ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ମାଡ଼ିଯାଇଥିଲେ।

ବିର୍ଲା କହିଛନ୍ତି, ସମ୍ବିଧାନରେ ଗୃହ ଅଧ୍ୟକ୍ଷଙ୍କ ମର୍ଯ୍ୟାଦା ପ୍ରତିଷ୍ଠିତ ରହିଆସିଛି। ଇତିହାସରେ କେବେ ରାଜନୈତିକ ମତାନ୍ତରକୁ ଗୃହ ମଧ୍ୟକୁ ଟଣାଯାଇ ନାହିଁ। ବାଚସ୍ପତିଙ୍କ କାର୍ଯ୍ୟାଳୟରେ ବିରୋଧୀ ସଦସ୍ୟମାନଙ୍କ ଆଚରଣ ଉପଯୁକ୍ତ ନ ଥିଲା ବୋଲି ସେ କହିଛନ୍ତି। ଗୃହର ନେତା ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଉତ୍ତର ରଖିବାକୁ ଥିବାବେଳେ ତାଙ୍କ ଆସନ ପାଖରେ କଂଗ୍ରେସ ସଦସ୍ୟମାନେ ଅବାଞ୍ଛିତ କାର୍ଯ୍ୟ କରିବା ନେଇ ବଳିଷ୍ଠ ସୂଚନା ପାଇବା ପରେ ତାଙ୍କୁ ଗୃହକୁ ଆସିବାକୁ ମନା କରିଥିଲେ ବୋଲି ବିର୍ଲା କହିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଅନୁରୋଧ ରକ୍ଷାକରି ଲୋକ ସଭାରେ ଅପ୍ରିୟ ଦୃଶ୍ୟକୁ ଏଡ଼ାଇଯାଇଥିବାରୁ ବାଚସ୍ପତି ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିରୋଧୀ ଯଦି ଗୃହକୁ ପୋଷ୍ଟର ଏବଂ ପାମ୍ଫଲେଟ୍ ନେଇ ଆସନ୍ତି, ତେବେ ଗୃହକାର୍ଯ୍ୟ ଚାଲିବ ନାହିଁ ବୋଲି ବାଚସ୍ପତି ସେମାନଙ୍କୁ ଚେତାବନୀ ଦେଇଥିଲେ। ବିରୋଧୀ ହଟ୍ଟଗୋଳ କରିବା ସହ ସ୍ଲୋଗାନ ଜାରି ରଖିବାରୁ ବାଚସ୍ପତି ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।

# ଓଡ଼ିଆ ପକ୍ଷ ପାଳନ ପାଇଁ ହେବ ଭବ୍ୟ ଆୟୋଜନ

## ବିଭିନ୍ନ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ସାଧାରଣ ଲୋକ ଅଂଶଗ୍ରହଣକୁ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୫।୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ ଓଡ଼ିଶା ଦିବସଠାରୁ ନେଇ ୧୪ ତାରିଖ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ସାରା ରାଜ୍ୟରେ ପାଳନ ହେବ ଓଡ଼ିଆ ପକ୍ଷ। ଗତବର୍ଷ ପ୍ରଥମଥର ଓଡ଼ିଆ ପକ୍ଷ ପାଳନ କରାଯାଇଥିବାବେଳେ ଚଳିତବର୍ଷ ଏହାକୁ ଆହୁରି ଭବ୍ୟ ରୂପେ ପାଳନ କରାଯିବ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗୁରୁବାର କଳିଙ୍ଗ ଷ୍ଟାଡିୟମସ୍ଥିତ କନ୍‌ଫରେନ୍ସ ହଲ୍‌ରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ପକ୍ଷ ପାଳନ ସମୟରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ଆୟୋଜନ କରାଇବା ଏବଂ ଏଥିରେ ଜନସାଧାରଣଙ୍କ ଅଂଶୀଦାରିତାକୁ ସୁନିଶ୍ଚିତ କରାଇବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶା ଦିବସ, ଖଡ଼ିଛୁଆଁ ଦିବସ, ପାରମ୍ପରିକ ପୋଷାକ ଦିବସ, ବର୍ଣ୍ଣ ଦିବସ, ଲୋକକଳା ଦିବସ, ପାରମ୍ପରିକ ଖାଦ୍ୟ ଦିବସ, ସ୍ୱଚ୍ଛତା ଦିବସ, ରକ୍ତଦାନ ଅଭିଯାନ, ଓଡ଼ିଆରେ ନାମ ଫଳକ ଅଭିଯାନ, ଐତିହ୍ୟ ଗଣଦୌଡ଼, ଯୁବ ଲେଖକ ସମ୍ମିଳନୀ, ବରପୁତ୍ରଙ୍କ ଉପରେ ଆଲୋଚନାଚକ୍ର ଆଦି କାର୍ଯ୍ୟକ୍ରମ ଆୟୋଜନ ହେବ। ଓଡ଼ିଆ ପକ୍ଷ ପାଇଁ ସ୍ୱତନ୍ତ୍ର ଲୋଗୋ ପ୍ରସ୍ତୁତି ସହ ଏକ ସତନ୍ତ୍ର ୱେବ୍‌ସାଇଟ୍ ଖୋଲିବ। ଓଡ଼ିଆ ପକ୍ଷ କୁଇଜ ପ୍ରତିଯୋଗିତା କରାଯାଇ ସମସ୍ତ ପ୍ରତିଯୋଗୀଙ୍କୁ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରାଯିବ। ଚଳିତ ବର୍ଷ ପ୍ରବାସୀ ଓଡ଼ିଆମାନଙ୍କୁ ମଧ୍ୟ ଓଡ଼ିଆ ପକ୍ଷ ପାଳନରେ ସାମିଲ କରିବା ପାଇଁ ଯୋଜନା ରହିଛି। ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରାଯିବ। ଓଡ଼ିଶାର ଉପାନ୍ତ ଅଞ୍ଚଳରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ସହଯୋଗରେ ବ୍ଲକଠାରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ଯେପରି ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରାଯିବ ତାହା ଉପରେ ପ୍ରାଧାନ୍ୟ ଦିଆଯାଉଛି ବୋଲି ସଂସ୍କୃତି ମନ୍ତ୍ରୀ ସୂରଜ କହିଛନ୍ତି। ବୈଠକରେ ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତାଙ୍କ ସମେତ ସଂସ୍କୃତି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଓଡ଼ିଶାପକ୍ଷ ପାଳନ ନେଇ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଗୁରୁବାର କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ୬ ମାସ ବୃଦ୍ଧି



ସନ୍ତୋଷ କୁମାର ତ୍ରିପାଠୀ

ଭୁବନେଶ୍ୱର,୫।୨ (ସୁଚିସ୍ମିତା ସାହୁ)

ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ କାର୍ଯ୍ୟକାଳ ପୁଣି ୬ ମାସ ବୃଦ୍ଧି କରିଛନ୍ତି ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ଡ. ହରିବାବୁ କମ୍ଭମପାଟି। ଜାନୁଆରୀ ୨୧ ତାରିଖରୁ ଆଗାମୀ ଛଅ ମାସ ଯାଏ ସେ ନିଜର ଦାୟିତ୍ୱ ନିର୍ବାହ କରିବେ ଲୋକଭବନରୁ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି। ପ୍ରଫେସର ତ୍ରିପାଠୀ ୨୦୨୧ରେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଜୁଲାଇ ୨୦୨୫ରେ ତାଙ୍କ କାର୍ଯ୍ୟକାଳ ୬ମାସ ବୃଦ୍ଧି କରାଯାଇଥିଲା।

# ମାଓବାଦୀମୁକ୍ତ ହେଲା କୋରାପୁଟ ଜିଲା

## ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

କୋରାପୁଟ,୫।୨ (ଅମିତାଭ ବେହେରା)

ମାଲକାନଗିରି ପରେ କୋରାପୁଟ ଜିଲା ମାଓବାଦୀ ବିରୋଧୀ ଅଭିଯାନରେ ପୋଲିସକୁ ବଡ଼ ସଫଳତା ମିଳିଛି। ଦୀର୍ଘଦିନ ଧରି ମାଓବାଦୀ ସଙ୍ଗଠନ ସହ ସମ୍ପୃକ୍ତ ଥିବା ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଏସିଏମ୍ କ୍ୟାଡର ମହିଳା ମାଓବାଦୀ ମମତା ପଡ଼ିଆମୀ ଓରଫ ସୋନି ଓରଫ ମମିତା(୨୬) ଦକ୍ଷିଣପଶ୍ଚିମାଞ୍ଚଳ ଡିଆଇଜି କନ୍‌ଓ୍ୱର ବିଶାଳ ସିଂଙ୍କ ନିକଟରେ ଗୁରୁବାର ଆତ୍ମସମର୍ପଣ କରିଛନ୍ତି। ଏହା ପରେ ଡିଆଇଜି ସିଂ କୋରାପୁଟ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି କୋରାପୁଟ ଜିଲାକୁ ମାଓବାଦୀ ମୁକ୍ତ ଅଞ୍ଚଳ ବୋଲି ଘୋଷଣା କରିଛନ୍ତି। ଜିଲାରେ ଗାଁରେ ଗାଁରେ ବିକାଶ ପହଞ୍ଚିବା ସହ ମାଓବାଦୀ ଗତିବିଧି ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ସେ କହିଛନ୍ତି। ଛତିଶଗଡ ବିଜାପୁର ଜିଲା ଲିଙ୍ଗପୁରମ୍‌ର ମହିଳା ମାଓବାଦୀ ମମତା ଏକ ୭.୬୨ ଏମ୍‌ଏମ୍ ଏସ୍‌ଏଲ୍‌ଆର୍ ରାଇଫଲ ଓ ମାଗାଜିନ ସହ ଆତ୍ମସମର୍ପଣ କରିଥିଲେ। ତାଙ୍କଠାରୁ ଲ୍ୟାଣ୍ଡମାଇନ, ଡିଟୋନେଟର, ଗୁଳି, ୧୦ ପ୍ରକାର ଅସ୍ତ୍ରଶସ୍ତ୍ର, ମାଓବାଦୀ ପୋଷାକ, ମାଓବାଦୀ ପୁସ୍ତିକା ପୋଲିସ ଜବତ କରିଛି। ସୂଚନାନୁଯାୟୀ, ମମତା ଦୀର୍ଘ ସମୟ ଧରି ମାଓବାଦୀ ସଙ୍ଗଠନରେ ସକ୍ରିୟ ରହି ଓଡ଼ିଶା, ଛତିଶଗଡ଼ ଓ ଆନ୍ଧ୍ରରେ ଏକାଧିକ ବିସ୍ଫୋରଣ, ଗୁଳିବିନିମୟ ଓ ଅନ୍ୟ ଆପରାଧିକ ଘଟଣାରେ ଜଡ଼ିତ ଥିଲେ। ସରକାରଙ୍କ ଆତ୍ମସମର୍ପଣ ନିୟମ, ସୁବିଧା ସୁଯୋଗ ଏବଂ ମାଓବାଦୀ ସଙ୍ଗଠନରେ ଦୁର୍ବଳ ନେତୃତ୍ୱ, ମାଓବାଦୀ ଚିନ୍ତାଧାରାରେ ପରିବର୍ତ୍ତନ ଆଦି ସ୍ଥିତି ଯୋଗୁ ସେ ମାଓ ସଙ୍ଗଠନ ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆତ୍ମସମର୍ପଣ କରିଥିବା ମମତା ପୋଲିସକୁ କହିଛନ୍ତି। ମାଓବାଦୀ ଆଦର୍ଶରେ ନିରାଶ ହୋଇ ଓ ସାଧାରଣ ଜୀବନକୁ ଫେରିବା ଆଶାରେ ସେ ଆତ୍ମସମର୍ପଣ କରିଥିବା ଡିଆଇଜି କହିଛନ୍ତି। ରାଜ୍ୟ ସରକାରଙ୍କ ସରେଣ୍ଡର୍ ଓ ପୁନର୍ବାସ ନୀତି ଅନୁଯାୟୀ ଆତ୍ମସମର୍ପଣ କରିଥିବା ମହିଳାଙ୍କୁ ୭ ଲକ୍ଷ ୧୫ ହଜାର ଆର୍ଥିକ ସହାୟତା, ଗୃହ ସୁବିଧା ଓ ଜୀବିକା ପାଇଁ ସମସ୍ତ ସରକାରୀ ସୁଯୋଗ ଦିଆଯିବ ବୋଲି ପୋଲିସ ସୂଚନା ଦେଇଛି। ଜିଲାରେ ଶାନ୍ତି ଓ ବିକାଶ ପଥକୁ ଆହୁରି ସୁଦୃଢ଼ କରିବ ବୋଲି ଡିଆଇଜି ପ୍ରକାଶ କରିଛନ୍ତି। ଏହି ଅବସରରେ କୋରାପୁଟ ଏସ୍‌ପି ରୋହିତ ବର୍ମା, ଜୟପୁର ଏସ୍‌ଡିପିଓ ପାର୍ଥ କଶ୍ୟପ, ବିଏସ୍‌ଏଫ୍ ଡିଆଇଜି ଓ ପୋଲିସର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।



ମମତା ପଡ଼ିଆମୀ ଆତ୍ମସମର୍ପଣ କରୁଛନ୍ତି।

## ସଂକ୍ଷେପରେ

### ୧୦ ଭରି ସୁନାଗହଣା, ୩ ଲକ୍ଷ ଟଙ୍କା ନେଇଗଲେ

**କୋକସରା,୫।୨ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କଳାହାଣ୍ଡି ଜିଲା ଆମପାଣି ଥାନା ଆମପାଣି ଗ୍ରାମର ବ୍ୟବସାୟୀ ସନ୍ତୋଷ କୁମାର ସାହୁଙ୍କ ପରିବାର ଘରେ ନ ଥିବା ସୁଯୋଗରେ ଦୁର୍ବୃତ୍ତମାନେ ବଧବାର ରାତିରେ କବାଟ ଭାଙ୍ଗି କଳାକନା ବୁଲାଇଛନ୍ତି। ପରିବାର ଲୋକେ ରାତି ପ୍ରାୟ ୧୧ଟାରେ ଘରକୁ ଫେରି ଚୋରି ହୋଇଥିବା ଜାଣି ପୋଲିସକୁ ସୂଚନା ଦେଇଥିଲେ। ଦୁର୍ବୃତ୍ତମାନେ ଆଲମିରା ଭାଙ୍ଗି ପ୍ରାୟ ୩ ଲକ୍ଷ ଟଙ୍କା ଓ ୧୦ ଭରି ସୁନାଗହଣା ଚୋରିକରି ନେଇଥିବା ସନ୍ତୋଷ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ପ୍ରଶାନ୍ତ କୋଲାହାର ତାଙ୍କ ଟିମ ସହିତ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ। ହେଲେ ଚୋରି ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ।

### କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସଭା

**ଭବାନୀପାଟଣା,୫।୨(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ଲିର ୬୬ତମ ବାର୍ଷିକ ସଭା ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ରିଷିଗାଁ ଛକ ଏସ୍‌ଏନ୍ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ସଭାପତି ଗିରିଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବ୍ୟାଙ୍କ ପରିଚାଳନା ପରିଷଦର ଉପସଭାପତି ନନ୍ଦିନୀ ସାହୁ, ଏଜିଏମ୍ ପ୍ରତୀକ୍ଷା ମିଶ୍ର, ବିଶ୍ୱ ରଞ୍ଜନ ସାହୁ, ସଭ୍ୟ ଜିତେନ୍ଦ୍ର ନାରାୟଣ ସିଂଦେଓ, ମନୋଜ କୁମାର ସାହୁ, ଜୟଧର ମାଝୀ, ଟିକମନ ବାରିକ, ପ୍ରମୋଦିନି ରାଉତ, ଯୁଗଳ କିଶୋର ପୋଢ, ଦେବରାଜ ମାଝୀ, ରମେଶ ଚନ୍ଦ୍ର ସାହୁ, ରାମ ଚନ୍ଦ୍ର ଶବର, ଚନ୍ଦନ କୁମାର ସେନାପତି ପ୍ରମୁଖ ଯୋଗଦେଇଥିଲେ। ସମବାୟ ବ୍ୟାଙ୍କ ଦ୍ୱାରା ଚାଷୀ କିପରି ଅଧିକ ଉପକୃତ ହେବେ ସେ ନେଇ ଅତିଥିମାନେ କହିଥିଲେ। ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବନଲତା ଧଳ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଚନ୍ଦ୍ରଧ୍ୱଜ ମଙ୍ଗରାଜ ଓ ଅଞ୍ଜଳି ଖମାରୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ବ୍ୟାଙ୍କର ସଭାପତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ନାତକ ମହାବିଦ୍ୟାଳୟରେ କାଉନ୍‌ସେଲର ପ୍ରଶିକ୍ଷଣ ଶିବିର

**ଖଡ଼ିଆଳ,୫।୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ କାଉନସେଲିଂ ସେଲ ଆନୁକୂଲ୍ୟରେ ଏକ କାଉନସେଲର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ଅକ୍ଷୟ କୁମାର ସାହୁ ଏଥିରେ ସଭାପତିତ୍ୱ କରି ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କୁ ଉତ୍ତମ ପରାମର୍ଶଦାତା ହେବା ପାଇଁ ଆହ୍ୱାନ କରିଥିଲେ। ଏହା ଶୈକ୍ଷିକ ବାତାବରଣ ପାଇଁ ଏକାନ୍ତ ଆବଶ୍ୟକ। ଶିକ୍ଷା ବିଭାଗ ମୁଖ୍ୟ ପ୍ରହ୍ଲାଦ ମାଝି ସଭାର ଆଭିମୁଖ୍ୟ ଜ୍ଞାପନ ସହିତ ମଞ୍ଚ ପରିଚାଳନା କରିଥିଲେ। ଏହି ସେଲର ପରାମର୍ଶଦାତା ଡ. ଲିଙ୍ଗରାଜ ସାହୁ ଓ ସଭ୍ୟା ଡ଼. ଲିପିକା ପ୍ରିୟଦର୍ଶିନୀ ପାତ୍ର ନିଜର ଅଭିମତ ପ୍ରକାଶ କରିଥିଲେ। ବିଷୟ ବିଶେଷଜ୍ଞ ଭାବରେ ମନସ୍ତତ୍ତ୍ୱ ବିଭାଗର ଅଧ୍ୟାପକ ଚନ୍ଦ୍ରକାନ୍ତ ଦାସ ପ୍ରଶ୍ନୋତ୍ତର ମାଧ୍ୟମରେ କିଭଳି ବିଭିନ୍ନ ସମସ୍ୟାର ସମାଧାନ କରାଯାଇ ପାରିବ ସେ ଉପରେ ଅଧ୍ୟପିକାଅଧ୍ୟାପକଙ୍କୁ ମାର୍ଗଦର୍ଶନ କରିଥିଲେ। ଶେଷରେ ସହକାରୀ ପ୍ରଫେସର ରଶ୍ମିକାନ୍ତି ତିର୍କୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମଥର ଡିଜିଟାଲ ପ୍ରଣାଳୀରେ ଜନଗଣନା

**ଜାତୀୟ ଜନଗଣନା ପାଇଁ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ**

- ଜିଲାରେ ନିୟୋଜିତ ହେବେ ୩୬ଶହ ଅଧିକାରୀ, କର୍ମଚାରୀ
- ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୧୬ରୁ ମେ ୧୫ ପର୍ଯ୍ୟନ୍ତ ହେବ


ଜାତୀୟ ଜନଗଣନା ପାଇଁ ସମୀକ୍ଷା କାର୍ଯ୍ୟକ୍ରମରେ ଅଧିକାରୀମାନେ।

**ଭବାନୀପାଟଣା,୫।୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାରେ ଜାତୀୟ ଜନଗଣନା ୨୦୨୭ର ସଫଳ ରୂପାୟନ ପାଇଁ ଓଡିଶା ଜନଗଣନା ନିର୍ଦ୍ଦେଶାଳୟ ଓ ସ୍ଥାନୀୟ ପ୍ରଶାସନର ମିଳିତ ଉଦ୍ୟମରେ ବୁଧବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଡ. ଅଭୟ ନାରାୟଣ ନାୟକ ଯୋଗଦେଇ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜନଗଣନାର ପ୍ରକ୍ରିୟା, ଡିଜିଟାଲ ଉପକରଣ, ଗୃହତାଲିକା ବ୍ଲକ (ଏଚ୍‌ଏଲ୍‌ବି) ଗଠନ ଓ ଦାୟିତ୍ୱ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏହା ଦୁଇଟି ପର୍ଯ୍ୟାୟରେ ସମ୍ପନ୍ନ ହେବ। ପ୍ରଥମ ପର୍ଯ୍ୟାୟରେ ଗୃହତାଲିକା ଓ ଗୃହଗଣନା ଆସନ୍ତା ଏପ୍ରିଲ ୧୬ରୁ ୧୫ ମେ ପର୍ଯ୍ୟନ୍ତ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ଫେବୃଆରୀ ୯ରୁ ୨୮ ପର୍ଯ୍ୟନ୍ତ ହେବ ଏବଂ ୨୦୨୭ ମାର୍ଚ୍ଚ ୧ରୁ ୫ ମଧ୍ୟରେ ପୁନର୍ବୀକ୍ଷଣ କରାଯିବ। ପ୍ରଥମଥର ପାଇଁ ସମ୍ପୂର୍ଣ୍ଣ ଡିଜିଟାଲ ପ୍ରଣାଳୀରେ ଏହି ଜନଗଣନା କରାଯିବ। ମୋବାଇଲ ଆପ୍ ମାଧ୍ୟମରେ ଗଣନାକାରୀ ଘର ଘର ଯାଇ ତଥ୍ୟ ସଂଗ୍ରହ କରିବେ। ଜିଲା ଭାରପ୍ରାପ୍ତ ପରିସଂଖ୍ୟାନ ଅଧିକାରୀ ପାଠକ ତାଲିମ ପ୍ରଦାନରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରୋବେଶନ) ଅନିମେସ ପ୍ରଧାନ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଧର୍ମଗଡ଼ ଅତିରିକ୍ତ ଉପ ଜିଲାପାଳ ଅଜୟ ପ୍ରକାଶ ତିର୍କୀ, ଡେପୁଟି କଲେକ୍ଟର (ନିର୍ବାଚନ) ମନୀଷା ଗୁପ୍ତା, ଜିଲାର ସମସ୍ତ ତହସିଲଦାର, ମ୍ୟୁନିସିପାଲିଟି, ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଜିଲାରେ ୩୬୦୦ ଜଣ ଅଧିକାରୀ, କର୍ମଚାରୀ ଏଥିରେ ନିୟୋଜିତ ହେବେ। ସେଥିମଧ୍ୟରୁ ୧୯ ଜଣ ଚାର୍ଜ ଅଧିକାରୀ, ୧୯ ଜଣ ଅତିରିକ୍ତ ଚାର୍ଜ ଅଧିକାରୀ ଓ ୨ଜଣ ଉପଖଣ୍ଡ ଚାର୍ଜ ଅଧିକାରୀ ରହିବେ। ଜିଲା ମୁଖ୍ୟ ଜନଗଣନା ଅଧିକାରୀ ଭାବେ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ, ଜିଲା ଜନଗଣନା ଅଧିକାରୀ ଭାବେ ଅତିରିକ୍ତ ଜିଲାପାଳ ଦାୟିତ୍ୱରେ ରହିବେ। ଏଥିରେ ସମ୍ପୃକ୍ତ ଅଧିକାରୀ ନିଜର ଦାୟିତ୍ୱ ସୁଚାରୁରୂପେ ତୁଲାଇବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାସହ କାର୍ଯ୍ୟକ୍ରମର ସଫଳ ରୂପାୟନରେ ଜଣସାଧାରଣ ଠିକ ଓ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବାରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର ମନୀଷା ଗୁପ୍ତା ପରିଚାଳନା କରିଥିଲେ ।

## ପିଏମ୍‌ଶ୍ରୀ ଉତ୍ସବ ଦ୍ୱିତୀୟ ଦିନରେ ଛାୟା ସଂସଦ


ବିଭିନ୍ନ ବିଭାଗୀୟ ମନ୍ତ୍ରୀ ଭୂମିକାରେ ଥିବା ଛାତ୍ରୀଛାତ୍ର।

**ନୂଆପଡ଼ା,୫।୨ (ମକାରୁ ବେମାଲ)**

ନୂଆପଡ଼ା ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହେଉଥିବା ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବର ଗୁରୁବାର ଦ୍ୱିତୀୟ ଦିନରେ ଛାୟାସଂସଦ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୂଦନ ଦାଶ ଓ ଏସ୍‌ପି ଅମ୍ରିତ ପାଲ ସିଂ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଜିଲାର ୧୨ ପିଏମ୍‌ଶ୍ରୀ ବିଦ୍ୟାଳୟରୁ ୬୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାୟା ସଂସଦରେ ଛାତ୍ରୀଛାତ୍ର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ବିଭିନ୍ନ ବିଭାଗୀୟ ମନ୍ତ୍ରୀ, ବିରୋଧୀ ଦଳ ନେତା, ବାଚସ୍ପତି ଓ ଉପବାଚସ୍ପତି ଭୂମିକା ନିର୍ବାହ କରି ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରତିରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ସଦସ୍ୟମାନଙ୍କ ଦ୍ୱାରା କେନ୍ଦ୍ରୀୟ ବଜେଟ, ରେଳ ବଜେଟ ଓ ପ୍ରତିରକ୍ଷା ବିଲ ଆଗତ କରାଯାଇଥିଲା। ବିଭିନ୍ନ ପ୍ରସଙ୍ଗରେ ସଦନରେ ତର୍କବିତର୍କ ଦେଖାଯାଇଥିଲା। କେତେକ ସମୟରେ ସଦନରେ ହଙ୍ଗାମା ସୃଷ୍ଟି ହେବା ପରେ ବାଚସ୍ପତି ଓ ଉପବାଚସ୍ପତିଙ୍କ ଦ୍ୱାରା ସଦନ ମୁଲତବି ଘୋଷଣା କରାଯାଇଥିଲା, ଯାହା ଏକ ପ୍ରକୃତ ପାର୍ଲାମେଣ୍ଟର ଅନୁଭୂତି ଆଣିଦେଇଥିଲା। ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ଼ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶିବ ପ୍ରସାଦ ବେହେରା, ଜିଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ରେଶମଲାଲ ନାୟକ, ସୁଧାଂଶୁ ଶେଖର ମିଶ୍ର, ବିଇଓ ଗୀତାଞ୍ଜଳି ଯୋଶୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ଦକ୍ଷ ଭୂମିକାକୁ ସ୍ୱାଗତ କରି ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ନେତୃତ୍ୱ ଦକ୍ଷତା ବିକାଶ ହେବ ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ନିର୍ଦ୍ଦେଶନା ଦେଇଥିଲେ ଖରିଆର ରୋଡ୍ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ହୋତା।

## ଖଡ଼ିଆଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା


ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ଖଡ଼ିଆଳ,୫।୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ରାଜା ଅର୍ତ୍ତତ୍ରାଣ ହାଇସ୍କୁଲ ପଡିଆଠାରେ ହେଉଥିବା ଖଡ଼ିଆଳ ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ଏଡି ଅବସରରେ ପୂର୍ବାହ୍ନରେ ସ୍ୱୟଂ ଶାସିତ କଲେଜ ପଡ଼ିଆରେ ଭଲିବଲ, କ୍ୟାରମ୍ (ଡବଲ) ଓ ଚେସ୍ ପ୍ରତିଯୋଗିତା, ସାଂସ୍କୃତିକ ଅନୁଷ୍ଠାନରେ ଲୋକ ବାଦ୍ୟ, ଲୋକ ଗୀତ ଓ ରାଜା ଅର୍ତ୍ତତ୍ରାଣ ହାଇସ୍କୁଲରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୩ଟାରୁ ୬ଟା ପର୍ଯ୍ୟନ୍ତ ବିଭିନ୍ନ ସ୍କୁଲର ଦଳଗତ ନୃତ୍ୟ ଓ ଫ୍ୟାଶନ ଶୋ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ ସଭାରେ ସଭାପତିତ୍ୱ କରିଥିଲେ ମହୋତ୍ସବ କମିଟି ସହ ସମ୍ପାଦକ ଗିରିଧାରୀ ବିଭାର। ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି, କବି ନୀଳଲୋହିତ ସିଂଦେବ ମୁଖ୍ୟବକ୍ତା ଓ ଖଡ଼ିଆଳ ବିଡ଼ିଓ ମିଳନ କୁମାର ଝାଙ୍କର, ଖରିଆର ରୋଡ୍ ଏନ୍‌ଏସି ଅଧ୍ୟକ୍ଷା ଡ. ସୋନିଆ ଜୈନ, ନୂଆପଡା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦମ, ଜିଲା ଶିକ୍ଷା ଅଧିକାରୀ ନୂଆପଡା ପ୍ରଶାନ୍ତ କୁମାର ମହାନ୍ତି, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଖଡ଼ିଆଳ ସ୍ୱାଧୀନ କେତନ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉପଦେଷ୍ଟା ସୁନୀଲ ସାହୁ ସ୍ୱାଗତ ଭାଷଣ ଓ ଉପସଭାପତି ସୁଶାନ୍ତ ତାଣ୍ଡି ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବୋଡ଼େନରେ ସମ୍ପୂର୍ଣ୍ଣତା ଅଭିଯାନ ୨.୦ କାର୍ଯ୍ୟକ୍ରମ

**ବୋଡ଼େନ,୫।୨ (ଟିକେଶ୍ୱର ନାଗ)**

ନୂଆପଡ଼ା ଜିଲା ବୋଡ଼େନ ବ୍ଲକରେ ସମ୍ପୂର୍ଣ୍ଣତା ଅଭିଯାନ ୨.୦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବିଡିଓ ସୁଶାନ୍ତ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ନୂଆପଡା ଜିଲା ପରିଷଦ ସଭାପତି ଡଲି ମାଝୀ ମୁଖ୍ୟ ଅତିଥି ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରେଶ୍ୱର ମେହେର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସଞ୍ଜୀବ ନାଏକ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅର୍ଚ୍ଚନା ରାଉତ, ଗୋଷ୍ଠୀ କୃଷି ଅଧିକାରୀ ଦୁଃଖିରାମ ଟୁଡୁ, ଗୋଷ୍ଠୀ ପ୍ରାଣୀସମ୍ପଦ ଅଧିକାରୀ ସୁସ୍ମିତା ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଆକାଂକ୍ଷି ବ୍ଲକ ସହଯୋଗୀ ରାକେଶ କୁମାର ଷଡଙ୍ଗୀ ସମ୍ପୂର୍ଣ୍ଣତା ଅଭିଯାନ ୨.୦ର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିଗଣ ସମସ୍ତଙ୍କ ସମନ୍ୱୟରେ ବ୍ଲକର ସାମଗ୍ରିକ ଉନ୍ନତି ଉପରେ ଗୁରୁତ୍ୱ ଦେଇଥିଲେ। ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ, ଜନ ପ୍ରତିନିଧି, ଜନସାଧାରଣ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଏବିଏଫ୍ ରାକେଶ କୁମାର ଷଡଙ୍ଗୀ ପରିଚାଳନା କରିଥିବା ବେଳେ ସିଆର୍‌ସିସି ଉମାକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥଲେ।

## ନୀଳକଣ୍ଠେଶ୍ୱର ମନ୍ଦିରର ରତ୍ନମୁଦ ଉତ୍ସବ


ମନ୍ଦିର ରତ୍ନମୁଦ ଉତ୍ସବରେ ସମବେତ ଶ୍ରଦ୍ଧାଳୁ।

**ରିଷିଡ଼ା,୫।୨ (ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ଗ୍ରାମର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଶିବମନ୍ଦିର ରତ୍ନମୁଦ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରୁ ଏକ ବିରାଟ କଳସ ଶୋଭାଯାତ୍ରା ନଗର ପରିକ୍ରମା କରି ଯଜ୍ଞ ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ କମିଟି କୋଷାଧ୍ୟକ୍ଷ ରାକେଶ କେଡ଼ିଆ ଓ ତାଙ୍କ ଧର୍ମପତ୍ନୀ ଯଜ୍ଞକର୍ତ୍ତା ରହିଥିବା ବେଳେ ପୂଜକ ଡୋଳାମଣି ପଣ୍ଡିଆ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ମଙ୍ଗଳ ମାଝୀ, ଉପସଭାପତି ରାଜ କୁମାର ରଣା, ସମ୍ପାଦକ ବସନ୍ତ କୁମାର ସାହୁ, ସହସମ୍ପାଦକ ମନୋଜ କୁମାର ରଣା, ନାଗବାଚା କମିଟି ସଭାପତି ଯଶୋବନ୍ତ ଭୋଇ, ସମ୍ପାଦକ ମୋତିଲାଲ ରଣା, ମନ୍ଦିର ପୂଜକ ରୁଦ୍ର ଭୋଇ, ବଳରାମ ଭୋଇଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଜଳନ୍ଧର ରାଜ ଦରବାର ଓ ରାତ୍ରିରେ ଖୋଲା ମଞ୍ଚ ଅପେରା ମଞ୍ଚସ୍ଥ ହେବ। ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଷୋହଳପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ ସୂଚନା ମିଳିଛି।

## ସମସ୍ୟାଘେରରେ ସାହାଜଟ ଆଶ୍ରମ ବିଦ୍ୟାଳୟ

**ନୂଆପଡ଼ା,୫।୨ (ମକାରୁ ବେମାଲ)**



ନୂଆପଡ଼ା ଜିଲା କୋମନା ବ୍ଲକ ଜଟଗଡ ପଞ୍ଚାୟତର ସାହାଜଟ ଆଶ୍ରମ ବିଦ୍ୟାଳୟ ସମସ୍ୟାଘେରରେ ଗତିକରୁଛି। ୧୯୫୫ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ଶିଶୁ ବାଟିକାକୁ ମିଶାଇ ୯ଟି ଶ୍ରେଣୀ ରହିଛି। ୬ଟି କୋଠରି ରହିଥିବାରୁ ଶିଶୁ ବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲା ବାରଣ୍ଡାରେ ବସି ପାଠ ପଢୁଛନ୍ତି। ବିଦ୍ୟାଳୟରେ ୩୮୦ ଛାତ୍ରୀଛାତ୍ର ଥିବାବେଳେ ୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ମେଟ୍ରନ ନ ଥିବାରୁ ହଷ୍ଟେଲରେ ରହୁଥିବା ଛାତ୍ରୀମାନେ ରାତି ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହଠାତ୍ କୌଣସି ଅସୁବିଧା ହେଲେ ଜଣାଇବା ପାଇଁ କେହି ନାହାନ୍ତି। ପରିଚାଳନା କମିଟି ଗଠନ ହୋଇ ନ ଥିବାରୁ ମନମୁଖୀ ଚଳାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଛାତ୍ରୀଛାତ୍ରଙ୍କୁ ପ୍ରତିଦିନ ମଧ୍ୟାହ୍ନ ଭୋଜନ ପେଟପୁରା ମିଳୁନାହିଁ । ଅଭିଭାବକ ଓ ଛାତ୍ରୀଛାତ୍ର ଏ ନେଇ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ପାଣି ସମସ୍ୟା ରହିଥିଲେ ମଧ୍ୟ ତାହାର ସମାଧାନ କରାଯାଉ ନାହିଁ। ପାଇଖାନାରେ ପାଣିର ସୁବିଧା ନ ଥିବାରୁ ଛାତ୍ରୀଛାତ୍ର ବାହାରୁ ପାଣି ନେଇ ବ୍ୟବହାର କରୁଛନ୍ତି। ବିଦ୍ୟାଳୟ ଚର୍ତୁପାଶ୍ୱରେ ପାଚେରି ନ ଥିବାରୁ କୌଣସି ହିଂସ୍ରଜନ୍ତୁ ପଶିଯିବା ସମ୍ଭାବନା ରହିଛି । ବିଦ୍ୟାଳୟରେ ୨୦୨୪ ଓ ୨୦୨୫ରେ ଦୁଇଟି ଅଘଟଣ ଘଟିଥିବାରୁ ଛାତ୍ରୀଛାତ୍ର ଭୟଭୀତ ଅବସ୍ଥାରେ ରହିଛନ୍ତି । ଏ ସଂକ୍ରାନ୍ତରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସକୁନ୍ତଳା ତ୍ରିପାଠୀଙ୍କୁ ପଚାରିବାରୁ ବିଦ୍ୟାଳୟର ସମାସ୍ୟ ଉପରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଗ୍ରାମବାସୀଙ୍କ ବିରୋଧ ଯୋଗୁ ବିଦ୍ୟାଳୟ ପରିଚାଳନା କମିଟି ଗଠନ ହୋଇପାରୁ ନାହିଁ। ଆସନ୍ତା ମାର୍ଚ୍ଚ ମାସରେ ପରିଚାଳନା କମିଟି ଗଠନ ହେବ ବୋଲି ସେ କହିଛନ୍ତି।

## ପ୍ରକଳ୍ପ ଅଚଳ, ଲର୍କି ଗ୍ରାମରେ ଜଳ ସମସ୍ୟା

**କୋମନା, ୫।୨(ମହେଶ ବାଗ)**

ନୂଆପଡ଼ା ଜିଲା କୋମନା ବ୍ଲକ ଗଣ୍ଡାମେର ପଞ୍ଚାୟତ ଲର୍କି ଗ୍ରାମରେ ଦୀର୍ଘ ଦିନ ହେବ ମେଗା ଜଳ ପ୍ରକଳ୍ପ ଅଚଳ ହୋଇ ପଡ଼ିରହିଛି। ଫଳରେ ଗ୍ରାମବାସୀ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରକ୍ଷଣାବେକ୍ଷଣ ଅଭାବରୁ ବିଭିନ୍ନ ସ୍ଥାନରେ ପାଇପ୍‌ଲାଇନ ଭାଙ୍ଗି ନଷ୍ଟ ହୋଇଗଲାଣି। ଗ୍ରାମବାସୀ ବାରମ୍ବାର ପ୍ରଶାସନ ପାଖରେ ଗୁହାରି କରୁଥିଲେ ମଧ୍ୟ କେବେ ପାଣି ଆସିବ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳୁନାହିଁ। ଅତି ଶୀଘ୍ର ପ୍ରକଳ୍ପ ମରାମତି କରି ଜଳ ଯୋଗାଣ ସ୍ୱାଭାବିକ କରା ନ ଗଲେ ଲର୍କି ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସାମାଜିକ କର୍ମୀ ମୁଖ ସୁନା କହିଛନ୍ତି।

## ମା’ ଅନକାମୁଡେନ କ୍ରିକେଟ: ଜୟବାହାଲ ଚାମ୍ପିୟନ

**ବୋଡ଼େନ,୫।୨ (ଟିକେଶ୍ୱର ନାଗ):** ବୋଡେନ ବ୍ଲକ ରୋକାଲ ଖେଳ ପଡିଆଠାରେ ମା’ ଅନକାମୁଡେନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଜୟବାହାଲ ଓ ଗମ୍ଭାରୀଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜୟବାହାଲ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୭୬ ରନ ସଂଗ୍ରହ କରିଥିଲା। ଜବାବରେ ଗମ୍ଭାରୀଗୁଡା ଦଳ ସମାନ ଓଭରରେ ୧୩୫ ରନ କରି ପରାସ୍ତ ହୋଇଥିଲା। ଜୟବାହାଲ ଦଳ ଚାମ୍ପିୟନ ହୋଇଥିଲା। ଭାଜପା ନେତା ଲମ୍ବୋଦର ନିଆଲ ମୁଖ୍ୟ ଅତିଥି, କରଙ୍ଗାମାଲ ଜଗନ୍ନାଥ କଲେଜ ଅଧ୍ୟକ୍ଷ ଦେବରାଜ ମାଝୀ ମୁଖ୍ୟବକ୍ତା, ସରପଞ୍ଚ ଠାକୁର ବାଗ, ପୂର୍ବତନ ସମିତି ସଭ୍ୟ ସୌଦାଗର ସାହୁ ସମ୍ମାନିତ ଅତିଥି ଥିଲେ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭବାନୀପାଟଣା,୫।୨(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଇରିଗେସନ କଲୋନି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନକୁଳ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟ କୁମାର ମାଝୀ ମୁଖ୍ୟ ଅତିଥି, ଶିକ୍ଷାବିତ୍ ପ୍ରକୃତି ବନ୍ଧୁ ପ୍ରଦୀପ କୁମାର ସାହୁ ମୁଖ୍ୟବକ୍ତା ଓ ଏବିଇଓ ଜଗଦୀଶ ମୁଣ୍ଡ, ଶିକ୍ଷକ ନେତା ଧିରେନ୍ଦ୍ର ପଟ୍ଟନାୟକ, ସିଆର୍‌ସିସି ପ୍ରଫୁଲ୍ଲ ଠାକୁର, ପରିଚାଳନା କମିଟି ସଭାପତି ଅଜିତ କୁମାର ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ରାଧେଶ୍ୟାମ ଦାସ ମଞ୍ଚ ସଂଯୋଜନା କରିଥିବା ସ୍ଥଳେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଖଣି ବିଭାଗର ଚଢ଼ାଉ: ୩ ବାଲି ବୋଝେଇ ହାଇୱା ଜବତ

**ଥୁଆମୂଳ ରାମପୁର, ୫।୨ (ଦୁର୍ଗା କୀର୍ତ୍ତି):** ମଙ୍ଗଳବାର ବିଳମ୍ବିତ ରାତିରେ ଖଣି ବିଭାଗ ଥୁଆମୂଳ ରାମପୁର ଅଞ୍ଚଳରେ ଚଢ଼ାଉ କରି ୩ ବାଲି ବୋଝେଇ ହାଇୱା ଜବତ କରିଛି। କଳାହାଣ୍ଡି ଖଣି ଉପନିର୍ଦ୍ଦେଶକ ବିଶ୍ୱନାଥ ସୋରେନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଏହି ସମୟରେ ବେଆଇନ ଭାବେ ବାଲି ପରିବହନ କରୁଥିବା ୩ଟି ହାଇୱା (ଓଡ଼ି୦୮ଏସ୦୦୩୪, ଓଡ଼ି୦୮ଏନ୦୦୩୪ ଓ ଓଡ଼ି୦୮ଏମ୦୦୩୪) କୁ ଅଧିକାରୀମାନେ ଜବତ କରି ଥୁଆମୂଳ ରାମପୁର ଥାନା ଜିମା ଦେଇଛନ୍ତି। କନିଷ୍ଠ ଖଣି ଅଧିକାରୀ ଦିନବନ୍ଧୁ କିଶାନ, ରାଜୀବ କାଲୋ, କୃଷ୍ଣ ବାଗେ ଏବଂ ଅନିଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଗଠିତ ଟିମ ଚଢାଉରେ ସାମିଲ ହୋଇଥିଲା। ସୂଚନାଯୋଗ୍ୟ,


ଜବତ ବାଲି ବୋଝେଇ ହାଇୱା।

ପୂର୍ବରୁ ବାଲି ଓ ପଥର କ୍ୱାରି ତହସିଲ ଅଧୀନରେ ଥିବା ବେଳେ ବର୍ତ୍ତମାନ ଏହା ଖଣି ବିଭାଗ ଅଧୀନକୁ ଆସିଛି। ଜବତ ଗାଡ଼ିଗୁଡ଼ିକ ଉପରେ କେତେ ଜରିମାନା କରାଯିବ ସେ ନେଇ ଖଣି ଉପନିର୍ଦ୍ଦେଶକ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ଚଢାଉ ପରେ ବାଲି ଓ ପଥର ମାଫିଆଙ୍କ ମଧ୍ୟରେ ଛନକା ପଶିଛି।

# ଲାଞ୍ଜିଗଡ଼ରେ ୧୨ଘଣ୍ଟିଆ ବନ୍ଦ ପାଳନ

- ସ୍ଥାନ ବିବାଦ ସତ୍ତ୍ୱେ ସବ୍‌ରେଜିଷ୍ଟ୍ରାର ଅଫିସ ଉଦ୍‌ଘାଟିତ
- ଭର୍ଚୁଆଲରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ଲାଞ୍ଜିଗଡ଼,୫।୨(ରମେଶ ଚନ୍ଦ୍ର ନାୟକ)**


କଳାବସ୍ତ୍ର ପିନ୍ଧି ବନ୍ଦରେ ସାମିଲ ଅଞ୍ଚଳବାସୀ।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ପାଇଁ ମଞ୍ଜୁର ହୋଇଥିବା ଲାଞ୍ଜିଗଡ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ସ୍ଥାନ ବିବାଦ ସତ୍ତ୍ୱେ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଭର୍ଚୁଆଲ ମୋଡରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ଲାଞ୍ଜିଗଡ ପରିବର୍ତ୍ତେ ବିଶ୍ୱନାଥପୁର ଠାରେ ସ୍ଥାପନକୁ ବିରୋଧ କରି ଗୁରୁବାର ଲାଞ୍ଜିଗଡ଼ବାସୀ ୧୨ ଘଣ୍ଟା ବନ୍ଦ ପାଳନ କରିଥିଲେ। ପ୍ରତ୍ୟୁଷରୁ ସେମାନେ ବିଶ୍ୱନାଥପୁରରେ ପହଞ୍ଚି ତହସିଲ କାର୍ଯ୍ୟାଳୟରେ ତାଲା ମାରି ଧାରଣା ଦେଇଥିଲେ। ଫଳରେ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ବାତିଲ ହୋଇଥିଲା। ଦିନତମାମ ଆନ୍ଦୋଳନକାରୀ କଳା ବସ୍ତ୍ର ପରିଧାନ କରି ଶୋଭାଯାତ୍ରା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ରାଜସ୍ୱ ବିଭାଗରୁ ଜାରି ପ୍ରଥମ ବିଜ୍ଞପ୍ତି ଅନୁସାରେ ଲାଞ୍ଜିଗଡଠାରେ ସବ ରେଜିଷ୍ଟ୍ରାର କାର୍ଯ୍ୟାଳୟ ସ୍ଥାପନ କରିବାକୁ ଦାବି କରି ଅଞ୍ଚଳବାସୀ ସ୍ଥାନୀୟ ଥାନା ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ। ସୁଫଳ ନ ମିଳିବାରୁ ବୁଧବାର ତହସିଲ ଅଫିସ ଘେରାଉ କରିଥିଲେ। ଲୋକଙ୍କ ବିରୋଧ ସତ୍ତ୍ୱେ ଗୁରୁବାର ରାଜସ୍ୱ ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରିବାକୁ ନେଇ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ଲାଞ୍ଜିଗଡ ବନ୍ଦ ଡାକରା ଦେବା ସହ ତହସିଲ କାର୍ଯ୍ୟାଳୟ ଘେରାଉ କରି ଧାରଣା ଦେଇଥିଲେ। ଜନ ଅସନ୍ତୋଷ ସତ୍ତ୍ୱେ ବିଶ୍ୱନାଥପୁରଠାରେ ଉଦ୍‌ଘାଟନ ହେବାରୁ ଅଞ୍ଚଳବାସୀ ଏବେ କୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ସରକାର ନିଷ୍ପତ୍ତି ପରିବର୍ତ୍ତନ ନ କଲେ ୨୦୨୭ ପଞ୍ଚାୟତ ନିର୍ବାଚନ ବର୍ଜନ କରିବାକୁ ଖୋଲା ଚେତାବନୀ ଦେଇଛନ୍ତି। ଏହା ବିରୋଧରେ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀ ସରକାର ଓ ପ୍ରଶାସନକୁ ସ୍ପଷ୍ଟ ସୂଚାଇ ଦେଇଛନ୍ତି।

## ଗୋ ଚାଲାଣ, ଜଣେ ଗିରଫ

**ବାଲିଶଙ୍କରା,୫।୨ (ହୃଦାନନ୍ଦ ବାରିକ):** ତଳସରା ଥାନା ଅନ୍ତର୍ଗତ କୁରେଇ ଗ୍ରାମ ନିକଟରେ ବୁଧବାର ରାତିରେ ବେଆଇନ ଗୋ' ଚାଲାଣ ବେଳେ ଚଢ଼ାଉ କରି ପୋଲିସ ୩୬ଟି ଗୋରୁଙ୍କୁ ଉଦ୍ଧାର କରିଛି। ଘଟଣାରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବିନୟ ପ୍ରକାଶ ସାଏ (୩୯)। ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ପୋଲିସ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ କୁରେଇ ଗ୍ରାମ ନିକଟରେ ୨ ଜଣ ବ୍ୟକ୍ତି ବାଲିଶଙ୍କରା ପଟୁ ବନଡେଗାକୁ ଗୋରୁ ନେଉଥିଲେ। ପୋଲିସ ସେମାନଙ୍କୁ ସନ୍ଦେହ କରି ପଚରାଉଚରା ସମୟରେ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। ଅନ୍ୟ ଜଣେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ବନଡେଗା ଗାଁର କେତେଜଣ ଲୋକଙ୍କ ନିର୍ଦ୍ଦେଶରେ ସେମାନେ ଗୋରୁଙ୍କୁ ବାହାର ରାଜ୍ୟକୁ ବିକ୍ରି କରିବା ଉଦ୍ଦେଶ୍ୟରେ ନେଉଥିବା ବିନୟ ପ୍ରକାଶ ସ୍ୱୀକାର କରିଥିବା ପୋଲିସ କହିଛି। ଉଦ୍ଧାର ଗୋରୁଙ୍କ ଦେଖାରେଖା ପାଇଁ କୁରେଇ ଗ୍ରାମବାସୀଙ୍କୁ ଜିମା ଦିଆଯାଇଥିଲା।

## ମହିଳାଙ୍କୁ ବଳାତ୍କାର ଉଦ୍ୟମ, ଥାନାରେ ଅଭିଯୋଗ

**ବାଲିଶଙ୍କରା, ୫।୨ (ହୃଦାନନ୍ଦ ବାରିକ):** ତଳସରା ଥାନା ଅନ୍ତର୍ଗତ ମୁରକିଆ ଗ୍ରାମର ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଗତ ୪ ତାରିଖ ଅପରାହ୍ଣ ୩ଟାରେ ମହିଳା ଜଣଙ୍କ ଘରେ ଏକୁଟିଆ ଥିଲେ। ଏହି ସମୟରେ ଜଣେ ଯୁବକ ତାଙ୍କ ଘରକୁ ଯାଇ ସ୍ୱାମୀ ଘରେ ଅଛନ୍ତି କି ନାହିଁ ପଚାରିଥିଲେ। ସ୍ୱାମୀ ନାହାନ୍ତି, କାମ କରିବାକୁ ଯାଇଥିବା ମହିଳା ଜଣକ କହିଥିଲେ। ପରେ ଯୁବକ ଜଣକ ମହିଳାଙ୍କୁ ଘର ଭିତରକୁ ଟାଣି ନେଇ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣକ ପାଟି କରିବାରୁ ୨ ଜଣ ପଡ଼ୋଶୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ହେଲେ ଯୁବକ ଜଣକ ଫେରାର ହୋଇଯାଇଥିଲେ। ଏନେଇ ମହିଳା ଜଣକ ଗୁରୁବାର ତଳସରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଅସାମାଜିକ ଗତିବିଧି ବିରୋଧରେ ପ୍ରତିବାଦ

- ଥାନାରେ ଅଭିଯୋଗ କଲେ ମହିଳା
- ବନ୍ଧମୁଣ୍ଡା ସି-ସେକ୍ଟର

**ବନ୍ଧମୁଣ୍ଡା,(ସୁବ୍ରତ ଦେ)**


ପୋଲିସ ସହ ମହିଳାମାନେ ଆଲୋଚନା କରୁଛନ୍ତି।

ବନ୍ଧମୁଣ୍ଡା ସି-ସେକ୍ଟର ସ୍ଥିତ ରେଲୱେ କର୍ମଚାରୀଙ୍କ ପରିବାର ଲୋକେ ଗୁରୁବାର ଏକତ୍ରିତ ହୋଇ ଅସାମାଜିକ ଗତିବିଧି ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। କଲୋନୀବାସୀଙ୍କ କହିବା ଅନୁଯାୟୀ, ରେଲୱେ କ୍ୱାର୍ଟର ସଂଲଗ୍ନ ଅଞ୍ଚଳରେ ବିଗତ କିଛି ବର୍ଷ ଧରି କେତେଜଣ ଲୋକ ରହି ଆସୁଛନ୍ତି। ରେଲୱେ ଜମିରେ ବେଆଇନ ଭାବେ ତିଆରି ହୋଇଥିବା ଘରଗୁଡ଼ିକରେ ବେଆଇନ ସ୍କ୍ରାପ ଓ ପ୍ଲାଷ୍ଟିକ ଶିଶି-ବୋତଲ ବ୍ୟବସାୟ କରୁଛନ୍ତି। ଏହାର ପରିଣାମ ସ୍ୱରୂପ କଲୋନୀର ବିଭିନ୍ନ ସ୍ଥାନରେ ପ୍ଲାଷ୍ଟିକ ବୋତଲ ପଡି ରହୁଛି। ଯାହାରୁ ଦୁର୍ଗନ୍ଧ ବାହାରିବା ସହ କଲୋନୀର ସୌନ୍ଦର୍ଯ୍ୟ ମଧ ନଷ୍ଟ ହେଉଛି। କଲୋନୀର ମହିଳାମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ଲୋକମାନେ ସବୁ ବେଳେ ନିଶା ସେବନ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ଏଠାରେ ଆମେ ସୁରକ୍ଷିତ ମଣୁ ନାହୁଁ। ଲଗାତାର ବଢୁଥିବା ସମସ୍ୟାରେ ଅତିଷ୍ଠ ହୋଇ କଲୋନୀର ମହିଳାମାନେ ବାଧ ହୋଇ ବନ୍ଧମୁଣ୍ଡା ଥାନାକୁ ଯାଇ ଲିଖିତ ଅଭିଯୋଗ କରି ସେମାନଙ୍କୁ କଲୋନୀରୁ ହଟାଇବାକୁ ଦାବି କରିଛନ୍ତି। ପରେ ସବଇନ୍ସପେକ୍ଟର ଏସ. କେ ସେଠୀ ଘଟଣା ସ୍ଥଳରେ ପହଞ୍ଚି କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମହିଳା ଘର ଭାଙ୍ଗିବାକୁ ପୋଲିସକୁ କହିଥିଲେ। ହେଲେ ଘର ଭାଙ୍ଗିବା ପୋଲିସର କାମ ନୁହେଁ ବୋଲି ସେଠୀ କହିଛନ୍ତି। ପରେ ମହିଳାମାନେ ଚକ୍ରଧରପୁର ରେଳ ମଣ୍ଡଳର ଡିଆରଏମ ତରୁନ ହୁରିଆଙ୍କୁ ଫୋନକରି ହସ୍ତକ୍ଷେପ ଲୋଡିଛନ୍ତି। ରେଳ କଲୋନୀରୁ ଅତିକ୍ରମଣ ହଟାଇ ଅଞ୍ଚଳକୁ ସୁରକ୍ଷିତ କରିବାକୁ ଅନୁରୋଧ କରିଛନ୍ତି।

## ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ସୁନ୍ଦରଗଡ଼,୫।୨ (ଜୟ ନାରାୟଣ ମେଣ୍ଡୁଲି)**



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ମହାବିଦ୍ୟାଳୟ ଅଧକ୍ଷା, ଅଧାପିକା ଓ ଅଧାପକ।

ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୮ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ଛାତ୍ରୀଛାତ୍ରମାନେ କିପରି ନିଜର ଉନ୍ନତ ଭବିଷ୍ୟତ ନିର୍ମାଣ କରିବେ ସେ ବିଷୟରେ ସୂଚନା ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ରମାନେ କିପରି ଦେଶ ଗଠନରେ ନେତୃତ୍ୱ ନେବେ ବିଭିନ୍ନ ଉଦାହରଣ ମାଧମରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଧାୟକ ତ୍ରିପାଠୀ ଛାତ୍ରୀଛାତ୍ରଙ୍କ ରହିଥିବା ଦାବି ମଧ୍ୟରେ ମହାବିଦ୍ୟାଳୟରେ ପ୍ରେକ୍ଷାଳୟ ନିର୍ମାଣ, ପୋଲିସ ଆଉଟପୋଷ୍ଟ ପ୍ରତିଷ୍ଠା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ ପୌରପାଳିକାର ଅଧକ୍ଷା ତନୟା ମିଶ୍ର ଯୋଗଦେଇ ଭଲ ପଢିବା, ବଡ ସ୍ୱପ୍ନ ଦେଖିବା, ନିଶାସେବନଠାରୁ ଦୂରେଇ ରହିବା ପାଇଁ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସୁନ୍ଦରଗଡ ପୌରପାଳିକାର ଉପାଧକ୍ଷ ଲଲାଟେନ୍ଦୁ ପରିଡା ଓ ପୂର୍ବତନ ବିଧାୟକ କୁସୁମ ଟେଟେ ଯୋଗଦେଇ ଛାତ୍ରୀଛାତ୍ରମାନେ ଅସାମାଜିକ କାର୍ଯ୍ୟକଳାପଠାରୁ ଦୂରେଇ ରହି ଏକ ଉନ୍ନତ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷା ବବିତା ଭିତ୍ରିଆ ଉତ୍ସବ ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ମହାବିଦ୍ୟାଳୟର ଶୈକ୍ଷିକ ପ୍ରଗତି ବିଷୟରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ର ସଂସଦର ଉପଦେଷ୍ଟା ଡକ୍ଟର ଆଶୁତୋଷ କୁମାର ଝା ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ପ୍ରଫେସର ଡକ୍ଟର ନୂତନ ଖମାରୀ ସଭା ସଞ୍ଚାଳନ କରିଥିଲେ। ସହକାରୀ ପ୍ରଫେସର ଡକ୍ଟର ପ୍ରଦୀପ କୁମାର ସାମନ୍ତରାୟ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।

## ଫର୍ନିଚର ଦୋକାନରୁ ଚୋରି, ଥାନାରେ ଅଭିଯୋଗ

**ବାଲିଶଙ୍କରା,୫।୨ (ହୃଦାନନ୍ଦ ବାରିକ):** ତଳସରା ଥାନା ଅନ୍ତର୍ଗତ ବାଲିଶଙ୍କରା ଭାଟିପଡା ଆଶ୍ରମ ନିକଟସ୍ଥ ଏକ ଫର୍ନିଚର ଦୋକାନରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏନେଇ ଦୋକାନ ମାଲିକ ଗୁରୁବାର ତଳସରା ଥାନାରେ ଅଭିଯୋଗ କରିଥିଲେ। ତଳସରା ଥାନା ଡିଏସ୍‌ପି ପୁଷ୍ପେନ୍ଦୁ ସାଗର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ଛାନ୍‌ଭିନ୍ ଚଳାଇଥିବା ଜଣାପଡିଛି। ଦୁର୍ବୃତ୍ତମାନେ ଟଙ୍କା, ଟିଭି, କୁଲର୍, ଡାଇନିଂ ସେଟ, ବେଡଶିଟ, ତକିଆ, ରେଜେଇ ଆଦି ସାମଗ୍ରୀ ଚୋରି କରି ନେଇଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ବୁଧବାର ରାତିରେ ଦୋକାନ ବନ୍ଦ କରି ମାଲିକ ଯାଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଦୋକାନ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିଥିଲେ। ଗୁରୁବାର ସକାଳୁ ମାଲିକ ପହଞ୍ଚି ଦୋକାନର ତାଲା ଭଙ୍ଗା ଯାଇଥିବା ଓ ସାମଗ୍ରୀ ଚୋରି ହୋଇଥିବା ଦେଖିଥିଲେ।

# ରୋଗୀଙ୍କ ସୁବିଧା କରାଯାଉ

**ସରକାରୀ ମେଡିକାଲ କଲେଜ, ହସ୍ପିଟାଲର ମୁଖ୍ୟ ଡିନଙ୍କୁ ଭେଟି ବିଭିନ୍ନ ଦାବି ଜଣାଇଲେ ବିଜେଡି ନେତା**

**ସୁନ୍ଦରଗଡ଼,୫।୨ (ଜୟ ନାରାୟଣ ମେଣ୍ଡୁଲି)**

ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ବିଧାୟକ ଯୋଗେଶ କୁମାର ସିଂହଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ସ୍ଥାନୀୟ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ଯାଇ ସେଠାରେ ମେଡିକାଲ କଲେଜ ଏବଂ ହସ୍ପିଟାଲର ନୂତନ ମୁଖ୍ୟ ଡିନ ତଥା ପ୍ରିନ୍ସପାଲ ପ୍ରଫେସର ଗୀତା ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ଏକ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ମେଡିକାଲରେ ଥିବା ବିଭିନ୍ନ ପ୍ରକାର ଅସୁବିଧା ବିଷୟରେ ତାଙ୍କୁ ଅବଗତ କରାଇବା ସହିତ ସେଠାରେ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କ ସୁବିଧା ପାଇଁ ଅନେକ ଦାବି କରିଥିଲେ। ମେଡିକାଲ କଲେଜ ଓ ହସ୍ପିଟାଲରେ ସିଟିସ୍କାନ, ଅଲଟ୍ରାସାଉଣ୍ଡ ସହିତ ଏବିଜି ବ୍ଲଡ଼ ଟେଷ୍ଟକୁ ଖୁବ ଶୀଘ୍ର ଆରମ୍ଭ କରିବାକୁ ଦାବି କରଥିଲେ। ଖୁବ ଶୀଘ୍ର ଅଲଟ୍ରାସାଉଣ୍ଡ ଟେଷ୍ଟ ଆରମ୍ଭ ହେବ ଏବଂ ୧୦ରୁ ୧୫ ଦିନ ମଧ୍ୟରେ ସିଟି ସ୍କାନ ଟେଷ୍ଟ ମଧ ଆରମ୍ଭ ହୋଇଯିବ ବୋଲି ମୁଖ୍ୟ ଡିନ ତଥା ପ୍ରିନ୍ସପାଲ ପ୍ରଫେସର ସାହୁ କହିଛନ୍ତି। ବ୍ଲଡ ଏବିଜି ଟେଷ୍ଟର ପରୀକ୍ଷା ପାଇଁ ଟେକ୍ନିସିଆନର ଅଭାବ ଥିବାରୁ ଏହା ସମ୍ଭବ ହୋଇ ପାରୁ ନାହିଁ। ଖୁବ ଶୀଘ୍ର ଟେକ୍ନିସିଆନ କାର୍ଯ୍ୟରେ ଯୋଗ ଦେଲେ ବ୍ଲଡ଼ ଏବିଜି ଟେଷ୍ଟ ମଧ ଏଠାରେ ଉପଲବ୍ଧ ହୋଇ ପାରିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ସାକ୍ଷାତ ଆଲୋଚନା ସମୟରେ ବିଧାୟକ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ସହିତ ସୁନ୍ଦରଗଡ଼ ପୌରପାଳିକାର ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ବିଜେଡିର ଯୁବନେତା ସଞ୍ଜୟ ପଟ୍ଟନାୟକ ଏବଂ ବରୁନ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଅସନ୍ତୋଷ ପ୍ରକାଶ କଲେ କଳାକାର

### ଲେଫ୍ରିପଡା ବ୍ଲକ ସ୍ତରୀୟ ଯତ୍‌ରା

**ସୁନ୍ଦରଗଡ,୫।୨ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା ଲେଫ୍ରିପଡ଼ା ପଞ୍ଚାୟତ ପଡିଆରେ ଗୁରୁବାର ଆୟୋଜିତ ବ୍ଲକ ସ୍ତରୀୟ ଯତ୍‌ରା ମହୋତ୍ସବ ମଞ୍ଚରେ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ହେଲେ କେତେକ ଅବ୍ୟବସ୍ଥା ନେଇ କଳାକାରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଅଭିଯୋଗ ଅନୁସାରେ, ଯତରା ମହୋତ୍ସବକୁ ଆସିଥିବା ଅଧିକାଂଶ କଳାକାରଙ୍କ ପାଇଁ କୌଣସି ସୁବିଧା କରାଯାଇ ନ ଥିଲା। ଯେଉଁଠି ଜିଲାର ଅନ୍ୟାନ୍ୟ ବ୍ଲକରେ କଳାକାର ଓ ସ୍କୁଲରୁ ଆସିଥିବା ଦଳଙ୍କ ପାଇଁ ସୁବ୍ୟବସ୍ଥା ରହୁଛି, ସେଠି ଲେଫ୍ରିପଡ଼ା ବ୍ଲକରେ ସବୁକିଛି କାହିଁକି ଓଲଟା ବୋଲି ପ୍ରଶ୍ନ କରିଥିଲେ କଳାକାର। ଅପରପକ୍ଷରେ, ପ୍ରଚାର ପ୍ରସାର ଅଭାବରୁ ଅନେକ ଗ୍ରାମୀଣ କଳାକାର ଏହି ମହୋତ୍ସବର ମଞ୍ଚ ପାଇବାରୁ ବଞ୍ଚିତ ହୋଇଛନ୍ତି। ସରକାର କଳା ଓ ସଂସ୍କୃତିକୁ ଉଜ୍ଜୀବିତ କରିବାକୁ ପ୍ରୟାସ କରୁଥିବାବେଳେ ଏଠାରେ ବ୍ଲକ ପ୍ରଶାସନର ଏଭଳି ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଲେଫ୍ରିଲଡା ବିଡ଼ିଓ ଅତସୀ ପରିଡାଙ୍କୁ ପଚାରିବାରୁ, ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଯତ୍‌ରା ମହୋତ୍ସବକୁ ଆସିଥିବା କଳାକାରଙ୍କ ପାଇଁ ସମସ୍ତ ବ୍ୟବସ୍ଥା ହୋଇଥିବା ସେ କହିଛନ୍ତି।

## ଉପ ନିବନ୍ଧକ କାର୍ଯ୍ୟାଳୟ ଉଦ୍‌ଘାଟିତ



**ଲହୁଣୀପଡା,୫।୨ (ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ତହସିଲ କାର୍ଯ୍ୟାଳୟ ପରିସରରେ ଗୁରୁବାର ଉପନିବନ୍ଧକ ଓ ବିବାହ ଅଧିକାରୀଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସି ମାଧ୍ୟମରେ ଉପ ନିବନ୍ଧକ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲହୁଣୀପଡା ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା, ଜିଲା ପରିଷଦ ସଦସ୍ୟା ସୁଶୀଳା ନାୟକ, ଏମ୍‌ପି ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓରାମ, ତହସିଲଦାର ବାବୁଲ ପେରେଇ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ପୂର୍ବରୁ ଅଞ୍ଚଳବାସୀ ଭୂ-ସମ୍ପଦ କିଣାବିକା ରେଜିଷ୍ଟ୍ରେଶନ କରିବା ପାଇଁ ବଣେଇ ଉପ ନିବନ୍ଧକ କାର୍ଯ୍ୟାଳୟ ଯିବାକୁ ପଡୁଥିଲା। ଉପନିବନ୍ଧକ ଓ ବିବାହ ଅଧିକାରୀଙ୍କ କାର୍ଯ୍ୟାଳୟ ଲହୁଣୀପଡା ତହସିଲ କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହେବା ଯୋଗୁ ଆଉ ଅଞ୍ଚଳବାସୀଙ୍କୁ ବଣେଇ ଉପ ନିବନ୍ଧନ କାର୍ଯ୍ୟାଳୟ ଯିବାକୁ ପଡିବ ନାହିଁ। ଏଣିକି ଏହିଠାରେ ଭୂ- ସମ୍ପଦ କିଣାବିକା ରେଜିଷ୍ଟ୍ରେଶନ ଓ ବିବାହ ରେଜିଷ୍ଟ୍ରେଶନ କରିହେବ। କୀର୍ତ୍ତିଚନ୍ଦ୍ର ନାୟକ, ନାରାୟଣ ବେହେରା, ଲୁସି ମାଝୀ, କୃଷ୍ଣଚନ୍ଦ୍ର ବେହେରା, ସରୋଜ କୁମାର ବେହେରା, ଅରୁଣ କୁମାର ସାହୁ, ଯଶୋବନ୍ତ କୁମାର ବେହେରା, ଆଲିସା ଜେନା, ଝାଡେଶ୍ୱର ସାହୁ, ବୁଲୁରାୟ ନାଏକ, ଡଲି ପ୍ରଧାନ, ସୁପ୍ରଭା ବିର, ଶ୍ରୀନାଥ ପାତ୍ରଙ୍କ ସମେତ ତହସିଲ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିବା ଜଣାପଡିଛି।

# ସୁନ୍ଦରଗଡ଼ରେ ବ୍ଲକ ସ୍ତରୀୟ ଯତ୍‌ରା

**ବାଲିଶଙ୍କରା,୫।୨ (ହୃଦାନନ୍ଦ ବାରିକ)**

ବାଲିଶଙ୍କରା ରାଜା ବଙ୍ଗଳା ଖେଳ ପଡିଆରେ ବ୍ଲକସ୍ତରୀୟ 'ଯତ୍‌ରା' ମହୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ବିଧାନସଭାର ଉପବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଶଙ୍କରଭୋଇ ଯୋଗଦେଇ ଦ୍ୱୀପ ପ୍ରଜ୍ୱଳନ ପୂର୍ବକ 'ଯତ୍‌ରା' ମହୋତ୍ସବ ପରମ୍ପରା, ନୀତି ଆଦର୍ଶ, ବିଭିନ୍ନ ସାଂସ୍କୃତିକ ତଥା ବ୍ଲକର ଲୁକାୟିତ କଳା ପ୍ରଦର୍ଶନକୁ ଲୋକଲୋଚନକୁ ଆଣିବା ପ୍ରତୀକ ଅଟେ ବୋଲି କହିଥିଲେ। ବାଲିଶଙ୍କରା ବିଡ଼ିଓ ଜ୍ୟୋର୍ତିମୟୀ ପ୍ରଧାନଙ୍କ ସଭାପତିତ୍ୱରେ ଚାଲିଥିବା 'ଯତ୍‌ରା' ମହୋତ୍ସବରେ ସମ୍ମାନିତ ଅତିଥିଭାବେ ବାଲିଶଙ୍କରା ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ତହସିଲଦାର କୁନ୍ତୀରଣୀ ନାଏକ, ବ୍ଲକ ଶିକ୍ଷା ଅଧିକାରୀ ସରୋଜା ଲକ୍ଷ୍ମୀ ନାଏକ, ଏବିଡ଼ିଓ ରୁପେଶ ନାଏକ, ଏମପି ପ୍ରତିନିଧି ଉଚ୍ଛବ ତନ୍ତୀ, ବିଧାୟକ ପ୍ରତିନିଧି ରବିଚନ୍ଦ୍ର ପଟେଲ, ତଳସରା ସରପଞ୍ଚ ତ୍ରିଲୋଚନ ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୟରାମ ପଧାନ, ସୁନୀଲ ପଟେଲ, ବନମାଳୀ ବାରସେଠିଆ, ନନ୍ଦନ ସିଂ, ଯଶନ୍ତି ଏକ୍କା, ଦିନମଣି ସାଏ, ଟଙ୍କଧର ପଣ୍ଡା, ଅଶୋକ ନାଏକ, ସପ୍ନେଶର ବାଘଙ୍କ ସହ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଏସଏଚଜି ଗ୍ରୁପ ସଦସ୍ୟାଙ୍କ ବିଭିନ୍ନ ପ୍ରକାର ଷ୍ଟଲ ଲଗାଯାଇଥିଲା। ସଭା ଓ ଅତିଥି ପରିଚୟ କୁଞ୍ଜଲତା ଗୋଖରା ଓ ହେମନ୍ତ କୁମାର ମିଶ୍ର ପ୍ରଦାନ କରିଥିଲେ। ଶେଷରେ ବାଲିଶଙ୍କରା ବିଡ଼ିଓ ଜ୍ୟୋର୍ତିମୟୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ହେମଗିରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଲହୁଣିପଡା (ଦାଶରଥି ପଣ୍ଡା):** ଲହୁଣିପଡା ବ୍ଲକ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଉପାଧକ୍ଷ ପଣ୍ଡିତ ଚରଣ ମୁଣ୍ଡା, ସମ୍ମାନିତ ଅତିଥିଭାବେ ଏମ୍‌ପି ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓରାମ, ଲହୁଣିପଡା ସରପଞ୍ଚ ନେଲସନ ହେମ୍ବ୍ରମ, ଏବିଡିଓ ବିନୋଦ ଲାକ୍ରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଟ୍ଟନାୟକ, ସିଡିପିଓ ପୁଷ୍ପଲତା ନାୟକ ଯୋଗ ଦେଇଥିଲେ। ଲହୁଣିପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁରାଗ ମିଶ୍ରଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିବା ବେଳେ ଏପିଓ ବିଷ୍ଣୁ ମୋହନ ନାୟକ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଆୟୋଜନ କରାଯାଇଥିବା ବିଭିନ୍ନ ଷ୍ଟଲ ଗୁଡିକୁ ଅତିଥିମାନେ ପରିଦର୍ଶନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଚାରକ ଭାବେ ଅଲିଭା ଜେନା, ସୁଚିସ୍ମିତା ପଣ୍ଡା, ନାଥୁରମ ମାହାନ୍ତ, ବ୍ରଜବନ୍ଧୁ ବେହେରା, ବିଶ୍ୱଜିତ ସାହୁ ଯୋଗ ଦେଇଥିବା ବେଳେ ୧୮ ଟି ସାଂସ୍କୃତିକ ଦଳ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭଗବତ ଗୁଡୁ ଧନ୍ୟବାଦ ଅର୍ପଣ କରିଥିଲେ। ଏସଓ ମନୋଜ କୁମାର ପଟେଲ, ଜିପିଡିଓ ମନିଶା ଟପ୍ପୋ, ବରିଷ୍ଠ କିରାଣୀ ଦେବରାଜ ମାହାନ୍ତ, କନିଷ୍ଠ ଯନ୍ତୀ ଲଳିତ କୁମାର ବିଶ୍ୱାଳ, ନରେଶ ମାଝୀ, ନିରୁପମା ନାୟକ, ଅବନ୍ତି ନାୟକ, ରଜତ ସାହୁ, ଅଭିଜିତ ମଲ୍ଲ, ଏଏଫଓ ମତ୍ୟୁଞ୍ଜୟ ଘଡେଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସମନ୍ୱିତ ଶିଶୁ ବିଭାଗ ସୁପରଭାଇଜର, ପିଇଓ, ଏଡିଇଓଙ୍କ ସମେତ ବ୍ଲକ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ହେମଗିର (ଚୈତନ୍ୟ ପଟେଲ):** ହେମଗିର ହାଇସ୍କୁଲ ଖେଳ ପଡିଆ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ, ସମ୍ମାନୀତ ଅତିଥିଭାବେ ଏମପି ପ୍ରତିନିଧି ଅରୁଣ ପ୍ରଧାନ, ହେମଗିର ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସା, ଜିଲା ପରିଷଦ ସଭ୍ୟା ମହିମା ସେଠ, ବିଧାୟକ ପ୍ରତିନିଧି ସୁନୀଲ କୁମାର ପାଟ୍ଟଯୋଶି, ପୂର୍ବତନ ଜିଲା ପରିଷଦ ଉପାଧକ୍ଷ କାଶିନାଥ ରାଉତ, ବିଲେଇମୁଣ୍ଡା ମଣ୍ଡଳ ସଭାପତି ଦୀପକ କୁମାର ସେଠ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ହେମଗିର ବ୍ଲକର ବିଭିନ୍ନ ଅଞ୍ଚଳର କଳାକାରମାନେ ତାଙ୍କ କଳାର ପ୍ରଦର୍ଶନ କରିଥିଲେ। ଏହି ଯତ୍‌ରା ମହୋତ୍ସବରେ ବନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ଏସଏଚଜି ମହିଳାଙ୍କ ଦ୍ୱାରା ୨୦ ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ସରପଞ୍ଚ ଓ ସମିତି ସଭ୍ୟ ମାନେ ଉପସ୍ଥିତ ଥିଲେ। ଏବିଡ଼ିଓ ଜିତେନ୍ଦ୍ରିୟ ମୁଣ୍ଡା, ଶିକ୍ଷକ ରାମଲାଲ ପଟେଲ ଓ ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ। ହେମଗିର ବିଡ଼ିଓ ରିନା ନାଏକ ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ସୁନ୍ଦରଗଡ (ଜୟ ନାରାୟଣ ମେଣ୍ଡୁଲି):** ସବଡେଗା ବ୍ଲକ ସ୍ତରୀୟ ଯତରା ମହୋତ୍ସବ କାର୍ଯ୍ୟକ୍ରମରେ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତି, ଏମପି ପ୍ରତିନିଧି ପ୍ରଶାନ୍ତ କୁମାର ସେଠ, ସବଡେଗା ବ୍ଲକ ଅଧକ୍ଷା କୁନ୍ତୀ ପ୍ରଧାନ, ବିଡ଼ିଓ ବିଶ୍ୱନାଥ ସାହୁ, ତହସିଲଦାର ମାନସୀ ନାଏକ, ଡିଏସପି ପୁଷ୍ପେନ୍ଦୁ ସାଗର, ଉପାଧକ୍ଷ ସୁଶାନ୍ତ ବେହେରା, ସିଡିପିଓ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ଏତଦ ବ୍ୟତୀତ ସରଗମ ଆଶୀର୍ବାଦ ମେଲୋଡି ଅରକେଷ୍ଟ୍ରା ଦ୍ୱାରା ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ଜିପିଓ ଅରବିନ୍ଦ ପାଣ୍ଡେ ଓ ସହକାରୀ ଯନ୍ତ୍ରୀ ଜୟ କୁମାର କିସାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଶିକ୍ଷକ ଅର୍ଜ୍ଜୁନ ରୋହିଦାସ ଓ କଲ୍ୟାଣୀ ବରିହା ମଞ୍ଚ ପରିଚାଳନା କରିଥିଲେ। ସମସ୍ତ କଳାକାରଙ୍କୁ ମୁଖ୍ୟ ଅତିଥି ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପଡିଆ ଚାରି ପଟେ ଅନେକ ଗ୍ରୁପର ମହିଳାମାନେ ନିଜ ନିଜ ହାତ ତିଆରି ଖାଇବା ଜିନିଷର ଷ୍ଟଲ ଲଗାଇଥିଲେ।

**ରାଜଗାଙ୍ଗପୁର (ଅଶୋକ ପାଣି):** ରାଜଗାଙ୍ଗପୁର ବ୍ଲକ ଉନ୍ନୟନ ଅଧିକାରୀ ଅକ୍ଷୟ ବାଘଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ଶାବିନା ମିଞ୍ଜ, ସମ୍ମାନିତ ଅତିଥି ରାଜଗାଙ୍ଗପୁର ତହସିଲଦାର ଜଗବନ୍ଧୁ ମଲ୍ଲିକ, ଓଆଇଏସଏଲର ଏଚଆର ମୁଖ୍ୟ ରାଜିବ କୁମାର, ସୁନ୍ଦରଗଡ ଏମପି ପ୍ରତିନିଧି ନରସିଂହ ମିଞ୍ଜ, ରାଜଗାଙ୍ଗପୁର ଉପନଗର ପାଳ ମହମ୍ମଦ ଇରଫାନ ଓ ରାଜଗାଙ୍ଗପୁର ଲେମ୍ପ ଅଧକ୍ଷ ବସନ୍ତ ଟପ୍ପୋ ଯୋଗଦେଇ ଥିଲେ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ଯତରା ଉତ୍ସବ ଉପରେ ନିଜର ବକ୍ତବ୍ୟମାନ ରଖିଥିଲେ। ବ୍ଲକ ସ୍ତରରେ ଏହିଭଳି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳ ସ୍ତରରେ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ହୋଇଥାଏ ବୋଲି ମତ ରଖିଥିଲେ। ବିଡିଓ ନିଜର ବକ୍ତବ୍ୟରେ କହିଥିଲେ ଯେ, ଏହି କାର୍ଯ୍ୟକ୍ରମରେ ଯେଉଁ କଳାକାରଙ୍କ ଚୟନ ହେବ ସେମାନେ ଜିଲା ସ୍ତରୀୟ କାର୍ଯ୍ୟକ୍ରମରେ ଭାଗନେବାର ସୁଯୋଗ ପାଇବେ ଓ ପରେ ରାଜ୍ୟ ସ୍ତରୀୟ ତଥା ଜାତୀୟସ୍ତରର ସୁଯୋଗ ପାଇପାରିବେ। ଏହି ଉତ୍ସବରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ତଥା ବିଭିନ୍ନ କଳାକାର ଗୋଷ୍ଠୀ ଭାଗନେଇ ନିଜର କଳା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକର ସନାତନ ତନ୍ତି ଓ ପୂଜା ପରିଚାଳନା କରିଥିଲେ।


ରାଜଗାଙ୍ଗପୁରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି।


ଲହୁଣିପଡ଼ାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି।

# ଫ୍ଲାଏଓଭର ନିର୍ମାଣ ହେଲା, ଡାଇଭରଶନ ହୋଇନି

ସମ୍ବଲପୁର,୫।୨(ଭବାନୀ ଶଙ୍କର ଭୋଇ)



ଦୁର୍ଗାପାଲି ଫ୍ଲାଏଓଭର ପ୍ରବେଶ ପଥ।

**ଜୁହାର ଛକ ବିପଦପୂର୍ଣ୍ଣ**

ସମ୍ବଲପୁର ଦୁର୍ଗାପାଲି ନିକଟସ୍ଥ ପ୍ରବେଶ ପଥରେ ମହାନଗର ନିଗମ ପକ୍ଷରୁ ଏକ ଜୁହାର ଆକୃତିର ପ୍ରତିକୃତି ନିର୍ମାଣ କରାଯାଇଛି। ଯାତାୟତକୁ ସୁଗମ କରିବା ପାଇଁ ୬୦କୋଟି ଟଙ୍କା ବ୍ୟୟରେ ଦୁର୍ଗାପାଲି ରେଲୱେ ଫ୍ଲାଏଓଭର ନିର୍ମାଣ ହୋଇଛି। ତେବେ ଜାତୀୟ ରାଜପଥରେ ସହରକୁ ପ୍ରବେଶ କରିବା ପାଇଁ କୋଣସି ଡାଇଭରଶନ କିମ୍ବା ସର୍ଭିସ ରୋଡ ନିର୍ମାଣ କରାଯାଇନାହିଁ। ଯଦ୍ଦ୍ୱାରା ସହରରୁ ଯାନବାହାନଗୁଡିକ କୌଣସି ମତେ ରାଜପଥକୁ ଓହ୍ଲାଉଛନ୍ତି। ତେବେ ବୁର୍ଲା ପଟୁ ସମ୍ବଲପୁର ଭିତରକୁ ଯିବା ପାଇଁ ଫ୍ଲାଏଓଭରରେ ଚଢିବାକୁ ଚାହୁଁଥିବା ଯାତ୍ରୀଙ୍କ ପାଇଁ କୌଣସି ସୁବିଧା କରାଯାଇନାହିଁ। ଫଳରେ ଅଧିକାଂଶ ଯାନବାହାନ ରାଜପଥର ବାମକଡରେ ଆସି ଫ୍ଲାଏଓଭରକୁ ଚଢୁଛନ୍ତି। ଯାତ୍ରୀମାନଙ୍କର ଜୀବନ ସବୁବେଳେ ବିପଦପୂର୍ଣ୍ଣ ରହୁଛି। ଏହାକୁ ନେଇ ପୁଣି ଫ୍ଲାଏଓଭର ନିର୍ମାଣ ହେବା ପୂର୍ବରୁ ରହିଥିବା ଡାଇଭରଶନକୁ ଜନସାଧାରଣ ବ୍ୟବହାର କରି ବିପଦପୂର୍ଣ୍ଣଭାବେ ସହରକୁ ପ୍ରବେଶ କରୁଥିଲେ। ତେବେ ଏକୁ ନେଇ ଖବର ପ୍ରକାଶନ ହେବା ପରେ ସେହି ପୁରୁଣା ଡାଇଭରଶନକୁ କଂକ୍ରିଟ ବାଡ ଦେଇ ବନ୍ଦ କରି ଦିଆଯାଇଛି। ଏହାପରେ ବାଇକ ଆରୋହୀମାନେ ରାଜପଥରେ ଥିବା ମେଡିଏନ ମଝିରେ ଥିବା ପାଣିଯିବା ରାସ୍ତାରେ ବାଇକ ପାର ହେଉଛନ୍ତି। ମହାନଗର ନିଗମ ପକ୍ଷରୁ ସେତେବେଳେ ରାଜପଥ ପ୍ରାଧିକରଣ ଛକରେ ଡାଇଭରଶନ ସୁବିଧା ପାଇଁ ଚିଠି କରାଯାଇଥିବା କୁହାଯାଇଥିଲା। ହେଲେ ଘଟଣାକୁ ୭ ମାସ ବିତି ସାରିଛି। ତଥାପି ଡାଭରଶନ ସୁବିଧା କେବେ ହେବ ତାହାର ଉତ୍ତର କାହା ପାଖରେ ନାହିଁ।

ମହାନଗର ନିଗମ ପକ୍ଷରୁ ଏହି ପ୍ରବେଶ ପଥକୁ ଆକର୍ଷଣୀୟ କରିବାକୁ ଚେଷ୍ଟା କରାଯାଇଛି। ହେଲେ ଏହି ପ୍ରବେଶ ପଥ ବର୍ତ୍ତମାନ ଯାତ୍ରୀଙ୍କ ପାଇଁ ସମସ୍ୟାର କାରଣ ପାଲଟିଛି। ମହାନଗର ନିଗମ ପକ୍ଷରୁ ପ୍ରକଳ୍ପ କରାଯାଉଥିବା ବେଳେ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବ୍ୟବସ୍ଥା କରିବା କଥା। ହେଲେ ବହୁ ସମୟରେ କେବଳ ପ୍ରକଳ୍ପ ନିର୍ମାଣ କରି ପାରିପାର୍ଶ୍ୱିକ ବ୍ୟବସ୍ଥା କରାଯାଉ ନ ଥିବାରୁ ସହରବାସୀ ପ୍ରକୃତ ଲାଭ ପାଇପାରୁ ନାହାନ୍ତି। ଏହାକୁ ନେଇ ସାମାଜିକ ଗଣମାଧମରେ ବହୁ ଲୋକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ତେବେ ଏହାପ୍ରତି ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହି ପ୍ରବେଶପଥରେ ବୁର୍ଲା ଅଞ୍ଚଳରୁ ଆସୁଥିବା ଯାତ୍ରୀଙ୍କ ସୁବିଧା ପାଇଁ ଏକ ଗୋଲେଇ ଛକ ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ସମ୍ବଲପୁରକୁ ହରାଇଲା କୁଚିଣ୍ଡା ଭିଜନ କ୍ରିକେଟ



ଅତିଥିଙ୍କ ସହ ବିଜେତା ଦଳର ଖେଳାଳିମାନେ।

କୁଚିଣ୍ଡା,୫।୨(ବିରଞ୍ଚି ଦର୍ଶୀ)

## କୁଚିଣ୍ଡା ଭିଜନ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ସମ୍ବଲପୁର ଜଲା କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମଠାରେ ଚାଲିଥବା ପ୍ରଥମ ଭିଜନ କୁଚିଣ୍ଡା କପ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଚତୁର୍ଥ ଦିବସରେ କୁଚିଣ୍ଡା ଭିଜନ କ୍ରିକେଟ ଏକାଡେମୀ ଏବଂ ସମ୍ବଲପୁର ରେଲୱେ କ୍ରିକେଟ ଏକାଡେମୀ ମଧ୍ୟରେ ମ୍ୟାଚ ହୋଇଥିଲା। କୁଚିଣ୍ଡା ଦଳ ଟସ୍‌ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୨୫ ଓଭରରେ ୬ ଉଇକେଟ ବିନିମୟରେ ୨୭୩ ରନ କରିଥିଲା। କୁଚିଣ୍ଡାର ଅନ୍ତର୍ଯ୍ୟାମୀ ମାଝି ୫୮ ବଲରେ ୧୦୧ ରନ ରଜନୀକାନ୍ତ ବାରିକ ୩୪ ବଲରେ ୬୮ ରନ, ସାଗର ପ୍ରଧାନ ୨୪ ବଲରେ ୪୦ ରନ କରିଥିଲେ। ଜବାବରେ ସମ୍ବଲପୁର ଦଳ ୨୫ ଓଭରରେ ୯ ଉଇକେଟ ହରାଇ ୧୨୭ ରନ କରି ପାରିଥିଲା। ଫଳରେ କୁଚିଣ୍ଡା ଦଳ ୧୪୬ ରନରେ ବିଜୟୀ ହୋଇଥିଲା। ଏହି ମ୍ୟାଚକୁ ଓସିଏ ସ୍ୱୀକୃତିପ୍ରାପ୍ତ ଅମ୍ପେୟାର ସଞ୍ଜୟ ନାଏକ ଏବଂ ମହମ୍ମଦ ଇଶାକ ପରିଚାଳନା କରିଥିଲେ। ପୂର୍ବତନ ନଗରପାଳ ଅଖିଳ ପ୍ରତାପ ସିଂ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କେଦାର ବରିହା, ସଞ୍ଜିତ ଶର୍ମା, ସଞ୍ଜୟ ମହାନନ୍ଦ, ଡ଼ା. ଶରତ ଚନ୍ଦ୍ର ଗୌନ୍ତିଆ, ଆରତୀ ନାୟକ ଅତିଥିଭାବେ ଯୋଗଦେଇ ମ୍ୟାଚ ଶୁଭାରମ୍ଭ କରିଥିଲେ। ମ୍ୟାଚ ସମାପନ ପରେ ପୁରସ୍କାର ବିତରଣୀ ସମାରୋହରେ ଅଟଳ ଯୋଗ ସମିତି ପ୍ରତିଷ୍ଠାତା ସତ୍ୟନାରାୟଣ ଅଗ୍ରୱାଲ, ମନୋଜ ସାହୁ, ଆଇନଜୀବୀ ଶୈଳେନ୍ଦ୍ର ନାୟକ, ଅନ୍ନପୂର୍ଣ୍ଣା ପୃଷ୍ଟି, କୁନି ସାହୁ, ମାହି ଡେକୋର ପରିଚାଳକ ରାହୁଲ ଅଗ୍ରୱାଲ ଯୋଗଦେଇ ମ୍ୟାନ ଅଫଦି ମ୍ୟାଚ ବିବେଚିତ ଅନ୍ତର୍ଯ୍ୟାମୀ ମାଝୀଙ୍କୁ ପୁରସ୍କୃତ କରିଥିଲେ। ଏହାକୁ କୁଚିଣ୍ଡା ଭିଜନ କପ କ୍ରିକେଟ ଟୁର୍ନାମେଣ୍ଟ ସଭାପତି ନଳିନୀକାନ୍ତ ମହାନ୍ତି, ଉପସଭାପତି ଅମିତ ମିଶ୍ର, ସାଧାରଣ ସମ୍ପାଦକ ଉଦିତ ରଞ୍ଜନ ଦଶଭାୟା, ମହେଶ ରାୟ, ହିମାଂଶୁ ପଟ୍ଟନାୟକ, ଭକ୍ତ ଜେନା, ଦିବ୍ୟ ପ୍ରକାଶ ମହାପାତ୍ର, ଯତୀନ ପଟେଲ, ଦିଲୀପ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ସ୍ୱଧର୍ମକୁ ଫେରିଲେ ୪୭ ପରିବାର



ଧର୍ମ ରକ୍ଷାଯଜ୍ଞ ସଭାରେ ସାଧୁସନ୍ଥଙ୍କ ସହ ଧର୍ମ ପ୍ରଚାରକମାନେ।

କୁଚିଣ୍ଡା,୫।୩(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ବ୍ଲକର ସୋଲବଗା ଦେମାତା ମହିଳା ଆଶ୍ରମସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଗୁରୁବାର ବିଭିନ୍ନ ଅଞ୍ଚଳରୁ ୪୭ପରବରର ୧୬୩ ସଦସ୍ୟ ହିନ୍ଦୁ (ସନାତନ) ଧର୍ମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପଶ୍ଚିମପ୍ରାନ୍ତ ବିଶ୍ୱହିନ୍ଦୁ ପରିଷଦ ଧର୍ମ ପ୍ରସାର ବିଭାଗ ପକ୍ଷରୁ ଆୟୋଜିତ ଧର୍ମ ରକ୍ଷା ଯଜ୍ଞରେ ଏହି ପରିବାର ସାମିଲ ହୋଇ ସ୍ୱଧର୍ମ (ହିନ୍ଦୁ)କୁ ଫେରି ସେମାନେ କେମିତି ପ୍ରଲୋଭନର ଶିକାର ହୋଇଥିଲେ ସେସବୁ ଯଜ୍ଞ ସଭାରେ ପ୍ରକାଶ କରିଥିଲେ। ସୂଚନା ଅନୁଯାୟୀ, ସମ୍ବଲପୁର ଜିଲାର କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକ ଏବଂ ଦେବଗଡ଼ ଜଲା ତିଲେଇବଣି ବ୍ଲକର ଲଇମୁରା ଅଞ୍ଚଳରୁ ୪୭ ପରିବାର ଅନେକ ଦିନ ପୂର୍ବରୁ ଖ୍ରୀଷ୍ଟ ଧର୍ମାବଲାମ୍ବୀ ପ୍ରଚାରକଙ୍କ ଦ୍ୱାରା ପ୍ରଲୋଭନର ଶିକାର ହୋଇଥିଲେ। ସେମାନେ ବିଭିନ୍ନ ପ୍ରକାର ରୋଗ ବ୍ୟାଧିରେ ପୀଡିତ ଥିବାରୁ ଏସବୁ ଭଲ ହେବାର ଖ୍ରୀଷ୍ଟଧର୍ମ ପ୍ରଚାରକମାନେ ପ୍ରତିଶୃତି ଦେଇଥିଲେ। ଜୀବନ ବିକଳରେ ସେମାନେ ହିନ୍ଦୁଧର୍ମ ଛାଡି ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ରୋଗ ବ୍ୟାଧିରୁ ମୁକ୍ତ ନହୋଇ ସେମାନେ ଠକାମିର ଶିକାର ହୋଇଥିବା ଜାଣିବା ପରେ ନିଜ ଭୁଲ ବୁଝିପାରି ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ କରିଥିବା କହିଛନ୍ତି। ପଶ୍ଚିମପ୍ରାନ୍ତ ବିଶ୍ୱହିନ୍ଦୁ ପରିଷଦ ଧର୍ମ ପ୍ରସାର ବିଭାଗ ପକ୍ଷରୁ ଆୟୋଜିତ ଧର୍ମରକ୍ଷା ଯଜ୍ଞରେ ବଶ୍ୱହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତ ସଭାପତି ରାଜକୁମାର ବଡ଼ପଣ୍ଡା, ସାମୀ ଜୀବନ ମୁକ୍ତାନନ୍ଦ ପୁରିଜୀ ମହାରାଜ, ଶିବାନନ୍ଦ ବାବା, ଧର୍ମ ପ୍ରସାର ବିଭାଗ ସହପ୍ରାନ୍ତ ପ୍ରମୁଖ ଅଚ୍ୟୁତାନନ୍ଦ କର, ବିଶ୍ୱହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ସତ୍ୟନାରାୟଣ ଥାନାପତି, ଜନସଂଘ ଟ୍ରଷ୍ଟ କୋଷାଧ୍ୟକ୍ଷ ତଥା ଧର୍ମପ୍ରସାର ବିଭାଗର ଦୌଲତ ଅଗ୍ରୱାଲ, ଶେଷଦେବ ବାବା ପ୍ରମୁଖ ଯୋଗଦେଇ ହିନ୍ଦୁ ସନାତନ ଧର୍ମର ବିଶ୍ୱାସନୀୟତା ଓ ଜଗତଗୁରୁଙ୍କ ନୀତି ବାଣୀ ଶୁଣାଇଥିଲେ। ପରେ ଗଙ୍ଗାଜଳରେ ଗୋଡ଼ ଧୋଇ ପଞ୍ଚାମୃତ ସେବନ କରାଇସହ, ମାଳ ପିନ୍ଧାଇ ଏହି ପରିବାରଙ୍କୁ ସାମିଲ କରିଥିଲେ। ହୋମଯଜ୍ଞ ଓ ମନ୍ତ୍ର ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ପଣ୍ଡିତ ଅଲେଖ ପତି, ସୁରେନ୍ଦ୍ର ଶାସ୍ତ୍ରୀ ଓ ସୁଶାନ୍ତ ଶାସ୍ତ୍ରୀ ପ୍ରମୁଖ ହୋମଯଜ୍ଞରେ ମନ୍ତ୍ରପାଠ କରିଥିଲେ। ଏଥିରେ ବିଶ୍ୱହିନ୍ଦୁ ପରିଷଦର ବିଭିନ୍ନ ପ୍ରାନ୍ତର କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁସଂଖ୍ୟକ ହିନ୍ଦୁ ମହିଳା ପୁରୁଷ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଜ୍ଜନ ଖଣ୍ଡେଲୱାଲ, ସରୋଜ ଦାସ, ତୁଳାରାମ ବାବା, ସୁବୋଧ ପଟେଲ, ଦିଲୀପ କୁମାର ବେହେରା, ଅବନୀ ପ୍ରସାଦ ବେହେରା, ସୁମନ୍ତ ସିଂ ମହାପାତ୍ର, ବସନ୍ତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ପାନୀୟ ଜଳ ସମସ୍ୟା ଦୂର ନହେଲେ ଆନ୍ଦୋଳନ

ସମ୍ବଲପୁର,୫।୨(ପ୍ରମୋଦ ବହିଦାର)

ସମ୍ବଲପୁର ସହରରେ ପାନୀୟ ଜଳ ସମସ୍ୟା ତୁରନ୍ତ ସମାଧାନ ନ ହେଲେ ବିଜେଡି ଆନ୍ଦୋଳନ ପୂର୍ବକ ଓଡ଼ିଶା ଜଳ ନିଗମ ବା ୱାଟର କର୍ପୋରେଶନ ଅଫ୍ ଓଡ଼ିଶା(ୱାଟକୋ) କାର୍ଯ୍ୟାଳୟକୁ ଘେରାଉ କରିବ। ଏହିମର୍ମରେ ଚେତାବନୀ ଦେଇଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ. ରୋହିତ ପୂଜାରୀ। ସେ ଏକ ପ୍ରେସ ବିବୃତି ମାଧ୍ୟମରେ କହିଛନ୍ତି, ତିନି ଦିନରୁ ଊର୍ଦ୍ଧ୍ୱ ସମୟ ହେଲା ସମ୍ବଲପୁର ସହରର ଅଧିକାଂଶ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ତେବେ ସବୁଠାରୁ ଚିନ୍ତାଜନକ ବିଷୟ ହେଲା, ପାନୀୟ ଜଳ ସମସ୍ୟା ଯୋଗୁ ଉକ୍ତ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ତିନି ଦିନ ବିତି ଯାଇଥିଲେ ସୁଦ୍ଧା ସହରରେ ଜଳ ଯୋଗାଣ ଦାୟିତ୍ୱରେ ଥିବା ୱାଟ୍‌କୋ ପାନୀୟ ଜଳ ସମସ୍ୟା ଦୂର କରି ପାରିନାହିଁ। କିଛିଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ସମ୍ବଲପୁର ଗସ୍ତରେ ଆସି ସହରବାସୀଙ୍କୁ ୨୪ ଘଣ୍ଟା ପାନୀୟ ଜଳ ଯୋଗାଣ ପାଇଁ ଘୋଷଣା କରିଥିଲେ। ଏହା ସତ୍ତ୍ୱେ ସମ୍ବଲପୁର ସହରରେ ଗତ ୭୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ହେଲା ଜଳ ଯୋଗାଣ ସମସ୍ୟା ଦୂର ହୋଇ ନ ପାରିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ଏହି ପ୍ରସଙ୍ଗରେ ପୂଜାରୀ କହିଛନ୍ତି, ତାଙ୍କ ପ୍ରଚେଷ୍ଟାରେ ବିଜେଡି ସରକାର ଅମଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମ କ୍ରମେ ସମ୍ବଲପୁର ଜିଲାର ବିଭିନ୍ନ ପୌର ପରିଷଦ ଓ ଏନ୍‌ଏସି ସହିତ ଗ୍ରାମାଞ୍ଚଳରେ ବୃହତ୍ ପାନୀୟ ଜଳ ପ୍ରକଳ୍ପ ପାଇଁ କାର୍ଯ୍ୟାରମ୍ଭ ହୋଇଥିଲା। ମାତ୍ର ବିଡ଼ମ୍ବନାର ବିଷୟ ରାଜ୍ୟରେ ଭାଜପା କ୍ଷମତା ଆସିବା ପରେ ଉକ୍ତ ପ୍ରକଳ୍ପଗୁଡ଼ିକର ଗତି ଅତି ମନ୍ଥର ହେବା ସହ ଶେଷ ହେବା ନାଁ ନେଉନାହିଁ ବୋଲି ସେ କହିଛନ୍ତି।

# ଫାଇନାଲରେ ନବଜୀବନ ସୁନ୍ଦରଗଡ଼

ସମ୍ବଲପୁର,୫।୨(ଭବାନୀ ଶଙ୍କର ଭୋଇ)




ସୁନ୍ଦରଗଡ଼ର ରାହୁଲ ଛତ୍ରୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

## ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ଅନ୍ତର୍ଗତ ଜେ. ରେଙ୍ଗାଲିସ୍ଥିତ ରଜାଚୌରି ଖେଳ ପଡ଼ିଆରେ ଚାଲିଥିବା ୨୪ ତମ ସହିଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ପ୍ରଥମ ସେମି ଫାଇନାଲ ମ୍ୟାଚରେ ଡିସିଏ ଦେବଗଡ଼କୁ ହରାଇ ସୁନ୍ଦରଗଡ ନବଜୀବନ କ୍ରିକେଟ କ୍ଲବ ଫାଇନାଲରେ ପ୍ରବେଶ କରିଛି। ଦେବଗଡ଼ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୨୭ ଓଭରରେ ୬ ଉଇକେଟ ହରାଇ ୧୮୯ ରନ କରିଥିଲା। ଦଳ ତରଫରୁ ସିଦ୍ଧାର୍ଥ ନାଏକ ୪୮, ଜିତେନ୍ଦ୍ର ବିଶାଳ ୪୭ ଓ ଲିଙ୍ଗରାଜ ସାହୁ ୨୭ ରନ କରିଥିଲେ। ସୁନ୍ଦରଗଡ଼ର ରାହୁଲ ଛତ୍ରୀ ଓ ପୀୟୁଷ ପାଣିଗ୍ରାହୀ ପ୍ରତ୍ୟେକ ୨ଟି ଲେଖାଏ ଏବଂ ସାହିଲ ପ୍ରସାଦ ଓ ଧନୁ ପ୍ରସାଦ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସୁନ୍ଦରଗଡ଼ ଦଳ ୨୫.୫ ଓଭରରେ ୭ ଉଇକେଟ ହରାଇ ଆବଶ୍ୟକ ୧୯୦ ରନ କରିଥିଲା। ଦଳର ବିଭାସ ସା ୫୮, ଆଦିତ୍ୟ ଆନନ୍ଦ ୩୨ ଓ ଉମେଶ କୁମାର ଗୌତମ ୨୬ ରନକରିଥିଲେ। ଦେବଗଡ଼ର ସୋହମରାଜ ମହାପାତ୍ର ୨ଟି, ସିଦ୍ଧାର୍ଥ ନାଏକ, ଜିତେନ୍ଦ୍ର ବିଶାଳ, ପ୍ରବୀଣ ତିର୍କୀ ଓ ଏସ.କେ ନକିବ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଫଳରେ ସୁନ୍ଦରଗଡ଼ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପୁରସ୍କାର ବିତରଣ ଉତ୍ସବରେ ସ୍ୱେଚ୍ଛାସେବୀ ବରୁଣ ଦେହୁରୀ, ଅବସରପ୍ରାପ୍ତ ଶିକ୍ଷକ ଭୀମସେନ ସାହୁ ଓ ଓଡ଼ିଶା ଅଲିମ୍ପିକ୍ସ ଆସୋସିଏଶନ ଉପସଭାପତି ତଥା ସମ୍ବଲପୁର ଜିଲା କ୍ରିକେଟ ସଂଘ ସମ୍ପାଦକ ଦୁଲାଳ ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେଇ ସୁନ୍ଦରଗଡ଼ର ରାହୁଲ ଛତ୍ରୀଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ।

# କଟଙ୍ଗପାଣି ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

ଜମନକିରା,୫।୨(ରବୀନ୍ଦ୍ର ପ୍ରସାଦ ଦାନୀ)




ଉତ୍ସବରେ ଉପସ୍ଥିତ ଅତିଥିମାନେ।

ସମ୍ବଲପୁର ଜିଲା ଜମନକିରା ବ୍ଲକ କଟଙ୍ଗପାଣି ପଞ୍ଚାୟତ ସଦର ମହକୁମାସ୍ଥିତ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଐଶ୍ୱର୍ଯ୍ୟ ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠ ପଢିବା ସହ ନିଜର ଲୁକ୍କାୟିତ ପ୍ରତିଭାକୁ ବିକାଶିତ କରିବା ଦିଗରେ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜରାବଗା ଆଶ୍ରମ ସ୍କୁଲ ପ୍ରଧାନଶିକ୍ଷକ ପଙ୍କଜ କୁମାର ବେହେରା ଯୋଗଦେଇ କର୍ତ୍ତବ୍ୟ ନିଷ୍ଠା, ଏକାଗ୍ରତା, ସତ୍ୟବାଦୀତା, କର୍ମତତ୍ପର ଏବଂ ପରୋପକାରୀ ହେବାକୁ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ। ପ୍ରଧାନଶିକ୍ଷକ ରାଜ କିଶୋର ପ୍ରସାଦ ସଭାରେ ଅଧକ୍ଷତା କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି କ୍ଷୀର ସାଗର ପ୍ରଧାନ ବିବରଣୀ ପଠନ କରିଥିଲେ। ସମ୍ମାନିତ ଅତିଥିଭାବେ ଜାମୁମାଲ ଆଶ୍ରମ ସ୍କୁଲ ପ୍ରଧାନଶିକ୍ଷକ ବିଷ୍ଣୁ ଚରଣ ଧାନ, ନାଏବ ସରପଞ୍ଚ ପ୍ରମୋଦ କୁମାର ପଟେଲ, ସମିତି ସଭ୍ୟ ସନାତନ ବାଘ, ସିଆରସିସି ରମଣୀ ରଞ୍ଜନ କିସାନ ପ୍ରମୁଖ ମଞ୍ଚାସୀନ ଥିଲେ। ସଭା କାର୍ଯ୍ୟକୁ ସହକାରୀ ଶିକ୍ଷକ ସୁଶାନ୍ତ ଦେହୁରୀ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ସୁମିତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ମହିଳାମାନଙ୍କ ପାଇଁ ଏଆଇର ସୁରକ୍ଷା ଢାଞ୍ଚା ଜରୁରୀ




ସୁଇଟରେ ଆୟୋଜିତ ଜାତୀୟ କର୍ମଶାଳାରେ ଅତିଥି ଏବଂ ଅଧ୍ୟାପକ ବୃନ୍ଦ।

ସମ୍ବଲପୁର,୫।୨(ଭବାନୀ ଶଙ୍କର ଭୋଇ)

## ସୁଇଟ୍‌ରେ ସାଇବର ସୁରକ୍ଷା ଉପରେ ଦୁଇଦିନିଆ ଜାତୀୟ କର୍ମଶାଳା

ମହିଳା ମାନଙ୍କ ପାଇଁ ସାଇବର ସୁରକ୍ଷାରେ କୃତ୍ରିମ ବୁଦ୍ଧିମତ୍ତାର ବର୍ଦ୍ଧିତ ଗୁରୁତ୍ୱ ଉପରେ ଦୁଇଦିନିଆ ଜାତୀୟ କର୍ମଶାଳା ଗୁରୁବାର ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇନଷ୍ଟିଚ୍ୟୁଟ ଅଫ ଇନଫର୍ମେଶନ ଟେକ୍ନୋଲୋଜି(ସୁଇଟ୍)ରେ ଆରମ୍ଭ ହୋଇଛି। ସୁଇଟ୍ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗ ଦ୍ୱାରା ପିଏମ୍ ଉଷା ଯୋଜନା ଅଧୀନରେ ଏହି କର୍ମଶାଳା ଆୟୋଜିତ ହେଉଛି। ଉଦ୍‌ଘାଟନୀ ଅଧିବେଶନରେ ସଂଯୋଜକ ଡକ୍ଟର କଲ୍ୟାଣ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଦିନକୁ ଦିନ ମହିଳାମାନେ ଏଆଇର ନକାରାତ୍ମକ ପ୍ରୟୋଗ ଯୋଗୁ ଅସୁରକ୍ଷିତ ହେଉଛନ୍ତି। ତେଣୁ ସାଇବର ସୁରକ୍ଷା ଢାଞ୍ଚାକୁ ସୁଦୃଢ଼ କରିବାରେ କୃତ୍ରିମ ବୁଦ୍ଧିମତ୍ତାର ବର୍ଦ୍ଧିତ ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ସମାବେଶକୁ ସମ୍ବୋଧିତ କରି ସୁଇଟ୍ ନିର୍ଦ୍ଦେଶକ ପ୍ରଫେସର ସୁଦର୍ଶନ ଜେନା ସାଇବର ସୁରକ୍ଷା କ୍ଷେତ୍ରରେ ଗବେଷଣା, ନବସୃଜନ ଏବଂ ସଚେତନତାକୁ ପ୍ରୋତ୍ସାହିତ କରିବାରେ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଛାତ୍ରୀଛାତ୍ର ଏବଂ ଅଧ୍ୟାପକମାନଙ୍କୁ ଏଆଇ-ଭିତ୍ତିକ ସୁରକ୍ଷା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ।

ସମ୍ମାନୀତ ଅତିଥି ପିଏମ୍ ଉଷା ଯୋଜନାର ନୋଡାଲ ଅଧିକାରୀ ପ୍ରଫେସର ମୀନାକେତନ ସାହୁ ଗବେଷଣାକୁ ଆଗକୁ ବଢାଇବା ଏବଂ ମହିଳା କୈନ୍ଦ୍ରିକ ପ୍ରଯୁକ୍ତିବିଦ୍ୟା ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ କରାଯାଉଥିବା ସରକାରୀ ପଦକ୍ଷେପ ଏବଂ ସହାୟତା ବ୍ୟବସ୍ଥା ଉପରେ ବକ୍ତବ୍ୟ ରଖିଥିଲେ। କର୍ମଶାଳାର ମୁଖ୍ୟ ପୃଷ୍ଠପୋଷକ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ସାଇବର କ୍ଷେତ୍ରରେ ବୃଦ୍ଧି ପାଉଥିବା ସମସ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। ସାଇବର ବିପଦରୁ ମହିଳାଙ୍କୁ ସୁରକ୍ଷା ଦେବା ପାଇଁ ବୁଦ୍ଧିମତ୍ତା ବ୍ୟବହାର କରି ଦୃଢ଼ ସୁରକ୍ଷା ଢାଞ୍ଚା ଜରୁରି ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ଧରାବତ ରମେଶ ଆଇଆଇଟି ଧାନବାଦ ଏଆଇ ଚାଳିତ ସାଇବର ସୁରକ୍ଷା ଉପକରଣ ଏବଂ ସେମାନଙ୍କର ବାସ୍ତବ ବିଶ୍ୱ ପ୍ରୟୋଗ ଉପରେ ଅଭିଭାଷଣ ରଖିଥିଲେ। ସେ ସାମାଜିକ ଭାବରେ ପ୍ରାସଙ୍ଗିକ ଏବଂ ସମୟୋଚିତ ବିଷୟବସ୍ତୁ ଉପରେ ଏକ ଜାତୀୟସ୍ତରୀୟ କର୍ମଶାଳା ଆୟୋଜନ କରିବା ପାଇଁ ସୁଇଟ୍‌କୁ ପ୍ରଶଂସା କରିଥିଲେ। କର୍ମଶାଳା ଶେଷରେ ସହ-ସଂଯୋଜକ ଡକ୍ଟର ତୁଷାର କାନ୍ତ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ଦେଶର ବିଭିନ୍ନ ଅଞ୍ଚଳରୁ ଶିକ୍ଷାବିତ୍, ଗବେଷକ, ଛାତ୍ର ଏବଂ ସାଇବର ସୁରକ୍ଷା ବୃତ୍ତିଗତ ଅଂଶଗ୍ରହଣ କରିଛନ୍ତି।

# ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ନିଯୁକ୍ତି ମେଳା

ସମ୍ବଲପୁର,୫।୨(ବି.ଶଙ୍କର)



ଗୁରୁବାର ଆୟୋଜିତ ନିଯୁକ୍ତି ମେଳାରେ ଅଧିକାରୀ, କର୍ମଚାରୀ ଏବଂ ଅଶାୟୀମାନେ।

## ୨୧ଟି କମ୍ପାନୀ ଅଂଶଗ୍ରହଣ କଲେ

ସମ୍ବଲପୁର ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ସରକାରୀ ମହାବିଦ୍ୟାଳୟ ପରିସରରେ ଗୁରୁବାର ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ପ୍ରଦୀପ କୁମାର ହରପାଲଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଡ.ମୁରଲୀଧର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ପ୍ଲେସମେଣ୍ଟ ସେଲର କୋଅର୍ଡିନେଟର ଅଧ୍ୟାପକ ସନ୍ତୋଷ ରଞ୍ଜନ ବେହେରାଙ୍କ ସଂଯୋଜନାରେ ହୋଇଥିବା ଉଦ୍‌ଘାଟନୀ ଉତ୍ସବରେ ଡିଆଇସି ଜେନେରାଲ ମ୍ୟାନେଜର ଛତିଶ ଚନ୍ଦ୍ର ନାୟକ, ବିଓପିଟିର ଆସିଷ୍ଟାଣ୍ଟ ଡାଇରେକ୍ଟର ସୁସ୍ମିତା ଘୋଷ, ଜୁନିଅର ଏମ୍ପ୍ଲୟମେଣ୍ଟ ଅଫିସର ଏଲବି ସାହୁ, ବିଓପିଟି ଓଏସଡି ବିଜୟ ପ୍ରଧାନ ଏବଂ ଅଜିତ ପ୍ରଧାନୀ ଯୋଗଦାନ କରିଥିଲେ। ଏହି ମେଳାରେ ଏମ୍‌ସିଏଲ, ଅର୍ନପୂର୍ଣ୍ଣା ଫାଇନାନ୍ସ ଲିମିଟେଡ, କୁଏସ କର୍ପ, ଅଟୋମୋଟିଭ ଏଏକ୍ସଏଲ ଲିମିଟେଡ, ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡ, ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ, ନ୍ୟାଶନାଲ ଆଲୁମିନିୟମ କମ୍ପାନୀ, ଓଡ଼ିଶା ମାଇନିଙ୍ଗ କର୍ପୋରେଶନ, ଆଦିତ୍ୟ ଆଲୁମିନିୟମ, ଟିପିଡବ୍ଲୁଓଡିଏଲ, ଜେଏସଡବ୍ଲ୍ୟୁ ବିପିଏସଏଲ, ବେଦାନ୍ତ ଲିମିଟେଡ, ପାରାଦୀପ ଫସଫେଟ୍ ଲିମିଟେଡ, ହିଣ୍ଡାଲକୋ ଗ୍ରୁପ, କାଇଁସରା ଇନଫ୍ରା ପ୍ରୋଜେକ୍ଟ, ଶିବା ସିମେଣ୍ଟ ଲିମିଟେଡ, ହାରଲ୍ଡ ମେନ୍‌ପାୱାର, ଗୋଆ କାର୍ବନ, ଏନ୍‌ଏସଇଆର, ଓଡ଼ିଶୀ ମୋଟର୍ସ, ଭୂମିକା ହେଲଥ କେଆର ଆଦି ୨୧ ଗୋଟି କମ୍ପାନୀ ଏଥିରେ ଅଂଶଗ୍ରହଣ କରିଥିଲେ। ୫୭୬ ଜଣ ଯୋଗ୍ୟ ପ୍ରାର୍ଥୀନୀପ୍ରାର୍ଥୀ ଅଂଶଗ୍ରହଣ କରିଥିଲେ। ୩୩୫ ଜଣ ପ୍ରାର୍ଥୀନୀପ୍ରାର୍ଥୀ ଚୂଡାନ୍ତ ପର୍ଯ୍ୟାୟର ସାକ୍ଷାତକାର ପାଇଁ ମନୋନୀତ ହୋଇଥିଲେ। ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିବା ପାଇଁ ଅନ ଲାଇନ ମାଧ୍ୟମରେ ୫୧୪ ଜଣ ରେଜିଷ୍ଟ୍ରେଶନ କରିଥିବାବେଳେ ୬୨ ଜଣ ତତ୍କାଳ ରେଜିଷ୍ଟ୍ରେଶନ କରିଥିଲେ।

# କମସରା ଉଚ୍ଚ ବିଦ୍ୟାଳୟରେ ପଶି ୨ ଯୁବକଙ୍କ ଉନ୍ମତ୍ତକାଣ୍ଡ



ପ୍ରତିବାଦ ସ୍ୱରୂପ ଗୁରୁବାର ସ୍କୁଲ ଗେଟ ସମ୍ମୁଖରେ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

■ ପ୍ରତିବାଦରେ ଶିକ୍ଷୟିତ୍ରୀଶିକ୍ଷକ ବନ୍ଦ କଲେ ଶିକ୍ଷାଦାନ

■ ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ: ଆଇଆଇସି

ତରଭା, ୫।୨ (ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କମସରା ଉଚ୍ଚ ବିଦ୍ୟାଳୟରେ ବୁଧବାର ଅପରାହ୍ନରେ ୨ଜଣ ଯୁବକ ପଶି ଉନ୍ମତ୍ତକାଣ୍ଡ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଅପରାହ୍ନ ପ୍ରାୟ ୩ଟା୩୦ରେ ସେମାନେ ଶ୍ରେଣୀକକ୍ଷକୁ ଆସି ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ଶିକ୍ଷକ ଗୌରୀଶଙ୍କର ସାହୁ ଓ ସତ୍ୟବ୍ରତ ବେହେରାଙ୍କୁ ଠେଙ୍ଗା ଓ ଲାଠିରେ ପିଟିଥିଲେ। ଏଥିରେ ଅନ୍ୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଭୟଭୀତ ହୋଇ ପଡ଼ିଥିଲେ। ପରେ ଶିକ୍ଷକ ଗୌରୀ ଶଙ୍କର ସାହୁ ଏ ନେଇ ତରଭା ଥାନାରେ ଏତଲା ଦେଇଛନ୍ତି। ଏତଲା ଆଧାରରେ ଏକ ମାମଲା(ନଂ. ୪୬/୨୬)ରୁଜୁ ହୋଇଛି। ତଦନ୍ତ ଭାର କମସରା ଫାଣ୍ଡି ଅଧିକାରୀ ସୁରଞ୍ଜି ସେଠୀ ନେଇଛନ୍ତି। ହେଲେ ଗୁରୁବାର ସକାଳ ସୁଦ୍ଧା ଅଭିଯୁକ୍ତ ଆଶିଷ ବିଭାର ଓ ଅମିୟ ଭୂଷଣ ନାଗ ଗିରଫ ନ ହେବାର ପ୍ରତିବାଦ ସ୍ୱରୂପ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସ୍କୁଲରେ ଶିକ୍ଷାଦାନ କରି ନ ଥିଲେ। କାର୍ଯ୍ୟାନୁଷ୍ଠାନ ନହେବା ଯାଏ ସେମାନେ ଶିକ୍ଷା ଦାନ ନ କରି ସମୂହ ଛୁଟିରେ ରହିବେ ବୋଲି କହିଛନ୍ତି। ଏହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପ୍ରଜ୍ଞା ପରମିତା ନାଗଙ୍କ ସହ ୧୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ ଅଛନ୍ତି। ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ବୋଲି ଆଇଆଇସି ଅନିତା କିଡୋ କହିଛନ୍ତି। ଘଟଣା ସମ୍ପର୍କରେ ସେ ଏସପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏସପିଙ୍କ ନିର୍ଦ୍ଦେଶ ମୁତାବକ ୨ଜଣ ପୋଲିସ କର୍ମଚାରୀ ବିଦ୍ୟାଳୟ ପରିସରରେ ନିୟୋଜିତ ରହିବେ ବୋଲି ଆଇଆଇସି ତରଭା କିଡୋ ପ୍ରକାଶ କରିଛନ୍ତି। ଶୁକ୍ରବାର ବିଦ୍ୟାଳୟ ପରିସରରେ ଶିକ୍ଷକ ଓ ଅଭିଭାବକ ଓ ପୋଲିସ ଉପସ୍ଥିତିରେ ଏକ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଛି।

## ସିଏମ୍ ଟ୍ରଫି କବାଡ଼ି ଖେଳାଳି ଚୟନ ଆଜି

ନୂଆପଡ଼ା,୫।୨ (ମଳାରୁ ବେମାଲ)

ଓଡ଼ିଶା ରାଜ୍ୟ ସିଏମ୍ ଟ୍ରଫି କବାଡ଼ି ଟୁର୍ଣ୍ଣାମେଣ୍ଟ ନିମନ୍ତେ ଶୁକ୍ରବାର ସକାଳ ୮ଟାରୁ ନୂଆପଡ଼ାରେ ଖେଳାଳି ଚୟନ କରାଯିବ। ଅନ୍‌ଲାଇନ ଓ ଅଫଲାଇନ୍‌ରେ ପଞ୍ଜୀକରଣ କରିଥିବା ୧୬ ବର୍ଷରୁ କମ ବାଳିକା ଓ ବାଳକ ଅଂଶଗ୍ରହଣ କରିପାରିବେ। ବାଳକ ବିଭାଗରେ ୧୮ ଓ ବାଳିକାରେ ୮ ଜଣ ନିଜ ନାମ ପଞ୍ଜୀକରଣ କରିଛନ୍ତି। ପଞ୍ଜିକୃତ କରିଥିବା ବାଳକ ଓ ବାଳିକା ଜନ୍ମ ତାରିଖର ପ୍ରମାଣପତ୍ର ଆଧାର କାର୍ଡ ଓ ନିଜର ଦୁଇଖଣ୍ଡ ରଙ୍ଗୀନ ପାସପୋର୍ଟ ଫଟୋ ଦାଖଲ କରିବା ଜରୁରୀ। ଜିଲାପାଳଙ୍କ ଆଦେଶ ଅନୁସାରେ ଚୟନ ଶିବିର ନୂଆପଡ଼ା ପିଏମ୍‌ଶ୍ରୀ ନବୋଦୟ ଉଚ୍ଚ ବିଦ୍ୟାଳୟ ପରିସରରେ ହେବାକୁ ସ୍ଥିରୀକୃତ ହୋଇଛି। ପଞ୍ଜିକୃତ ଖେଳାଳି ନିଜର ଖେଳ ପୋଷାକ ସହିତ ଆସିବା ପାଇଁ ଅନୁରୋଧ କରାଯାଇଛି। ଶିବିରରେ ଯେଉଁ ଯୋଗ୍ୟ ହେବେ ସେମାନଙ୍କୁ ଜିଲା ଦଳରେ ସାମିଲ କରାଯିବ ଓ ସେମାନେ ଆଗାମୀ ଦିନରେ ହେବାକୁ ଥିବା ସିଏମ୍ ଟ୍ରଫି କବାଡ଼ି ଖେଳରେ ଭାଗ ନେଇପାରିବେ। ସବିଶେଷ ବିବରଣୀ ପାଇଁ ମହତାବ ଆଡ଼ଭୁଆଡ଼ ପିଇଟି ମାଗୁରପାଣି ଉଚ୍ଚ ବିଦ୍ୟାଳୟଙ୍କ ମୋବାଇଲ ନମ୍ବର ୮୦୧୮୪୮୦୧୨ ଓ ଦେବବ୍ରତ ସାହୁ ଖେଲୋ ଇଣ୍ଡିଆ କବାଡ଼ି ପ୍ରଶିକ୍ଷକଙ୍କ ମୋବାଇଲ ନମ୍ବର ୮୧୬୦୩୯୦୫୬୮ରେ ଯୋଗାଯୋଗ କରିପାରିବେ।

# ଉଗ୍ରସେନ ଗାଦିଚ୍ୟୁତ, କଂସଙ୍କ ସିଂହାସନ ଆରୋହଣ

ବୀରମହାରାଜପୁର,୫।୨ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଭଙ୍ଗାମୁଣ୍ଡାଠାରେ ନବନିର୍ମିତ ଦୁର୍ଗାମାଧବ ମନ୍ଦିର ପ୍ରତିଷ୍ଠା ପାଇଁ ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଧନୁଯାତ୍ରା ମଠର ମହନ୍ତ ହରେକୃଷ୍ଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟାଭିନୟରେ ଦେବକୀ ବସୁଦେବ ବିବାହ, ଉଗ୍ରସେନ ଗାଦିଚ୍ୟୁତ ଓ ଯୁବରାଜ କଂସଙ୍କ ସିଂହାସନ ଆରୋହଣ ଦୃଶ୍ୟ ଅଭିନୀତ ହୋଇଥିଲା। କଂସ ଭୂମିକାରେ ଗୋପାଳ ଦାଶଙ୍କ ଅଭିନୟ ଦର୍ଶକଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ରାଜ ଅତିଥିଭାବେ ଉଲୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତିଲତା ମିଶ୍ରଙ୍କ ପ୍ରତିନିଧି କୃତିବାସ ମିଶ୍ର, ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ, ବୀରମହାରାଜପୁର ମହାବିଦ୍ୟାଳୟ ଅଧ୍ୟାପକ ପ୍ରକାଶ କୁମାର ସେଠ, ଗଣମାଧ୍ୟମ ପ୍ରତିନିଧି ଶେଷଦେବ ବାରିକ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଦରବାରରେ କାଳିଆ ପ୍ରଧାନ, ମନୋରଞ୍ଜନ ମିଶ୍ର, ସୁରୁମଣୀ ମଲ୍ଲିକ, ସମାରୁ ନାଏକ, ଶୁକ୍ରୁ ମେହେର, ପବିତ୍ର ମେହେରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ପ୍ରତିଷ୍ଠା କମିଟି ସଭାପତି ସାଫି ମେହେର, ସମ୍ପାଦକ ମହାଦେବ ନାଏକ, କମିଟି ସଦସ୍ୟ ଉଦ୍ଧବ ମେହେର, ପର୍ଶୁ ସାହୁ କାର୍ଯ୍ୟ ପରିଚାଳନା କରୁଛନ୍ତି। ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଡକ୍ଟର ତ୍ରିଲୋଚନ ପଣ୍ଡା ଓ ଯୁଗଳ କିଶୋର ମିଶ୍ର।




ଦ୍ୱିତୀୟ ସନ୍ଧ୍ୟାରେ ଦେବକୀ-ବସୁଦେବଙ୍କ ବିବାହ ପରର ଦୃଶ୍ୟ।

## ସ୍ୱଚ୍ଛତା ଚିନ୍ତା, ସରପଞ୍ଚ ବାଣ୍ଟିଲେ ଡଷ୍ଟବିନ୍

କୋମନା, ୫।୨ (ମହେଶ ବାଗ)

ପଞ୍ଚାୟତକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ଏକ ଅଭିନବ ପ୍ରୟାସ କରିଛନ୍ତି ନୂଆପଡ଼ା ଜିଲା କୋମନା ପଞ୍ଚାୟତର ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ। ଗାଁର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ଲକ୍ଷ୍ୟରେ ସେ ସ୍ଥାନୀୟ ଦୋକାନୀମାନଙ୍କୁ ଡଷ୍ଟବିନ୍ ବଣ୍ଟନ କରିଛନ୍ତି। ପଞ୍ଚାୟତର ମୁଖ୍ୟ ବଜାର ଓ ଛକଗୁଡ଼ିକରେ ବ୍ୟବସାୟୀମାନେ ଅନେକ ସମୟରେ ଅଳିଆ ଆବର୍ଜନା ରାସ୍ତା ଉପରକୁ ଫିଙ୍ଗିଥାନ୍ତି, ଯାହାଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହ ଦୁର୍ଗନ୍ଧ ବ୍ୟାପିଥାଏ। ଏହାକୁ ରୋକିବା ପାଇଁ ସରପଞ୍ଚ ନିଜେ ବଜାର ବୁଲି ପ୍ରତ୍ୟେକ ଦୋକାନୀଙ୍କୁ ସ୍ୱଚ୍ଛତା ପ୍ରତି ସଚେତନ କରିବା ସହ ଡଷ୍ଟବିନ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ସରପଞ୍ଚଙ୍କ ଏହି ନିଆରା କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏହା ଦ୍ୱାରା ବଜାର ଅଞ୍ଚଳ ସଫାସୁତୁରା ରହିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ସିଡବ୍ଲ୍ୟୁସି ନିର୍ଦ୍ଦେଶକଙ୍କୁ ଭେଟିଲେ ଡ. ଭବାନୀ ନିଆଲ

ଭବାନୀପାଟଣା,୫।୨ (ଉତ୍ତମ କୁମାର ଦାଶ)

ଦିଲ୍ଲୀରେ ସିଡବ୍ଲ୍ୟୁସି ନିର୍ଦ୍ଦେଶକ ନିରଜ କୁମାର ଶର୍ମାଙ୍କୁ ସାକ୍ଷାତ କରିଛନ୍ତି ବିକଶିତ କଳାହାଣ୍ଡି ଓ ନୂଆପଡ଼ାର ଅଧ୍ୟକ୍ଷ ଡ. ଭବାନୀ ଶଙ୍କର ନିଆଲ। ସେ କଳାହାଣ୍ଡି ଜିଲାର ଲୋୟର ଉଦନ୍ତି ଓ ନୂଆପଡ଼ା ଜିଲାର ଅପର ଉଦନ୍ତି ବ୍ୟାରେଜ ପ୍ରକଳ୍ପ ଉପରେ ଚର୍ଚ୍ଚା କରିଥିଲେ। ନୂଆପଡ଼ା ଜିଲା ସିନାପାଲି ବ୍ଲକର ପଟିଆଲପଡ଼ା ଗ୍ରାମ ନିକଟରେ ଉଦନ୍ତି ନଦୀ ଉପରେ ଏକ ବ୍ୟାରେଜ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଏହା ଦ୍ୱାରା ନୂଆପଡ଼ା ଜିଲାର ସିନାପାଲି ଓ ବୋଡେନ ବ୍ଲକର ୮୦୦୦ ହେକ୍ଟର ଜମିକୁ ଜଳସେଚନ କରାଯାଇପାରିବ। ଲୋୟର ଉଦନ୍ତି ଜଳସେଚନ ପ୍ରକଳ୍ପ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ବୋର୍ଡି ଗ୍ରାମ ନିକଟରେ ଉଦନ୍ତି ନଦୀ ଉପରେ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ଅପରୁ ଉଦନ୍ତି ପ୍ରକଳ୍ପର ଜଳଧାରା ଅଞ୍ଚଳ(୧୦୪୪ବର୍ଗକିଲୋମିଟର)କୁ ବାଦ ଦେଲା ପରେ ଲୋୟର ଉଦନ୍ତି ପ୍ରକଳ୍ପ ପାଇଁ ୯୯୯ ବର୍ଗ କିଲୋମିଟର ମୁକ୍ତ ଜଳଧାରା ଅଞ୍ଚଳ ଉପଲବ୍ଧ ହେବ (ଓଡ଼ିଶାରେ ୮୦୫ ବର୍ଗ କିଲୋମିଟର ଏବଂଛତିଶଗଡ଼ରେ ୧୯୪ ବର୍ଗ କିଲୋମିଟର)। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କଳାହାଣ୍ଡି ଜିଲାର ଗୋଲାମୁଣ୍ଡା, ଭବାନୀପାଟଣା ଏବଂ ବଲାଙ୍ଗୀର ଜିଲାର ଟିଟିଲାଗଡ଼ ଭଳି ଚିର ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳର ୧୨,୦୦୦ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ମିଳିବ। ଏହାଦ୍ୱାରା ଖାଦ୍ୟ ଶସ୍ୟ ଉତ୍ପାଦନ ନିଶ୍ଚିତ କରିବା ସହ ସେଠାଅଞ୍ଚଳର ଲୋକମାନଙ୍କର ସାମାଜିକ-ଅର୍ଥନୈତିକ ସ୍ଥିତିରେ ସୁଧାର ଆଣିବ। ପୂର୍ବରୁ ଏ ଉପରେ ଭାରତ ସରକାରର କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର. ପାଟିଲ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଧ୍ୟ ବିକଶିତ କଳାହାଣ୍ଡି ଅଧ୍ୟକ୍ଷ ଡ. ନିଆଲ ସ୍ମାରକ ପତ୍ର ଦେଇସାରିଛନ୍ତି।

# ସମ୍ବଲପୁରୀ ଅର୍କେଷ୍ଟ୍ରାରେ ଦୁଲୁକିଲା ମଞ୍ଚ

ଲାଞ୍ଜିଗଡ଼, ୫।୨ (ଗଣେଶ ଚନ୍ଦ୍ର ନାୟକ)

**ବୁଢାରଜା ମହୋତ୍ସବ**

ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ କୁମାରଗୁଡ଼ା ବୁଢାରଜା ମନ୍ଦିର ପଡ଼ିଆଠାରେ ବୁଧବାର ବୁଢାରଜା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଲାଖବାହାଲି ପଞ୍ଚାୟତ ସମିତି ସଭ୍ୟା ପାର୍ବତୀ ମାଝୀ ମୁଖ୍ୟ ଅତିଥି ଓ ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ମାଝୀ, ସୁମନ୍ତ ଛତ୍ରିଆ, ଅନୁଷ୍ଠାନ ସଭାପତି ରାମଚନ୍ଦ୍ର ମାଝୀ, ଶିବ ମାଝୀ, ଶିବରାମ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସନ୍ଧ୍ୟାରେ ଅଞ୍ଚଳର କଳାକାରଙ୍କୁ ନେଇ ରେକର୍ଡ ଡ୍ୟାନ୍ସ ପ୍ରତିଯୋଗିତା ଓ ପରେ ସମ୍ବଲପୁରୀ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମରେ ମଞ୍ଚ ଦୁଲୁକିଥିଲା। ଶୀତର ପ୍ରକୋପ ସତ୍ତ୍ୱେ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ହରିଶ ସାହୁ ମଞ୍ଚ ପରିଚାଳନା କରିଥିଲେ।


**ଫର୍ମ ନଂ. ୩**

**ଋଣ ଅସୁଲି ନ୍ୟାୟାଧିକରଣ, କଟକ, ଓଡ଼ିଶାଙ୍କ ଇଜଲାସରେ**
**ସି-୬୧, ସେକ୍ଟର-୬, ସିଡିଏ, କଟକ, ଓଡ଼ିଶା**

ଓ.ଏ. ନଂ. ୫୦୨/୨୦୨୫

ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିଃ ... ଆବେଦନକାରୀ

ବନାମ

ସୁଜିତ କୁମାର ସିଂହ ଓ ଅନ୍ୟଜଣେ ... ପ୍ରତିବାଦୀ(ଗଣ)

ପ୍ରାପ୍ତେଷୁ,
୧. ସୁଜିତ କୁମାର ସିଂହ, ବୟସ ପ୍ରାୟ ୪୬ ବର୍ଷ, ପିତା- ରମାଧର ସିଂହ, ଗ୍ରାମ/ପୋଷ୍ଟ- କୋଇଡ଼ା, ୟୁନିୟନ ଅଫିସ ପାଖ, ସୁନ୍ଦରଗଡ଼- ୭୭୦୦୪୮
୨. ସାବିତ୍ରୀ ଦେବୀ, ବୟସ ପ୍ରାୟ ୪୪ ବର୍ଷ, ପିତା- ଭୁନେଶ୍ୱର ସିଂହ, ଗ୍ରାମ/ପୋଷ୍ଟ- କୋଇଡ଼ା, ୟୁନିୟନ ଅଫିସ ପାଖ, ସୁନ୍ଦରଗଡ଼- ୭୭୦୦୪୮

**ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣ ଦର୍ଶାଇବା ପାଇଁ ଖବରକାଗଜ ପ୍ରକାଶନ ଦ୍ୱାରା ସମନ**

[illegible]

ମୋ ଦସ୍ତଖତ ଓ ଏହି ନ୍ୟାୟାଧିକରଣଙ୍କ ମୋହର ଅଧୀନରେ ଅଦ୍ୟ ୨୨ ଜାନୁଆରୀ ୨୦୨୬ରେ ପ୍ରଦତ୍ତ।

(ନିଖିଲ ରଞ୍ଜନ ପତି) ନିବନ୍ଧକ



**ଦ.ପୂ. ରେଳପଥ – ଟେଣ୍ଡର**

[illegible]

www.ireps.gov.in

(PR-1147)



**GOVERNMENT OF ODISHA**
**DISTRICT PROJECT OFFICE**
**SAMAGRA SHIKSHA, PURI**

ଓଡ଼ିଶା ସରକାର

E-mail ID: dpcpurissa.opepa@nic.in

**"e" Procurement Notice**

**Bid Identification No.-DPC/SS/PURI/01 of 2025-26**
**Letter No.419/Civil/Date: 3.2.2026**

| | | |
|---|---|---|
| 1. | District Project Co-ordinator, Samagra Shiksha, Puri on behalf of Government of Odisha inviting percentage rate bid in Single Cover System on ONLINE mode from eligible contractors with valid licenses for "Construction of Additional Classroom (Civil+Electrical+PH) in the schools" as detailed in DTCN. | |
| 2. | Nature of Work | Construction of Additional Classroom (Civil+ Electrical+ PH) in the schools. |
| 3. | No. of Works | 04 (Four Nos.) |
| 4. | Cost of Tender Paper | Rs.6,000/- |
| 5. | Class of Contractor | "D" & "C" in 3 Project and "C" & "B" in 1 Projects |
| 6. | Availability of bid document in the website | From 10.00 hours of date-06.02.2026 to 17.00 hours of date- 25.02.2026 |
| 7. | Date of Opening of Bid | 11.00 AM on Dt.26.02.2026 |
| 8. | The bidders have to participate in ONLINE bidding only. Further details can be seen from the website (https://tendersodisha.gov.in). Any addendum/ corrigendum/ cancellation of tender can also be seen in the said website only. | |

Sd./-
District Project Co-ordinator
Samagra Shiksha, Puri



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ
ଭୁବନେଶ୍ୱର – 751001, ଓଡ଼ିଶା

**ଟେଣ୍ଡର ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଓଡ଼ିଶା ତରଫରୁ ଯୋଗ୍ୟ ଫର୍ମମାନଙ୍କ ଠାରୁ ଦୁଇ-ଭାଗୀୟ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହା ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶାର ମୁଖ୍ୟ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅଧିକାରୀମାନଙ୍କ ଲାଉଞ୍ଜ ଏବଂ ଡାଇନିଂ ରୁମ (OLDR), କର୍ମଚାରୀ କ୍ୟାଣ୍ଟିନ ଏବଂ ଟା ପ୍ୟାଣ୍ଟ୍ରିର ପରିଚାଳନା ପାଇଁ କ୍ୟାଟରିଂ ସେବା ପ୍ରଦାନ ପାଇଁ ଅଟେ। ଏହି କାର୍ଯ୍ୟର ଆନୁମାନିକ ମୂଲ୍ୟ ₹88,00,000/- ଅଟେ।

ଆଗ୍ରହୀ ଫର୍ମମାନେ ବ୍ୟାଙ୍କର ୱେବସାଇଟ www.rbi.org.in ଦର୍ଶନ କରିପାରିବେ କିମ୍ବା ଅଧିକ ସୂଚନା ପାଇଁ ମାନବ ସମ୍ବଳ ପରିଚାଳନା ବିଭାଗ (HRMD), ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ସହ ସମ୍ପର୍କ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଟେଣ୍ଡର ଦାଖଲ କରିବାର ଶେଷ ତାରିଖ 12 ମାର୍ଚ୍ଚ 2026, 12:00 ଘଣ୍ଟା ପର୍ଯ୍ୟନ୍ତ ଅଟେ।

ବ୍ୟାଙ୍କ କୌଣସି କାରଣ ଦର୍ଶାଇବା ବିନା ଯେକୌଣସି କିମ୍ବା ସମସ୍ତ ଟେଣ୍ଡର ଅସ୍ୱୀକାର କରିବାର ଅଧିକାର ସଂରକ୍ଷିତ ରଖିଛି।

ଆଞ୍ଚଳିକ ନିର୍ଦ୍ଦେଶକ,
ଭାରତୀୟ ରିଜର୍ଭ ବ୍ୟାଙ୍କ,
ଭୁବନେଶ୍ୱର



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ
ଭୁବନେଶ୍ୱର – 751001, ଓଡ଼ିଶା

**ଟେଣ୍ଡର ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇ-ପର୍ଯ୍ୟାୟ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି, ଯାହାର ଉଦ୍ଦେଶ୍ୟ ହେଉଛି ଟା/କଫି ଭେଣ୍ଡିଂ ମେସିନ୍‌ର ସ୍ଥାପନା ଏବଂ ଭେଣ୍ଡିଂ ମେସିନ୍‌ର ରକ୍ଷଣାବେକ୍ଷଣ ପାଇଁ ମାନବଶକ୍ତି ପ୍ରଦାନ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱରର ମୁଖ୍ୟ କାର୍ଯ୍ୟାଳୟ ପରିସରରେ। ଏହି କାମର ଆନୁମାନିକ ମୂଲ୍ୟ ₹31,00,000/- (ରୁପି ଏକତିରିଶ ଲକ୍ଷ ମାତ୍ର) ଅଟେ।

ରୁଚି ରଖୁଥିବା ସଂସ୍ଥାମାନେ ବ୍ୟାଙ୍କର ୱେବସାଇଟ www.rbi.org.in ଦେଖିପାରିବେ କିମ୍ବା ଅଧିକ ସୂଚନା ପାଇଁ HRMD, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସହିତ ସମ୍ପର୍କ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ମାଧ୍ୟମରେ ଟେଣ୍ଡର ଦାଖଲ କରିବାର ଶେଷ ତାରିଖ 12 ମାର୍ଚ୍ଚ 2026, ଦୁପର 12:00 ଘଣ୍ଟା ପର୍ଯ୍ୟନ୍ତ ଅଟେ।

ବ୍ୟାଙ୍କ କୌଣସି କାରଣ ଦର୍ଶାଇବା ବିନା ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ଅସ୍ୱୀକାର କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



**Odisha State Road Transport Corporation**
ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ
No.38001/4/2526 Paribahan Bhawan, Ashok Nagar, Bhubaneswar, Unit-II,
Ph : 0674-2530719, 2530368, Fax : 0674-2530719, Email : osrtc@nic.in, website : www.osrtc.in

**Procurement Notice No. - 04/OSRTC/2025-26**

**INVITATION FOR BIDS (IFB)**

| | | |
|---|---|---|
| 1. | The Additional Secretary, C&T Dept.-cum-G.M. (Estates), OSRTC, Odisha, Bhubaneswar invites Percentage rate bids in Single cover system in ONLINE MODE only, for works as detailed below :- | |
| 2. | Nature of work | 1. Boundary Wall Works |
| 3. | No. of Works | 02 Nos. |
| 4. | Value of Tender | 1. Rs.23,03,147.00<br>2. Rs.27,07,170.00 |
| 5. | Bid Cost | 1. Rs.7,080.00 (To be paid online) |
| 6. | Class of Contractor | 1. 'C' class to 'B' class (Empanelled Contractor of OSRTC) |
| 7. | Availability of Bid Documents in the website | Dt.05.02.2026 to Dt.20.02.2026 up to 5.00 P.M. |
| 8. | Last date / time of Receipt of Bids in the Portal | Dt.20.02.2026 up to 5.00 P.M. |
| 9. | Date of Opening Bid | Dt.21.02.2026 at 12.30 P.M. |
| 10. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum/ corrigendum/cancellation of tender can also be seen in the said website. | |

N.B. The quoted rate should be all inclusive but excluding G.S.T as applicable Under works contract.

Sd./-Additional Secretary, C&T Dept.-cum General Manager (Estates), OSRTC Bhubaneswar

OIPR-38001/38002/1/25-26/0004



**obcc** ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ No.34001/26/2526
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)
CIN–U45203OR1983SGC001153
Vikash Bhavan, Nayapalli, Bhubaneswar-751012, Tel : 0674-2390043,
Website : www.obcc.in, Email : md@obcc.in;info@obcc.in

No.673 Date : 31.01.2026
File : SMT-2099

**NOTICE INVITING TENDER**

| | | |
|---|---|---|
| 1. | Name of Work | Construction of (1) Amenity block at North parking, (2) Toilet block at different locations such as near Kedargouri temple, near Taranga club, near Crafts pavilion, drop off facility & (3) Ritual pavilion at Ekamra Kshetra under EKAMRA Conservation Plan. |
| 2. | Bid Identification No. | 49/Tender/OBCC/2025-26 |
| 3. | Date of availability of bid document in e-procurement portal | From Dt.10.02.2026 |
| 4. | Last date & time of receipt of online bid | Up to 05.00 P.M. of Dt.25.02.2026 |
| 5. | Date of Bid Opening | Dt.26.02.2026 at 11:30 A.M. |
| 6. | Project Completion duration | 11 (Eleven) Calendar Months |
| 7. | Further details can be seen from the e-Procurement portal https://www.tendersodisha.gov.in | |
| 8. | OBCC has the right to accept or reject the Notice/DTCN without assigning any reason thereof. | |

OIPR-34001/34161/1/25-26/0026 Sd./- Chief Engineer-II



**HDFC BANK**

ଏଚ୍‌ଡିଏଫସି ବ୍ୟାଙ୍କ ଲିମିଟେଡ୍
ଖାରବେଳ ନଗର ଶାଖା, ପ୍ଲଟ ନଂ.: ୯୮, ୩ୟ ମହଲା, କେଶରୀ ଟାୱାର ଅଫିସ କମ୍ପ୍ଲେକ୍ସ, ଖାରବେଳ ନଗର, ଭୁବନେଶ୍ୱର – ୭୫୧୦୦୧,
CINL65920MH1994PLC080618, ୱେବସାଇଟ: www.hdfcbank.com

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ଡିମାଣ୍ଡ ନୋଟିସ୍।

[illegible]

| ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ / ଆଇନଗତ ପ୍ରତିନିଧି (ମାନଙ୍କ) ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ମୋଟ ବକେୟା ଦେୟ/ଲୋନ୍ ଆକାଉଣ୍ଟ ନଂ. | ଡିମାଣ୍ଡ ନୋଟିସ୍ | ସୁରକ୍ଷିତ ସମ୍ପତ୍ତି / ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ନିତ୍ୟାନନ୍ଦ ସାହୁ | ତା.୩୦.୦୯.୨୦୨୫ରିଖ ସୁଦ୍ଧା ଟ.୭,୮୪,୩୭୨/-* | ୧୦.୧୧.୨୦୨୫ | [illegible] |
| ଋଣଗ୍ରହୀତା: ଶ୍ରୀ କୃଷ୍ଣ କିଶୋର ମିଶ୍ର | ତା.୩୦.୦୯.୨୦୨୫ରିଖ ସୁଦ୍ଧା ଟ.୧୦,୧୯,୬୭୪/-* | ୧୦.୧୧.୨୦୨୫ | [illegible] |
| ଋଣଗ୍ରହୀତା: ଶ୍ରୀ ଗଣନାଥ ନାୟକ, ଶ୍ରୀମତୀ ପ୍ରଭାତିନୀ ନାୟକ | ତା.୨୮.୦୨.୨୦୨୫ରିଖ ସୁଦ୍ଧା ଟ.୧୩,୩୫,୦୨୪/-* | ୨୭.୦୩.୨୦୨୫ | [illegible] |

[illegible]

ପଞ୍ଜିକୃତ କାର୍ଯ୍ୟାଳୟ : ଏଚ୍‌ଡିଏଫସି ବ୍ୟାଙ୍କ ହାଉସ, ସେନାପତି ବାପଟ ମାର୍ଗ, ଲୋୟର ପାରେଲ (ୱେଷ୍ଟ), ମୁମ୍ବାଇ – ୪୦୦୦୧୩

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୬.୦୨.୨୦୨୬ | ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଏଚ୍‌ଡିଏଫସି ବ୍ୟାଙ୍କ ତରଫରୁ



**GOVERNMENT OF JHARKHAND**
**OFFICE OF THE EXECUTIVE ENGINEER**
**R.C.D., ROAD DIVISION, SAHIBGANJ**

**e- Procurement Notice**
**(VERY SHORT TENDER)**
**(3rd Call)**

**e-Tender Reference no.- RCD/SAHIBGANJ/76/2025-26**
**Dated : 05.02.2026**

| | | |
|---|---|---|
| 1 | Name of Work | IRQP/Strengthening work of Lalbandh (MDR-210) to Mohanpur (NH-80) Road via Babupur and Jonka Link Road (Total length-14.305 KM) under Road Division, Sahibganj for the year 2024-25 |
| 2 | Estimated Cost (Rs) | Rs. 9,09,08,833.00 (Rupees Nine Crores Nine Lacs Eight Thousand Eight Hundred Thirty Three and Zero Paise) Only. |
| 3 | Time of Completion | 05 (Five) Months |
| 4 | Last date / Time for receipt of bids | 23.02.2026 upto 12.00 Noon |
| 5 | Date of Publication of Tender on website | 09.02.2026 from 10.30 A.M. |
| 6 | Name & address of office Inviting tender | Executive Engineer, R.C.D. Road Division, Sahibganj |
| 7 | Contact no. of Procurement officer | 8271102250 |
| 8 | Helpline number of e- Procurement cell | 0651 - 2401010 |

Further details can be seen on website http://jharkhandtenders.gov.in

EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, SAHIBGANJ

PR 372374 Road(25-26).D

# ଏଫ୍‌ଆଇଏଚ୍ ପ୍ରୋ ଲିଗ୍: ରାଉରକେଲାରେ ଆର୍ଜେଣ୍ଟିନା ଦଳ



ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଆର୍ଜେଣ୍ଟିନା ଦଳ।

ରାଉରକେଲା,୫।୨(ଦିନେଶ ମିଶ୍ର)

ଆଉ ମାତ୍ର ୫ ଦିନ ପରେ ରାଉରକେଲାରେ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ଆରମ୍ଭ ହେବ। ଏଥିରେ ଭାରତ ସହିତ ବେଲଜିୟମ୍ ଓ ଆର୍ଜେଣ୍ଟିନା ମଧ୍ୟରେ ମ୍ୟାଚ୍ ଖେଳାଯିବ। ଏଥିପାଇଁ ଆର୍ଜେଣ୍ଟିନା ଦଳର ଖେଳାଳି ଗତ ୪ ତାରିଖରେ ଝାରସୁଗୁଡା ବିମାନ ବନ୍ଦରରେ ପହଞ୍ଚିଥିଲେ। ପରେ ସେମାନଙ୍କୁ ଏକ ସ୍ୱତନ୍ତ୍ର ବସ୍ ଯୋଗେ ରାଉରକେଲା ମେ ଫେୟାର ହକି ଭିଲେଜକୁ ଅଣାଯାଇଥିଲା। ଆର୍ଜେଣ୍ଟିନା ଖେଳାଳିମାନେ ରାଉରକେଲାରେ ପହଞ୍ଚିବା ପରେ ଗୁରୁବାର ସକାଳ ସାଢେ ୯ଟାରେ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଅଭ୍ୟାସ କରିଥିଲେ। ଆର୍ଜେଣ୍ଟିନାର ଖେଳାଳି ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ର ଆଷ୍ଟ୍ରୋଟ୍ରଫ୍‌କୁ ପ୍ରଶଂସା କରିବା ସହ ରାଉରକେଲାର ବର୍ତ୍ତମାନର ପାଣିପାଗ ହକି ମ୍ୟାଚ୍ ପାଇଁ ବେଶ୍ ଉପଯୋଗୀ ବୋଲି କହିଥିଲେ। ଏହି ପ୍ରୋ ଲିଗ୍ ମ୍ୟାଚ୍ ଫେବୃଆରୀ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହାକୁ ନେଇ ସୁନ୍ଦରଗଡ ଜିଲ୍ଲାର ହକିପ୍ରେମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ଏହି ମ୍ୟାଚ୍‌କୁ ଉପଭୋଗ କରିବା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ମାଗଣା ଟିକେଟ୍ ବ୍ୟବସ୍ଥା ଯୋଗୁ ହକିପ୍ରେମୀଙ୍କ ମଧ୍ୟରେ ମ୍ୟାଚ୍ ଦେଖିବାକୁ ଉତ୍କଣ୍ଠା ପ୍ରକାଶ ପାଇଛି।

## ସିଏମ୍ ଟ୍ରଫି କବାଡ଼ି ଖେଳାଳି ଚୟନ ଆଜି

ନୂଆପଡ଼ା,୫।୨ (ମହାବୁ ବେମାଲ)

ଓଡ଼ିଶା ରାଜ୍ୟ ସିଏମ୍ ଟ୍ରଫି କବାଡ଼ି ଟୁର୍ଣ୍ଣାମେଣ୍ଟ ନିମନ୍ତେ ଶୁକ୍ରବାର ସକାଳ ୮ଟାରୁ ନୂଆପଡ଼ାରେ ଖେଳାଳି ଚୟନ କରାଯିବ। ଅନ୍‌ଲାଇନ ଓ ଅଫଲାଇନ୍‌ରେ ପଞ୍ଜୀକରଣ କରିଥିବା ୧୬ ବର୍ଷରୁ କମ ବାଳିକା ଓ ବାଳକ ଅଂଶଗ୍ରହଣ କରିପାରିବେ। ବାଳକ ବିଭାଗରେ ୧୮ ଓ ବାଳିକାରେ ୮ ଜଣ ନିଜ ନାମ ପଞ୍ଜୀକରଣ କରିଛନ୍ତି। ପଞ୍ଜିକୃତ କରିଥିବା ବାଳକ ଓ ବାଳିକା ଜନ୍ମ ତାରିଖର ପ୍ରମାଣପତ୍ର ଆଧାର କାର୍ଡ ଓ ନିଜର ଦୁଇଗୋଟି ରଙ୍ଗୀନ ପାସପୋର୍ଟ ଫଟୋ ଦାଖଲ କରିବା ଜରୁରୀ। ଜିଲାପାଳଙ୍କ ଆଦେଶ ଅନୁସାରେ ଚୟନ ଶିବିର ନୂଆପଡ଼ା ପିଏମ୍‌ଶ୍ରୀ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପରିସରରେ ହେବାକୁ ସ୍ଥିରୀକୃତ ହୋଇଛି। ପଞ୍ଜୀକୃତ ଖେଳାଳି ନିଜର ଖେଳ ପୋଷାକ ସହିତ ଆସିବା ପାଇଁ ଅନୁରୋଧ କରାଯାଇଛି। ଶିବିରରେ ଯେଉଁ ଯୋଗ୍ୟ ହେବେ ସେମାନଙ୍କୁ ଜିଲା ଦଳରେ ସାମିଲ କରାଯିବ ଓ ସେମାନେ ଆଗାମୀ ଦିନରେ ହେବାକୁ ଥିବା ସିଏମ୍ ଟ୍ରଫି କବାଡି ଖେଳରେ ଭାଗ ନେଇପାରିବେ। ସବିଶେଷ ବିବରଣୀ ପାଇଁ ମହତାବ ଆଡୟୁଆଡ ପିଇଟି ମାଗୁରପାଣି ଉଚ୍ଚ ବିଦ୍ୟାଳୟଙ୍କ ମୋବାଇଲ ନମ୍ବର ୮୦୧୮୪୮୪୦୧୨ ଓ ଦେବବ୍ରତ ସାହୁ ଖେଲୋ ଇଣ୍ଡିଆ କବାଡି ପ୍ରଶିକ୍ଷକଙ୍କ ମୋବାଇଲ ନମ୍ବର ୮୧୬୦୭୯୦୫୬୮ରେ ଯୋଗାଯୋଗ କରିପାରିବେ।

# ରାଉରକେଲା ଆଇଟିଆଇର କୃତିତ୍ୱ

ରାଉରକେଲା,୫।୨(ବିପ୍ଳବ ରଞ୍ଜନ ଦାଶ)

**ଆଞ୍ଚଳିକ ଆଇଟିଆଇ କ୍ରୀଡ଼ା ମହୋତ୍ସବ**

ରାଉରକେଲା ସରକାରୀ ଆଇଟିଆଇ ପକ୍ଷରୁ ଚାଲିଥିବା ଚାରିଦିନିଆ ଆଞ୍ଚଳିକ ସ୍ତରୀୟ ଆଇଟିଆଇ କ୍ରୀଡ଼ା ମହୋତ୍ସବ ଗୁରୁବାର ତୃତୀୟ ଦିବସ ଥିଲା। ଖୋ ଖୋରେ ପୁରୁଷ ବର୍ଗରେ ରାଉରକେଲା ସରକାରୀ ଆଇଟିଆଇ ବିଜେତା, କେଉଁଝର ସରକାରୀ ଆଇଟିଆଇ ଉପବିଜେତା ହୋଇଛି। ସେହିପରି ଖୋ ଖୋ ମହିଳା ବର୍ଗରେ ସରକାରୀ ଆଇଟିଆଇ ରାଉରକେଲା ବିଜେତା ହୋଇଥିବା ବେଳେ କୁଞ୍ଚା ସରକାରୀ ଆଇଟିଆଇ ଉପବିଜେତା ହୋଇଛି। ଫୁଟ୍‌ବଲ ପୁରୁଷ ବର୍ଗରେ ବୁଦ୍ଧବୀର ପ୍ରାଇଭେଟ ଆଇଟିଆଇ ବିରିଙ୍ଗାତୋଲା ବିଜେତା ହୋଇଥିବା ବେଳେ ଓଡ଼ର ଆୟନେଦକର ଆଇଟିଆଇ ଝିରପାଣି ଉପବିଜେତା ହୋଇଛି। ସେହିପରି ମହିଳା ବର୍ଗ ଫୁଟ୍‌ବଲରେ ସରକାରୀ ଆଇଟିଆଇ ରାଉରକେଲା ବିଜେତା ଏବଂ ଆମ୍ବେଦକର ଆଇଟିଆଇ ଝିରପାଣି ଉପବିଜେତା ଘୋଷିତ ହୋଇଛି। ଏକକ ବ୍ୟାଡମିଣ୍ଟନରେ ମହିଳା ସରକାରୀ ଆଇଟିଆଇ ରାଉରକେଲା ବିଜେତା ହୋଇଥିବା ବେଳେ ବୁଦ୍ଧବୀର ପ୍ରାଇଭେଟ ଆଇଟିଆଇ ବିରଙ୍ଗାତୋଲା ଦଳ ଉପବେଜେତା ହୋଇଛି। ମହୋତ୍ସବର ଦ୍ୱିତୀୟ ଦିବସରେ ଅନ୍ତର୍ଜାତୀୟ କରାଟେ ଚାମ୍ପିୟନ ତଥା ସୁନ୍ଦରଗଡ ପେଞ୍ଚକ ସେଲାଟ ସମ୍ପାଦକ ଶରତ ଚନ୍ଦ୍ର ଦାଶ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଦ୍ୱାରା ଜିତିବା ହାରିବାର ସନ୍ତୁଳିତ ମିଳିଥାଏ ଏବଂ ଶିକ୍ଷା ଦ୍ୱାରା ଅଜ୍ଞତା ଦୂର ହୋଇ ସମାଜରେ ମୁଣ୍ଡ ଟେକି ଚାଲିବା ସତ୍‌ସାହସ ମିଳିଥାଏ। ଏଣୁ ଶିକ୍ଷା ସହିତ କ୍ରୀଡ଼ା କ୍ଷେତ୍ରରେ ମଧ ଛାତ୍ର ସମାଜ ଯତ୍ନଶୀଳ ହେବା ଜରୁରୀ ବୋଲି କହିଥିଲେ। କ୍ରୀଡ଼ା ସଂଯୋଜକ ଅନୀଲ କୁମାର ନାୟକଙ୍କ ଦ୍ୱାରା ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପାର୍ଥ ସାରଥି ମିଶ୍ର, କୁଲଦୀପ ଲାକ୍ରା, ରାଜେଶ ଦଣ୍ଡପାଟ ଓ ତୋଲା ଗୁପ୍ତ ସହଯୋଗ କରିଥିଲେ।



ଚାମ୍ପିୟନ ଫୁଟ୍‌ବଲ ଦଳ ସହ ଅତିଥିଗଣ।

## କୁଆଁରମୁଣ୍ଡା ତହସିଲରେ ନୂତନ ଉପ ନିବନ୍ଧକ କାର୍ଯ୍ୟାଳୟ ଉଦଘାଟିତ

କୁଆଁରମୁଣ୍ଡା,୫।୨ (ମହେନ୍ଦ୍ର କୁମାର ସାହୁ):

ଗୁରୁବାର ଆଭାସୀ ମାଧମରେ ରାଜ୍ୟ ସରକାର ରାଜ୍ୟରେ ନୂତନଭାବେ ୫୭ଟି ଉପ ନିବନ୍ଧକ କାର୍ଯ୍ୟାଳୟର ଶୁଭାରମ୍ଭ କରିଛନ୍ତି। ଏହି କ୍ରମରେ ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ତହସିଲ କାର୍ଯ୍ୟାଳୟରେ ନୂତନଭାବେ ଉପ ନିବନ୍ଧକ କାର୍ଯ୍ୟାଳୟର ଶୁଭ ଉଦଘାଟନ କୁଆଁରମୁଣ୍ଡା ବ୍ଲକ ଓସୱାନ ହଲରେ ଆଭାସି ମାଧମରେ ଅନୁଷ୍ଠିତ ହୋଇଛି। ଏହାପରେ କୁଆଁରମୁଣ୍ଡା ତହସିଲରେ ନିର୍ମିତ ଉପନିବନ୍ଧକ କାର୍ଯ୍ୟାଳୟକୁ ଆନୁଷ୍ଠାନିକଭାବେ ସଞ୍ଜୀବ ପ୍ରତାପ ସିଂଦେଓ ଫିତା କାଟି ଉଦଘାଟନ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶଙ୍କର ପୁଝାରୀ, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦା ପ୍ରମୁଖଙ୍କ ସହ ତହସିଲ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମ ଭାରପ୍ରାପ୍ତ ତହସିଲଦାର ବିଶ୍ୱଜିତ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା ବେଳେ କୁଆଁରମୁଣ୍ଡା ରାଜସ୍ୱ ପରିଦର୍ଶକ ଓ ନିରୀକ୍ଷକ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

# ସିଡବ୍ଲ୍ୟୁସି ନିର୍ଦ୍ଦେଶକଙ୍କୁ ଭେଟିଲେ ଡ. ଭବାନୀ ନିଆଲ

ଭବାନୀପାଟଣା,୫।୨
(ଉତ୍ତମ କୁମାର ଦାଶ)

ଦିଲ୍ଲୀରେ ସିଡବ୍ଲ୍ୟୁସି ନିର୍ଦ୍ଦେଶକ ନିରଜ କୁମାର ଶର୍ମାଙ୍କୁ ସାକ୍ଷାତ କରିଛନ୍ତି ବିକଶିତ କଳାହାଣ୍ଡି ଓ ନୂଆପଡାର ଅଧ୍ୟକ୍ଷ ଡ଼. ଭବାନୀ ଶଙ୍କର ନିଆଲ। ସେ କଳାହାଣ୍ଡି ଜିଲାର ଲୋୟର ଉଦନ୍ତି ଓ ନୂଆପଡା ଜିଲାର ଅପର ଉଦନ୍ତି ବ୍ୟାରେଜ ପ୍ରକଳ୍ପ ଉପରେ ଚର୍ଚ୍ଚା କରିଥିଲେ। ନୂଆପଡ଼ା ଜିଲା ସିନାପାଲି ବ୍ଲକର ପଟିଆଲପଡ଼ା ଗ୍ରାମ ନିକଟରେ ଉଦନ୍ତି ନଦୀ ଉପରେ ଏକ ବ୍ୟାରେଜ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଏହା ଦ୍ୱାରା ନୂଆପଡ଼ା ଜିଲାର ସିନାପାଲି ଓ ବୋଡେନ ବ୍ଲକର ୮୦୦୦ ହେକ୍ଟର ଜମିକୁ ଜଳସେଚନ କରାଯାଇପାରିବ। ଲୋୟର୍ ଉଦନ୍ତୀ ଜଳସେଚନ ପ୍ରକଳ୍ପ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ବୋର୍ଡି ଗ୍ରାମ ନିକଟରେ ଉଦନ୍ତୀ ନଦୀ ଉପରେ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ଅପର୍ ଉଦନ୍ତୀ ପ୍ରକଳ୍ପର ଜଳଧାରା ଅଞ୍ଚଳ(୧୦୪୪ ବର୍ଗକିଲୋମିଟର)କୁ ବାଦ ଦେଲା ପରେ ଲୋୟର୍ ଉଦନ୍ତୀ ପ୍ରକଳ୍ପ ପାଇଁ ୯୯୯ ବର୍ଗ କିଲୋମିଟର ମୁକ୍ତ ଜଳଧାରା ଅଞ୍ଚଳ ଉପଲବ୍ଧ ହେବ (ଓଡ଼ିଶାରେ ୮୦୫ ବର୍ଗ କିଲୋମିଟର ଏବଂଛତିଶଗଡ଼ରେ ୧୯୪ ବର୍ଗ କିଲୋମିଟର)। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କଳାହାଣ୍ଡି ଜିଲାର ଗୋଲାମୁଣ୍ଡା, ଭବାନୀପାଟଣା ଏବଂ ବଲାଙ୍ଗୀର ଜିଲାର ଟିଟିଲାଗଡ଼ ଭଳି ଚିର ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳର ୧୨,୦୦୦ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ମିଳିବ। ଏହା ସ୍ଥାୟୀ ଖାଦ୍ୟ ଶସ୍ୟ ଉତ୍ପାଦନ ନିଶ୍ଚିତ କରିବା ସହ ସେଚାଞ୍ଚଳର ଲୋକମାନଙ୍କର ସାମାଜିକ-ଅର୍ଥନୈତିକ ସ୍ଥିତିରେ ସୁଧାର ଆଣିବ। ପୂର୍ବରୁ ଏ ଉପରେ ଭାରତ ସରକାର କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର. ପାଟିଲ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଧ ବିକଶିତ କଳାହାଣ୍ଡି ଅଧ୍ୟକ୍ଷ ଡ଼. ନିଆଲ ସ୍ମାରକ ପତ୍ର ଦେଇସାରିଛନ୍ତି।


**ଫର୍ମ ନଂ. ୧୩**
**ଋଣ ଅସୁଲି ନ୍ୟାୟାଧୀକରଣ, କଟକ, ଓଡ଼ିଶାଙ୍କ ଇଜଲାସରେ**
**ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା**

ଓ.ଏ. ନଂ. ୫୦୫/୨୦୨୫

ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିଃ ... ଆବେଦନକାରୀ

ବନାମ

ସୁଜିତ କୁମାର ସିଂହ ଓ ଅନ୍ୟଜଣେ ...ପ୍ରତିବାଦୀ(ଗଣ)

ପ୍ରାପ୍ତେଷୁ,
୧. ସୁଜିତ କୁମାର ସିଂହ, ବୟସ ପ୍ରାୟ ୪୬ ବର୍ଷ, ପିତା- ରମାଧର ସିଂହ, ସ୍ଥାନ/ପୋଷ୍ଟ- କୋଇଡ଼ା, ୟୁନିୟନ୍ ଅଫିସ୍ ପାଖ, ସୁନ୍ଦରଗଡ଼- ୭୭୦୦୪୮
୨. ସାଭିଆ ଦେବୀ, ବୟସ ପ୍ରାୟ ୪୪ ବର୍ଷ, ପିତା- ଭୁବନେଶ୍ୱର ସିଂହ, ସ୍ଥାନ/ପୋଷ୍ଟ- କୋଇଡ଼ା, ୟୁନିୟନ୍ ଅଫିସ୍ ପାଖ, ସୁନ୍ଦରଗଡ଼- ୭୭୦୦୪୮

**ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣ ଦର୍ଶାଇବା ପାଇଁ**
**ଖବରକାଗଜ ପ୍ରକାଶନ ଦ୍ୱାରା ସମନ**

ନୋଟିସ ଦିଆଯାଉଛି ଯେ, ଆବେଦନକାରୀ ଋଣ ଅସୁଲି ନ୍ୟାୟାଧୀକରଣ, କଟକଙ୍କ ଅଦାଲତରେ **ଟ.୮୪,୩୨,୪୫୫.୭୪** ମାତ୍ର ସମେତ ଚଳିତ ଏବଂ ଭବିଷ୍ୟତ ସୁଧ, ବ୍ୟୟର ଅସୁଲି ଏବଂ ଅନ୍ୟାନ୍ୟ ଆଶ୍ୱସ୍ତି ନିମନ୍ତେ ଓ.ଏ. ସଂ. ୫୦୫/୨୦୨୫ ମାମଲା ଆରମ୍ଭ କରିଛନ୍ତି । ତେଣୁ, ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରାଯିବ ନାହିଁ, ତାହାର କାରଣ ଦର୍ଶାଇବା ପାଇଁ ଉପରନାମିତ ପ୍ରତିବାଦୀଗଣଙ୍କୁ ପ୍ରକାଶନ ତାରିଖରୁ ୩୦ ଦିନ ମଧ୍ୟରେ **ତା୨୨।୦୪।୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକାରେ** ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲଙ୍କ ଜରିଆରେ କିମ୍ବା ବିଧିବଦ୍ଧ ଭାବେ ଅଧିକୃତ ଏଜେଣ୍ଟଙ୍କ ଜରିଆରେ ଏହି ନ୍ୟାୟାଧୀକରଣଙ୍କ ସମ୍ମୁଖରେ ହାଜର ହୋଇ ନିଜର ପକ୍ଷ ଉପସ୍ଥାପନ କରିବା ଲାଗି ନିର୍ଦ୍ଦେଶ ଦିଆଯାଉଛି ।
ନୋଟିସ ଦିଆଯାଉଛି ଯେ, ଏଥିରେ ଖିଲାପ କରାଗଲେ ସେମାନଙ୍କ ଅନୁପସ୍ଥିତିରେ ଆବେଦନର ଶୁଣାଣି ଓ ଫଇସଲା କରାଯିବ ।
**ମୋ ଦସ୍ତଖତ ଓ ଏହି ନ୍ୟାୟାଧୀକରଣଙ୍କ ମୋହର ଅଧୀନରେ ଅଦ୍ୟ ୨୭ ଜାନୁଆରୀ ୨୦୨୬ରେ ପ୍ରଦତ୍ତ ।**
**(ନିଖିଳ ରଞ୍ଜନ ପତି)**
**ନିବନ୍ଧକ**



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜିଜି./ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । **କ୍ର.ସଂ.; କାର୍ଯ୍ୟର ନାମ; ଟେଣ୍ଡର ବିଜ୍ଞପ୍ତି ନଂ.; ଟେଣ୍ଡର ମୂଲ୍ୟ ଏବଂ ଇଏମ୍‌ଡି ଯଥାକ୍ରମେ: (୧)** ସିକେପି-ୱେଷ୍ଟ-୨୫-୨୬-୪୧; ଏଡିଇଏନ୍/ରାଉରକେଲାଙ୍କ କ୍ଷେତ୍ରାଧିକାର ଅଧୀନରେ ରେଲ୍‌ୱେ ଟ୍ରାକ୍‌ର ଇଆରସି, ଟି/ଓ ପ୍ଲେଟ୍ ସ୍କ୍ରୁ, ଏସ୍‌ଇଜେ ଆଦିର ଲୁବ୍ରିକେଶନ୍ । ₹୧,୨୩,୭୯,୨୮୮.୫୯; ₹୨,୧୧,୯୦୦.୦୦। **(୨)** ସିକେପି-ୱେଷ୍ଟ-୨୫-୨୬-୪୨; ଏଡିଇଏନ୍/ଝାରସୁଗୁଡ଼ାଙ୍କ କ୍ଷେତ୍ରାଧିକାର ଅଧୀନରେ ରେଲ୍‌ୱେ ଟ୍ରାକ୍‌ର ଇଆରସି, ଟି/ଓ ପ୍ଲେଟ୍ ସ୍କ୍ରୁ, ଏସ୍‌ଇଜେ ଆଦିର ଲୁବ୍ରିକେଶନ୍; ₹୩,୫୧,୩୨,୪୨୮.୬୮; ₹୩,୨୫,୭୦୦.୦୦। **ଟେଣ୍ଡର ଫର୍ମ ମୂଲ୍ୟ:** ₹୦.୦୦ (କ୍ର.ସଂ. ୧ ଓ ୨ ପାଇଁ) । **ଖୋଲାଯିବା ତାରିଖ:** ତା୨୫।୦୨।୨୦୨୬ରିଖ (କ୍ର.ସଂ. ୧ ଓ ୨ ପାଇଁ); ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ - ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) । (PR-1147)



**GOVERNMENT OF ODISHA**
**DISTRICT PROJECT OFFICE**
**SAMAGRA SHIKSHA, PURI**
ଓଡ଼ିଶା ସରକାର
E-mail ID: dpcpurissa.opepa@nic.in

**"e" Procurement Notice**
**Bid Identification No.-DPC/SS/PURI/01 of 2025-26**
**Letter No.419/Civil/Date: 3.2.2026**

| | | |
|---|---|---|
| 1. | District Project Co-ordinator, Samagra Shiksha, Puri on behalf of Government of Odisha inviting percentage rate bid in Single Cover System on ONLINE mode from eligible contractors with valid licenses for "Construction of Additional Classroom (Civil+Electrical+PH) in the schools" as detailed in DTCN. | |
| 2. | Nature of Work | Construction of Additional Classroom (Civil+ Electrical+ PH) in the schools. |
| 3. | No. of Works | 04 (Four Nos.) |
| 4. | Cost of Tender Paper | Rs.6,000/- |
| 5. | Class of Contractor | "D" & "C" in 3 Project and "C" & "B" in 1 Projects |
| 6. | Availability of bid document in the website | From 10.00 hours of date-06.02.2026 to 17.00 hours of date- 25.02.2026 |
| 7. | Date of Opening of Bid | 11.00 AM on Dt.26.02.2026 |
| 8. | The bidders have to participate in ONLINE bidding only. Further details can be seen from the website (https://tendersodisha.gov.in). Any addendum/ corrigendum/ cancellation of tender can also be seen in the said website only. | |

Sd./-
District Project Co-ordinator
Samagra Shiksha, Puri



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ
ଭୁବନେଶ୍ୱର – 751001, ଓଡ଼ିଶା

**ଟେଣ୍ଡର ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ତରଫରୁ ଯୋଗ୍ୟ ଫର୍ମମାନଙ୍କ ଠାରୁ ଦୁଇ-ଭାଗୀୟ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହା ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶାର ମୁଖ୍ୟ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅଧିକାରୀମାନଙ୍କ ଲାଉଞ୍ଜ ଏବଂ ଡାଇନିଂ ରୁମ (OLDR), କର୍ମଚାରୀ କ୍ୟାଣ୍ଟିନ ଏବଂ ଚା ପ୍ୟାଣ୍ଟ୍ରିର ପରିଚାଳନା ସହ କ୍ୟାଟରିଂ ସେବା ପ୍ରଦାନ ପାଇଁ ଅଟେ। ଏହି କାର୍ଯ୍ୟର ଆନୁମାନିକ ମୂଲ୍ୟ ₹44,00,000/- ଅଟେ।

ଆଗ୍ରହୀ ଫର୍ମମାନେ ବ୍ୟାଙ୍କର ୱେବସାଇଟ www.rbi.org.in ଦର୍ଶନ କରିପାରିବେ କିମ୍ବା ଅଧିକ ସୂଚନା ପାଇଁ ମାନବ ସମ୍ପଦ ପରିଚାଳନା ବିଭାଗ (HRMD), ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ସହ ସମ୍ପର୍କ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଟେଣ୍ଡର ଦାଖଲ କରିବାର ଶେଷ ତାରିଖ 12 ମାର୍ଚ୍ଚ 2026, 12:00 ଘଣ୍ଟା ପର୍ଯ୍ୟନ୍ତ ଅଟେ।

ବ୍ୟାଙ୍କ କୌଣସି କାରଣ ଦର୍ଶାଇବା ବିନା ଯେକୌଣସି କିମ୍ବା ସମସ୍ତ ଟେଣ୍ଡର ଅସ୍ୱୀକାର କରିବାର ଅଧିକାର ସଂରକ୍ଷିତ ରଖିଛି।

ଆଞ୍ଚଳିକ ନିର୍ଦ୍ଦେଶକ,
ଭାରତୀୟ ରିଜର୍ଭ ବ୍ୟାଙ୍କ,
ଭୁବନେଶ୍ୱର



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ
ଭୁବନେଶ୍ୱର – 751001, ଓଡ଼ିଶା

**ଟେଣ୍ଡର ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇ-ପର୍ଯ୍ୟାୟ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି, ଯାହାର ଉଦ୍ଦେଶ୍ୟ ହେଉଛି ଚା/କଫି ଭେଣ୍ଡିଂ ମେସିନ୍‌ର ସ୍ଥାପନା ଏବଂ ଭେଣ୍ଡିଂ ମେସିନ୍‌ର ରକ୍ଷା-ରଖା ପାଇଁ ମାନବଶକ୍ତି ପ୍ରଦାନ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ପରିସରରେ। ଏହି କାମର ଆନୁମାନିକ ମୂଲ୍ୟ **₹31,00,000/-** (ରୁପି ଏକତିଶ ଲକ୍ଷ ମାତ୍ର) ଅଟେ।

ନିମ୍ନ ସ୍ୱାକ୍ଷରକାରୀ **ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍‌ର** (ମାନ୍ୟବର ଏନ୍‌ସିଏଲ୍‌ଟି- ମୁମ୍ବାଇର ତା.୧୭.୦୩.୨୦୨୩ର ଆଦେଶ ଅନୁଯାୟୀ ଅନୁମୋଦିତ ମିଶ୍ରଣ ଯୋଜନା ଅନୁସାରେ ପୂର୍ବତନ ଏଚ୍‌ଡିଏଫ୍‌ସି ଲିମିଟେଡ୍ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ ହୋଇଛି) **(ଏଚ୍‌ଡିଏଫ୍‌ସି)** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ-୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରି ନିମ୍ନଲିଖିତ ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି (ମାନ)ଙ୍କୁ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ନିମ୍ନସ୍ୱାକ୍ଷରକାରୀ ତାଙ୍କୁ ଜ୍ଞାତଥିବା କଥିତ ଋଣଗ୍ରହୀତା(ମାନ)/ଆଇନଗତ ଉତ୍ତରାଧିକାରୀ(ମାନ)/ଆଇନଗତ ପ୍ରତିନିଧି(ମାନ)ଙ୍କ ବାସଗୃହରେ ଏହି ନୋଟିସର ଏକ ନକଲ ସଂଲଗ୍ନ କରିଥିଲେ। ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ କଥିତ ନୋଟିସର ନକଲ ଉପଲବ୍ଧ ଏବଂ କଥିତ ଋଣଗ୍ରହୀତା(ମାନେ)/ଆଇନଗତ ଉତ୍ତରାଧିକାରୀ(ମାନେ)/ଆଇନଗତ ପ୍ରତିନିଧି (ମାନେ) ଯଦି ଆବଶ୍ୟକ କରନ୍ତି ତେବେ ଉକ୍ତ ନକଲ ଗୁଡ଼ିକୁ ଯେକୌଣସି କାର୍ଯ୍ୟଦିବସର ସାଧାରଣ କାର୍ଯ୍ୟାଳୟ ସମୟ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ ଠାରୁ ସଂଗ୍ରହ କରିପାରିବେ।

ଉପରୋକ୍ତ କ୍ରମେ, ପୁନଶ୍ଚ କଥିତ ଋଣଗ୍ରହୀତା(ମାନ) / ଆଇନଗତ ଉତ୍ତରାଧିକାରୀ(ମାନ)/ଆଇନଗତ ପ୍ରତିନିଧି(ମାନ)ଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେମାନେ **ଏଚ୍‌ଡିଏଫ୍‌ସି** କୁ ଏହି ନୋଟିସ୍ ପ୍ରକାଶନ ତାରିଖର **୬୦ ଦିନ** ମଧ୍ୟରେ ନିମ୍ନରେ ସେମାନଙ୍କ ନାମ କ୍ରମରେ ସୂଚିତ କରାଯାଇଥିବା ବକେୟା ଦେୟ ସହିତ କଥିତ ଡିମାଣ୍ଡ ନୋଟିସ୍‌ରେ ଦର୍ଶିତ ବାର୍ଷିକ ୧୮% ପରବର୍ତ୍ତୀ ସୁଧ ଯାହା ଚୁକ୍ତି ଏବଂ ଅନ୍ୟାନ୍ୟ କାଗଜାତ / ଦଲିଲ ଦ୍ରଷ୍ଟବ୍ୟ, ସେ ଅନୁଯାୟୀ ଦେୟ ପରିଶୋଧ ତାରିଖ / ଦେୟମୁକ୍ତ ତାରିଖ ପର୍ଯ୍ୟନ୍ତ ତାହା ପରିଶୋଧ କରିବେ। କଥିତ ଋଣଗ୍ରହୀତା(ମାନ)ଙ୍କ ଦ୍ୱାରା **ଏଚ୍‌ଡିଏଫ୍‌ସି** ନିକଟରେ ଋଣ ଦେୟ ପରିଶୋଧ ନିମନ୍ତେ ନିମ୍ନଲିଖିତ ସୁରକ୍ଷିତ ସମ୍ପତ୍ତି ବନ୍ଧକ ରଖାଯାଇଥିଲା।

**ଏତଦ୍‌ଦ୍ୱାରା ଋଣଗ୍ରହୀତା(ମାନ)/ ଆଇନଗତ ଉତ୍ତରାଧିକାରୀ (ମାନ)/ଆଇନଗତ ପ୍ରତିନିଧି(ମାନ)ଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ / ଆଇନଗତ ପ୍ରତିନିଧି (ମାନଙ୍କ) ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ମୋଟ ବକେୟା ଦେୟ/ଲୋନ୍ ଆକାଉଣ୍ଟ ନଂ. | ଡିମାଣ୍ଡ ନୋଟିସ୍ | ସୁରକ୍ଷିତ ସମ୍ପତ୍ତି / ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ନିତ୍ୟାନନ୍ଦ ସାହୁ | ତା.୩୦.୦୯.୨୦୨୫ରିଖ ସୁଦ୍ଧା ଟ.୯,୮୪,୩୭୨/-✱ (ନଅ ଲକ୍ଷ ଚଉରାଅଶି ହଜାର ତିନି ଶହ ବାସ୍ତରି ଟଙ୍କା ମାତ୍ର) ଲୋନ୍ ଆ.ନଂ.: ୬୦୪୮୭୮୫୪୦ | ୧୦.୧୧.୨୦୨୫ | "ସେଭେନ ହିଲ୍ସ ସାଣ୍ଡସ୍" ନାମକ ଅପାର୍ଟମେଣ୍ଟର ୫ମ ମହଲାରେ ଅବସ୍ଥିତ ଫ୍ଲାଟ୍ ଯାହାର ନଂ.: ୫୦୮୫, ସମୁଦାୟ ସୁପର ବିଲ୍ଟ ଅପ୍ ଏରିଆ: ୪୩୮.୩୩ ବର୍ଗଫୁଟ ସହିତ ଏକ କାର ପାର୍କିଂ ସ୍ଥାନ ଯାହାର ପ୍ଲଟ୍ ନଂ.: ୩୫୧, ଖାତା ନଂ.: ୩୬, ମୌଜା: ସିପାସରୁବାଲି, ଥାନା: ପୁରୀ ସଦର ନଂ.: ୭୮, ତହସିଲ: ପୁରୀ ସଦର, ଏସ୍ଆରଓ: ପୁରୀ, ଜିଲ୍ଲା: ପୁରୀ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ବଗିଚା, ପଶ୍ଚିମ: କରିଡର, ଉତ୍ତର: ଲିଫ୍ଟ ଏରିଆ, ଦକ୍ଷିଣ: ଫ୍ଲାଟ୍ ନଂ.: ୫୦୮୭ |
| ଋଣଗ୍ରହୀତା: ଶ୍ରୀ ବ୍ରଜ କିଶୋର ମିଶ୍ର | ତା.୩୦.୦୯.୨୦୨୫ରିଖ ସୁଦ୍ଧା ଟ.୧୦,୨୧,୮୬୪/-✱ (ଦଶ ଲକ୍ଷ ଏକୋଇଶ ହଜାର ଆଠ ଶହ ଚଉଷଠି ଟଙ୍କା ମାତ୍ର) ଲୋନ୍ ଆ.ନଂ.: ୬୧୭୭୭୬୧୧୯ | ୧୦.୧୧.୨୦୨୫ | "ଜଗନ୍ନାଥ ୱାରିୟର୍ସ ରେସିଡେନ୍ସି" ନାମକ ଅପାର୍ଟମେଣ୍ଟ, ବ୍ଲକ୍-ବି୧ର ୧ମ ମହଲାରେ ଅବସ୍ଥିତ ଫ୍ଲାଟ୍ ଯାହାର ନଂ.: ୧୦୬, ସମୁଦାୟ ସୁପର ବିଲ୍ଟ ଅପ୍ ଏରିଆ: ୭୦୨ ବର୍ଗଫୁଟ ସହିତ ଏକ କାର ପାର୍କିଂ ସ୍ଥାନ ଯାହାର ପ୍ଲଟ୍ ନଂ.: ୩୯୬, ୩୮୯, ୩୮୮/୭୩୬, ୩୯୦, ୩୮୯/୭୨୮, ୩୮୮/୭୨୭, ୩୮୭/୭୨୬, ୩୩୫/୭୨୫, ୩୩୪/୭୨୪, ଖାତା ନଂ.: ୨୩୭/୮୩, ୨୩୭/୬୫, ମୌଜା: କାଇମାଟିଆ, ଥାନା: ଜଟଣୀ ନଂ.: ୬୦, ତହସିଲ: ଜଟଣୀ, ଏସ୍ଆରଓ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା |
| ଋଣଗ୍ରହୀତା: ଶ୍ରୀ ଘନଶ୍ୟାମ ନାୟକ, ଶ୍ରୀମତୀ ପ୍ରଭାସିନୀ ନାୟକ | ତା.୨୮.୦୨.୨୦୨୫ରିଖ ସୁଦ୍ଧା ଟ.୧୩,୩୫,୦୨୪/-✱ (ତେର ଲକ୍ଷ ପଇଁତିରିଶ ହଜାର ଚବିଶ ଟଙ୍କା ମାତ୍ର) ଲୋନ୍ ଆ.ନଂ.: ୬୪୦୨୧୪୮୭୭ | ୨୭.୦୩.୨୦୨୫ | ୧ଟି ଫ୍ଲାଟ୍ ଯାହାର ସମୁଦାୟ ପରିମିତ କ୍ଷେତ୍ର: ୧୧୨୫ ବର୍ଗଫୁଟ, ପ୍ଲଟ୍ ନଂ.: ଏ୧୨୧, ଏଲଆଇଜି କୋର ହାଉସିଂ ସ୍କିମ୍, ପ୍ରକାର: ଏଲଆଇଜି "ଏ", କୋର ହାଉସ୍‌ର ପ୍ଲିନ୍ଥ ଏରିଆ: ୩୯୮.୩୦ ବର୍ଗଫୁଟ, ଡୁମୁଡୁମା, ଫେଜ୍-୫, ହାଉସିଂ ସ୍କିମ୍, ଖଣ୍ଡଗିରି, ଭୁବନେଶ୍ୱର, ଏହାର ଚାରିପାର୍ଶ୍ୱରେ ଉତ୍ତର: ଏ-୧୧୯, ଦକ୍ଷିଣ: ଏ-୧୨୩, ପୂର୍ବ: ରାସ୍ତା, ପଶ୍ଚିମ: ଏ-୧୨୨ |

✱ଦେୟ ମୁକ୍ତ ଏବଂ / କିମ୍ବା ପରିଶୋଧ ତାରିଖ ପର୍ଯ୍ୟନ୍ତ ବାର୍ଷିକ ୧୮% ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ଦେୟ ଇତ୍ୟାଦି ସହିତ।

ଯଦି କଥିତ ଋଣଗ୍ରହୀତାମାନେ **ଏଚ୍‌ଡିଏଫ୍‌ସି ବ୍ୟାଙ୍କକୁ** ଉପରୋକ୍ତ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ତେବେ **ଏଚ୍‌ଡିଏଫ୍‌ସି ବ୍ୟାଙ୍କ** କଥିତ ଆକ୍ଟର ଧାରା ୧୩(୪) ଅନୁସାରେ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି (ଗୁଡ଼ିକ) / ସ୍ଥାବର ସମ୍ପତ୍ତି (ଗୁଡ଼ିକ) ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ କଥିତ ଋଣଗ୍ରହୀତା(ମାନେ) / ଆଇନଗତ ଉତ୍ତରାଧିକାରୀ(ମାନେ) / ଆଇନଗତ ପ୍ରତିନିଧି(ମାନେ) ସମସ୍ତ ଆଇନଗତ ଖର୍ଚ୍ଚ / ଫଳାଫଳ ନିମନ୍ତେ ଦାୟୀ ରହିବେ।

କଥିତ ଋଣଗ୍ରହୀତା(ମାନେ)/ ଆଇନଗତ ଉତ୍ତରାଧିକାରୀ(ମାନେ)/ଆଇନଗତ ପ୍ରତିନିଧି(ମାନେ) କଥିତ ଆକ୍ଟ ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି (ଗୁଡ଼ିକୁ) / ସ୍ଥାବର ସମ୍ପତ୍ତିଗୁଡ଼ିକୁ **ଏଚ୍‌ଡିଏଫ୍‌ସିର** ଲିଖିତ ଅନୁମତି ବିନା କୌଣସି ପ୍ରକାରରେ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। କୌଣସି ବ୍ୟକ୍ତି ଯଦି ଏହି ଆକ୍ଟର କିମ୍ବା ନିୟମର ଉପରୋକ୍ତ ଧାରାକୁ ଉଲଘଂନ କରି କାର୍ଯ୍ୟ କରନ୍ତି ତେବେ ଆଇନ ଅନୁଯାୟୀ ଜୋରିମାନା ଏବଂ / କିମ୍ବା କାରାଦଣ୍ଡ ନିମନ୍ତେ ଦାୟୀ ରହିବେ।

**ପଞ୍ଜିକୃତ କାର୍ଯ୍ୟାଳୟ : ଏଚ୍‌ଡିଏଫ୍‌ସି ବ୍ୟାଙ୍କ ହାଉସ୍, ସେନାପତି ବାପଟ ମାର୍ଗ, ଲୋୟର ପାରେଲ୍ (ୱେଷ୍ଟ), ମୁମ୍ବାଇ - ୪୦୦୦୧୩**

**ସ୍ଥାନ : ଭୁବନେଶ୍ୱର, ତାରିଖ : ୦୫.୦୨.୨୦୨୬** ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ତରଫରୁ



**GOVERNMENT OF JHARKHAND**
**OFFICE OF THE EXECUTIVE ENGINEER**
**R.C.D. , ROAD DIVISION, SAHIBGANJ**

**e- Procurement Notice**
**(VERY SHORT TENDER)**
**(3rd Call)**
**e-Tender Reference no.- RCD/SAHIBGANJ/76/2025-26**
**Dated : 05.02.2026**

| | | |
|---|---|---|
| 1 | Name of Work | **IRQP/Strengthening work of Lalbandh (MDR-210) to Mohanpur (NH-80) Road via Babupur and Jonka Link Road (Total length-14.305 KM) under Road Division, Sahibganj for the year 2024-25** |
| 2 | Estimated Cost (Rs) | **Rs. 9,09,08,833.00** (Rupees Nine Crores Nine Lacs Eight Thousand Eight Hundred Thirty Three and Zero Paise) Only. |
| 3 | Time of Completion | 05 (Five) Months |
| 4 | Last date / Time for receipt of bids | 23.02.2026 upto 12.00 Noon |
| 5 | Date of Publication of Tender on website | 09.02.2026 from 10.30 A.M. |
| 6 | Name & address of office Inviting tender | Executive Engineer, R.C.D. Road Division, Sahibganj |
| 7 | Contact no. of Procurement officer | 8271102250 |
| 8 | Helpline number of e- Procurement cell | 0651 - 2401010 |

Further details can be seen on website http://jharkhandtenders.gov.in

EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, SAHIBGANJ

PR 372374 Road(25-26).D

**ବାଇକ୍ ଦୁର୍ଘଟଣା, ଜଣେ ମୃତ**

ବଘିଆପଡ଼ା,(ଶ୍ରୀକାନ୍ତ ସାହୁ): ବୌଦ୍ଧ ବ୍ଲକ ଆମ୍ବଝରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଘିଆପଡ଼ା-ଶଗଡା ରାସ୍ତାର ଦେବନ୍ଧ ଗ୍ରାମ ନିକଟରେ ଗୁରୁବାର ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକ୍ ଆରୋହୀ ଅଲେଖ ପ୍ରଧାନଙ୍କ ମୃତ୍ୟୁ ଘଟିଛି। ଅଲେଖ ବାଇକ ଯୋଗେ ଦେବନ୍ଧ ଗ୍ରାମରୁ ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ହୋଇଥିଲା।



## ସଂକ୍ଷେପରେ

### ଜୁଆ ଖେଳ ବେଳେ ଚଢ଼ାଉ, ୪ ଗିରଫ

ଅତାବିରା/ଗୋଡ଼ଭଗା, ୫।୨ (ଯୁଧିଷ୍ଠିର ମହାପାତ୍ର /ସୁରେଶ ଦାଶ): ଅତାବିରା ଥାନା ଟୋପ ଗ୍ରାମର ମାଙ୍ଗଲିପଡ଼ାରେ ଚାଲିଥିବା ଘୁଡୁଘୁଡୁ ପଟ୍ଟି ଜୁଆଖେଳ ଉପରେ ଚଢ଼ାଉ କରି ପୋଲିସ ଗୁରୁବାର ୪ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ଶୁକ୍ରବାର ସମସ୍ତ ଜୁଆଡ଼ିଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ଟୋପ ଗ୍ରାମର ମାଙ୍ଗଲିପଡ଼ାରେ ଘୁଡୁଘୁଡୁ ପଟ୍ଟି ଜୁଆ ଖେଳ ଚାଲିଥିବା ସୂଚନା ପାଇ ଅତାବିରା ଥାନା ପକ୍ଷରୁ ଚଢ଼ାଉ କରାଯାଇଥିଲା। ଘୁଡୁଘୁଡୁ ପଟ୍ଟି ମାଧ୍ୟମରେ ହଜାର ହଜାର ଟଙ୍କା ନଗଦ ଖେଳ ଚାଲିଥିବା ଅବସ୍ଥାରେ ୪ ଜଣ ଜୁଆଡ଼ିଙ୍କୁ ଧରିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ । ଜୁଆଡ଼ିମାନଙ୍କଠାରୁ ନଗଦ ୭୦,୩୦୦ ଟଙ୍କା, ୪ଟି ମୋବାଇଲ ଫୋନ, ୧୨ଟି ଡାଇସ ଏବଂ ଘୁଡୁଘୁଡୁ ପଟ୍ଟି, ଜୁଆ ଖେଳରେ ବ୍ୟବହୃତ ଗୋଟିଏ ପ୍ଲାଷ୍ଟିକ ମ୍ୟାଟ ମଧ୍ୟ ଜବତ କରାଯାଇଛି। ଏ ନେଇ ଅତାବିରା ଥାନା ପୋଲିସ ନଂ. ୫୦/୨୬ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ବୋଲି ଆଇଆଇସି ପ୍ରକାଶ କର୍ଣ୍ଣ ସୂଚନା ଦେଇଛନ୍ତି।

# ଡିଜିଟାଲ କୌଶଳକୁ ଗୁରୁତ୍ୱ



ଜିଲାସ୍ତରୀୟ କର୍ମଶାଳାରେ ଉପସ୍ଥିତ ମହିଳା।

ବରଗଡ,୫।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ସ୍ଥିତ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପରିସରରେ ଗୁରୁବାର ଜିଲାସ୍ତରୀୟ କାର୍ଯ୍ୟଶାଳା ସଫଳତାର ସହିତ

**ଆଇନଗତ ଅଧିକାର ନେଇ ସଚେତନତା**

ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କୁ ଡିଜିଟାଲ କୌଶଳ, ଆଇନଗତ ଅଧିକାର, ଆର୍ଥିକ ସାକ୍ଷରତା ଓ ସଶକ୍ତୀକରଣ ସମ୍ବନ୍ଧରେ ସଚେତନ କରି ସେମାନେ ଯେଭଳି ଉପକୃତ ହୋଇପାରିବେ, ସେଥିପ୍ରତି କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରାଣୀ ନେପାକଙ୍କ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟଶାଳାକୁ ମାଙ୍ଗଳିକା ଦାଶ ସୁଚାରୁ ଭାବରେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବରେ ବିଦ୍ୟାସାଗର ଏକାଡେମିର ଅଧ୍ୟକ୍ଷ ବିକାଶ କୁମାର ସେନ ଯୋଗଦାନ କରି ବର୍ତ୍ତମାନ ସମୟରେ ଡିଜିଟାଲ ପ୍ରଯୁକ୍ତିର ବ୍ୟାପକ ବ୍ୟବହାର ଓ ତାହାକୁ କୌଶଳମୟ ଭାବରେ କିପରି ଜୀବନ ଓ ଜୀବିକା ସହ ଯୋଡ଼ାଯାଇପାରିବ, ସେଥିପାଇଁ ସରଳ ଓ ପ୍ରାଞ୍ଜଳ ଭାଷାରେ ବିସ୍ତୃତ ଆଲୋଚନା କରିଥିଲେ। ଆଇନଜୀବୀ ସୀତାରାମ ମେହେର ମହିଳାମାନେ କିପରି ନିଜ ଆଇନଗତ ଅଧିକାର ସମ୍ବନ୍ଧରେ ସଚେତନ ହୋଇ ସ୍ୱୟଂକୁ ସୁରକ୍ଷିତ ରଖିପାରିବେ, ସେଥି ଉପରେ ଗୁରୁତ୍ୱ ଦେଇଥିଲେ। ଶକ୍ତି ପଟେଲ ମହିଳାମାନଙ୍କର ଆର୍ଥିକ ଓ ସାମାଜିକ ଅଧିକାର, ସଶକ୍ତୀକରଣ ଏବଂ ସ୍ୱାବଲମ୍ବନ ବିଷୟରେ ଉପଯୋଗୀ ତଥ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟଶାଳାରେ ଜିଲାର ବହୁ ଅଙ୍ଗନୱାଡ଼ି କର୍ମୀ, ଏସ୍ଏସ୍ଜି ଗ୍ରୁପ ସଦସ୍ୟା ଓ ଆଶା କର୍ମୀମାନେ ବହୁସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ପଦ୍ମପୁର କପ ଫୁଟବଲ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ପଦ୍ମପୁର,୫।୨(ପ୍ରଦୀପ୍ତ ଦାଶ)

ସ୍ଥାନୀୟ ପୁରୋହିତ କଲ୍ୟାଣ ମଣ୍ଡପରେ ପଦ୍ମପୁର ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ହେବାକୁଥିବା ପଦ୍ମପୁର କପ୍ ଫୁଟବଲ ଟୁର୍ନାମେଣ୍ଟ ୨୦୨୬ର ସଫଳ ଆୟୋଜନ ପାଇଁ ପ୍ରତାପ ମିଶ୍ରଙ୍କ ସଭାପତିତ୍ୱରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କୁଟିଣ୍ଡା ବ୍ରଦର୍ସ ଫୁଟବଲ କ୍ଲବ, ସ୍ପୋର୍ଟ୍ସ ହଷ୍ଟେଲ ଫୁଲବାଣୀ, ଝା କ୍ଲବ, ଝାରସୁଗୁଡ଼ା, ରାୟପୁର ଇଉ ଏଫ ସି ଆଫ୍ରିକା, ସଲୋନୀ ଏକାଡେମୀ ସାରଙ୍ଗଗଡ଼, ସମଲେଶ୍ୱରୀ ଏକାଡେମୀ ସମ୍ବଲପୁର, ଜଳଦା ଫୁଟବଲ ଟିମ ରାଉରକେଲା ଏହିପରି ସମୁଦାୟ ୮ଟି ଦଳ ଅଂଶଗ୍ରହଣ କରିବା ସୂଚନା ରହିଛି। ଗୁରୁବାର ଖବରଦାତା ସମ୍ମିଳନୀରେ ଉପସଭାପତି ସଚ୍ଚିଦାନନ୍ଦ ବହିଦାର, ସମ୍ପାଦକ ଚିନ୍ମୟ କୁମାର ପଣ୍ଡା, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ମାଝୀ ଏବଂ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡ. ନାରାୟଣ ପୁରୋହିତ, ସରୋଜ ମିଶ୍ର, ଅଶୋକ କାଲସାଏ, ନରେନ୍ଦ୍ର ସାହୁ, ନିରୋଜ ସିହ୍ନା, ପପୁ ନାଏକ, ଅଭିମନ୍ୟୁ ପୃଷ୍ଟି, ସୁନୀଲ ବାରିକ, ପ୍ରଦୀପ ଜାଲ, ପ୍ରଦୀପ ପାତ୍ର, ଶିରୀଶ ସାହୁ, ନରେଶ ବାରିକ, ରାଜେଶ ପଟ୍ଟନାୟକ, ନରୋତ୍ତମ ପ୍ରଧାନ, ଜୟପାଳ ଭୋଇ ଉପସ୍ଥିତ ଥିଲେ। ନାରାୟଣ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଅତାବିରାରେ ଗୋଟିଏ ରାତିରେ ୪ ଦୋକାନର ତାଲା ଭାଙ୍ଗିଲେ ଦୁର୍ବୃତ୍ତ

ଅତାବିରା,୫।୨(ଯୁଧିଷ୍ଠିର ମହାପାତ୍ର):

ଅତାବିରା ଥାନା ଅଞ୍ଚଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଚୋରଙ୍କ ଦୌରାତ୍ମ୍ୟ। ବୁଧବାର ବିଳମ୍ବିତ ରାତି ୨ରୁ ୩ଟା ମଧ୍ୟରେ ଏକାଥରକେ ୪ଟି ଦୋକାନର ତାଲା ଭାଙ୍ଗିଛନ୍ତି ଦୁର୍ବୃତ୍ତ। ଅତାବିରା ଥାନାରୁ ୧୦୦ ମିଟର ଦୂର ଅରୁତାନନ୍ଦ ଦାଶଙ୍କ ଏକ ବିହନ ଦୋକାନ ତାଲା ଭାଙ୍ଗି ନଗଦ ୪୦ହଜାର ଟଙ୍କା ଓ ବ୍ଲାଙ୍କ ଚେକ ବହି ଓ ପାସ୍ ବୁକ୍ ଚୋରି କରି ନେଇଛନ୍ତି। ସେହିପରି ଏହି ଦୋକାନ ପାଖରେ ଅନ୍ୟ ଏକ ମୋବାଇଲ ଦୋକାନର ତାଲା ଭାଙ୍ଗି ଦେଇଛନ୍ତି । ସେହି ଅତାବିରା ଥାନା ଅନ୍ତର୍ଗତ ଚକୁଳି ଫାର୍ମଠାରେ କମଳ ମେହେରଙ୍କ ଗ୍ରାହକ ସେବା କେନ୍ଦ୍ର ଦୋକାନ ଓ ନରେନ୍ଦ୍ରନାଥ ବାରିକଙ୍କ ଏକ ସେଲୁନ ଦୋକାନର ମଧ୍ୟ ତାଲାଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି କରି ନେଇଛନ୍ତି। ଗତ କିଛିଦିନ ହେଲା ଚୋରମାନେ ମଧ୍ୟରାତିରେ ବନ୍ଦ ଥିବା ଘର ସହିତ ମୋବାଇଲ ଦୋକାନ, ସୁନା ଦୋକାନକୁ ଟାର୍ଗେଟ କରୁଛନ୍ତି। ବିଭିନ୍ନ ଜାଗାରେ ସିସି ଟିଭି କ୍ୟାମେରା ଲାଗିଥିଲେ ମଧ୍ୟ ମୁହଁ ଘୋଡ଼ାଇ ଚୋରି କରି ନେଉଛନ୍ତି । ତେବେ ବର୍ତ୍ତମାନ ସୁଦ୍ଧା ପୋଲିସ ଅଭିଯୁକ୍ତମାନଙ୍କୁ ଧରିବାରେ ବିଫଳ ହୋଇଥିବାରୁ ଲୋକେ ପୋଲିସର ନିଷ୍କ୍ରିୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି।

## ଜିଲାସ୍ତରୀୟ ପିଏମ୍ଶ୍ରୀ ଉତ୍ସବ ଉଦ୍‌ଘାଟିତ



ପିଏମ୍ଶ୍ରୀ ଉତ୍ସବରେ ମଞ୍ଚାସୀନ ଅତିଥି।

ବୌଦ୍ଧ,୫।୨(ଅଜିତ କୁମାର ବାରିକ)

ବୌଦ୍ଧ ସଦର ପିଏମ୍ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ସ୍ତରୀୟ ପିଏମ୍ଶ୍ରୀ ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ବିଭୂତି ଭୂଷଣ ନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସମସ୍ତ ଅତିଥି ପ୍ରଦର୍ଶନରେ ଥିବା ଛାତ୍ରୀଛାତ୍ରଙ୍କ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ପଚାରି ବୁଝିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପିଲାଙ୍କ ବ୍ୟକ୍ତିତ୍ୱ ନିର୍ମାଣରେ ଗୁରୁତ୍ୱ ଦିଆଯାଇଛି, ଯାହାକି ପିଲାଙ୍କୁ ଅନେକ ଆଗକୁ ନେଇଯିବ, ପିଲାମାନେ ଏକ ସୁନ୍ଦର ମଣିଷ ହୋଇ ସମାଜକୁ ଆଗକୁ ନେବାରେ ସହାୟକ ହୋଇପାରିବେ ବୋଲି ଜିଲା ଶିକ୍ଷା ଅଧିକାରୀ ଟମେଲାଲ ଦୁବେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ସନ୍ତୋଷ କୁମାର କର୍ଣ୍ଣ ଅତିଥି ପରିଚୟ ସହିତ ମଞ୍ଚ ପରିଚାଳନା କରିଥିଲେ। ଜିଲାର ପିଏମ୍ଶ୍ରୀ ବାବା ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟ ସରସରା, ପିଏମ୍ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଦହ୍ୟା, ପିଏମ୍ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୌଦ୍ଧ, ପିଏମ୍ଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୋଡିବାହାଲର ଛାତ୍ରୀଛାତ୍ରମାନେ ଉକ୍ତ କାର୍ଯ୍ୟକ୍ରମର ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବାବେଳେ ବଢିଗାଁ ଓ ହରଭଙ୍ଗା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଆଦର୍ଶ ସଂସଦରେ ଅଂଶଗ୍ରହଣ କରିଥିଲେ।

## ନରେନ୍ଦ୍ର ପ୍ରଧାନ ଝାରବନ୍ଧ ବ୍ଲକ କଂଗ୍ରେସ ସଭାପତି

ଝାରବନ୍ଧ,୫।୨(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ ଅନ୍ତର୍ଗତ ଚଣ୍ଡୀଭଟାର ସାମାଜିକ କର୍ମୀ ତଥା କଂଗ୍ରେସ ନେତା ନରେନ୍ଦ୍ର ପ୍ରଧାନ ଝାରବନ୍ଧ ବ୍ଲକ କଂଗ୍ରେସ ସଭାପତି ଭାବେ ମନୋନୀତ ହୋଇଛନ୍ତି। ପ୍ରଧାନ ଜଣେ ଦକ୍ଷ ରାଜନେତା ଭାବରେ ଅଞ୍ଚଳରେ ବେଶ୍ ପରିଚିତ। ସେ ଅନେକ ଥର ପଞ୍ଚାୟତ ନିର୍ବାଚନରେ ବିଭିନ୍ନ ପଦ ପଦବୀରେ ନିର୍ବାଚିତ ହୋଇ ଜନ ସେବା କରିଆସିଛନ୍ତି । ତାଙ୍କୁ ଝାରବନ୍ଧ ବ୍ଲକ କଂଗ୍ରେସ ସଭାପତି ଭାବେ ମନୋନୀତ କରିଥିବାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ବରଗଡ ଜିଲା କଂଗ୍ରେସ କମିଟି ସଭାପତି ହରଦୀପ ସିଂଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଆନ୍ତଃ ଜିଲା ଯୁବ ବିନିମୟ ପ୍ରଶିକ୍ଷଣ ଶିବିର




ଶିବିରରେ ଉପସ୍ଥିତ ଯୁବତୀ, ଯୁବକମାନେ।

ପାଇକମାଳ,୫।୨(ବଡ଼ ଶତପଥୀ)

ଭାରତ ସରକାରଙ୍କ ଯୁବ ଏବଂ ଖେଳ ମନ୍ତ୍ରଣାଳୟର ଅଧୀନରେ କାର୍ଯ୍ୟ କରୁଥିବା ମେରା ଯୁବ ଭାରତ ବରଗଡ ଦ୍ୱାରା ଏକ ପାଞ୍ଚ ଦିନିଆ ଆନ୍ତଃ ଜିଲା ଯୁବ ବିନିମୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭିଡି ପ୍ଲେସ ବରଗଡ଼ଠାରେ ୨-୨ ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଗଞ୍ଜାମ ଜିଲାର ୧୦ ଜଣ ଯୁବତୀ ଓ ୨୭ ଜଣ ଯୁବକ ଅଂଶଗ୍ରହଣ କରିଛନ୍ତି। ଏହି ଶିବିର ଗତ ୨ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜିଲା ଯୁବ ଅଧିକାରୀ କମଳ ସା ଜଣାଇଛନ୍ତି। ଶିବିରର ଚତୁର୍ଥ ଦିନରେ ସମସ୍ତେ ପାଇକମାଳ ନୃସିଂହ ନାଥ ପହଞ୍ଚି ପ୍ରଥମେ ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାପରେ ଦୁର୍ଲଭ ହରିହର ପଙ୍ଗତ ପ୍ରସାଦ ଗ୍ରହଣ କରିଥିଲେ। ଏହାପରେ ସମସ୍ତ ପାର୍ଟିସିପେଣ୍ଟମାନେ ପବିତ୍ର ଚାଲଧାର ଘାଟ, ଭୀମଧାର ଘାଟ, ସୀତାକୁଣ୍ଡ ଘାଟ, ପଞ୍ଚପାଣ୍ଡବ ଘାଟ ଦେଖି ପ୍ରକୃତି ନିବାସରେ ଏକତ୍ରିତ ହୋଇଥିଲେ। ଏଠାରେ ପ୍ରକୃତି ବନ୍ଧୁ ବଡ ଶତପଥୀ ଗନ୍ଧମାର୍ଦ୍ଦନ ପର୍ବତ, ଏଠାରେ ଥିବା ଔଷଧ, ଜଳପ୍ରପାତ, ନୃସିଂହନାଥ ମନ୍ଦିରର ସମସ୍ତ କାହାଣୀ ବର୍ଣ୍ଣନା କରିଥିଲେ। ସେଠାରୁ ଲୁମ୍ବିନି ଉଦ୍ୟାନ, ପାର୍ବତୀ ଗିରି ଆଶ୍ରମ, ଔଷଧୀୟ ବୃକ୍ଷ ଉଦ୍ୟାନ ସହିତ ଜଙ୍ଗଲ ଭ୍ରମଣ କରିଥିଲେ। ଆୟୁର୍ବେଦ ମହାବିଦ୍ୟାଳୟର ସମ୍ପାଦକ ମନୋଜ ତ୍ରିବେଦୀ ଓ ପ୍ରକୃତି ବନ୍ଧୁ ମିନକେତନ ସାହୁ ମଧ୍ୟ ବିଭିନ୍ନ ଔଷଧ ବୃକ୍ଷ ଓ ଏହାର ଉପକାରିତା ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ସେହିପରି କସ୍ତୁରବା ଗାନ୍ଧୀ ମାତୃ ନିକେତନକୁ ପହଞ୍ଚି ପଶ୍ଚିମ ଓଡ଼ିଶାର ମଦର ଟେରେସା ପାର୍ବତୀ ଗିରିଙ୍କ ବିଷୟରେ ଅନେକ ଜିନିଷ ଜାଣିବାକୁ ପାଇଥିଲେ ଛାତ୍ରୀଛାତ୍ରମାନେ। ଆଜିର ଏହି କାର୍ଯ୍ୟକ୍ରମରେ ଆଶୀର୍ବାଦ ମହାପାତ୍ର, ସାମ୍ବାଦିକ ଉମେଶ ବିଶ୍ୱାଳ, ନୃସିଂହ ନାଥ ଆୟୁର୍ବେଦ ମହାବିଦ୍ୟାଳୟର ସମ୍ପାଦକ ମନୋଜ ତ୍ରିବେଦୀ, ପ୍ରକୃତି ବନ୍ଧୁ ବଡ ଶତପଥୀ, ପ୍ରକୃତି ବନ୍ଧୁ ମିନକେତନ ସାହୁ ଦୁର୍ଯ୍ୟୋଧନ ପାଣ୍ଡେ ଓ ଛନ୍ଦାଚରଣ ଭୋଇ ପ୍ରମୁଖଙ୍କ ସହ ୪୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶେଷରେ ଭାରତ ସରକାରଙ୍କ ଜିଲା ଯୁବ ଅଧିକାରୀ କମଳ ସା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ନିଜେ ପଢୁଥିବା ସ୍କୁଲରେ ଡିଇଓ ସମ୍ବର୍ଦ୍ଧିତ



ସମ୍ବର୍ଦ୍ଧନା ସଭାରେ ଡିଇଓ ନିଜ ମତ ରଖୁଛନ୍ତି।

ବରଗଡ଼,୫।୧(ପ୍ରେମାନନ୍ଦ ଖମାରୀ) : ବରଗଡ଼ ପୌର ପରିଷଦ ଅଧୀନ ଖଜୁରଟିକ୍ରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଖଜୁରଟିକ୍ରା ପଡ଼ାବାସୀ ଓ ବିଦ୍ୟାଳୟ ପକ୍ଷରୁ ଏହି ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ବରଗଡ଼ ଜିଲା ଶିକ୍ଷା ଅଧିକାରୀ(ଡିଇଓ) ଜ୍ୟୋତିକାନ୍ତ ସାହୁଙ୍କୁ ଗୁରୁବାର ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଡିଇଓ ସାହୁ ଏହି ବିଦ୍ୟାଳୟରେ ନିଜର ପ୍ରାଥମିକ ଶିକ୍ଷା ଲାଭ କରିଥିବା ବେଳେ ନିଜର କର୍ମନିଷ୍ଠ ଉଦ୍ୟମରେ ପ୍ରଧାନ ଶିକ୍ଷକରୁ ଜିଲା ଶିକ୍ଷା ଅଧିକାରୀ ହୋଇଛନ୍ତି। ପଡ଼ାବାସୀଙ୍କ ପକ୍ଷରୁ ପୌର ଅଧ୍ୟକ୍ଷା କଳ୍ପନା ମାଝୀ, ସୁରେଶ କୁମାର ଗନ୍ତାୟତ, ଶଙ୍କର ପଟ୍ଟନାୟକ, ଗୋପାଳକୃଷ୍ଣ ଦାଶ, ପୂର୍ଣ୍ଣଚନ୍ଦ୍ର ଦାସ, ରାମଚନ୍ଦ୍ର ସାହୁ, ନିମାଇଁ ଚରଣ ମହାପାତ୍ର, ବାବଲୁ ଠାକୁର, ଲକ୍ଷ୍ମଣ ପାତ୍ର, ରାଜେନ୍ଦ୍ର ଚିନ୍ଦ୍ରା, ପ୍ରଶାନ୍ତ ଭୋଇ, ରେବତୀ କାନ୍ତ ଛତ୍ର, ଚିନ୍ତାମଣି ପରିଡ଼ା, ଅସୀମ ଦାସ, ଦୁର୍ଯ୍ୟୋଧନ ପରିଡ଼ା, ସିଆର୍‌ସିସି ରେବତୀ ରାଉତ, ପ୍ରଧାନ ଶିକ୍ଷୟିତ୍ରୀ ସୁଭାଷିନୀ ସୁନା, ଶିକ୍ଷକ ନବୀନ ସାବତ, ଶିକ୍ଷୟିତ୍ରୀ ଅରୁଣା ବାଗ ଝରଣା ଦାସ, ଶିକ୍ଷକ ଆଶୁତୋଷ ଛତର, ଶିବ ପ୍ରସାଦ ବାଗ ପ୍ରମୁଖ ଉପସ୍ଥିତ ରହି ସାହୁଙ୍କୁ ସମ୍ବର୍ଦ୍ଧିତ କରିବା ସହ ଏହି ବିଦ୍ୟାଳୟର ଗର୍ବ ଓ ଗୌରବ ବୋଲି ଅଭିହିତ କରିଥିଲେ। ଡିଇଓ ସାହୁ ସ୍କୁଲର ପୁରୁଣା ସ୍ମୃତିଚାରଣ କରିବା ସହ ଜିଲାରେ ଶିକ୍ଷାର ବିକାଶ ପାଇଁ ଉଦ୍ୟମ କରିବା ସହିତ ଏହି ବିଦ୍ୟାଳୟର ଉନ୍ନତି ପାଇଁ ସ୍ୱତନ୍ତ୍ର ଦୃଷ୍ଟି ପ୍ରଦାନ କରିବି ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା।

## ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀ ସମ୍ବର୍ଦ୍ଧିତ

ବରପାଲି,୫।୨(ଚିତ୍ତରଞ୍ଜନ ସାହୁ)




ପ୍ରଶଂସାପତ୍ର ପାଇଥିବା ଯୁବ ସ୍ୱେଚ୍ଛାସେବୀ ଏବଂ ଅନ୍ୟମାନେ।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଯୁବ ରେଡ୍‌କ୍ରସ୍ ପକ୍ଷରୁ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ଶିବିର ଜାନୁୟାରୀ ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ଚାରି ଦିନ ଧରି ଅନୁଷ୍ଠିତ ହୋଇଥିଲା। ଯୁବ ରେଡ୍‌କ୍ରସ୍ କାଉନସେଲର ଯତୀନ୍ଦ୍ର କୁମାର ସାହୁ ଓ ରେଡ୍‌କ୍ରସ୍ ସହଯୋଗୀ କାଉନସେଲର ଯାଜ୍ଞସେନୀ ପଟେଲଙ୍କ ତତ୍ତ୍ୱାବଧାନରେ ତୃତୀୟ ବର୍ଷ ଛାତ୍ରୀ ଯାଜ୍ଞସେନୀ ମହାକୁର ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଥିଲେ। ଯାଜ୍ଞସେନୀ ପ୍ରବନ୍ଧରେ ଅଂଶଗ୍ରହଣ କରି ଶ୍ରେଷ୍ଠ ବିବେଚିତ ହୋଇଥିଲେ। ଏହି ଅବସରରେ ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ଗତ ମଙ୍ଗଳବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇ ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଅବସରରେ ମହାବିଦ୍ୟାଳୟର ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀମାନେ ସଫେଇ ଅଭିଯାନରେ ଭାଗ ନେଇଥିଲେ ଏବଂ ନିଜର ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରିଥିଲେ। ପରବର୍ତ୍ତୀ ସମୟରେ ସ୍ୱେଚ୍ଛାସେବୀମାନଙ୍କୁ ଅଧ୍ୟକ୍ଷା ପ୍ରଶଂସାପତ୍ର ପ୍ରଦାନ କରିଥିଲେ।

## ସାଂସ୍କୃତିକ କଳା ମଣ୍ଡପର ଉଦ୍‌ଘାଟନୀ ସମାରୋହ

ବରଗଡ଼,୫।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ବରଗାଁ ପଞ୍ଚାୟତ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାତିକରପଲ୍ଲୀରେ ଗୁରୁବାର ନବ ନିର୍ମିତ ସାଂସ୍କୃତିକ କଳା ମଣ୍ଡପର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଆଦାନୀ ଫାଉଣ୍ଡେଶନର ପ୍ଲାଣ୍ଟ ମ୍ୟାନେଜର ସୁକାନ୍ତ ସାମନ୍ତ, ସମ୍ମାନିତ ଅତିଥି ଭାବେ ଅତାବ ଅଲ୍ଲୀ ମଣ୍ଡଳ, ସିଏସଆର୍ ହେଡ଼ ପ୍ରଦୀପ୍ତ କୁମାର ମହାନ୍ତି ଯୋଗଦେଇ ଏହି କଳା ମଣ୍ଡପର ଶୁଭ ଉଦ୍‌ଘାଟନ କରିଥିଲେ। ଏହାପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିବୁଧେନ୍ଦୁ ମହାନନ୍ଦ ଅଧ୍ୟକ୍ଷତା କରିଥିଲେ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ସ୍କୁଲର ଏସ୍ଏମ୍‌ସି ଚେୟାରମ୍ୟାନ ଓ ଅନ୍ୟାନ୍ୟ ସଭ୍ୟାସଭ୍ୟ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ନବନିର୍ମିତ କଳା ମଣ୍ଡପ ହେବା ଦ୍ୱାରା ସ୍କୁଲର ଛାତ୍ରୀଛାତ୍ରମାନେ ନିଜର କଳା ପ୍ରଦର୍ଶନ କରିପାରିବେ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏହା ବେଶ ଉପଯୋଗୀ ହେବ ବୋଲି ଅତିଥିମାନେ କହିଛନ୍ତି। ସ୍କୁଲରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅଧିକ ଥିବାବେଳେ ଶ୍ରେଣୀ ଗୃହ ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଧ୍ୟାନ ଆକର୍ଷଣ ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା। ଶେଷରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିବୁଧେନ୍ଦୁ ମହାନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସହରରେ ବୁଲିଲା ଭୁଜାଲି, ଜଣେ ଗୁରୁତର

ବରଗଡ଼,୫।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ହାଟପଦା ସାଇ ମନ୍ଦିର ପାଖରେ ଗୁରୁବାର ସନ୍ଧ୍ୟାରେ ଗୋଷ୍ଠୀ ସଂଘର୍ଷ ହୋଇଛି। କୌଣସି ଏକ କାରଣକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବଚସା ଓ ପରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଭୁଜାଲି ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ, ବରଗଡ଼ କଲେଜ ରୋଡ଼ରେ ରହୁଥିବା ପ୍ରଦୀପ ଲୁହା(୨୪)। ତାଙ୍କୁ ଗୁରୁତର ଅବସ୍ଥାରେ ବରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ତାଙ୍କ ଅବସ୍ଥା ସଂକଟାପନ୍ନ ରହିଥିବାବେଳେ ଜିଲା ମୁଖ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ପ୍ରଦୀପଙ୍କ ସହିତ ତାଙ୍କ ସାଙ୍ଗ ରୀତିକ ଓ ସୁରଜ ମଧ୍ୟ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ଅଛନ୍ତି। ଟାଉନ ଥାନା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗି ରହିଛି।

## ଉତ୍ତମ ଛାତ୍ର ହେବାପାଇଁ କଠିନ ପରିଶ୍ରମ ଲୋଡ଼ା

ଝାରବନ୍ଧ,୫।୨(ଦେବେନ୍ଦ୍ର ସାହୁ)




ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଝଙ୍କାର**

ଝାରବନ୍ଧ ବାଲିପାଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଝଙ୍କାର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପର୍ଶୁରାମ ପଣ୍ଡା, ସମ୍ମାନିତ ଅତିଥି ତହସିଲଦାର ଅଲେଖ ଘୁଟା, ଓଏଭି ଗଣ୍ଡପାଲି ବିଜେପୁର ପ୍ରିନ୍ସିପାଲ ମୁରାରୀ ପ୍ରସାଦ ସାହୁ, ମୁଖ୍ୟବକ୍ତା ଶ୍ୟାମଲାଲ ପ୍ରଧାନ, ଅଧ୍ୟକ୍ଷ ବିନ୍ଧ୍ୟବାସିନୀ କଲେଜ ପାଇକମାଳ ଯୋଗଦାନ କରି ଭଲ ମଣିଷ ହେବାପାଇଁ ଶିକ୍ଷାର ମହତ୍ତ୍ୱ ଓ ଜୀବନରେ ଜଣେ ସମାଜସେବୀ ହେବାପାଇଁ ଉପଦେଶ ଦେଇଥିଲେ। ଉତ୍ତମ ଛାତ୍ର ହେବାପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିବ। ଏଣୁ ପ୍ରତ୍ୟେକ ଛାତ୍ରୀଛାତ୍ର ଏଥିପ୍ରତି ଧ୍ୟାନ ଦେଇ ପାଠପଢିବା ଉଚିତ। ଅତିଥି ବୃନ୍ଦ ପ୍ରଥମେ ଅଞ୍ଚଳର ପ୍ରତିଷ୍ଠିତ ନୃସିଂହ ଠାକୁରଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବିଜୟ କୁମାର ଦାନୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନ କରିଥିବା ବେଳେ ବିପିନ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ବାଳକ ବିଭାଗରେ ଓମପ୍ରକାଶ ପଟେଲ ଓ ବାଳିକା ବିଭାଗରେ ଲିପିକା ସାହୁଙ୍କୁ ଚଳିତ ବର୍ଷର ଶ୍ରେଷ୍ଠ ବାଳକ ଓ ଶ୍ରେଷ୍ଠ ବାଳିକା ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୟ କୁମାର ଦାନୀଙ୍କ ନିର୍ଦ୍ଦେଶିତ ଏକାଙ୍କିକା 'ଜିରୋରୁ ହିରୋ' ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା।

# ରୋଗୀ ମୃତ୍ୟୁ ନେଇ ଉତ୍ତେଜନା


ମୃତକ ନୀତେଶ ଅବତାର।


ରୋଗୀ ମୃତ୍ୟୁ ପରେ ଡାକ୍ତରଖାନାରେ ଉତ୍ତେଜନା।

ରାଉରକେଲା,୫।୨(ସଙ୍ଗୀତା ଜେନା)

ସେକ୍ଟର-୧୯ ଥାନା ଅଧୀନ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଗୁରୁବାର ସକାଳେ ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ପ୍ରବଳ ଉତ୍ତେଜନା ଦେଖାଯାଇଥିଲା। ଅପରେଶନ ପରେ

## ଚିକିତ୍ସାରେ ଅବହେଳା ଅଭିଯୋଗ

ଉକ୍ତ ରୋଗୀଙ୍କ ମୃତ୍ୟୁ ଘଟିଥିବା ନେଇ ସୂଚିତ କରାଯିବା ପରେ ପରିବାର ଲୋକେ ହଙ୍ଗାମା କରିଥିଲେ। ଚିକିତ୍ସାରେ ଅବହେଳା ଅଭିଯୋଗ କରି ସେମାନେ ଧାରଣା ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ମୃତକ ହେଲେ ବନ୍ଧମୁଣ୍ଡା ଶୀତଲ ନଗରର ନୀତେଶ ଅବତାର(୨୪)। ଏ ନେଇ ଖବର ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୮ଟା) ଥାନାରେ କୌଣସି ଏତଲା ହୋଇ ନ ଥିବା ଜଣାପଡ଼ିଛି।

ମୃତକଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗ ମୁତାବକ, ପ୍ରାୟ ଦେଢମାସ ତଳେ ବନ୍ଧମୁଣ୍ଡା ଡିଜେଲ କଲୋନୀ ଅଞ୍ଚଳରେ ଏକ ଷଣ୍ଢ ଆକ୍ରମଣରେ ନୀତେଶ ଆହତ ହୋଇ ଉକ୍ତ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଦୀର୍ଘଦିନ ଚିକିତ୍ସା ପରେ ବୁଧବାର ଅପରାହ୍ନରେ ତାଙ୍କର ଅପରେଶନ କରାଯାଇଥିଲା। ହସ୍ପିଟାଲ କର୍ତ୍ତୃପକ୍ଷ ପରିବାରବର୍ଗଙ୍କୁ ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା ଜମା କରିବାକୁ କହିଥିଲେ। ହେଲେ ପରିବାର ଆର୍ଥିକ ସ୍ୱଚ୍ଛଳ ନ ଥିବା ଯୋଗୁ ସମ୍ପୂର୍ଣ୍ଣ ଟଙ୍କା ଜମା ହୋଇପାରି ନ ଥିଲା। ତେବେ ଅପରେଶନ ପରେ ଗୁରୁବାର ସକାଳେ ନୀତେଶଙ୍କ ଅବସ୍ଥା ଗୁରୁତର ହୋଇ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ସଂଖ୍ୟାରେ ସମ୍ପର୍କୀୟ ଡାକ୍ତରଖାନାରେ ଜମା ହୋଇ ଚିକିତ୍ସାରେ ଅବହେଳା ଅଭିଯୋଗ କରି ପାଟିତୁଣ୍ଡ କରିଥିଲେ।

# ବିଳମ୍ବିତ ରାତ୍ରିରେ ଜଳିଗଲା କାର୍

ରାଉରକେଲା/ବନ୍ଧମୁଣ୍ଡା,୫।୨ (ସଙ୍ଗୀତା ଜେନା/ସୁବ୍ରତ ଡେ):

ବିଶ୍ରା ଥାନା ଅନ୍ତର୍ଗତ ଚେକ୍ ଗେଟ୍ ନିକଟରେ ବୁଧବାର ବିଳମ୍ବିତ ରାତ୍ରିରେ ଘର ବାହାରେ ଥିବା ଏକ କାର୍‌ରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସୂଚନା ଅନୁସାରେ, ବୁଧବାର ରାତିରେ ଘର ବାହାରେ ରଖାଯାଇଥିବା ଅଜହର ନବାବଙ୍କ କାର୍ ହଠାତ୍ ଜଳିଗଲା। କାର୍‌ରେ ନିଆଁ ଦେଖି ପଡ଼ୋଶୀମାନେ ଘଟଣାସ୍ଥଳକୁ ଆସି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ସେତେବେଳକୁ କାର୍‌ଟି ଅଧିକାଂଶ ଜଳିଯାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ବିଶ୍ରା ପୋଲିସ ଘଟଣାସ୍ଥଳକୁ ଆସି ତଦନ୍ତ ଆରମ୍ଭ କରିଥିଲା। ତେବେ ସେଠାରୁ ଏକ ବୋତଲରେ ପେଟ୍ରୋଲ ଜବତ ହୋଇଥିବା ଯୋଗୁ କେହି ପେଟ୍ରୋଲ ଢାଳି ଗାଡ଼ିରେ ନିଆଁ ଲଗାଇଥିବା ସନ୍ଦେହ କରାଯାଉଛି। ପୋଲିସ ଗାଡ଼ିକୁ ଜବତ କରିଛି।

# ୧୦୧ ପେଟେଣ୍ଟକୁ ସ୍ୱୀକୃତି

## ୫ ବର୍ଷରେ ରାଉରକେଲା ଏନ୍‌ଆଇଟିର କୃତିତ୍ୱ


ଏନ୍‌ଆଇଟି ଅଧିକାରୀଗଣ।

ରାଉରକେଲା,୫।୨(ସଙ୍ଗୀତା ଜେନା)

ରାଉରକେଲା ଜାତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଏନ୍‌ଆଇଟି) ଭାରତରେ ଏକ ଅଗ୍ରଣୀ ନବସୃଜନ-ଚାଳିତ ପ୍ରତିଷ୍ଠାନ ଭାବେ ନିଜକୁ ସ୍ଥାପିତ କରିଆସୁଛି। ଆଜି ପର୍ଯ୍ୟନ୍ତ ଗତ ୫ ବର୍ଷରେ ଏହି ପ୍ରତିଷ୍ଠାନ ୨୩୦ ପେଟେଣ୍ଟ ଦାଖଲ କରିଛି। ଯେଉଁଥିରେ ୨୧୮ଟି ଜାତୀୟ ଏବଂ ୧୨ଟି ଅନ୍ତର୍ଜାତୀୟ ଫାଇଲିଂ ରହିଛି। ସେଥିମଧ୍ୟରୁ ୧୦୧ଟି ପେଟେଣ୍ଟକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଏଥିରେ ୯୭ଟି ଜାତୀୟ ଏବଂ ୪ଟି ଅନ୍ତର୍ଜାତୀୟ ପେଟେଣ୍ଟ ଅନ୍ତର୍ଭୁକ୍ତ, ଯାହା ପ୍ରତିଷ୍ଠାନର ଗବେଷଣା ଏବଂ ନବସୃଜନ ଇକୋସିଷ୍ଟମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏ ନେଇ ଗୁରୁବାର ଶିକ୍ଷାନୁଷ୍ଠାନ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସୂଚନା ପ୍ରଦାନ କରାଯାଇଛି। ଗତ କିଛିବର୍ଷ ମଧ୍ୟରେ ଶିକ୍ଷାନୁଷ୍ଠାନ ପକ୍ଷରୁ ପେଟେଣ୍ଟ ଦାଖଲ ଏବଂ ମଞ୍ଜୁର ସଂଖ୍ୟାରେ ଏକ ଉଲ୍ଲେଖନୀୟ ବୃଦ୍ଧି ହୋଇଛି। ପେଟେଣ୍ଟ ପରୀକ୍ଷା ଏବଂ ଅନୁମୋଦନ ପାଇଁ ସାଧାରଣତଃ ଆବଶ୍ୟକ ସମୟକୁ ବିଚାରକୁ ନେଇ ୨୦୨୫ ଫାଇଲିଂ ବୃଦ୍ଧିର ପ୍ରଭାବ ବର୍ତ୍ତମାନ ଏବଂ ପରବର୍ତ୍ତୀ ବର୍ଷଗୁଡ଼ିକରେ ଅଧିକ ସ୍ପଷ୍ଟ ପ୍ରତିଫଳିତ ହେବ ବୋଲି ଆଶା କରାଯାଉଛି। କେବଳ ୨୦୨୫ରେ ପ୍ରତିଷ୍ଠାନକୁ ୨୩ଟି ପେଟେଣ୍ଟ ପ୍ରଦାନ କରାଯାଇଥିଲା, ଯାହା ପୂର୍ବ ବର୍ଷଗୁଡ଼ିକ ତୁଳନାରେ ବୃଦ୍ଧିକୁ ଚିହ୍ନିତ କରୁଛି। ଏଆଇ ଆଧାରିତ ଯାନବାହନ ଯୋଗାଯୋଗ ବ୍ୟବସ୍ଥା ସ୍ୱାୟତ୍ତ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା, ଶିଳ୍ପ ବର୍ଜ୍ୟବସ୍ତୁ ଚିକିତ୍ସା, ପ୍ରୋଟୋଟାଇପ-ନିରୀକ୍ଷଣ, ଆଇଓଟି ଡିଭାଇସ୍ ନିରନ୍ତର ଖାଦ୍ୟ ପ୍ୟାକେଜିଂ ପ୍ରଯୁକ୍ତିବିଦ୍ୟା, ଆବର୍ଜନା ସମ୍ପଦରୁ ପ୍ରାପ୍ତ ଉନ୍ନତ ସାମଗ୍ରୀ ପ୍ରମୁଖ ରହିଛି। ଏହି ସଫଳତାକୁ ନେଇ ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ କହିଛନ୍ତି, ୧ ଶହ ମଞ୍ଜୁର ପେଟେଣ୍ଟ ଅତିକ୍ରମ କରିବା ଏନ୍‌ଆଇଟିର ଗବେଷଣା, ନବସୃଜନ ଏବଂ ବୌଦ୍ଧିକ ସମ୍ପତ୍ତି ସୃଷ୍ଟିର ଏକ ଦୃଢ଼ ସଂସ୍କୃତି ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏକ ନବସୃଜନ-ଚାଳିତ ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଆମର ପ୍ରୟାସକୁ ତ୍ୱରାନ୍ୱିତ କରୁଛୁ। ଆଗାମୀ ବର୍ଷରେ ମଞ୍ଜୁର ପେଟେଣ୍ଟ ସଂଖ୍ୟାକୁ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖିଛୁ, ଯାହା ଦୃଷ୍ଟିକୋଣକୁ ଅର୍ଥପୂର୍ଣ୍ଣ ଭାବେ ଯୋଗଦାନ ଦେବ ବୋଲି ରାଓ କହିଥିଲେ। ସିଆଇପିଆର୍ ଅଧ୍ୟକ୍ଷ ପ୍ରଫେସର ସୁଜିତ ସେନ୍ କହିଛନ୍ତି, ସିଆଇପିଆର୍ ସଂସ୍ଥାଗତ ଶୈକ୍ଷିକ ପ୍ରମାଣପତ୍ର, ର୍‍ୟାଙ୍କିଙ୍ଗକୁ ବୃଦ୍ଧି କରିବା ଏବଂ ଶିଳ୍ପ ସହଯୋଗକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଛି। ୨୦୨୬ରେ ଆମେ ସର୍ବନିମ୍ନ ୨୦୦ ପେଟେଣ୍ଟ ଦାଖଲ କରିବାକୁ ଲକ୍ଷ୍ୟ ରଖିଛୁ । ଆଗାମୀ ତିନି ବର୍ଷ ମଧ୍ୟରେ 'ଗୋଟିଏ ପେଟେଣ୍ଟ ପ୍ରତିଦିନ' ଲକ୍ଷ୍ୟ ହାସଲ କରିବାକୁ ପରିକଳ୍ପନା କରୁଛୁ ବୋଲି ସେନ କହିଥିଲେ।

# ଆକର୍ଷଣ ସାଜିଲା ପିଲାଙ୍କ କବିତା

ରାଉରକେଲା,୫।୨(ବିପ୍ଳବ ରଞ୍ଜନ ଦାଶ)

## ରାଉରକେଲା ପୁସ୍ତକ ମହୋତ୍ସବ

ଭଞ୍ଜ ସାଂସ୍କୃତିକ ନ୍ୟାସ ଆନୁକୂଲ୍ୟରେ ରାଉରକେଲା ଇସ୍ପାତ କାରଖାନା ସହଭାଗିତାରେ ସେକ୍ଟର-୫ସ୍ଥିତ ଭଞ୍ଜ ଭବନରେ ଆରମ୍ଭ ହୋଇଥିବା ରାଉରକେଲା ପୁସ୍ତକ ମହୋତ୍ସବ-୨୦୨୬ର ଗୁରୁବାର ତୃତୀୟ ସନ୍ଧ୍ୟା ଥିଲା। ଏହି ସନ୍ଧ୍ୟାରେ ପ୍ରମୁଖ ସାରସ୍ୱତ ଅନୁଷ୍ଠାନ ଯାଜ୍ଞସେନୀ ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ନେଇ କବିତା ଆବୃତ୍ତି କାର୍ଯ୍ୟକ୍ରମ ହୋଇଥିଲା। ଅବସରପ୍ରାପ୍ତ ଉପଜିଲାପାଳ ମହେନ୍ଦ୍ର ପଟ୍ଟନାୟକ ଉଦ୍‌ଘାଟକ ଏବଂ ଆର୍‌ଏସ୍‌ପି ଲୋକ ସମ୍ପର୍କ ବିଭାଗର ଜିଏମ୍ ତଥା ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରୀନା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା ଏବଂ ସାଧାରଣ ସମ୍ପାଦିକା ନୀନାରାଣୀ ଜେନା କାର୍ଯ୍ୟକ୍ରମ ଉପରେ ସମ୍ୟକ୍ ସୂଚନା ଦେଇଥିଲେ। ପ୍ରାୟ ୪୦ ଜଣ ଛାତ୍ରୀଛାତ୍ର କବିତା ଆବୃତ୍ତି କରିଥିଲେ। ଅଶୋକ କୁମାର ଜେନା, ଆରତୀ ମିତ୍ର, ଜୟଶ୍ରୀ ସାବତ, ଅଳକା ମହାନ୍ତି, ତୃପ୍ତି ପଟ୍ଟନାୟକ, ସବିନା ମହନ୍ତ, ଉଷାରାଣୀ ଶତପଥୀ ଏବଂ ଅଞ୍ଜଳି ଜେନା କାର୍ଯ୍ୟକ୍ରମ ସହଯୋଗ କରିଥିଲେ। ଉପଦେଷ୍ଟା ବିଜୟଲକ୍ଷ୍ମୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପୂର୍ବରୁ କଣ୍ଠଶିଳ୍ପୀ ସୂର୍ଯ୍ୟଜିତ ଏବଂ ତାଙ୍କ ଅନୁଷ୍ଠାନ ପକ୍ଷରୁ ଭଜନ ପରିବେଷଣ ହୋଇଥିଲା। ଆର୍‌ଏସ୍‌ପି ଲୋକ ସମ୍ପର୍କ ବିଭାଗ ଶିକ୍ଷାନବିଶ ସୌମ୍ୟ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଭଞ୍ଜ କଳା କେନ୍ଦ୍ରର ସାଧାରଣ ସମ୍ପାଦକ ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ଟ୍ରଷ୍ଟି ରାଧାକୃଷ୍ଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଏହି ପୁସ୍ତକ ମେଳା ଫେବୃଆରୀ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।



କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

# ୟୁଜିଏମ୍‌ରେ ପରିଚୟାତ୍ମକ ଶିକ୍ଷା ଭ୍ରମଣ କାର୍ଯ୍ୟକ୍ରମ


ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀମାନେ।

ରାଉରକେଲା,୫।୨(ବିପ୍ଳବ ରଞ୍ଜନ ଦାଶ)

ସେକ୍ଟର-୨୦ସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ୟୁଜିଏମ) ଓ ଦଳକିସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଗୁରୁବାର ପରିଚୟାତ୍ମକ ଶିକ୍ଷା ଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୟୁଜିଏମ୍‌ର ଅଧ୍ୟକ୍ଷା ରୀତା କୁମାରୀ ରାୟଙ୍କ ଅଧ୍ୟକ୍ଷତା, ବରିଷ୍ଠ ଅଧ୍ୟାପକ ସୁଶାନ୍ତ କୁମାର ମହାନ୍ତିଙ୍କ ଆବାହକତ୍ୱ ଓ ଅଧ୍ୟାପକ ପ୍ରଦୀପ କୁମାର ଗିରିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳକି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ରାମେଶ୍ୱର ନାଏକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥି ଗୁଣବତ୍ତା ଶିକ୍ଷା, ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ, ପରସ୍ପର ବିଦ୍ୟାଳୟ ମଧ୍ୟରେ ସହଭାଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟକ୍ଷା ରାୟ ତାଙ୍କ ବକ୍ତବ୍ୟରେ କହିଲେ, ଶିକ୍ଷା କେବଳ ପୁସ୍ତକ ପଢିବା ମଧ୍ୟରେ ସୀମିତ ନୁହେଁ। ଏଭଳି କାର୍ଯ୍ୟକ୍ରମ ବ୍ୟକ୍ତି ବିକାଶରେ ସହାୟକ ହେବା ସହ ଉଭୟ ବିଦ୍ୟାଳୟ ମଧ୍ୟରେ ସହଭାଗିତା, ଭାବର ଆଦାନ ପ୍ରଦାନ ଦ୍ୱାରା ପରସ୍ପର ମଧ୍ୟରେ ଭାବ ବଢାଇଥାଏ। ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ କରିବା, ସଂସ୍କାରିତ ହେବା, ପରସ୍ପର ମଧ୍ୟରେ ଭାବ ବିନିମୟ, ସଂସ୍କୃତି ବିନିମୟ ସହ ଭାରତୀୟ ସଂସ୍କୃତିକୁ ବଜାୟ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଦଳକି ବିଦ୍ୟାଳୟର ହରେକୃଷ୍ଣ ମିଶ୍ର, ମନୋଜ କୁମାର ସାହୁ, ଅରୁଣ ସାହୁ ଓ ଛାତ୍ର ଭୋଲେଶ୍ୱର ସାହୁ ଓ ଛାତ୍ରୀ କଙ୍ଗନା ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀ ବର୍ଷାରାଣୀ ଷଡ଼ଙ୍ଗୀ, ଅଧ୍ୟାପିକା ପ୍ରଭାତୀ ପ୍ରଧାନଙ୍କ ସହ ଉଭୟ ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟାପିକା ସନ୍ଧ୍ୟାରାଣୀ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ୟୁଜିଏମ୍‌ର ଅଧ୍ୟାପିକା ଅଧ୍ୟାପକ ରୀତା ଦାସ, ସତ୍ୟେନ୍ଦ୍ର କୁମାର ସିଂ, ମଞ୍ଜୁଲତା ଦେହୁରୀ, ରମେଶ ପ୍ରଧାନ, ସୌମ୍ୟରଞ୍ଜନ ଦାଶ, ସୁଚିତ୍ରା ପାଠକ, ସୁନିତା ମହାଳିକ, ସନ୍ତୋଷିନୀ ସାହୁ, ଶୈଳବାଳା ଷଡ଼ଙ୍ଗୀ, ସାଗରିକା ସେନାପତି, ଦଳକି ବିଦ୍ୟାଳୟର ତପନ କୁମାର ପ୍ରଧାନ, ସିପୁନ ସାହୁ, ଏକଲବ୍ୟ ପ୍ରଧାନ, ଅଙ୍କିତ ଦାସ, ଯଶୋମତୀ ସିଂ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦଳକି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୫ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ଏଆଇ, ମେଶିନ ଲର୍ନିଂ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ରାଉରକେଲା,୫।୨(ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ପକ୍ଷରୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ମେଶିନ ଲର୍ନିଙ୍ଗ୍ ଉପରେ ଏକ ଶିକ୍ଷକ ବିକାଶ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିପିୟୁଟିର କୁଳପତି ପ୍ରଫେସର ଅମୀୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଶିଳ୍ପ କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ମେଶିନ ଲର୍ନିଙ୍ଗ୍‌ର ଯୁଗାନ୍ତକାରୀ ସମ୍ଭାବନା ବିଷୟରେ ମୁଖ୍ୟ ଅତିଥି ରଥ କହିଥିଲେ। ଏହି କାର୍ଯ୍ୟକ୍ରମ ରାଉରକେଲାସ୍ଥିତ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ର ମଲ୍ଟି-ଆକ୍ଟିଭିଟି ସେଣ୍ଟରରେ ୫ ଦିନ ଧରି ଚାଲିବ। ପାଠ୍ୟକ୍ରମ ବିକାଶ ନିର୍ଦ୍ଦେଶକ ପ୍ରଫେସର ସୁଜିତ କୁମାର ଖଣ୍ଡୁଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରୀକ୍ଷା ନିର୍ଦ୍ଦେଶକ ତଥା ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ବି. ବି. ମଙ୍ଗରାଜ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ବିଶ୍ୱବିଦ୍ୟାଳୟ ଅଧୀନ ବିଭିନ୍ନ ଅନୁବନ୍ଧିତ ମହାବିଦ୍ୟାଳୟର ପ୍ରାୟ ୪୦ ଜଣ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଶିବିରରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ଏକାଡେମିକ୍ ଦକ୍ଷତା ବୃଦ୍ଧି, ପାଠ୍ୟକ୍ରମର ଉନ୍ନତୀକରଣ, ଏଆଇ ଭିତ୍ତିକ ଅନୁସନ୍ଧାନକୁ ପ୍ରୋତ୍ସାହିତ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ବନ୍ଦେ ଭାରତ ଟ୍ରେନ୍‌ରେ ଅଗ୍ନିକାଣ୍ଡ

ରାଉରକେଲା, ୫।୨(ସଙ୍ଗୀତା ଜେନା):

ହାୱଡ଼ାରୁ ରାଉରକେଲା ଅଭିମୁଖେ ଆସୁଥିବା ହାୱଡ଼ା-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଝାଡ଼ଖଣ୍ଡ ଚୁନିଆ ଷ୍ଟେଶନରେ ପହଞ୍ଚିବା ପରେ ଟ୍ରେନ୍‌ର ବୈଦ୍ୟୁତିକ ସିଷ୍ଟମରୁ ହଠାତ୍ ସ୍ପାର୍କିଂ ହୋଇ ନିଆଁ ଜଳିଥିଲା। ଫଳରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଉକ୍ତ ଟ୍ରେନ୍‌କୁ ବାତିଲ କରିଦିଆଯାଇଥିଲା। ତେବେ ଉକ୍ତ ଟ୍ରେନ୍‌ର ଯାତ୍ରୀମାନଙ୍କୁ ଦୂରନ୍ତୋ ଟ୍ରେନ୍‌ରେ ରାଉରକେଲା ପର୍ଯ୍ୟନ୍ତ ସ୍ଥାନାନ୍ତର କରାଯାଇଥିଲା। ଉକ୍ତ ରୁଟ୍‌ରେ ଟ୍ରେନ ଚଳାଚଳ ବ୍ୟାହତ ହୋଇଥିଲା। ସୂଚନା ଅନୁଯାୟୀ, ହାୱଡ଼ାରୁ ଆସୁଥିବା ବେଳେ ଉକ୍ତ ଟ୍ରେନ ସେମି -ହାଇସ୍ପିଡ୍ ଟ୍ରେନ୍‌ର ବୈଦ୍ୟୁତିକ ହଟ୍ ଆକ୍ସଲ୍ ପ୍ୟାନେଲରେ ସ୍ପାର୍କିଂ ହେବା ଦେଖାଯାଇଥିଲା। ସୁରକ୍ଷା ଦୃଷ୍ଟି କୋଣରୁ ସତର୍କତା ପୂର୍ବକ ଉକ୍ତ ଟ୍ରେନକୁ ଝାଡ଼ଖଣ୍ଡର ମନୋହରପୁର ପୂର୍ବରୁ ଷ୍ଟେଶନରେ କେହି ଆହତ ହୋଇ ନ ଥିବା କୁହାଯାଇଛି। ଘଟଣା ପରେ ଯାତ୍ରୀ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ରେଳର ବିସ୍ତୃତ ବୈଷୟିକ ଯାଞ୍ଚ ପାଇଁ ରେଳବାଇ ବନ୍ଦେ ଭାରତ ଏକ୍ସପ୍ରେସର ପରବର୍ତ୍ତୀ ଯାତ୍ରା ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଦ୍ୟୁତିକ ତ୍ରୁଟିର କାରଣ ମୂଲ୍ୟାଙ୍କନ କରିବା ପାଇଁ ଏକ ସ୍ୱତନ୍ତ୍ର ଇଞ୍ଜିନିୟରିଂ ଦଳକୁ ଘଟଣାସ୍ଥଳକୁ ପଠାଯାଇଥିଲା। ଏହିଅସୁବିଧା ଯୋଗୁ ଟ୍ରେନରେ ଥିବା ଶତାଧିକ ଯାତ୍ରୀଙ୍କୁ ଦୂରନ୍ତୋ ଟ୍ରେନରେ ଅପରାହ୍ନ ସାଢ଼େ ୧ଟାରେ ରାଉରକେଲା ପର୍ଯ୍ୟନ୍ତ ଅଣାଯାଇଥିଲା। ଏହି ଘଟଣା ପାଇଁ ସେକ୍ସନରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅପରାହ୍ନ ୩ଟା ପରେ ରୁଟ୍‌ରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ହମିରପୁରରେ ୪ ଟିକିଆ ହାତୀପଲ

ରାଉରକେଲା,୫।୨ (ସଙ୍ଗୀତା ଜେନା)

ହମିରପୁର ଅଞ୍ଚଳକୁ ଗୁରୁବାର ସନ୍ଧ୍ୟା ୭ଟାରେ ୪ଟିକିଆ ହାତୀପଲ ପଶିଆସିଛନ୍ତି। ଏହି ପଲରେ ଗୋଟିଏ ଲେଖାଏ ଦନ୍ତା, ମାଈ ଓ ୨ଟି ହାତୀ ଶାବକ ଥିବା ଜଣାପଡ଼ିଛି। ଏମାନଙ୍କୁ ଘଉଡାଇବାକୁ ବନ ବିଭାଗ ବାଣ ଫୁଟାଇବା ସହ ପଦକ୍ଷେପ ଗ୍ରହଣ କରିଛି। ଡାକବାଜି ଯନ୍ତ୍ର ଯୋଗେ ଜନସାଧାରଣଙ୍କୁ ସତର୍କ କରାଯାଉଛି।

# ବଜାଜ ଚେତକ୍ ଇଭି ସ୍କୁଟରର ରାଉରକେଲା ବଜାର ପ୍ରବେଶ

ରାଉରକେଲା,୫।୨(ଦିନେଶ ମିଶ୍ର)

ବଜାଜ୍ ଚେତକ୍ ଇଭି ସ୍କୁଟରର ରାଉରକେଲା ବଜାର ପ୍ରବେଶ ଉତ୍ସବ କଚେରି ରୋଡ୍ ଅମୃତଗଙ୍ଗା ପରିସରସ୍ଥ ଆର୍‌ଏମ୍ ମୋଟର୍ସ (ଚେତକ୍ ଅର୍ବାନାଇଟ୍) ୟୁନିଟ୍‌ରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆର୍‌ଏମ୍ ମୋଟର୍ସର ସ୍ୱତ୍ତ୍ୱାଧିକାରୀ ରାଜେଶ ମହାପାତ୍ରଙ୍କ ତତ୍ତ୍ୱାଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ବରିଷ୍ଠ ପରିଚାଳକ ମନୋଜ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବଜାଜ୍‌ର ଏହି ଚେତକ୍ ଇଭି ସ୍କୁଟର ବିଶେଷ କରି ମହିଳା ଓ ବରିଷ୍ଠ ନାଗରିକଙ୍କ ସହ ଛାତ୍ରୀଛାତ୍ରମାନେ ଅତି ସହଜରେ ଚାଳନା କରିପାରିବେ। ଏହି ସ୍କୁଟରରେ ୨.୫ କିଲୋ ୱାଟର ବ୍ୟାଟେରି ଲାଗିଥିବାବେଳେ ଥରେ ଚାର୍ଜ କଲେ ୧୧୩ କିଲୋମିଟର ଯାତ୍ରା କରିବ। ବଜାଜ୍ ଚେତକ୍ ଇଭି ସ୍କୁଟରକୁ ଥରେ ଫୁଲ୍ ଚାର୍ଜ କରିବା ପାଇଁ ମାତ୍ର ୩ ଘଣ୍ଟା ସମୟ ଲାଗୁଥିବାବେଳେ ଏହା ନାଲି, ମେଟାଲ ଓ ଆକାଶୀ ରଙ୍ଗରେ ଉପଲବ୍ଧ ରହିଛି। ବଜାଜ୍ କମ୍ପାନୀ ପକ୍ଷରୁ ଏହି ଗାଡିର ୫ ବର୍ଷ ୱାରେଣ୍ଟି ପ୍ରଦାନ କରାଯାଇଛି। ଏହାର ଏକ୍ସ ଶୋରୁମ୍ ମୂଲ୍ୟ ୭୪ ହଜାର ୬ଶହ ଟଙ୍କା ରହିଛି। ଉଦ୍‌ଘାଟନୀ ଉତ୍ସବରେ ଜଗଦୀଶ କୁମାର ରେଗଲା, ଆଶିଷ ମିଶ୍ର, ଦୀପ୍ତି ରଞ୍ଜନ ଓଝା, ଶୁଭଶ୍ରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବଜାଜ୍ ଚେତକ୍ ଇଭି ସ୍କୁଟରକୁ ଲିଜା ପରିଡା ପ୍ରଥମ ଗ୍ରାହକ ଭାବେ କିଣିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

## ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# କେ. ଟି. ବ୍ରଦର୍ସ ଦଳ ଚାମ୍ପିୟନ

ରାଉରକେଲା,୫।୨ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର 'ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ' ବିଶ୍ରା ବ୍ଲକ ଅନ୍ତର୍ଗତ ଜରାଇକେଲା ଗ୍ରାମପଞ୍ଚାୟତର କୋପସିଙ୍ଗା ଗ୍ରାମରେ ଉଦ୍‌ଯାପିତ ହୋଇଛି। ସମାପନୀ ସମାରୋହରେ ଖଣି ବିକାଶ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. କେ. ଗିରି ମୁଖ୍ୟ ଅତିଥି ଏବଂ ସହର ସେବା ଓ ସିଏସ୍‌ଆର ବିଭାଗର ସିଜିଏମ ଟି.ଜି. କାନେକର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟର ବିଜେତା ଏବଂ ରନର୍ସ ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଜରାଇକେଲା ସରପଞ୍ଚ ସୁରେଶ ଓରାମ, ପଞ୍ଚାୟତ ସମିତି ସଦସ୍ୟ ସୋମନାଥ ରାହା, ସିଏସ୍‌ଆର୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ର, ସିଏସ୍‌ଆର୍ ବିଭାଗର ଡିଜିଏମ୍ ଆର୍. ଏସ୍. ବାରା, ଡିଜିଏମ୍ ଟି. ବି. ଟପ୍ପୋ, ଡେପୁଟି ମ୍ୟାନେଜର ଏସ୍. କେ. ସୁକୁଲା, ସିଏସ୍‌ଆର୍ ବିଭାଗ କର୍ମଚାରୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ, ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ସାରୁବାହାଲର କେ. ଟି. ବ୍ରଦର୍ସ ଦଳ ଚନ୍ଦାମୁଣ୍ଡାର ଆର୍‌ଏସ୍ କଲୋନୀ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କାଏବଂ ପ୍ରଥମ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୮ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଜରାଟୋଲି ଏବଂ ସାରୁବାହାଲ ନୂଆଟୋଲିର ଏମ୍‌ୱାଇସି ଦଳ ୩ୟ ଏବଂ ୪ର୍ଥ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

**୪ ଗୋଟି ଧାନକ୍ରୟ କେନ୍ଦ୍ର ଉଦ୍ଘାଟିତ**

ବେଲପଡା,(ମନୋଜ କୁମାର ମିଶ୍ର): ବେଲପଡା ବ୍ଲକରେ ୪ଟି ଧାନକ୍ରୟ କେନ୍ଦ୍ର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି। ପ୍ରଥମେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ବ୍ଲକର ବାଗଦୋର ଗ୍ରାମରେ ୪୪ ଲକ୍ଷ ୨୯ ହଜାର ୨୬୬ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଧାନକ୍ରୟ କେନ୍ଦ୍ରକୁ ଉଦ୍ଘାଟନ କରିଥିଲେ। ସେହିପରି ଘାଗୁର୍ଲିରେ ୪୪ ଲକ୍ଷ ଟଙ୍କାର ଧାନକ୍ରୟ କେନ୍ଦ୍ର, ବେଲପଡାସ୍ଥିତ ଅନକାଡୁଙ୍ଗୁରି ନିକଟରେ ଓ କପାଣି ଗ୍ରାମରେ ନିର୍ମିତ ଧାନକ୍ରୟ କେନ୍ଦ୍ର ଉଦ୍ଘାଟନ କରିଥିଲେ। ଉପଜିଲାପାଳ ସୁନିଲ ମେହେର, ଏସଡିପିଓ ସଦାନନ୍ଦ ପୂଜାହାରି, ବିଡିଓ ରାଜେଶ ମେହେର, ତହସିଲଦାର ଅଭିଷେକ କିଶାନ ଓ ବିଧାୟକ ପ୍ରତିନିଧି ତନ୍ମୟ ଦାସଙ୍କ ସମେତ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ।

# ୪ଟି ନୂଆ ସବ୍‌ରେଜିଷ୍ଟ୍ରାର ଅଫିସ ଉଦ୍ଘାଟନ କଲେ ମୁଖ୍ୟମନ୍ତ୍ରୀ

**ବଲାଙ୍ଗୀର,୫।୨(ବୀରେନ୍ଦ୍ର କୁମାର ଝାଙ୍କର)**



ମୁଖ୍ୟମନ୍ତ୍ରୀଙ୍କ ଆଭାସି କାର୍ଯ୍ୟକ୍ରମରେ ଜିଲାପାଳ, ଅନ୍ୟ ଅଧିକାରୀ।

**ବଲାଙ୍ଗୀର ଜିଲା**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗୁରୁବାର ଆଭାସି ଜରିଆରେ ବଲାଙ୍ଗୀର ଜିଲାର ବେଲପଡା, ଖପ୍ରାଖୋଲ, ସଇଁତଲା ଓ ଦେଓଗାଁରେ ନୂଆ ସବ୍‌ରେଜିଷ୍ଟ୍ରାର ବା ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଉଦ୍ଘାଟନ କରିଛନ୍ତି। ଏହାସହିତ 'ଆମ ସାଥୀ' ସହାୟକ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍ ମଧ୍ୟ ଲୋକାର୍ପଣ କରିଥିଲେ।ଜିଲାପାଳ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ଗୃହରେ ଜିଲାପାଳ ଗୌରୱ ଶିବାଜୀ ଇସଲୱାର, ଅତିରିକ୍ତ ଜିଲାପାଳ ପବିତ୍ର କୁମାର ବେହେରା, ଉପଜିଲାପାଳ ଆଲୋକ କୁମାର ପଟେଲ, ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ମହାପାତ୍ର, ଦେବସ୍ମିତ ମଲ୍ଲିକ, ସୌମ୍ୟରଞ୍ଜନ ବେହେରା ଓ ସହକାରୀ ଜିଲାପାଳ ସରିତା ରାଣୀ ଶତପଥୀ, ସସ୍ମିତା ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜନସାଧାରଣ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍ ସହ ଯୋଡି ହୋଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ ସରକାରୀ ସେବା ସୁବିଧାଗୁଡିକ ପାଇ ପାରିବେ। 'ଆମ ସାଥୀ' ସେବା ଦ୍ୱାରା ଜନସାଧାରଣ ଆଉ ଦୂରରେ ଥିବା ଜିଲା କାର୍ଯ୍ୟାଳୟକୁ ଯିବାକୁ ପଡିବ ନାହିଁ। ଏଣିକି ସମ୍ପୃକ୍ତ ତହସିଲରେ ବସବାସ କରୁଥିବା ଜନସାଧାରଣ ଜମି, ଘର କ୍ରୟ ବିକ୍ରୟ ଦଲିଲ ତଥା ଜମି ସଂକ୍ରାନ୍ତ, ପ୍ରମାଣପତ୍ର ସମ୍ପର୍କିତ ସମସ୍ତ ସେବା ନିଜ ତହସିଲରେ ପାଇପାରିବେ। ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ପର୍ଯ୍ୟନ୍ତ ସବ୍ ରେଜିଷ୍ଟ୍ରାର ଅଫିସ ଅସ୍ଥାୟୀ ଭାବେ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ କରିବ ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ କାର୍ଯ୍ୟାଳୟର ରାଜସ୍ୱ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଶିକ୍ଷାର ଗୁଣାତ୍ମକ ବିକାଶ ହେଲେ ଦେଶର ବିକାଶ ସୁନିଶ୍ଚିତ

**ଜରାସିଂହା ନେତ୍ରଭାନୁ ହାଇସ୍କୁଲର ପ୍ଲାଟିନମ ଜୁବିଲି ଉଦ୍ଘାଟିତ**

**ଦେଓଗାଁ,୫।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**



ପ୍ଲାଟିନମ୍ ଜୁବିଲି ଉପଲକ୍ଷେ ସାଂସ୍କୃତିକ ଶୋଭାଯାତ୍ରା।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ନେତ୍ରଭାନୁ ହାଇସ୍କୁଲର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଗୁରୁବାର ପ୍ଲାଟିନମ ଜୁବିଲି ମହୋତ୍ସବ ଉଦ୍ଘାଟିତ ହୋଇଛି। ୪ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବର ଉଦ୍ଘାଟନୀ ଅବସରରେ ସକାଳ ପ୍ରାୟ ୯ଟା ସମୟରେ ସ୍ଥାନୀୟ ବୁଢ଼ିଆଇ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରିଥିଲା। ସ୍କୁଲର ବିଦ୍ୟାର୍ଥୀ, ଗ୍ରାମବାସୀ ଏକ ବିରାଟ ପଦୁଆରରେ ଜରାସିଂହା ଗ୍ରାମ ପରିକ୍ରମା କରି ସଭାସ୍ଥଳରେ ପହଞ୍ଚ ଥିଲେ। ପରେ ସେଠାରେ ମଶାଲକୁ ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ, କମିଟି ସଭାପତି ଲକ୍ଷ୍ମଣ କୁମାର ମେହେର ପ୍ରମୁଖ ସ୍ୱାଗତ କରିଥିଲେ। ଅପରାହ୍ନ ସାଢେ ଗୋଟାଏରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ଅପରାହ୍ନ ୪ଟାରେ କମିଟି ସଭାପତି ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ କଳିକେଶ ନାରାୟଣ ସିଂଦେଓ, ସମ୍ମାନିତ ଅତିଥି ଭାବେ ନୟାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅରୁଣ କୁମାର ସାହୁ, ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶିକ୍ଷାର ଗୁଣାତ୍ମକ ବିକାଶ ହେଲେ ଦେଶର ବିକାଶ ସୁନିଶ୍ଚିତ ବୋଲି ମତପ୍ରକାଶ କରିଥିଲେ । ଏହି ଅବସରରେ ସ୍ୱର୍ଗତ ପଞ୍ଚାନନ ପୁଟେଲ,ଅକ୍ଷୟ ମେହେର, ଗର୍ଜ୍ଜବ ବିନୋବା ମେହେର, ପ୍ରସାଦ ମେହେର ଓ ରାଜକିଶୋର ସିଂଙ୍କୁ ମରଣୋତ୍ତର ସମ୍ମାନ ପୂର୍ବକ ତାଙ୍କ ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା।ସେହିପରି ନିରଞ୍ଜନ ପୁଟେଲ, ଡ.ହରିଶ୍ଚନ୍ଦ୍ର ନାୟକ ଓ ରାଜ୍ୟସ୍ତରୀୟ କ୍ରୀଡାବିତ ରଶ୍ମିନୀ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଦିଲିପ କୁମାର ପୁଟେଲଙ୍କ ସଂଯୋଜନାରେ ଜିଲା ତଥା ଜିଲା ବାହାର କଳାକାରମାନଙ୍କ ଦ୍ୱାରା ପାରମ୍ପାରିକ ଲୋକକଳାକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ହାଇସ୍କୁଲର ପରିଚାଳନା କମିଟି ସହ-ସମ୍ପାଦକ କୈଳାସ କର୍ଣ୍ଣ, ଆଲୁମିନି ,ଉପବ ପରିଚାଳନା କମିଟି ସଦସ୍ୟ ତଥା ଗ୍ରାମବାସୀ ସହଯୋଗ କରୁଛନ୍ତି ।

# ଦୁର୍ଘଟଣାରେ ଜଣେ ମୃତ: ୪ ଗୁରୁତର

**ବେଲପଡା,୫।୨(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡା ଥାନା ମଣ୍ଡଲ ଗ୍ରାମର କ୍ରସର ପାଖ ଆମ୍ବ ବଗିଚା ନିକଟରେ ଗୁରୁବାର ସନ୍ଧ୍ୟା ୭ଟାରେ ଦୁଇ ବାଇକ୍‌ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସଇଁତଲା ଥାନା ଅନ୍ତର୍ଗତ ଦେଓଗାଁର ପ୍ରଫୁଲ୍ଲ ନାଗ(୫୦) । ଏହାଛଡା ଦୁର୍ଘଟଣାରେ ପ୍ରଫୁଲ୍ଲଙ୍କ ପୁଅ ଲିପୁନ (୨୫) ଓ ଝିଅ ରଶ୍ମିତା ନାଗ (୨୦) ଗୁରୁତର ଆହତ ହୋଇଛନ୍ତି। ଏହି ୩ ଜଣ ବେଲପଡାରୁ କୌଣସି କାମ ସାରି ନିଜ ଗ୍ରାମ ଦେଓଗାଁକୁ ଏକ ବାଇକ୍‌ରେ ଯାଉଥିଲେ। ଏହି ସମୟରେ ମଣ୍ଡଲ ଗ୍ରାମରୁ ସରମୁହାଣ ଗ୍ରାମର ଗୁଣବନ୍ତ ସାହୁ (୨୦) ଓ ଫଲସପଡା ଗ୍ରାମର ଗୋପବନ୍ଧୁ ଦାସ ଏକ ବାଇକ୍ ଯୋଗେ ବେଲପଡା ଅଭିମୁଖେ ନିଜ ଗ୍ରାମକୁ ଆସୁଥିବା ବେଳେ ଆମ୍ବ ବଗିଚା ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଛିଟିକି ପଡି ଆହତ ହୋଇଥିଲେ। ଦୁର୍ଘଟଣାରେ ଆହତ ୫ ଜଣଙ୍କୁ ଉଦ୍ଧାର କରାଯାଇ ବେଲପଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରଫୁଲ୍ଲଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ପ୍ରକାଶ କରିଥିଲେ। ସରମୁହାଣ ଗାଁର ଗୁଣବନ୍ତଙ୍କୁ ବଲାଙ୍ଗୀର ଭୀମ ଭୋଇ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ଅନ୍ୟ ୪ ଜଣ ବେଲପଡା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଛାତ୍ରୀଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର

**ଦେଓଗାଁ,୫।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**



ଶିବିର ଉଦ୍ଘାଟନୀ ଦିବସରେ ମଞ୍ଚସୀନ ଅତିଥିଗଣ।

ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଗୁରୁବାର ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍ଘାଟିତ ହୋଇଯାଇଛି । ଅଧ୍ୟାପିକା ସାରଦା ଭଞ୍ଜଦେଓଙ୍କ ସଂଯୋଜନାରେ ଚାଲିଥିବା ଶିବିରରେ ମୁଖ୍ୟଅତିଥି ଭାବେ କଲେଜର ଅଧ୍ୟକ୍ଷ ରମେଶଚନ୍ଦ୍ର ପ୍ରଧାନୀ ଯୋଗଦେଇ ଶିବିରକୁ ଉଦ୍ଘାଟନ କରିଥିଲେ। ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ଛାତ୍ରୀମାନେ ସାଂପ୍ରତିକ ପରିସ୍ଥିତିରେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ତାର ନିରାକରଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ସେବା ଯୋଜନାର ଅଧିକାରୀ ଆଶିଷ କୁମାର ପଣ୍ଡା ଯୋଗଦେଇ ଐତିହ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନର ପ୍ରାଧ୍ୟାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀ ଯୋଗଦେଇ ନାରୀ ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଆକାଂକ୍ଷା ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ କଲେଜର ୨୧୨ଜଣ ଛାତ୍ରୀ ୮ଦିନ ଧରି ପ୍ରଶିକ୍ଷଣ ନେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଅଭିନନ୍ଦା ସରାଫ ପ୍ରଶିକ୍ଷଣ ଦେଉଛନ୍ତି।

# ଭି ବି ଜି ରାମ ଜୀକୁ କଂଗ୍ରେସର ବିରୋଧ

**ଟିଟିଲାଗଡ଼,୫।୨(ଶରତ ମିଶ୍ର)**

ପୂର୍ବରୁ ଶ୍ରମିକଙ୍କୁ ନିଶ୍ଚିତ କର୍ମ ନିଯୁକ୍ତି ନେଇ କଂଗ୍ରେସ ସରକାର ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ଏ ମ୍ ଜି ଏ ନ ଅ । ର ଇ ଜି ଏ ସ ଯୋଜନାକୁ ବନ୍ଦ କରି ଭାଜପା ସରକାର ଭିବି ଜି ରାମଜୀ ଯୋଜନା ଆଣିବାକୁ ନେଇ କଂଗ୍ରେସ ଦଳ ବିରୋଧ ଜାରି ରଖିଛି । ଏହି କ୍ରମରେ ଗୁରୁବାର ଟିଟିଲାଗଡ଼ ବ୍ଲକ କାର୍ଯ୍ୟାଳୟରେ ଦଳର ବ୍ଲକ ସଭାପତି ମଗନ ନାଗଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ ଦଳର ଜିଲା ସାଧାରଣ ସମ୍ପାଦକ ଶିବ ପ୍ରସାଦ ପରିଡା, ଜିଲା ଏସସି ସେଲ ଅଧ୍ୟକ୍ଷ ଡମ୍ବରୁଧର ଛତ୍ରିଆ, ଟିଟିଲାଗଡ଼ ନଗର ସଭାପତି ରଞ୍ଜନ ଦାଶ, ବୀରେନ୍ଦ୍ର ବାଗ, ଜିଲା ସମ୍ପାଦକ ବିଚିତ୍ର ବାଗ, ଜୟସିଂ ତାଣ୍ଡି, ଲିଙ୍ଗରାଜ ସୁନା, ତାଜୁଦ୍ଦିନ ଖାନ, ସଞ୍ଜୟ ତାଣ୍ଡି, ଲାଲଟୁ ତାଣ୍ଡି, ଶିବା ଛତ୍ରିଆ, ସଚିକାନ୍ତ ତାଣ୍ଡି, ଦୀପକ ବିଶି, ହେମସାଗର ନାଗ, ଅଚ୍ୟୁତ ସୁନା, କୈଳାସ ମହାନନ୍ଦ, ନିଖିଳ ଦାଶ, ବଷ୍ଟି ଛତ୍ରିଆ, ମଧୁ ମହାନନ୍ଦ, କାହ୍ନା କଟା, କୁନମୁନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍ଘାଟିତ

**ଲାଠୋର,୫।୨(ଭୁବନେଶ୍ୱର ବାରିକ)**



ମାଷ୍ଟର ଟ୍ରେନର ଡାକପ୍ରିୟା ଛାତ୍ରୀ ମାନଙ୍କୁ ତାଲିମ ଦେଉଛନ୍ତି

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଡ଼ିଗ୍ରୀ କଲେଜରେ ଗୁରୁବାର ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍ଘାଟିତ ହୋଇ ଯାଇଛି । ଅଧ୍ୟକ୍ଷ ପ୍ରସନ୍ନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଲାଠୋର ଥାନା ଅଧିକାରୀ ଅବିନାଶ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମୟରେ ଛାତ୍ରୀମାନେ ଆତ୍ମସୁରକ୍ଷା ନିମନ୍ତେ ଜ୍ଞାନକୌଶଳ ଅର୍ଜନ କରିବା ଆବଶ୍ୟକ ବୋଲି କହିଥିଲେ । ୮ ଦିନ ଧରି ଚାଲିବାକୁ ଥିବା ଶିବିରରେ ୭୮ ଜଣ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ନେବା ପାଇଁ ଅଂଶଗ୍ରହଣ କରିଛନ୍ତି। ଆତ୍ମ ସୁରକ୍ଷା ତାଲିମ ଅଧିକାରୀ କବିତା ଅଗ୍ରୱାଲ ଶିବିର ସଞ୍ଚାଳନ କରିଥିଲେ। ତାଲିମ ପ୍ରଦାନ କରୁଛନ୍ତି ମାଷ୍ଟର ଟ୍ରେନର ଡାକପ୍ରିୟା ନାଗ। କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରୁଛନ୍ତି।

# ଆମ ପୋଲିସ ସମିତି ବୈଠକ

**ଟିଟିଲାଗଡ଼,୫।୨(ଶରତ ମିଶ୍ର)**

ଟିଟିଲାଗଡ଼ ପୋଲିସ ପକ୍ଷରୁ ଗୁରୁବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଟିଟିଲାଗଡ଼ ଏସ୍‌ଡ଼ିପିଓ ଯଶୋବନ୍ତ ପ୍ରଧାନୀ, ଥାନା ଆଇଆଇସି ମନୋଜ ମୁଣ୍ଡା, ସବ୍ ଇନ୍ସପେକ୍ଟର କିରଣ ଜାନୀ ନାଗରିକଙ୍କ ବିଭିନ୍ନ ସମସ୍ୟା ନେଇ ଖୋଲା ମତ ଲୋଡ଼ିଥିଲେ। ବୈଠକରେ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ନିଜର ମତ ରଖିଥିଲେ । ବିଶେଷ କରି ଟିଟିଲାଗଡ଼ ସହରରେ ଟ୍ରାଫିକ, ପାର୍କିଂ ସମସ୍ୟା, ଡ୍ରଗ୍ସର ଅବାଧ ବିକ୍ରୀ, ଖେଳ ପଡିଆ ସମେତ ବିଭିନ୍ନ ଅନ୍ଧାରୁଆ ସ୍ଥାନରେ ମଦ୍ୟପଙ୍କ ଭିଡ଼ ନେଇ ନାଗରିକ ଚିନ୍ତା ପ୍ରକଟ କରିଥିଲେ। ଅନେକ ବ୍ୟକ୍ତି ରାତି ଦିନ ରାସ୍ତା ଉପରେ ନିଜ ଚାରିଚକିଆ ଯାନ ପାର୍କିଂ କରୁଛନ୍ତି । ଅନେକ ଦୋକାନୀ, ହୋଟେଲ, ମଲ୍ ମାଲିକଙ୍କ ପାର୍କିଂ ସ୍ଥଳ ନଥିବା ସ୍ଥଳେ ସେମାନଙ୍କୁ ବ୍ୟବସାୟ ପାଇଁ ପୌର ପ୍ରଶାସନ ଅନୁମତି ଦେଇଛି। ସହର ମଧ୍ୟରେ ଭିଡ଼, ସ୍ପିଡ଼ ବାଇକର ଚଳାଚଳ ନେଇ ଭଦ୍ରବ୍ୟକ୍ତି ଚଲାବୁଲା କରିବାକୁ ମଧ୍ୟ ଭୟ କରୁଛନ୍ତି। ସହର ଉପକଣ୍ଠରେ ଆସନ୍ତା ୧୨ରୁ ୭ ଦିନ ବ୍ୟାପୀ ମହା ଶିବରାତ୍ରି ମେଳା ଆୟୋଜନ ହେବ। ଏନେଇ ଟ୍ରାଫିକ ବ୍ୟବସ୍ଥା ଆହୁରି ବିପର୍ଯ୍ୟସ୍ତ ହେବ । ମେଳା ସମୟରେ ସହରରେ ଚୋରି ଡକାୟତି ବୃଦ୍ଧି ପାଉଛି । ଏନେଇ ପୋଲିସ ପ୍ରଶାସନ ସଜାଗ ହେବାକୁ ବୈଠକରେ ବରିଷ୍ଠ ସମାଜସେବୀ ରାଜୁ ମିଶ୍ର, ହରି ନାରାୟଣ ମିଶ୍ର, ଟିଟିଲାଗଡ଼ ବ୍ୟବସାୟୀ ସଂଘ ସଭାପତି ଶମ୍ଭୁ ପ୍ରସାଦ ଗୋଏଲ, ସମ୍ପାଦକ ମନିଷ ଗୁପ୍ତା ପ୍ରମୁଖ ଚେତାଇ ଦେଇଥିଲେ। ବୈଠକରେ ପୂର୍ବତନ କାଉନସିଲର କୃଷ୍ଣଚନ୍ଦ୍ର ସରାଫ, କିରାନା ଦୋକାନୀ ସଂଘ ପକ୍ଷରୁ ପ୍ରଭାକର ସରାଫ, ଟିଟିଲାଗଡ଼ ଜେସିଆଇ ଅଧ୍ୟକ୍ଷ ଶୈଳେଶ ଗୋଏଲ, ପ୍ରକାଶ ଅଗ୍ରୱାଲ, ଭିକାରି ମିଶ୍ରଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ନାଗରିକଙ୍କ ସମସ୍ୟା ନେଇ ସମାଧାନର ଦିଗ ବାହାର କରାଯିବ ବୋଲି ଏସଡ଼ିପିଓ ପ୍ରଧାନୀ ପ୍ରତିଶ୍ରୁତି ଦେଇଥିଲେ ।

# 'କ୍ରୀଡା ଉତ୍ସବ ପ୍ରତିଭାର ମଞ୍ଚ'

**ପିଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍ଘାଟିତ**

**ବଲାଙ୍ଗୀର,୫।୨(ବୀରେନ୍ଦ୍ର କୁମାର ଝାଙ୍କର)**




କ୍ରୀଡ଼ା ଉତ୍ସବ ଅବସରରେ ମଞ୍ଚାସୀନ ଅତିଥି।

ସ୍ଥାନୀୟ ଗାନ୍ଧୀନଗରପଡାସ୍ଥିତ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍ଘାଟିତ ହୋଇଛି। ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇ ଯୋଗ ଦେଇଥିଲେ। ଜିଲା କ୍ରୀଡା ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ ଯାଜ୍ଞସିନୀ ମହାପାତ୍ର, ସୋମନାଞ୍ଜଳି ସାହୁ, ରଶ୍ମିତା ଦାଶ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭୋଇ ନିଜ ବକ୍ତବ୍ୟରେ ଛାତ୍ର ଜୀବନରେ କ୍ରୀଡାର ଅମୂଲ୍ୟ ଭୂମିକା ରହିଛି ବୋଲି କହିବା ସହ ଏହି କ୍ରୀଡା ଉତ୍ସବ ଶିଷ୍ଟାଚାର ଓ ସଫଳତାର ପଥ ବୋଲି କହିଥିଲେ। ମୁଖ୍ୟବକ୍ତା ପାତ୍ର ନିଜ ବକ୍ତବ୍ୟରେ ଏହି କ୍ରୀଡା ଉତ୍ସବକୁ ପ୍ରତିଭାର ମଞ୍ଚ ବୋଲି କହିବା ସହ ଏହି ଉତ୍ସବ ଶିକ୍ଷା ସହ ସ୍ୱାସ୍ଥ୍ୟର ସମନ୍ୱୟ ବୋଲି କହିଥିଲେ। ସଭା ପୂର୍ବରୁ ସକାଳ ୮ ଟା ସମୟରେ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ଦୀପ୍ତିମୟୀ ବେହେରା ଓ ଶିକ୍ଷକ ସୁରେଶ ବାରିକଙ୍କ ନେତୃତ୍ୱରେ ଛାତ୍ରୀ ତଥା ଅନ୍ୟମାନେ ବିଦ୍ୟାଳୟରୁ ବାହାରି ନଗର ପରିକ୍ରମା କରିଥିଲେ। ଏହି ଅବସରରେ ସ୍ଥାନୀୟ ପାଟଣେଶ୍ୱରୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରିଥିଲା। କ୍ରୀଡା ଶିକ୍ଷୟିତ୍ରୀ ବେହେରା ବାର୍ଷିକ ବିବରଣୀ ପଠନ କରିବା ସହ ଛାତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେଶ ବାରିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଧନ୍ୟବାଦ ଦେଇଥିଲେ ଶିକ୍ଷୟିତ୍ରୀ ସବିତା ମିଶ୍ର। ଏହି କ୍ରୀଡା ଉତ୍ସବରେ ଦୌଡ, ସଟପୁଟ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ମ୍ୟୁଜିକ ଚେୟାର, ସ୍ଲୋ ସାଇକେଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କେରଳରେ ଯୁବ ଚାଷୀଙ୍କ ମୃତ୍ୟୁ ଘଟଣା | ରେଡକ୍ରସରୁ ୩୦ ହଜାର ଟଙ୍କା ସହାୟତା

**ଲୋଇସିଂହା,୫।୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ନଅଗାଁ(କ)ର ଯୁବଚାଷୀ ବଳରାମ ପଧାନଙ୍କ ଚଳିତବର୍ଷର ଖରିଫ ଧାନ ବିକ୍ରି ବାବଦ ଟଙ୍କା କୌଣସି କାରଣରୁ କେରଳସ୍ଥିତ ଏକ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଛି । ଏହା ଜାଣିବା ପରେ ସେହି ଟଙ୍କା ଆଣିବାକୁ ଯାଇ କେରଳରେ ବଳରାମଙ୍କ ଗତ ରବିବାର ଦିନ ମୃତ୍ୟୁ ଘଟିଛି। ଦୀର୍ଘ ୪ ଦିନ ପରେ ବୁଧବାର ରାତିରେ ତାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି। ଏ ସମ୍ପର୍କରେ ଖବର ପାଇ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବିଡିଓ ମହାପାତ୍ର କୁଳଦୀପ ମହାନ୍ତି, ଅତିରିକ୍ତ ତହସିଲଦାର ଫାଲଗୁନୀ ଶବର, ଜିଲା ଶ୍ରମ ଅଧିକାରୀ ପ୍ରମୁଖ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଆଗଲପୁର ଅତିରିକ୍ତ ତହସିଲଦାର ଶବର ମୃତ ଯୁବ ଚାଷୀଙ୍କ ସମ୍ପର୍କୀୟଙ୍କୁ ଜିଲା ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ବିଡିଓ ମହାନ୍ତି ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ସହାୟତା ରାଶି ଦେଇଥିଲେ । ଅପରପକ୍ଷେ ଗୁରୁବାର ଆଗଲପୁର ତହସିଲଦାର ନବୀନ କିଶୋର ପାଢୀ ମୃତକଙ୍କ ସମ୍ପର୍କୀୟଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ଜିଲାପାଳ ଗୌରବ ଶିବାଜୀ ଇସଲୱାରଙ୍କୁ ପତ୍ରାଳାପ କରିଛନ୍ତି । ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ରାଜ୍ୟ ସରକାରଙ୍କୁ ଏ ସଂକ୍ରାନ୍ତରେ ଜଣାଇ ଦିଆଯାଇଥିବା ନେଇ ତହସିଲଦାର ପାଢୀ କହିଛନ୍ତି। ସୂଚନାଯୋଗ୍ୟ, ବଳରାମଙ୍କ ମା' ବାପାଙ୍କ ଦେହାନ୍ତ ହୋଇଯାଇଛି। ତାଙ୍କର ଭଉଣୀ ବିବାହ କରି ସାରିଛନ୍ତି। ସେ ଘରେ ଏକାକୀ ରହୁଥିଲେ । ଚଳିତବର୍ଷ ଧାନ ଚାଷ କରି ସ୍ଥାନୀୟ ପାକ୍ସରେ ଗତ ଡିସେମ୍ବର ୨୨ ତାରିଖରେ ୩୦.୧ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। କିନ୍ତୁ ପାକ୍ସରେ ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକରଣ ବେଳେ କୌଣସି କାରଣରୁ ଆଗଲପୁରସ୍ଥିତ ଏକ ବ୍ୟାଙ୍କରେ ଥିବା ତାଙ୍କ ଆକାଉଣ୍ଟରେ ଧାନ ବିକ୍ରି ବାବଦ ଟଙ୍କା ଜମା ହୋଇନଥିଲା । ପୂର୍ବରୁ କେରଳରେ ଦାଦନ ଖଟିବା ସମୟରେ ଟଙ୍କା ସଞ୍ଚୟ ପାଇଁ ସେ ସେଠାରେ ଖୋଲିଥିବା ଆକାଉଣ୍ଟରେ ଟଙ୍କା ଜମା ହୋଇଥିଲା। ଏହା ଜାଣି ସେ ଟଙ୍କା ଆଣିବା ପାଇଁ କେରଳ ଯାଇଥିଲେ । ସେଠାରେ ତାଙ୍କର ମୃତ୍ୟୁ ଘଟିବା ପରେ ବଦାନ୍ୟ ବ୍ୟକ୍ତିଙ୍କ ଆର୍ଥିକ ସହାୟତାରେ ବିମାନ ଯୋଗେ ତାଙ୍କ ମରଶରୀରକୁ ଭୁବନେଶ୍ୱର ବିମାନବନ୍ଦର ଅଣାଯାଇ ପରେ ଗାଁକୁ ମହାପ୍ରୟାଣ ଗାଡ଼ିରେ ପଠାଯାଇଥିଲା।

# ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜର ସୁବର୍ଣ୍ଣ ଜୟନ୍ତୀ ସମାରୋହ

**ବଲାଙ୍ଗୀର,୫।୨(ବୀରେନ୍ଦ୍ର କୁମାର ଝାଙ୍କର)**



ସୁବର୍ଣ୍ଣ ଜୟନ୍ତୀ ଶୋଭାଯାତ୍ରାରେ ବିଧାୟକ ଓ ଅନ୍ୟମାନେ ସହର ପରିକ୍ରମା କରୁଛନ୍ତି।

- **ସୁବର୍ଣ୍ଣ ଜୟନ୍ତୀ ଗେଟ୍ ଉଦ୍ଘାଟନ କଲେ କଳିକେଶ**
- **ସହର ପରିକ୍ରମା କଲେ ଆୟୁର୍ବେଦ କଲେଜ ଛାତ୍ରୀଛାତ୍ର, ଆଲୁମ୍ନି, ଷ୍ଟାଫ୍**

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ ଏବଂ ହସ୍ପିଟାଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଗୁରୁବାରଠାରୁ ଆରମ୍ଭ ହୋଇଛି। ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ଗେଟ ଏବଂ କଲେଜ ପରିସରରେ ଏକ ଜିମ୍ ଉଦ୍ଘାଟନ କରି ସମାରୋହର ଶୁଭାରମ୍ଭ କରିଥିଲେ। ସରକାରୀ ଆୟୁର୍ବେଦିକ କଲେଜର ଆଲୁମ୍ନି ଆସୋସିଏଶନ ସଭାପତି ଡା.ବାସୁଦେବ ପତି ଏବଂ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ମନୋଜ କୁମାର ସାହୁ ମୁଖ୍ୟଅତିଥି ସ୍ଥାନୀୟ ବିଧାୟକ ସିଂଦେଓ, ସମ୍ମାନିତ ଅତିଥି ଜିଲା ପରିଷଦ ସଭାପତି ଦେବକୀ ସାହୁ ଏବଂ ପୌରାଧ୍ୟକ୍ଷା ଲିକା ସାହୁଙ୍କୁ ସ୍ୱାଗତ କରିଥିଲେ। କଲେଜ ପରିସରରେ ମୁଖ୍ୟଅତିଥି ବିଧାୟକ ସିଂଦେଓ ଏକ ଜିମ୍‌କୁ ଉଦ୍ଘାଟନ କରିଥିଲେ। ଏହାପରେ ଆୟୁର୍ବେଦିକ କଲେଜ ଗେଟ ସମ୍ମୁଖରୁ ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। କଲେଜ ସମ୍ମୁଖରୁ ଭାଗିରଥୀ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଛାତ୍ରୀଛାତ୍ର, ଅଧ୍ୟକ୍ଷ, ଅଧ୍ୟାପକ, ଆଲୁମ୍ନି ଆସୋସିଏଶନ ସଦସ୍ୟ ଆସିଥିଲେ। ଭାଗିରଥି ଛକଠାରେ ନବନିର୍ମିତ ଆୟୁର୍ବେଦିକ କଲେଜ ସୁବର୍ଣ୍ଣ ଜୟନ୍ତୀ ଗେଟକୁ ବିଧାୟକ ସିଂଦେଓ ଉଦ୍ଘାଟନ କରିଥିଲେ। ଏହାପରେ କଲେଜ ଛାତ୍ରୀଛାତ୍ର, ଅଧ୍ୟକ୍ଷ, ଅଧ୍ୟାପକ ଓ ଆଲୁମ୍ନି ଆସୋସିଏଶନ ସଦସ୍ୟଙ୍କ ସହ ବିଧାୟକ ଏବଂ ଅନ୍ୟ ଅତିଥିମାନେ ସହର ପରିକ୍ରମା କରିଥିଲେ। ବଲାଙ୍ଗୀର ଆୟୁର୍ବେଦ କଲେଜ ଓଡିଶାର ସବୁଠୁ ପୁରୁଣା ଶିକ୍ଷାନୁଷ୍ଠାନ। ଏହି ଶିକ୍ଷାନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ଅବସରରେ ସେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ସେ ବଲାଙ୍ଗୀରରେ ଏକ ଆୟୁର୍ବେଦିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଉ ବୋଲି ଦାବି କରିଥିଲେ। ଆଲୁମ୍ନି ଆସୋସିଏଶନ ସଭାପତି ଡ଼ା. ପତି କହିଥିଲେ, ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ ଓଡିଶାର ପୁରୁଣା ଆୟୁର୍ବେଦ କଲେଜ। ଆଜି ଏହି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତାମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛୁ। ଆଗାମୀ ଦିନରେ ଏଠାରେ ଏକ ଆୟୁଷ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଦୀର୍ଘଦିନରୁ ଦାବି କରାଯାଇଆସୁଛି। ସରକାର ଏହି ଦାବି ପୂରଣ କରନ୍ତୁ ବୋଲି କହିଥିଲେ। ସୁବର୍ଣ୍ଣ ଜୟନ୍ତୀ ଗେଟ ଏବଂ ଜିମ୍ ପ୍ରତିଷ୍ଠା ପାଇଁ ବିଧାୟକ ପାଣ୍ଠିରୁ ପ୍ରାୟ ୧୧ ଲକ୍ଷ ଟଙ୍କା ଯୋଗାଇ ଦେଇଥିବାରୁ ବିଧାୟକ ସିଂଦେଓଙ୍କୁ ଡା. ପତି ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୁମ୍ନି ଆସୋସିଏଶନର ଡ଼ା. ବିପିନ ବିହାରୀ ମିଶ୍ର, ଡା. ପ୍ରମୋଦ ମିଶ୍ର, ଡା. ରବି ଶଙ୍କର ବାବୁ, ଡା. ଦେବଦତ୍ତ ମିଶ୍ର, ଡା. ଚକ୍ରପତି ଦାଶ, କଲେଜ ପ୍ରଫେସର ଡ. ଶିବବ୍ରତ ବେହେରା, ଡା. ଉତ୍କଳିନୀ ନାଏକ, ଡ. ଲିପସା ଦାସ, ଡ. ଗଣେଶ ମେହେର, ଡ. ଜ୍ୟୋତିରଞ୍ଜନ ମେହେର, ସୀମାଦ୍ରୀ ଭୂଷଣ ନାଏକ, ଡ. ନିଗମାନନ୍ଦ ବଳ, ଡ. ସ୍ନେହଲତା ପ୍ରଧାନ, ଡ. ସୁଶାନ୍ତ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସାଂସ୍କୃତିକ ଶୋଭାଯାତ୍ରାରେ ବିଭିନ୍ନ ସାଂସ୍କୃତିକ ଦଳ ମଧ୍ୟ ସହର ପରିକ୍ରମା କରିଥିଲା। ଶୁକ୍ରବାର କଲେଜ କ୍ୟାମ୍ପସ ପରିସରରେ ଏକ ସ୍ୱାସ୍ଥ୍ୟ ଶିବିର ଏବଂ ଫାର୍ମା ଏକ୍ସପୋ ଆୟୋଜନ ହେବ। ଏହାକୁ ବିଧାୟକ କଳିକେଶ କରିବେ। ଶନିବାର ଏବଂ ରବିବାର ଦୁଇଦିନ ଧରି ସୁବର୍ଣ୍ଣ ଜୟନ୍ତୀ ସ୍ମୃତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

# ଲୋଇସିଂହା ନିର୍ବାଚନମଣ୍ଡଳୀ: ୮ରୁ ବିଧାୟକ କପ୍ ଫୁଟ୍‌ବଲ ପ୍ରତିଯୋଗିତା

**ଲୋଇସିଂହା,୫।୨(ସୁଶାନ୍ତ ବାରିକ)**



ଖବରଦତା ସମ୍ମିଳନୀରେ ଉପସ୍ଥିତ ସଭାପତି ଓ କମିଟି ସଦସ୍ୟ ।

କ୍ରୀଡ଼ା ଏବଂ କ୍ରୀଡାବିତ୍‌ଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆସନ୍ତା ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ବିଧାୟକ କପ୍ ଫୁଟବଲ ଟୁର୍ନାମେଣ୍ଟ -୨୦୨୬ ଅନୁଷ୍ଠିତ ହେବ। ଏହି କ୍ରମରେ ଲୋଇସିଂହାସ୍ଥିତ ଅଗ୍ରସେନ ଭବନରେ ଟୁର୍ନାମେଣ୍ଟ ଆୟୋଜକ ସଭାପତି ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ମୋଟ ୨୦ ଗୋଟି ଦଳ ଭାଗ ନେଇଛନ୍ତି । ଲୋଇସିଂହା ନିର୍ବାଚନମଣ୍ଡଳୀ ଲୋଇସିଂହା ବ୍ଲକର ୧୦ଟି ଦଳ, ଆଗଲପୁର ବ୍ଲକରେ ୮ଟି ଦଳ, ପୁଇଁତଲା ବ୍ଲକରେ ୪ଟି ଦଳ ଓ ଲୋଇସିଂହା ଏନଏସିର ୪ଟି ଦଳ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଲୋଇସିଂହା ବ୍ଲକର କୁଶଙ୍ଗ ଖେଳ ପଡିଆ, ଆଗଲପୁର ବ୍ଲକର ମୁରୁସୁଣ୍ଡି ଖେଳପଡିଆ, ପୁଇଁତଲା ବ୍ଲକର ମହିମୁଣ୍ଡା ଖେଳ ପଡିଆ ଏବଂ ଲୋଇସିଂହା ଏନଏସିର ଲୋଇସିଂହା ଷ୍ଟାଡିୟମରେ ଲିଗ୍ ପର୍ଯ୍ୟାୟ ମ୍ୟାଚ ଅନୁଷ୍ଠିତ ହେବ । ଏହି ସମସ୍ତ ପଡିଆର ବିଜୟୀ ଦଳକୁ ନେଇ ଲୋଇସିଂହା ଷ୍ଟାଡିୟମରେ ୧୩ ଓ ୧୪ ତାରିଖରେ ଗ୍ରାଣ୍ଡ ସେମି ଫାଇନାଲ ଓ ଫାଇନାଲ ଖେଳ ଅନୁଷ୍ଠିତ ହେବ। ବ୍ଲକ ଓ ଏନଏସି ସ୍ତରରେ ଲିଗ୍ ପର୍ଯ୍ୟାୟରେ ବିଜେତା ଓ ଉପବିଜେତା ଦଳକୁ ୫ ହଜାର ଟଙ୍କା ଏବଂ ୩ ହଜାର ଟଙ୍କା ଦିଆଯିବ। ସେହିପରି ଗ୍ରାଣ୍ଡ ଫାଇନାଲରେ ଚାମ୍ପିୟନ ଦଳ ପାଇଁ ଟ୍ରଫି ସହ ୩୦ ହଜାର ଟଙ୍କା ଓ ରନର ଅପ୍ ଦଳ ପାଇଁ ଟ୍ରଫି ସହ ୨୦ ହଜାର ଟଙ୍କା ପୁରସ୍କାର ରାଶି ରହିଥିବା ନେଇ ଆୟୋଜକ କମିଟିର ସମ୍ପାଦକ ପ୍ରଶାନ୍ତ ନାୟକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ସରପଞ୍ଚ ନବକିଶୋର ନାଏକ, ସୁଦୀପ କୁମାର ସା, ବିଧାୟକଙ୍କ ୩ ବ୍ଲକ ପ୍ରତିନିଧି ଗୌରାଙ୍ଗ ନାଏକ, ପୀତାମ୍ବର କଣ୍ଟା, ଅଜିତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଆଗଲପୁର ବ୍ଲକ ନଅଗାଁ(ଖ)ସ୍ଥିତ ପଲ୍ଲୀ ଆଲୋକ ପାଠାଗାର ଏହି ଟୁର୍ନାମେଣ୍ଟ ଆୟୋଜନ କରୁଛି।

# ସିଏସ୍ଓ, ୮ ଅଧିକାରୀଙ୍କୁ ଅଟକ ରଖି ଆନ୍ଦୋଳନ

**ଧାନକିଣା ଅବ୍ୟବସ୍ଥା ପ୍ରସଙ୍ଗ**

**ଚାଷୀ ସଙ୍ଗଠନ ଆଗରେ ନରମିଲା ଜିଲା ପ୍ରଶାସନ**

ଝାରସୁଗୁଡ଼ା/ଲଇକେରା, ୫।୨(ଆଶିଷ ରଞ୍ଜନ ଦାଶ/ରଞ୍ଜନ କୁମାର ମେହେର)


ଜିଲା ଯୋଗାଣ ଅଧିକାରୀ, ଅନ୍ୟ ଅଧିକାରୀଙ୍କୁ ଚାଷୀମାନେ ଅଟକ ରଖିଛନ୍ତି।

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ୍ ଅଧୀନ ଝରିଆବାହାଲରେ ଧାନ ବିକ୍ରି କରି ପାରି ନ ଥିବା ଚାଷୀମାନେ ଗୁରୁବାର ଜିଲା ମୁଖ୍ୟ ଯୋଗାଣ ଅଧିକାରୀ(ସିଏସ୍ଓ) ଏବଂ ଯୋଗାଣ ବିଭାଗର ୮ ଜଣ ଅଧିକାରୀଙ୍କୁ ଅଟକ ରଖି ଆନ୍ଦୋଳନ କରିଥିଲେ। ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

ମିଳିଥିବା ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଜିଲାରେ ଚଳିତ ଖରିଫ ଋତୁରେ ଧାନକିଣାରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଧାନ ବିକ୍ରି କରି ପାରି ନ ଥିବା ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସୁରୁଖୁରୁରେ ଧାନ ବିକ୍ରି ପାଇଁ ଜିଲା ପ୍ରଶାସନ ସୁବିଧା କରିବା ପରିବର୍ତ୍ତେ ଗତ ୨ ତାରିଖରେ ଜିଲାପାଳ ଏକ ଚିଠି ମାଧ୍ୟମରେ ଚାଷୀଙ୍କ ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ପ୍ରତି ପଞ୍ଚାୟତସ୍ତରରେ କମିଟି ଗଠନ କରାଯିବ। ଏହି କମିଟି ସଦସ୍ୟ ଟୋକନ ପାଇଥିବା ତଥା ଧାନ ବିକ୍ରି କରି ନ ଥିବା ଚାଷୀଙ୍କ ଘରକୁ ଯିବେ। ସେଠାରେ ଧାନ ସହିତ ଚାଷୀଙ୍କ ଫଟୋ ଉଠାଇ ରିପୋର୍ଟ ଦେବା ପରେ ଚାଷୀ ଧାନ ବିକ୍ରି କରିପାରିବେ ବୋଲି ଚିଠିରେ ଦର୍ଶାଯାଇଛି। ଜିଲାପାଳ ଏହି ଚିଠି ଜାରି କରିବା ପରେ ଚାଷୀ ସଙ୍ଗଠନ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଜିଲା ଚାଷୀ ସଂଘ ଜିଲାପାଳଙ୍କୁ ସାକ୍ଷାତ କରି ଉପରୋକ୍ତ ନିର୍ଦ୍ଦେଶ ବାତିଲ କରିବା ପାଇଁ ଦାବି କରିଥିଲେ। ଜିଲାପାଳ ଉକ୍ତ ଆଦେଶ ପ୍ରତ୍ୟାହାର କରିବେ ବୋଲି ଚାଷୀ ପ୍ରତିନିଧିଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପ୍ରତିଶ୍ରୁତି ପାଳନ ନ ହେବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଗୁରୁବାର ସକାଳ ପ୍ରାୟ ୭ଟାରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେଶ୍ରାଙ୍କ ନେତୃତ୍ୱରେ ଯୋଗାଣ ବିଭାଗର ଏକ ଟିମ୍ ଝରିଆବାହାଲଠାରେ କେତେକ ଧାନ ଗାଡ଼ିକୁ ଅଟକାଇ ତଦନ୍ତ ଆରମ୍ଭ କରିଥିଲେ। ଏ ସମ୍ପର୍କରେ ଖବରପାଇ ଅଞ୍ଚଳର ଶତାଧିକ ଚାଷୀ ଘଟଣାସ୍ଥଳରେ ପହଞ୍ଚି ଜିଲା ଯୋଗାଣ ଅଧିକାରୀଙ୍କ ସମେତ ଅନ୍ୟ ସମସ୍ତ ଅଧିକାରୀଙ୍କୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅଟକ ରଖିଥିଲେ। ଚାଷୀଙ୍କ ଘରକୁ ଯାଇ ମିଳିତ କମିଟିର ସରଜମିନ ତଦନ୍ତ ନିର୍ଦ୍ଦେଶ ବାତିଲ କରିବା, ସମସ୍ତ କେନ୍ଦ୍ରକୁ ଆବଶ୍ୟକ ଅନୁସାରେ ଟାର୍ଗେଟ ପ୍ରଦାନ କରିବା, ଅବଧି ସରିଯାଉଥିବା ଟୋକନର ଅବଧିକୁ ଅତିରିକ୍ତ ୧ ମାସ ପର୍ଯ୍ୟନ୍ତ ବୃଦ୍ଧି କରିବା, କ୍ରୟ କେନ୍ଦ୍ରରୁ ମିଲ୍‌କୁ ଧାନ ନେବା ପୂର୍ବରୁ ଗାଡ଼ିଗୁଡ଼ିକର ଭିଟିଏସ୍ ସିଷ୍ଟମକୁ ବନ୍ଦ କରିବା ପାଇଁ ଚାଷୀମାନେ ଦାବି କରିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅଧିକାରୀଙ୍କୁ ଛାଡ଼ିବେ ନାହିଁ ବୋଲି ସେମାନେ ଜିଦ୍ ଧରିଥିଲେ। ଖବରପାଇ ଲଇକେରା ଥାନା ଅଧିକାରୀ, ତହସିଲଦାର, ବିଡିଓ ଏବଂ ଅନ୍ୟ ଅଧିକାରୀ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଶେଷରେ ଜିଲା ପ୍ରଶାସନ ଚାଷୀ ସଙ୍ଗଠନ ଆଗରେ ନରମି ଯାଇ ଚାଷୀଙ୍କ ଘରକୁ ଯାଇ ସରଜମିନ ତଦନ୍ତ ନିର୍ଦ୍ଦେଶକୁ ଜିଲାପାଳ ମଧ୍ୟାହ୍ନ ୧୨ଟାରେ ବାତିଲ କରିଥିଲେ। ଯୋଗାଣ ବିଭାଗ ଜିଲାର ସମସ୍ତ ମଣ୍ଡିକୁ ୪୫ ହଜାର କୁଇଣ୍ଟାଲ ଧାନର ଟାର୍ଗେଟ ପ୍ରଦାନ କରିଥିଲେ। ଲାପ୍ସ ହୋଇଥିବା ଟୋକନକୁ ପୁଣି ଆକ୍ଟିଭ କରାଇବା ପାଇଁ ସହମତି ପ୍ରକାଶ କରିଥିଲେ। ଏଥିସହ ଆସନ୍ତା ୩ ଦିନ ଭିତରେ ଅବଶିଷ୍ଟ ଟାର୍ଗେଟ ପ୍ରଦାନ କରାଯିବା ପାଇଁ ପ୍ରତିଶ୍ରୁତି ଦେବାରୁ ଅଧିକାରୀମାନଙ୍କୁ ଛାଡ଼ି ଦିଆଯାଇଥିଲା। ଏହି ଆଲୋଚନାବେଳେ ଜିଲା କୃଷକ ସଙ୍ଗଠନ ସମ୍ପାଦକ ହେମନ୍ତ ସାଗର କୁମୁରା, ଅଜିତ୍ ପଟେଲ, ପ୍ରସନ୍ନ ପଟେଲ, ସୁଶାନ୍ତ ସାହୁ, ରୋହିତ କିଷାନ, ନିଶିକାନ୍ତ ପଟେଲ, ପବିତ୍ର ନାଇକ, ତେଜରାଜ ନାଇକଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଜିଲା ପ୍ରଶାସନର ଏଭଳି ନିଷ୍ପତ୍ତି ପରେ ଜିଲାର ଚାଷୀମାନେ ଖୁସିବ୍ୟକ୍ତ କରିଛନ୍ତି।

# ଡିଜିଟାଲ ସାକ୍ଷରତା ତାଲିମ କାର୍ଯ୍ୟକ୍ରମ


ଡିଜିଟାଲ ସାକ୍ଷରତା ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ବେଲପାହାଡ଼,୫।୨(ସୁବାସ ପ୍ରଧାନ)

ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର ଏବଂ ଓଡ଼ିଶା ନଲେଜ୍ କର୍ପୋରେଶନ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ ବେଲପାହାଡ଼ସ୍ଥିତ ପିଏମ୍‌ଶ୍ରୀ ଗିରିଧରଲାଲ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଡିଜିଟାଲ ସାକ୍ଷରତା ଉପରେ ଏକଦିବସୀୟ ତାଲିମ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ସଚ୍ଚିନ୍ଦ୍ର ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, ସମ୍ମାନିତ ଅତିଥି ଭାବେ ବେଲପାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଡିଏଲ୍‌ସି ବସନ୍ତ ସାହୁ, ସୌମ୍ୟବ୍ରତ ମିଶ୍ର ଓ ପ୍ରଦୀପ ପ୍ରଧାନ ଯୋଗଦେଇ ଆଧୁନିକ ଯୁଗରେ ଡିଜିଟାଲ ସାକ୍ଷରତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ପ୍ରଦୀପ ନାୟକ ମଞ୍ଚ ସଞ୍ଚାଳନ ଓ ମହେଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ନବମ ଶ୍ରେଣୀର ୧୨୦ ଛାତ୍ରୀଛାତ୍ରଙ୍କୁ ଆଇଓଟି ରୋବୋଟିକ୍ସ, ସାଇବର ସୁରକ୍ଷା, କୃତ୍ରିମ ବୁଦ୍ଧିମତ୍ତା ଆଦି ବିଷୟରେ ତାଲିମ ଦିଆଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ସମଲେଇ ମନ୍ଦିର, ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ପାଇଁ ଡିପିଆର୍ ପ୍ରସ୍ତୁତ

**ବିଧାୟକ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ପରିଦର୍ଶନ**

କୋଲାବିରା,୫।୨(ସଞ୍ଜୟ ପୂଜାରୀ)

ଝାରସୁଗୁଡ଼ା ଜିଲା କୋଲାବିରାର ପ୍ରସିଦ୍ଧ ସମଲେଇ ମନ୍ଦିର ଓ ପରମାଣପୁର ପଞ୍ଚାୟତ କାଲିବାହାଲ ଭେଡେନ୍ ନଦୀକୂଳରେ ଥିବା ସାତମଲାର ପର୍ଯ୍ୟଟନ କ୍ଷେତ୍ରର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଡିପିଆର୍ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ବୁଧବାର ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସତ୍ୟବାନ ପଟେଲ ଉଭୟ ସ୍ଥାନ ପରିଦର୍ଶନ କରିଥିଲେ। ମନ୍ଦିର ସହ ପର୍ଯ୍ୟଟନ କ୍ଷେତ୍ର ପରିସରର ମୌଳିକ ସୁବିଧା, ଭକ୍ତଙ୍କ ପାଇଁ ସୁବ୍ୟବସ୍ଥା ଏବଂ ଆଗାମୀ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବିଧାୟକ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ କୋଲାବିରା ଜମିଦାର ଅମରେନ୍ଦ୍ର ପ୍ରତାପ ସିଂହ, ଭାଜପା ମଣ୍ଡଳ ସଭାପତି ରାଜେଶ ଦାଶ, ଉପସଭାପତି ସଞ୍ଜୟ ପୂଜାରୀ, ଏମ୍‌ପିଙ୍କ ପ୍ରତିନିଧି ସମରେନ୍ଦ୍ର ରାଏ, ଅନିଲ ବେହେରା, ମହେନ୍ଦ୍ର ସାହୁଙ୍କ ସମେତ ମନ୍ଦିର ସେବାୟତ ଉପସ୍ଥିତ ଥିଲେ। ସେହିପରି ସାତମଲାର ପର୍ଯ୍ୟଟନ ସ୍ଥଳରେ ସରପଞ୍ଚ ଜାହ୍ନବୀ ପ୍ରଧାନ, ବିକାଶ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍ଗଲ ଜମି ଜବରଦଖଲମୁକ୍ତ କରାଯାଉ

**ଜିଲାପାଳଙ୍କୁ ଚିଠି ଲେଖିଲେ ବିଧାୟକ**

ଝାରସୁଗୁଡ଼ା,୫।୨(ଆଶିଷ ରଞ୍ଜନ ଦାଶ)


SHRI SUDARSHAN HARIPAL, M.L.A.
RENGALI
ODISHA LEGISLATIVE ASSEMBLY

Qtrs. No. DS-10/3, MLA Colony, Unit IV, Bhubaneswar
Contact No. 9348233215
Email: mlarengali2024@gmail.com

Ltr No.-MLA-17-R/CDM/25/8/246

Date:- 04.02.2026

To
The Collector
Sambalpur

Sub:- Construction of road over Gramya Jungle land by M/s- Epsilon Carbon Ashoka Pvt. Ltd.

Sir,

I am to draw your kind attention to the fact that, M/s- Epsilon Carbon Ashoka Pvt. Ltd. has unauthorizedly and illegally constructed 10 meter wide road in Gramya Jungle land situated over Khata No.215 Plot No.2942 of Mouza – Thelkoloi. The said company has constructed the road destroying grown up forest trees from the Gramya Jungle spread over Ac.7.00 of land. The said company have not taken any permission from any quarters as desirable by Law.

Keeping in view of the above fact, it is requested to intervene the mater personally and take appropriate action against the Managing Director, M/s Epsilon Carbon Ashoka Pvt. Ltd. for violating preservation on and protection of forest from forest land. Further necessary steps may be taken to make the forest land encroachment free for afforestation where the company has destroyed the Jungle.

Sudarshan Haripal
M.L.A., Rengali
(Sudarshan Haripal)
MLA, Rengali

Copy submitted to Hon'ble Chief Minister, Odisha, Bhubaneswar / Hon'ble Minister, Revenue & DM, Odisha, Bhubaneswar / Hon'ble Minister Forest & Environment, Odisha, Bhubaneswar / RCCF, Sambalpur / D.F.O., Sambalpur / Tahasildar, Rengali for information and necessary action.

ଜିଲାପାଳଙ୍କୁ ପଠାଯାଇଥିବା ଚିଠି।


କମ୍ପାନୀ ବେଆଇନ ଭାବେ ବ୍ୟବହାର କରୁଥିବା ରାସ୍ତା।

ଝାରସୁଗୁଡ଼ା ଜିଲା ଶ୍ରୀପୁରାଠାରେ ଥିବା ଏପ୍‌ଶିଲନ କାର୍ବନ ଅଶୋକା ପ୍ରାଇଭେଟ୍ ଲିମିଟେଡ୍ ନାମକ କମ୍ପାନୀ ପୁଣି ଏକ ଜଙ୍ଗଲ ଜମି ଅଧିକାର କରିଥିବା ନେଇ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ୍ ଗୁରୁବାର ସମ୍ବଲପୁର ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଉକ୍ତ କମ୍ପାନୀ ବେଆଇନ ଭାବେ ଜଙ୍ଗଲ ଜମି ଅଧିକାର କରିଥିବା ନେଇ ଶ୍ରୀପୁରା ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଆକାରରେ ଜଣାଇଥିଲେ। ଏଥିସହ କିଛିଦିନ ହେବ ଗ୍ରାମବାସୀ ଉକ୍ତ ଜଙ୍ଗଲ ଜମିକୁ ନିଜେ ମୁକ୍ତ କରି ଜନକଲ୍ୟାଣ କାର୍ଯ୍ୟରେ ଲଗାଇଛନ୍ତି। ହେଲେ ଉକ୍ତ କମ୍ପାନୀ ପୁଣି ଠେଲକୋଲେଇ ମୌଜାର ଖାତା ନଂ.୨୧୫, ପ୍ଲଟ୍ ନଂ.୨୯୪୨, ଏରିଆ ପାଖାପାଖି ୭ ଏକର ଜଙ୍ଗଲ ଜମିକୁ ଜବରଦଖଲ କରି ରାସ୍ତା ଭାବରେ ବ୍ୟବହାର କରୁଛି। ଏହି ଜଙ୍ଗଲ ଜମି ବ୍ୟବହାର ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଜିଲା ପ୍ରଶାସନଠାରୁ ଅନୁମତି ନେଇ ନ ଥିବା ଜଣାପଡ଼ିଛି। ଉକ୍ତ ଜମିରେ ଥିବା ବହୁସଂଖ୍ୟକ ମୂଲ୍ୟବାନ୍ ଗଛକୁ କମ୍ପାନୀ ନଷ୍ଟ କରିସାରିଛି। ଏହି ଘଟଣାର ସରଜମିନ ତଦନ୍ତ, ଜଙ୍ଗଲ ଜମିର ସୁରକ୍ଷା, ଜଙ୍ଗଲ ସଂରକ୍ଷଣକୁ ପ୍ରାଧାନ୍ୟ ଦେବା ସହିତ ଜଙ୍ଗଲ ଜମିକୁ ଜବରଦଖଲ ମୁକ୍ତ କରି ଉକ୍ତ କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମିତ୍ତ ବିଧାୟକ ତାଙ୍କ ଚିଠିରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଏପ୍‌ଶିଲନ କମ୍ପାନୀର ପ୍ଲାଣ୍ଟହେଡ୍ ରାକେଶ ମୋହନଙ୍କୁ ପଚାରିବାରୁ ଏ ବିଷୟରେ ମତାମତ ଦେବାକୁ ମନା କରିଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ରକ୍‌ମନ୍ ଟିମ୍ ବିଜୟୀ

ବ୍ରଜରାଜନଗର,୫।୨ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗରସ୍ଥିତ ଓପିଏମ୍ ଖେଳପଡ଼ିଆରେ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟର ଗୁରୁବାର ଥିଲା ତୃତୀୟ ଦିବସ। ଏଫ୍ଏଫ୍‌ସିସି ବଲାଙ୍ଗୀର ଓ ରକ୍‌ମନ୍ ରାଞ୍ଚି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଫ୍ଏଫ୍‌ସିସି ଟିମ୍ ପ୍ରଥମେ ବ୍ୟାଟିଂ କରି ୨୩.୨ ଓଭରରେ ୧୦ ଉଇକେଟ୍ ହରାଇ ୯୦ ରନ ସଂଗ୍ରହ କରିଥିଲେ। ଜବାବରେ ରକ୍‌ମନ୍ ଟିମ୍ ୧୯.୫ ଓଭରରେ ୪ ଉଇକେଟ୍ ହରାଇ ୯୩ ରନ୍ କରି ବିଜୟୀ ହୋଇଛି। ରକ୍‌ମନ୍ ଟିମ୍‌ର ରାଜକମଲ ଗିରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଜିଲା କ୍ରିକେଟ୍ ସଂଘ କୋଷାଧ୍ୟକ୍ଷ ବସନ୍ତ ସାବୁ ଯୋଗଦେଇଥିଲେ। ଅମ୍ପାୟାର ଗଣେଶ ମରେଇ ଓ ପ୍ରଜଳ କୁମାର ପଟେଲ ମ୍ୟାଚ୍ ପରିଚାଳନା କରିଥିବାବେଳେ ରବୀନ୍ଦ୍ର ସିଂ, ମୁକେଶ ପାଣ୍ଡେ, କ୍ୟାଶ ପ୍ରସାଦ, ନନ୍ଦକିଶୋର ସିଂ ପ୍ରମୁଖ ସହାୟତା କରିଥିଲେ। ଆଦିତ୍ୟ ବେହେରା ଅନ୍‌ଲାଇନ୍ ସ୍କୋରିଂ କରିଥିଲେ।

# ଦିଲ୍ଲୀ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା


କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

ଝାରସୁଗୁଡ଼ା,୫।୨(ଆଶିଷ ରଞ୍ଜନ ଦାଶ)

ଚଳିତବର୍ଷ ଜାତୀୟ ସାଧାରଣତନ୍ତ୍ର ଦିବସ ଅବସରରେ ରାଜଧାନୀ ଦିଲ୍ଲୀରେ ଆୟୋଜିତ ପରେଡ୍‌ରେ ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ୫ ଜଣ ଏନ୍‌ସିସି କ୍ୟାଡେଟ୍ ଭାଗନେଇ ଝାରସୁଗୁଡ଼ା ଜିଲାକୁ ଗୌରବାନ୍ୱିତ କରିଛନ୍ତି। ସେମାନେ ପ୍ରାୟ ୨ ମାସ ଦିଲ୍ଲୀରେ ରହିବା ସହ ପରେଡ୍‌ରେ ଅଂଶଗ୍ରହଣ କରିବା ପରେ ଗୁରୁବାର ମହାବିଦ୍ୟାଳୟକୁ ଫେରିଛନ୍ତି। ସେମାନଙ୍କୁ ମହାବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପରେଡ୍‌ରେ ଅଂଶଗ୍ରହଣ କରିଥିବା ଏନ୍‌ସିସି ସ୍ଥଳସେନା ପକ୍ଷରୁ ନିବାସ ବଞ୍ଛୋର, ଜଳସେନା ପକ୍ଷରୁ ସାଗର କିଷାନ, ବାୟୁସେନା ପକ୍ଷରୁ ନୀହାର ରଞ୍ଜନ ମହାକୁଡ଼, ସଚିନ ପାଣିଗ୍ରାହୀ ଓ ସରିତା ବିଜାର ସ୍ୱ ସ୍ୱ ଅନୁଭୂତି ବର୍ଣ୍ଣନା କରିଥିଲେ। ବରିଷ୍ଠ ପ୍ରାଧାପକ ତପନ କୁମାର ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରାଧାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ବ୍ରଜେଶ ସାହୁ, କ୍ୟାପ୍‌ଟେନ୍ ମାନସ ରଞ୍ଜନ ଆଚାର୍ଯ୍ୟ, ଲ୍ୟୁଟ୍‌ନାଣ୍ଟ ଡ. ଉଦ୍ଧବ ବିଶ୍ୱାଳ, ନାଭାଲ ଅଫିସର ଡ. ଦେବୀ ପ୍ରସାଦ ବେହେରା, ହିମାଂଶୁ ମହାକୁଡ଼, ଡ. ମନୀଷ କୁମାର ଦ୍ୱିବେଦୀ, ଡ. ବିଶାଖା ସିଂହାଣିଆଙ୍କ ସମେତ ଏନ୍‌ସିସି କ୍ୟାଡେଟ୍ ଉପସ୍ଥିତ ଥିଲେ।

# ନୂତନ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ଉଦ୍‌ଘାଟିତ


ବିଧାୟକ ନୂତନ ସବରେଜେଷ୍ଟ୍ରି ଅଫିସ ଉଦ୍‌ଘାଟନ କରୁଛନ୍ତି।

କୋଲାବିରା,୫।୨(ସଞ୍ଜୟ ପୂଜାରୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ ମୋଡରେ ଗୁରୁବାର ରାଜ୍ୟରେ ୫୭ଟି ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏଥିସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ମୁଖ୍ୟ ନାଗରିକ କେନ୍ଦ୍ରିକ ସେବାଗୁଡ଼ିକର ଲୋକାର୍ପଣ ଭର୍ଚୁଆଲ୍ ମୋଡ୍‌ରେ ହୋଇଥିଲା। କୋଲାବିରା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଭର୍ଚୁଆଲ କାର୍ଯ୍ୟକ୍ରମରେ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇଥିଲେ। କୋଲାବିରା ତହସିଲ ଅଫିସ ପରିସରରେ ମଧ୍ୟ ଏକ ସବ୍ ରେଜିଷ୍ଟ୍ରି ଅଫିସ ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ଥିଲେ। ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନ ସରିବା ପରେ ବିଧାୟକ ତ୍ରିପାଠୀ ନୂତନ ସବ୍ ରେଜିଷ୍ଟ୍ରି ଅଫିସ୍‌ର ଶୁଭାରମ୍ଭ କରିଥିଲେ। ଏହି ଅଫିସ୍ ମାଧ୍ୟମରେ ଅଞ୍ଚଳବାସୀଙ୍କୁ ଜମି ଓ ଦଲିଲ ସମ୍ବନ୍ଧୀୟ ସେବା ସହଜରେ ଯୋଗାଇ ଦିଆଯିବ। ଏପରି ପ୍ରୟାସ ଶାସନ ବ୍ୟବସ୍ଥା ପ୍ରତି ଲୋକଙ୍କ ବିଶ୍ୱାସକୁ ଆହୁରି ସୁଦୃଢ଼ କରିବ ବୋଲି ବିଧାୟକ ଆଶାବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତହସିଲଦାର ମନୋଜ କୁଜୁର, ବିଡିଓ ଅଶୋକ ମାଝୀ, ଅତିରିକ୍ତ ତହସିଲଦାର କୌସିକ ମେହେର, ଭାଜପା ମଣ୍ଡଳ ସଭାପତି ତଥା ବିଧାୟକଙ୍କ ପ୍ରତିନିଧି ରାଜେଶ ଦାଶ, ଏମ୍‌ପିଙ୍କ ପ୍ରତିନିଧି ସମରେନ୍ଦ୍ର ରାଏ, ଭାଜପା ମଣ୍ଡଳ ଉପସଭାପତି ସଞ୍ଜୟ ପୂଜାରୀ ଉପସ୍ଥିତ ଥିଲେ।

# ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟରେ ସାରିବାକୁ ନିର୍ଦ୍ଦେଶ

**ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶକଙ୍କ ଦେବଗଡ଼ ଗସ୍ତ**

ଦେବଗଡ଼,୫।୨(ଶଶାଙ୍କ ଶେଖର ଝାଙ୍କର)

ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗର ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଗୁରୁବାର ଦେବଗଡ଼ ଜିଲା ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାରେ କାର୍ଯ୍ୟକାରୀ କରାଯାଉଥିବା ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସମୀକ୍ଷା କରିବା ସହ ପ୍ରକଳ୍ପ ସମ୍ପର୍କରେ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ଉକ୍ତ ବୈଠକରେ ଦେବଗଡ଼ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ଚନ୍ଦ୍ର ଜଗଦେବଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବାକୁ ପଣ୍ଡା ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ନିର୍ଦ୍ଦେଶକ ପଣ୍ଡା ବିଭାଗୀୟ ଅଧିକାରୀମାନଙ୍କ ସହ ତିଲେଇବଣି ବ୍ଲକ୍‌ର ଦୁଧିଆନାଳୀ ପଞ୍ଚାୟତରେ ଚାଲୁଥିବା ବିଭିନ୍ନ ପ୍ରୋଜେକ୍ଟ ସାଇଟ୍ ପରିଦର୍ଶନ କରିଥିଲେ। ନିର୍ଦ୍ଦେଶକ ଗ୍ରାମାଞ୍ଚଳରେ ନିର୍ମିତ ଆଡ଼ିବନ୍ଧ, କ୍ଷେତ ପୋଖରୀ, ମାଟିବନ୍ଧ ନିରୀକ୍ଷଣ କରି କୃଷକଙ୍କ ସହ ଆଲୋଚନା କରିଥିଲେ। ଜଳ ସଂରକ୍ଷଣ ମାଧ୍ୟମରେ କୃଷି ଉତ୍ପାଦନ ବୃଦ୍ଧି ଓ ଭୂତଳ ଜଳସ୍ତର ବୃଦ୍ଧି ଉପରେ ସେ ଗୁରୁତ୍ୱ ଦେଇଥିଲେ।

# ପର୍ଯ୍ୟଟନ ସ୍ଥଳ ପ୍ଲାଷ୍ଟିକ୍‌ମୁକ୍ତ ପାଇଁ ସଚେତନତା

ଲଖନପୁର,୫।୨(ଗୌତମ ସାହୁ)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଝାରସୁଗୁଡ଼ା ବନଖଣ୍ଡ ଅନ୍ତର୍ଗତ ବେଲପାହାଡ଼ ବନାଞ୍ଚଳର ଐତିହାସିକ ପର୍ଯ୍ୟଟନସ୍ଥଳ ବିକ୍ରମଖୋଲଠାରେ ପ୍ଲାଷ୍ଟିକ୍‌ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବେଲପାହାଡ଼ ବନାଞ୍ଚଳ ରେଞ୍ଜ ଅଧିକାରୀ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଝାରସୁଗୁଡ଼ା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ନିର୍ଦ୍ଦେଶକ ହିରଣ୍ୟ ନାୟକ, ସମ୍ମାନିତ ଅତିଥି ଭାବରେ ଝାରସୁଗୁଡ଼ା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରହ୍ଲାଦ ନାୟକ, ବେଲପାହାଡ଼ ଜୁନିୟର କଲେଜ ଅଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଡେପୁଟି ପରିବେଶ ବୈଜ୍ଞାନିକ ଅନୁସୂୟା ଏକ୍କା, ପରିବେଶ ବିକାଶ କମିଟିର ଆଜୀବନ ସଦସ୍ୟ ବିଜୟ ବେହେରା, ବେଣୁଧର ଚୌଧୁରୀ, ଗୋବିନ୍ଦ ସାକୁନିଆ, ଇକୋ କ୍ଲବ୍ ମାଷ୍ଟର ଟ୍ରେନର ହମିଦ୍ କୁମାର ମହାପାତ୍ର, ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ପରିବେଶ ଅଧିକାରୀ ଚିଲମ୍ଭ ରାମଏ, ବ୍ରଜରାଜନଗର ରେଞ୍ଜ ଅଧିକାରୀ ରିଶନା ଜାମୁଡାଲିଆ, ଏଇତ ଜୀବନ ଫାଉଣ୍ଡେଶନର ସଭାପତି ମାନସୀ ପଣ୍ଡା, ହେମଲତା ମେହେର, କବି ମାଧବୀ ପଟେଲ, ଜ୍ୟୋତିର୍ମୟୀ ବେହେରା, ଜ୍ୟୋତ୍ସ୍ନାମୟୀ ନାଏକ ଉପସ୍ଥିତ ଥିଲେ। ବନପାଳ ସରୋଜ ଖମାରୀ ମଞ୍ଚ ପରିଚାଳନା କରିଥିଲେ। ବନ ବିଭାଗ ଦ୍ୱାରା ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଜେତା ଆରତୀ କିଷାନ, ସତ୍ୟମ ଭଇଁସାଲ, ଶେଖର ଡନସନା, ଅନନ୍ୟା କିଷାନ, ସୃଷ୍ଟି ସାହୁ, କୃଷ୍ଣା ପ୍ରିୟଦର୍ଶିନୀ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବିଦ୍ୟାଳୟ ଏବଂ କଲେଜ ଛାତ୍ରୀଛାତ୍ର, ସ୍ଥାନୀୟ ବନ ସୁରକ୍ଷା କମିଟି ସଦସ୍ୟ, ପରିବେଶ ବିକାଶ କମିଟି ସଦସ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଫରେଷ୍ଟର ସୁନୀଲ କୁମାର ଭୋଇ, ସନ୍ତୋଷ ଗୁରୁ, ସୌଦାଗର କିଷାନ, ଲଳିତ ଅଡା, ପ୍ରଦୀପ ବେସନ, ଫୁନି କୁମାରୀ ଦାସଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ୟୁଜିସି ନିୟମାବଳୀ ବିରୋଧରେ ବିକ୍ଷୋଭ

**ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ଦେବଗଡ଼,୫।୨(ଶଶାଙ୍କ ଶେଖର ଝାଙ୍କର)


ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କେନ୍ଦ୍ର ସରକାର ଆଣିଥିବା ୟୁଜିସି ନିୟମାବଳୀକୁ ଦେବଗଡ଼ ଜିଲାରେ ଗୁରୁବାର ବିରୋଧ କରାଯାଇଛି। ଦେବଗଡ଼ ପର୍ଶୁରାମ ବାହିନୀ ପକ୍ଷରୁ ଏହାକୁ ବିରୋଧ କରାଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପର୍ଶୁରାମ ବାହିନୀ ସଭାପତି ସତ୍ୟ ନାରାୟଣ ମିଶ୍ର ଏବଂ ସମ୍ପାଦକ ସୁରଞ୍ଜିତ ମହାପାତ୍ରଙ୍କ ନେତୃତ୍ୱରେ ସଙ୍ଗର ବହୁ ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟକୁ ବାଇକ୍ ଶୋଭାଯାତ୍ରାରେ ଯାଇ ପ୍ରତିବାଦ କରିଥିଲେ। ଏଥିସହ ସେଠାରେ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୟୁଜିସି ନିୟମାବଳୀ ଶିକ୍ଷା ବ୍ୟବସ୍ଥାକୁ ପ୍ରଭାବିତ କରିବା ସହିତ ସାର୍ବଜନୀନ ଶିକ୍ଷା ପ୍ରଣାଳୀ ପାଇଁ ହାନିକାରକ ସାଜିବ। ଦେଶକୁ ଜାତି ଭିତ୍ତିରେ ବିଭାଜନ କରିବାକୁ ଦିଆଯିବନାହିଁ। ସବର୍ଣ୍ଣ ସମାଜ ପ୍ରତି ସରକାର ଯେଉଁଭଳି ଭାବେ ଷଡ଼ଯନ୍ତ୍ର କରିଛନ୍ତି, ତାହାକୁ ବିରୋଧ କରୁଛୁ ବୋଲି ପର୍ଶୁରାମ ବାହିନୀ ପକ୍ଷରୁ କୁହାଯାଇଛି। ପର୍ଶୁରାମ ବାହିନୀର ଉପସଭାପତି ଦେବାଶିଷ କର, ସିଦ୍ଧେଶ୍ୱର ଗୁରୁ, ଶୁକଦେବ ଭଞ୍ଜ, ମୋତିଲାଲ ଶର୍ମା, ସୁଧୀର କୁମାର ବ୍ରହ୍ମା, ପ୍ରକାଶ ଆଚାର୍ଯ୍ୟ, ସଞ୍ଜୟ ପୂଝାରୀ, ରାମଚନ୍ଦ୍ର ମହାପାତ୍ର, ଗୌରହରି ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ସମେତ ବହୁ ସଦସ୍ୟ ଏଥିରେ ସାମିଲ ହୋଇଥିଲେ।

# ଠେଙ୍ଗାରେ ପିଟି ଯୁବକଙ୍କୁ ହତ୍ୟା

**ବୀରମହାରାଜପୁର,୫।୨(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ତଥା ଉଲୁଣ୍ଡା ବ୍ଲକ କଳାପଥର ପଞ୍ଚାୟତ ଅନ୍ତର୍ଗତ କୁଡାପଡା ଗ୍ରାମରେ ବୁଧବାର ରାତିରେ ଜଣେ ଯୁବକଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଛି। ମୃତକ କୁଡାପଡା ଗ୍ରାମର ଚନ୍ଦ୍ର ଜଗଦଲା (୩୬)। ଏନେଇ ମୃତକଙ୍କ ଭାଇ ସାନୁଜ ଜଗଦଲା ବୀରମହାରାଜପୁର ଥାନାରେ ଗୁରୁବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା(ନଂ.୨୬/୨୬) ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁସାରେ ବଗଛେରା ଗ୍ରାମର ପଞ୍ଚୁ କର୍ଣ୍ଣ କୁଡାପଡା ଗ୍ରାମରେ ଘରଜ୍ୱାଇଁ ଭାବେ ରହୁଛନ୍ତି। ବୁଧବାର କୌଣସି କାରଣରକୁ ନେଇ ତାଙ୍କର ଚନ୍ଦ୍ରଙ୍କ ସହ ବଚସା ହୋଇଥିଲା। ଏଥିରେ ସମୟରେ ଉତ୍କ୍ଷିପ୍ତ ହୋଇ ପଞ୍ଚୁ(୩୬)ଏକ ଠେଙ୍ଗାରେ ଚନ୍ଦ୍ରଙ୍କୁ ପିଟି ଲହୁଲୁହାଣ କର ସେଠାରୁ ପଳାଇ ଯାଇଥିଲେ। ଗୁରୁତର ଅବସ୍ଥାରେ ଚନ୍ଦ୍ରଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୀରମହାରାଜପୁର ପୋଲିସ ଅଭିଯୁକ୍ତଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ଜବତ ହୋଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ କହିଛନ୍ତି।

# ୬୯୦୬୭ ଚାଷୀ ବିକିଛନ୍ତି ୩୬ଲକ୍ଷ କ୍ୱିଣ୍ଟାଲ ଧାନ

**ସୋନପୁର,୫।୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାରେ ଧାନ ବିକ୍ରି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜିଲାର ଡୁଙ୍ଗୁରିପାଲି, ବିନିକା, ସୋନପୁର ଓ ଉଲୁଣ୍ଡା ବ୍ଲକରେ ଧାନ କିଣା ପ୍ରାୟତଃ ସରି ଯାଇଛି। କେବଳ ବୀରମହାରାଜପୁର ଓ ତରଭା ବ୍ଲକର ଅଳ୍ପ କିଛି ମଣ୍ଡିରେ ଧାନ କିଣା ବାକି ରହିଛି। ଆସନ୍ତା ତିନିରୁ ଚାରି ଦିନ ଭିତରେ ଜିଲାରେ ଧାନ କିଣା ସରିବା ନେଇ ଆଶା କରାଯାଉଛି। ବୀରମହାରାଜପୁର ବ୍ଲକର ଖଣ୍ଡହତା, ହିଲୁଙ୍ଗ, ମୁର୍ଛୁଣ୍ଡି, ପିତାମହୁଲ, ଲୁଡୁରପଙ୍କ ଓ ଉଫୁଲା ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡି ରହିଛି। ହିଲୁଙ୍ଗ ମଣ୍ଡିରେ ପ୍ରାୟ ୧୫ ହଜାର ବସ୍ତା ଧାନ, ଖଣ୍ଡହତାରେ ୭ ହଜାର ବସ୍ତା ଧାନ, ପିତାମହୁଲରେ ୫ ହଜାର ବସ୍ତା, ଲୁଡୁରପଙ୍କରେ ୫ ହଜାର ବସ୍ତା, ମୁର୍ଛୁଣ୍ଡିରେ ୩ ହଜାର ବସ୍ତା ଧାନ ଓ ଉଫୁଲାରେ ୪ହଜାର ବସ୍ତା ଧାନମଣ୍ଡିରେ ପଡିଛି। ସେହିପରି ତରଭା ବ୍ଲକର ପୁଆ, ବଡଭଇଁରୋ ଓ କମସରା ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡି ରହିଛି। ବୀରମହାରାଜପୁର ବ୍ଲକରେ ଆଦୌ ରାଇସ୍ ମିଲ୍ ନ ଥିବା ବେଳେ ତରଭା ବ୍ଲକରେ ମାତ୍ର ଗୋଟିଏ ରାଇସ୍ ମିଲ୍ ଅଛି। ତେଣୁ ଏହି ୨ ବ୍ଲକର ମଣ୍ଡି ଗୁଡିକରୁ ଧିମା ଗତିରେ ଧାନ ଉଠୁଥିବା ଚାଷୀ ଅଭିଯୋଗ କରିଛନ୍ତି। ଗୁରୁବାର ଅପରାହ୍ନ ସୁଦ୍ଧା ଜିଲାର ୬୯ହଜାର ୬୭ ଚାଷୀ ୩୬ ଲକ୍ଷ ୧ ହଜାର ୩୬୮ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟାରେ ୭୧ ପାକ୍ସ ଓ ୨୧ ଡବ୍ଲ୍ୟୁଏସ୍ଏଚ୍ଜି ଏବଂ ଜିଲାର ୫୪ ମିଲର୍ସ ସାମିଲ ହୋଇଛନ୍ତି। ଜିଲାର ଡୁଙ୍ଗୁରିପାଲି ଓ ବୀରମହାରାଜପୁର ଆରଏମ୍ସି ଅଧିନରେ ଚଳିତ ଥର ମୋଟ ୯୫ଟି ମଣ୍ଡି ଖୋଲିଛି। ମୋଟ ୭୧ହଜାର ୫୬୮ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକୃତ ହୋଇଛନ୍ତି। ଜିଲାରେ ଧାନ ଉତ୍ପାଦନ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଧାନ କିଣାକୁ ସୁବ୍ୟବସ୍ଥିତ କରିବା ପ୍ରଶାସନ ପାଇଁ ବଡ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଜିଲାରେ ଧାନ ସଂଗ୍ରହ ସୁରୁଖୁରୁରେ ଚାଲିଛି, ସେମିତି କିଛି ସମସ୍ୟା ନାହିଁ ବୋଲି ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ କହିଛନ୍ତି। ସେହିପରି ଜିଲାରେ ଧାନ କିଣା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଉ ମାତ୍ର ୩% ପଞ୍ଜିକୃତ ଚାଷୀଙ୍କ ନିକଟରୁ ଧାନ କିଣା ବାକିଥିବା ଜିଲାପାଳ ଡ. ନୃପରାଜ ସାହୁ କହିଛନ୍ତି।



ବୀରମହାରାଜପୁର ବ୍ଲକ ହିଲୁଙ୍ଗ ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡିରହିଛି।

**ସୁବର୍ଣ୍ଣପୁର: ଶେଷ ପର୍ଯ୍ୟାୟରେ ଧାନ କିଣା**

# କୁଷ୍ଠ ସଚେତନତା କାର୍ଯ୍ୟକ୍ରମ



ଖଣ୍ଡହତା ହାଇସ୍କୁଲରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

**ଅମରପାଲି, ୫।୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତାସ୍ଥିତ ଇନ୍ଦିରା ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ କୁଷ୍ଠ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା କୁଷ୍ଠ ଅଧିକାରୀ ଡାକ୍ତର ତ୍ରିବିକ୍ରମ ପାଣ୍ଡିଆ ଓ ଜିଲା କୁଷ୍ଠ ସଂଯୋଜନା ଅଧିକାରୀ ଡାକ୍ତର ଗୌରୀ ଶଙ୍କର ପଣ୍ଡାଙ୍କ ସହିତ ବୀରମହାରାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଏନ୍ଏଲ୍ଡବ୍ଲୁ ଜଗଦୀଶ ମେହେର ଓ ବହଳପଦର ସେକ୍ଟର ସୁପରଭାଇଜର ଗିରିଧାରୀ ସାହୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କୁଷ୍ଠରୋଗର ନିରାକରଣ ବିଷୟରେ ଆଲୋକପାତ କରିଥିଲେ। ଖଣ୍ଡହତା ହାଇସ୍କୁଲ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ରଥଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଷ୍ଠ ସଚେତନତା କାର୍ଯ୍ୟକ୍ରମ ଉପରେ ଥିବା ଏହି ବର୍ଷର ଥିମ ଭେଦ ଭାବର ଅନ୍ତ ଓ ମର୍ଯ୍ୟାଦାର ସୁନିଚିତ କରିବା ବିଷୟରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଶେଷରେ କୁଷ୍ଠକୁ ନେଇ ଏକ ପ୍ରତିଯୋଗିତା କରି ୧୦ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରି ଲୋକଙ୍କୁ ସଚେତନ କରାଯାଇଥିଲା।

ଭା.କ.ନି.

## ଭାରତୀୟ କପା ନିଗମ ଲିମିଟେଡ୍
### ଶାଖା କାର୍ଯ୍ୟାଳୟ, ରାୟଗଡ଼ା

ମୋବାଇଲ ଆପ୍ — କପାସ କିଷାନ

C.C.I.

ପ୍ଲଟ ନଂ. ୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା – ୭୬୫୦୦୧ (ଓଡ଼ିଶା)

ସଂଖ୍ୟା: ଭାକନି/ରାୟଗଡ଼ା/୨୦୨୫–୨୬ ତାରିଖ: ୦୫.୦୨.୨୦୨୬

**କପା ଚାଷୀମାନଙ୍କୁ ଆହ୍ୱାନ**

ଓଡ଼ିଶାର ସମସ୍ତ କପା ଚାଷୀଭାଇମାନଙ୍କୁ ସୂଚିତ କରାଯାଉଛି ଯେ ବର୍ତ୍ତମାନ ଫସଲ ବର୍ଷ ୨୦୨୫–୨୬ରେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଯୋଜନା ଅନ୍ତର୍ଗତ କପା କ୍ରୟର ଶେଷ ତାରିଖ ୨୭ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ନିର୍ଦ୍ଧାରିତ କରାଯାଇଛି।
କପାସ କିଷାନ ଆପ୍ (Kapas Kisan App)ରେ ପଞ୍ଜୀକୃତ ସମସ୍ତ କପା ଚାଷୀ ଭାଇମାନଙ୍କୁ ଜଣାଇ ଦିଆଯାଉଛି ଯେ ସର୍ବନିମ୍ନ ସହାୟକ ମୂଲ୍ୟର ଲାଭ ନେବା ପାଇଁ ସେମାନେ ଆପ୍ ମାଧ୍ୟମରେ ସ୍ଲଟ୍ ବୁକ୍ କରି ନିକଟତମ CCI କ୍ରୟ କେନ୍ଦ୍ରରେ ତାରିଖ ୨୭.୦୨.୨୦୨୬ ମଧ୍ୟରେ ନିଜ କପା ବିକ୍ରୟ କରିପାରିବେ।
ଅଧିକ ସୂଚନା କିମ୍ବା ସହାୟତା ପାଇଁ, ଚାଷୀମାନେ ଶାଖା କାର୍ଯ୍ୟାଳୟ ରାୟଗଡ଼ାର ହ୍ୱାଟସଆପ୍ ହେଲ୍ପଲାଇନ ନମ୍ବର: ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା./– ଶାଖା ପ୍ରମୁଖ

# ବୀରମହାରାଜପୁର କଲେଜରେ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ

**ବୀରମହାରାଜପୁର,୫।୨(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନ ଅଧକ୍ଷ ଡ଼. ହିମାଂଶୁ ଶେଖର ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡ଼. ବନ୍ଦିତା ବିଶ୍ୱାଳ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଅଧ୍ୟାପିକା ଯାମିନୀ ଦାଶ, ହରପ୍ରିୟା ମହାପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଡ଼. ସୁଶ୍ରୀ ପ୍ରିୟଦର୍ଶିନୀ ପଣ୍ଡା ଏବଂ ସହ ସଂଯୋଜିକା ଅଧ୍ୟାପିକା ନିତାରାଣୀ ପ୍ରଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅଧ୍ୟାପିକା ସୁପ୍ରଭା ନନ୍ଦ ଛାତ୍ରୀମାନଙ୍କୁ ସକ୍ରିୟ ଯୋଗଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏମାନଙ୍କ ସହିତ ଅଧ୍ୟାପିକା ବିଦ୍ୟୁତ୍‌ପ୍ରଭା ରଥ, ମାଳତୀ ନାଏକ, ସୋନାଲି ମହାକୁର ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଶିକ୍ଷିକାଭାବେ ଶିବାନୀ ପ୍ରଧାନ, ଦିବ୍ୟଜ୍ୟୋତି ପ୍ରଧାନ ଏବଂ ଅଙ୍କିତା ସାହୁ ରହିଛନ୍ତି। କଲେଜର ୧୫୦ ଛାତ୍ରୀ ତାଲିମ ନେଉଛନ୍ତି। ୧୩ତାରିଖ ପର୍ଯ୍ୟନ୍ତ ଏହି ତାଲିମ ଶିବିର ଅନୁଷ୍ଠିତ ହେବ ବୋଲି କଲେ ଅଧକ୍ଷ ଡ଼ ହିମାଂଶୁ ଶେଖର ପାଢି ସୂଚନା ଦେଇଛନ୍ତି।

# ବୀରମହାରାଜପୁର ଦୋଳଯାତ୍ରା ନାମଯଜ୍ଞ କମିଟି ଗଠିତ

## ବିଧାୟକ ରଘୁନାଥ ଜଗଦଲା ସଭାପତି, ଦୈତାରୀ ମହାକୁଡ଼ ସମ୍ପାଦକ

**ବୀରମହାରାଜପୁର,୫।୨ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମୁଖ୍ୟ ଛକ ଜଗନ୍ନାଥ ମନ୍ଦିର ସମ୍ମୁଖ ଦୋଳ ମଣ୍ଡପରେ ଗୁରୁବାର ସନ୍ଧ୍ୟାରେ ନାମଯଜ୍ଞ କମିଟି ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଦୟାନିଧି ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସର୍ବସମ୍ମତିକ୍ରମେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ସଭାପତି, ଆଇନଜୀବୀ ତଥା ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ବିଷ୍ଣୁ ଚରଣ ପଣ୍ଡା କାର୍ଯ୍ୟକାରୀ ସଭାପତି, ମନ ରଞ୍ଜନ ତରିଆ ଉପସଭାପତି, ଶିକ୍ଷାବିତ୍ ଅକ୍ଷୟ କୁମାର ମିଶ୍ର କୋଷାଧକ୍ଷ, ଯୁଗ୍ମ ସମ୍ପାଦକ ଜମ୍ବେଶର ପଧାନ ଓ ରମେଶ ପଣ୍ଡା, ସହ କୋଷାଧକ୍ଷ ଭାବରେ ରବି ନାରାୟଣ ପଣ୍ଡା ଓ ନାରାୟଣ ମେହେର ମନୋନୀତ ହୋଇଛନ୍ତି। ଏହା ସହିତ ୧୫ ଜଣିଆ ଉପଦେଷ୍ଟା ମଣ୍ଡଳୀ ଓ ଅନ୍ୟାନ୍ୟ କମିଟି ଗଠନ କରାଯାଇଛି। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଦୟାନିଧି ହୋତା। ଦାମୋଦର ହୋତା ଧନ୍ୟବାଦ ଅର୍ପଣ କରିଥିଲେ। କେଉଁ ଆଦିମ କାଳରୁ ବୀରମହାରାଜପୁରଠାରେ ଫାଲଗୁନ ପୂର୍ଣ୍ଣିମାରେ ସାତଟି ଗ୍ରାମରୁ ହରିହର ମେଳଣ ପଡ଼ିଆରେ ଭେଟ ହୋଇଥାନ୍ତି। ପ୍ରସିଦ୍ଧ ଶୈବପୀଠ ଚମ୍ପାଳର ଚମ୍ପେଶ୍ୱର ମହାଦେବ ଏହି ହରିହର ଭେଟ ପାଇଁ ସମସ୍ତ ହରିହରଙ୍କୁ ନିମନ୍ତ୍ରଣ କରିଥାନ୍ତି। ଏହି ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ବୀରମହାରାଜପୁର ଛକଠାରେ ୨୪ ପ୍ରହର ନାମଯଜ୍ଞର ଆୟୋଜନ ୫୦ ବର୍ଷରୁ ଅଧିକ ସମୟ ହେବ ଆୟୋଜିତ ହୋଇ ଆସୁଛି। ଚଳିତ ବର୍ଷ ଫେବୃଆରୀ ୨୮ରୁ କଳସ ଯାତ୍ରାରେ ମାର୍ଚ୍ଚ ୧ ରୁ ୩ ତାରିଖ ପର୍ଯ୍ୟନ୍ତ ନାମଯଜ୍ଞ ଅନୁଷ୍ଠିତ ହେବ। ଏଥିପାଇଁ ୪୦ରୁ ସଂକୀର୍ତ୍ତନ୍ୟ ଦଳ ଅଂଶଗ୍ରହଣ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି।

# ତାଲିମ ନେଉଛନ୍ତି ଶିକ୍ଷୟିତ୍ରୀ ଶିକ୍ଷକ

**ବିନିକା,୫।୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଆସନ୍ତା ୨୦୨୬–୨୭ ଶିକ୍ଷା ବର୍ଷରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୫୫ ଖଣ୍ଡ ବହି ବଦଳିବ। ସେଇଥିପାଇଁ ବୁଧବାର ବିନିକା ବାଳକ ଉଚ୍ଚ ବିଦ୍ୟାଳୟରେ ତାଲିମ ନେଉଛନ୍ତି ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ। ବ୍ଲକର ୪ ଶହ ଶିକ୍ଷୟିତ୍ରୀ ଓ ଶିକ୍ଷକ ଶିବିରରେ ଯୋଗଦେଇ ନୂତନ ବହିରେ ପିଲାଙ୍କୁ କେମିତି ପାଠ ପଢାଇବେ ସେଇଥିପାଇଁ ତାଲିମ ନେଉଛନ୍ତି। ମନୋଜ ମହାରଣା ଓ ଏବିଇଓ ଟଙ୍କଧର ଭୋଇଙ୍କ ତତ୍ତ୍ୱାବଧାନରେ ତାଲିମ କାର୍ଯ୍ୟକ୍ରମ ଚାଲିଛି।

# ଅଞ୍ଚଳର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ

**ଡୁଙ୍ଗୁରିପାଲି,୫।୨(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ନୂତନ ବିଡିଓଭାବେ ବୁଧବାର କାର୍ଯ୍ୟରେ ଯୋଗଦେଇଛନ୍ତି ବିଡ଼ିଓ ସଞ୍ଜୀବ କୁମାର ସାହୁ। ଗୁରୁବାର ବ୍ଲକ ଭାଜପା ପକ୍ଷରୁ ବିଡିଓ ସାହୁଙ୍କୁ ଶୁଭେଚ୍ଛା ଜ୍ଞାପନ ଅବସରରେ ବିଡିଓ ସାହୁ କହିଛନ୍ତି, ବ୍ଲକ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ସେ କାର୍ଯ୍ୟ କରିବେ। ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ଓ ଜନସାଧାରଣଙ୍କ ସହଯୋଗ ଲୋଡା। ବରିଷ୍ଠ ଭାଜପା କର୍ମକର୍ତ୍ତା ନୀତେଇ ପାଲଙ୍କ ନେତୃତ୍ୱରେ ରୂପଧର ପଧାନ, ଡୁଙ୍ଗୁରିପାଲି ମଣ୍ଡଳ ସଭାପତି ପ୍ରବୀର ସାହୁ, ରାମପୁର ମଣ୍ଡଳ ସଭାପତି ଶ୍ରବଣ ଭୁଏ, ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ବୈଶାଖୁ ମିଦ୍ଧା, ବୀରେନ୍ଦ୍ର କଠାର, ସୁରେଶ ପଧାନ, ବିକାଶ ହାତୀ, ସହଲା ସରପଞ୍ଚ ପଟୁଆରୀ ପଧାନ, ସହଳ ସମିତି ସଭ୍ୟ ପୂର୍ଣ୍ଣଚନ୍ଦ୍ର ମେହେର, ସର୍ଗୁଲ ସମିତି ସଭ୍ୟ ପୁରନ୍ଦର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**GOVERNMENT OF ODISHA** No.25001/29/2526
**OFFICE OF THE SUPERINTENDING ENGINEER**
**RURAL WORKS DIVISION, TITILAGARH**
E-Mail ID : eerw_titilagarh@yahoo.co.in

**e-Procurement Notice**

Letter No. 1220 Date : 31.01.2026

**IFB IDENTIFICATION NO. EETIG-online-18/2025-26**

1. Name of the work : **Road Work**, 2. Total No. of works : **01 (One) No.**, 3. Approximate Estimated Cost : **Rs.89.00 lakh**, 4. Time for completion : **01 (One) calendar month**, 5. Mode of Submission of tender : **Tender should be submitted online in www.tenders.ori.nic.in**, 6. Other details are as follow : **As per TCN No. EETIG-online-18/2025-26.**

| Procurement Officer | Bid Identification No. | Availability of Tender on line for bidding | | Last Date & Time of seeking tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W. Divn., Titilagarh | EETIG-Online-18/2025-26 | 09.02.2026 at 11.00 A.M. | 18.02.2026 upto 5.00 P.M. | 17.02.2026 to 11.00 A.M. | 19.02.2026 at 11.00 A.M. | The date will be intimated to the technically qualified bidders |

• Further details can be seen from the website www.tenders.ori.nic.in
• Any Corrigendum/Addendum will be displayed in the above e tender website only.

Sd./- Executive Engineer
R.W. Division, Titilagarh

OIPR-25001/25078/1/25-26/0029

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, GUNUPUR**
E-mail : eerwgunupur@gmail.com

**e-Procurement Notice**

No.25001/34/2526
**Bid Identification No. : EERWGNP - Online - 11/2025-26**

No.:476 / Date : 03.02.2026

1. Name of the Work : Repair & Maintenance of Road Works, 2. Total No. of Works : 02 Nos (Percentage rate tender), 3. Estimated Cost : As mentioned in Col.3 of Annexure, 4. Class of Contractor : As mentioned in Col.5 of Annexure, 5. Period of Completion : As mentioned in Col.4 of Annexure, 6. EMD : As mentioned in Col.6 of Annexure, 7. Paper Cost : As mentioned in Col.7 of Annexure, 8. Other details

| Procurement Officer | Bid Identification No. | Availability of Tender online for Bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Gunupur | EERWGNP-Online-11/2025-26 | 07.02.2026 at 10.00 A.M. | 16.02.2026 upto 5.00 P.M. | 13.02.2026 upto 2.00 P.M. | 17.02.2026 at 10.00 A.M. | Will be intimated later |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website : www.tendersodisha.gov.in

Sd./- Executive Engineer
Rural Works Division, Gunupur

OIPR-25001/25170/1/25-26/0034

**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** pnb punjab national bank
Together for the better

ମଣ୍ଡଳ କାର୍ଯ୍ୟାଳୟ : ବ୍ରହ୍ମପୁର, ୨ୟ ମହଲା, ଶିବ ଆର୍କେଡ୍, ଟାଟା ବେଞ୍ଚ ସ୍କୋୟାର, ବ୍ରହ୍ମପୁର-୭୬୦୦୦୫, ଜିଲ୍ଲା: ଗଞ୍ଜାମ, ଓଡ଼ିଶା

**[ରୁଲ ୮(୧)] ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୩ ସହିତ ଧାରା ୧୩(୧୨)ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରି କରି ନୋଟିସ୍ ମାଧ୍ୟମରେ ଦର୍ଶିତ ଅର୍ଥ ରାଶି ସହିତ ଲାଗୁହୋଇନଥିବା ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ବକେୟା ଦେୟ ପରିଶୋଧ କରିବାରେ ବିଫଳ ହେବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାର//ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପର କଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ **ଦଖଲକୁ** ନେଇଛନ୍ତି। **ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା ୮ ଅନୁସାରେ ତାଙ୍କର ସୁରକ୍ଷିତ ସମୟମତେ ବନ୍ଧକ ମୁକ୍ତ କରନ୍ତୁ।** ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାର//ବନ୍ଧକଦାତାମାନଙ୍କୁ ଓ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ଠାରେ ନିମ୍ନ ଦର୍ଶିତ ଅର୍ଥରାଶି ସହ ସେବାବଦ ସୁଧ, ଦେୟ ଓ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶିର ପରିମାଣ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଶେରଗଡ଼ ଶାଖା (୭୪୨୩୦୦) / ଋଣଗ୍ରହୀତା: ✓ ବାଞ୍ଛାନିଧି ପଟ୍ଟନାୟକ, ପିତା: ଶିବରାମ ପଟ୍ଟନାୟକ, ତାଙ୍କୁ ପ୍ରତିନିଧିତ୍ୱ କରୁଥିବା ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀ ତାରିଣୀସେନ ପଟ୍ଟନାୟକ, ପିତା: ✓ ବାଞ୍ଛାନିଧି ପଟ୍ଟନାୟକ, ୨) ଶ୍ରୀମତୀ ମହାଦେଇ ପଟ୍ଟନାୟକ, ସ୍ୱାମୀ: ✓ ବାଞ୍ଛାନିଧି ପଟ୍ଟନାୟକ, ୩) ଶ୍ରୀ ରାଜକୁମାର ପଟ୍ଟନାୟକ, ପିତା: ✓ ବାଞ୍ଛାନିଧି ପଟ୍ଟନାୟକ, ୪) ଶ୍ରୀମତୀ ଦମୟନ୍ତୀ ଦାଶ, ପିତା: ✓ ବାଞ୍ଛାନିଧି ପଟ୍ଟନାୟକ, ୫) ଶ୍ରୀମତୀ ରାଧା ପଟ୍ଟନାୟକ, ✓ ବାଞ୍ଛାନିଧି ପଟ୍ଟନାୟକଙ୍କ ବୋହୂ (ପିତା: ✓ ଦିଲ୍ଲୀପ କୁମାର ପଟ୍ଟନାୟକ) / ସହ-ଋଣଗ୍ରହୀତା: ଶ୍ରୀ ତାରିଣୀସେନ ପଟ୍ଟନାୟକ, ପିତା: ✓ ବାଞ୍ଛାନିଧି ପଟ୍ଟନାୟକ, ସମସ୍ତଙ୍କ ଠିକଣା– ସା/ଗ୍ରାମ: ହରେକୃଷ୍ଣପୁର, ପୋ: ଶେରଗଡ଼, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୦୬ | ୨୫.୦୮.୨୦୨୫ / ୦୩.୦୨.୨୦୨୬ | ୩୧.୦୭.୨୦୨୫ ସୁଦ୍ଧା ଟ.୭,୨୯,୦୬୫.୪୪ ଯୁକ୍ତ ୦୧.୦୮.୨୦୨୫ ଠାରୁ ସେବାବଦ ପରବର୍ତ୍ତୀ ସୁଧ | ✓ ବାଞ୍ଛାନିଧି ପଟ୍ଟନାୟକ, ପିତା: ଶିବରାମ ପଟ୍ଟନାୟକ (ମୃତକ), ତାଙ୍କୁ ପ୍ରତିନିଧିତ୍ୱ କରୁଥିବା ଆଇନଗତ ଉତ୍ତରାଧିକାରୀମାନେ: (୧) ଶ୍ରୀମତୀ ମହାଦେଇ ପଟ୍ଟନାୟକ, ସ୍ୱାମୀ: ✓ ବାଞ୍ଛାନିଧି ପଟ୍ଟନାୟକ, (୨) ଶ୍ରୀ ତାରିଣୀସେନ ପଟ୍ଟନାୟକ (ସହ-ଋଣଗ୍ରହୀତା), (୩) ରାଜକୁମାର ପଟ୍ଟନାୟକ, ଉଭୟଙ୍କ ପିତା: ✓ ବାଞ୍ଛାନିଧି ପଟ୍ଟନାୟକ, (୪) ଦମୟନ୍ତୀ ଦାଶ, ପିତା: ✓ ବାଞ୍ଛାନିଧି ପଟ୍ଟନାୟକ, (୫) ରାଧା ପଟ୍ଟନାୟକ: ପିତା: ✓ ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାମଗିରି, ତହସିଲ/ଥାନା: ଶେରଗଡ଼, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୧୫୮, ପ୍ଲଟ୍ ନଂ.: ୭୨, କ୍ଷେତ୍ର: ଏକର୦.୦୫୫ ଡିସିମିଲି କିମ୍ବା ୦.୦୨୨ ହେକ୍ଟର |

ସ୍ଥାନ: ବ୍ରହ୍ମପୁର, ତାରିଖ: ୦୫.୦୨.୨୦୨୬ ସ୍ୱା/– କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

5001/1/2526

ଓଡ଼ିଶା ସରକାର
ଅର୍ଥ ବିଭାଗ

**ଚିଟ୍ ଫଣ୍ଡ କ୍ଷୁଦ୍ର ଆବେଦନକାରୀଙ୍କୁ ଟଙ୍କା ଫେରସ୍ତ ସମ୍ବନ୍ଧୀୟ ବିଶେଷ ସୂଚନା**

ଏତଦ୍ୱାରା ସୂଚାଇ ଦିଆଯାଉଛି ଯେ, ପୂର୍ବରୁ ଚିଟ୍ ଫଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା **ସମସ୍ତ କ୍ଷୁଦ୍ର ଆବେଦନକାରୀଙ୍କୁ ଟଙ୍କା ଫେରସ୍ତ ପ୍ରକ୍ରିୟାର ଶେଷ ତାରିଖ ୩୧ ଜାନୁୟାରୀ ୨୦୨୬ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲା । ତେବେ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ କେତେକ କ୍ଷୁଦ୍ର ଜମାକାରୀ ଏପର୍ଯ୍ୟନ୍ତ ସେମାନଙ୍କ ଜମାରାଶି ଫେରି ପାଇନାହାଁନ୍ତି । ଅବଶିଷ୍ଟ ଜମାକାରୀଙ୍କ ସୁବିଧା ନିମନ୍ତେ ଏହି ଅର୍ଥ ଫେରସ୍ତ ପ୍ରକ୍ରିୟାକୁ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସମସ୍ତ ଯୋଗ୍ୟ କ୍ଷୁଦ୍ର ଜମାକାରୀ ଏହାର ସୁଯୋଗ ନେବାକୁ ଅନୁରୋଧ କରାଯାଉଛି ।**

**(କ) କେଉଁମାନେ ଏହି ସୁଯୋଗର ସୁଫଳ ପାଇବେ ?**

୧. ମାନ୍ୟବର ତଦନ୍ତ କମିଶନ ସୁପାରିଶ କରିଥିବା ଓ ଫେରସ୍ତ ପାଇନଥିବା ସମସ୍ତ କ୍ଷୁଦ୍ର ଜମାକାରୀ (୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା) ।
୨. ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ସମୂହର ପ୍ରଥମ ପର୍ଯ୍ୟାୟରେ ଫେରସ୍ତ ପାଇନଥିବା ସମସ୍ତ କ୍ଷୁଦ୍ର ଜମାକାରୀ (୮,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା) ।

**(ଖ) ଜମାକାରୀମାନେ ସେମାନଙ୍କର ଆବେଦନ ପତ୍ରର ସ୍ଥିତି କିପରି ଜାଣି ପାରିବେ ?**

ନିଜ ଜିଲ୍ଲାର ସରକାରୀ websiteରେ ଫେରସ୍ତ ପାଇ ନଥିବା ଜମାକାରୀ ମାନଙ୍କର ସମ୍ପୂର୍ଣ୍ଣ ତାଲିକା ଉପଲବ୍ଧ ଅଛି । ଏତଦ୍ ବ୍ୟତିତ, ମାନ୍ୟବର ତଦନ୍ତ କମିଶନ ରିପୋର୍ଟ ପାଇଁ ଜମାକାରୀଙ୍କର ନାମ / Affidavit ନମ୍ବର ଏବଂ ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ପାଇଁ ଜମାକାରୀଙ୍କର ନାମ / Application ନମ୍ବର www.opid.odisha.gov.in ରେ ଦେଇ, ସେମାନଙ୍କର ଆବେଦନ ପତ୍ରର ବର୍ତ୍ତମାନ ସ୍ଥିତି ସଂପର୍କରେ ଜାଣି ପାରିବେ ।

**(ଗ) ଟଙ୍କା ଫେରସ୍ତ ପାଇଁ କ୍ଷୁଦ୍ରଜମାକାରୀ କଣ କରିବେ ?**

ଜମାକାରୀ ମାନେ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସହିତ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ (R.I.)ଙ୍କ ପାଖରେ ଯୋଗାଯୋଗ କଲେ ୧୫ ଦିନ ମଧ୍ୟରେ ସେମାନଙ୍କର ଜମା ଟଙ୍କା ଫେରି ପାଇବାର ପ୍ରାବଧାନ କରାଯାଇଛି ।

୧. ପରିଚୟ ପତ୍ର ଯଥା ଆଧାର କାର୍ଡ, ଭୋଟର ପରିଚୟ ପତ୍ର, ଡ୍ରାଇଭିଂ ଲାଇସେନ୍ସ, ପ୍ୟାନ କାର୍ଡ ଇତ୍ୟାଦି ।
୨. ମୂଳ ଜମା ରସିଦ୍ (Original Money Receipts) ।
୩. ବ୍ୟାଙ୍କ ଆକାଉଣ୍ଟର ତଥ୍ୟ ଯଥା ଖାତା ନମ୍ବର, ବ୍ୟାଙ୍କ ନାମ, IFSC (ବି: ଦ୍ର- କେବଳ ମାନ୍ୟବର ତଦନ୍ତ କମିଶନ ସୁପାରିଶ କରିଥିବା ଆବେଦନକାରୀଙ୍କ ପାଇଁ ଉଦ୍ଦିଷ୍ଟ) ।

**ଅର୍ଥ ବିଭାଗ, ଓଡିଶା ସରକାର**

***

OIPR-5001/5001/1/25-26/0001

## ଯୁବତୀଙ୍କୁ ବଳାତ୍କାର, ଯୁବକ ଗିରଫ

ଢେଙ୍କିକୋଟ,୫।୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ବାନ୍ଧବୀଙ୍କୁ ଜବରଦସ୍ତି ବଳାତ୍କାର କରି ଯୁବକ ଗିରଫ ହୋଇଛନ୍ତି। ଅଭିଯୁକ୍ତ ଘଟଗାଁ ଥାନା ଅନ୍ତର୍ଗତ ମଣତା ଗ୍ରାମର ବାଦଲ ସାହୁ(୨୩)। ଯୁବତୀ ଓ ବାଦଲ ଭଲ ବନ୍ଧୁ ଥିଲେ। ଆର୍ଥିକ ଅସୁବିଧାର ସମ୍ମୁଖୀନ ହେବାରୁ ବାନ୍ଧବୀ ବାଦଲଙ୍କଠାରୁ ଟଙ୍କା ମାଗିଥିଲେ। ବାଦଲ ଟଙ୍କା ଦେବାକୁ ୨୬ ଡିସେମ୍ବର ୨୦୨୫ରେ ଘଟଗାଁ ବସ୍‌ଷ୍ଟାଣ୍ଡକୁ ଡାକିଥିଲେ। ସେଠାରୁ ଯୋଜନାବଦ୍ଧ ଭାବେ ଲଜ୍‌କୁ ନେଇ ବଳାତ୍କାର କରିଥିଲେ। ଏହାର ଭିଡିଓ ଉତ୍ତୋଳନ କରି ବ୍ଲାକ୍‌ମେଲିଂ କରିଥିଲେ। ମାନସିକ ଦୁଶ୍ଚିନ୍ତାରେ ଯୁବତୀ ଜଣକ ରହିଥିଲେ। ତେଣୁ ଗତ ଜାନୁଆରୀ ୨ରେ ଅଭିଯୋଗ କରିଥିଲେ। ପୋଲିସ ଗୁରୁବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏକ ମାମଲା(ନଂ.୨୬/୨୬) ରୁଜୁ ହୋଇ ତଦନ୍ତ ଚାଲିଥିବା ଆଇଆଇସି ଶୁଭ୍ରାନ୍ତ ଜେନା କହିଛନ୍ତି।

# ୧୪ ଅଭିଯୁକ୍ତଙ୍କ ତଥ୍ୟ ପ୍ରଦାନ କଲା କ୍ରାଇମବ୍ରାଞ୍ଚ

**ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ପରିଚାଳନା ଅନିୟମିତତା ମାମଲା**

କଟକ,୫।୨(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ଏଏସ୍‌ଓ ପରୀକ୍ଷା-୨୦୨୪ ପରିଚାଳନାରେ ଅନିୟମିତତା ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କମିଶନରେଟ ପୋଲିସକୁ ପ୍ରଦାନ କରିଛି। ହାଇକୋର୍ଟ ଏଏସଓ ପରୀକ୍ଷା ପରିଚାଳନା ଅନିୟମିତତା ମାମଲାରେ ଥିବା ଅଭିଯୁକ୍ତ ପୋଲିସ ଏସ୍‌ଆଇ ପରୀକ୍ଷା ଅନିୟମିତତାରେ ସାମିଲ ଥିବାରୁ କଟକ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ତଥ୍ୟ ପ୍ରଦାନ କରିବାକୁ କ୍ରାଇମବ୍ରାଞ୍ଚକୁ ଚିଠି ଲେଖାଯାଇଥିଲା। ତଦନୁସାରେ ପଞ୍ଚସଫ୍ଟ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡର ମାଲିକ ଶଙ୍କର ପୃଷ୍ଟିଙ୍କ ସମେତ ୧୪ଜଣଙ୍କ ତଥ୍ୟ କମିଶନରେଟ ପୋଲିସକୁ କ୍ରାଇମବ୍ରାଞ୍ଚ ପ୍ରଦାନ କରିଛି। ଏଥିରେ ସମସ୍ତ ଅଭିଯୁକ୍ତଙ୍କ ନାମ, ଠିକଣା, କଲ ଡିଟେଲ ରେକର୍ଡ, ବ୍ୟାଙ୍କ ଆକାଉଣ୍ଟ ତଥ୍ୟ, ଇଣ୍ଟରନେଟ ପ୍ରୋଟୋକଲ ଡିଟେଲ ରେକର୍ଡ, ମୋବାଇଲ ନମ୍ବର ଆଦି ସଂକ୍ରାନ୍ତୀୟ ତଥ୍ୟ କ୍ରାଇମବ୍ରାଞ୍ଚ ଦେଇଥିବା ଜଣାଯାଇଛି।

ସୂଚନାନୁସାରେ, ଏକ ଆଉଟସୋର୍ସିଂ ଏଜେନ୍ସି ଦ୍ୱାରା ପରିଚାଳିତ ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ପ୍ରଶ୍ନପତ୍ରର ମଡେଲ ଉତ୍ତର ଲିକ ଏବଂ ଅନୁଚିତ ଉପାୟ ବ୍ୟବହାର ସମେତ ପରୀକ୍ଷାର ପରିଚାଳନାରେ ଅନିୟମିତତା ହୋଇଥିବା ସମ୍ପର୍କରେ ଲାଲବାଗ ଥାନାରେ ହାଇକୋର୍ଟ ପକ୍ଷରୁ ପ୍ରଦତ୍ତ ଏତଲାକୁ ନେଇ ମାମଲା ପଞ୍ଜୀକୃତ ହୋଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪)/୩୧୬(୨)/୩୧୬(୫)/୧୧୧/୬୧(୨)/୩(୫) ଧାରା ଲାଗୁ କରାଯାଇଛି। ଫୋନ ରେକର୍ଡ ବିଶ୍ଳେଷଣ ସମେତ ବୈଷୟିକ ତଦନ୍ତ, ଏଜେନ୍ସି ଅଧିକାରୀ, ମଧ୍ୟସ୍ଥି ଏବଂ ପ୍ରାର୍ଥୀଙ୍କ ମଧ୍ୟରେ ସନ୍ଦେହଜନକ ଯୋଗାଯୋଗ ଲିଙ୍କ ସଂକ୍ରାନ୍ତରେ ପୋଲିସ ତଦନ୍ତରେ ଉନ୍ମୋଚନ କରିଛି। ଲାଲବାଗ ଥାନା ପୋଲିସ ଡକ୍ୟୁମେଣ୍ଟାରି, ଡିଜିଟାଲ ଏବଂ ବୈଷୟିକ ପ୍ରମାଣ ଆଧାରରେ ୬ଜଣ ଅଭିଯୁକ୍ତଙ୍କୁ ଗତ ୩୧ ତାରିଖରେ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଶକ୍ତି ବିହାରର ହିମାଂଶୁ ଶେଖର ଦାସ, ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନ ବିହାର ଡୁଆଲ ହାଇଟ ଆପାର୍ଟମେଣ୍ଟର ଶ୍ରୀଧାରା ମନ୍ତ୍ରୀ, ଭୁବନେଶ୍ୱର ଖଣ୍ଡଗିରି ଥାନା ଡୁମଡୁମାର ଆଲୋକ ସାହୁ, ବାଲେଶ୍ୱର ଟାଉନ ଥାନା ଅନ୍ତର୍ଗତ ମଣିଖମ, ମୋତିଗଞ୍ଜର ନିର୍ମଳାୟ କୁମାର ଦାସ, କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ନିମ୍ପିପୁରର ଗଙ୍ଗାଧର ଜେନା ଓ ଗଞ୍ଜାମ ଜିଲା ହିଞ୍ଜିଳି ଥାନା ବ୍ରାହ୍ମଣଛାଇର ଜ୍ୟୋତିର୍ମୟୀ ସାହୁ। ଅଭିଯୁକ୍ତମାନଙ୍କ ଆର୍ଥିକ କାରବାର ଅନୁଧ୍ୟାନ କରାଯାଉଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ଏବଂ ବ୍ୟାପକ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ହତ୍ୟା ଅଭିଯୋଗ ଆଣିଲେ ମା'**

ଫୁଲବାଣୀ,୫।୨(ରାକେଶ କୁମାର ରାଉତ)

ଫୁଲବାଣୀ ସଦର ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ଝିଅକୁ ଶାଶୁଘର ଲୋକେ ନିର୍ଯାତନା ଦେଇ ହତ୍ୟା କରିଥିବା ମା' ବଲାଙ୍ଗୀର ଅଞ୍ଚଳର କବିତା ରାଣୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏ ନେଇ ସେ ସଦର ଥାନାରେ ଏତଲା ଦେଇଛନ୍ତି।

କବିତା ରାଣୀଙ୍କ ଝିଅ ପ୍ରିୟମ୍ବଦା ୨୦୨୦ରେ ଫୁଲବାଣୀ ସଦର ଥାନା ଅନ୍ତର୍ଗତ ମଜୁରିବିଡାର ଅରବିନ୍ଦ ମହାନ୍ତିଙ୍କୁ ବିବାହ କରିଥିଲେ। ବିବାହର ୨ ବର୍ଷ ପରେ ଶାଶୁଘର ଲୋକେ ପ୍ରିୟମ୍ବଦାଙ୍କୁ ଯୌତୁକ ପାଇଁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏ ନେଇ ପ୍ରିୟମ୍ବଦା ସ୍ୱାମୀଙ୍କୁ ଜଣାଇବାରୁ ସେ ୫୦ ଲକ୍ଷ ଟଙ୍କା ଯୌତୁକ ଆଣିବା ପାଇଁ ଚାପ ପକାଇଥିଲେ ବୋଲି କବିତା ରାଣୀ ଅଭିଯୋଗରେ ଦର୍ଶାଇଛନ୍ତି। ଗତ ୧ ତାରିଖରେ ପ୍ରିୟମ୍ବଦା ଅସୁସ୍ଥ ହେବାରୁ ଶାଶୁଘର ଲୋକେ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଖବରପାଇ କବିତାରାଣୀ ବ୍ରହ୍ମପୁର ମେଡିକାଲକୁ ଯାଇଥିଲେ। ୨ ତାରିଖରେ ପ୍ରିୟମ୍ବଦାଙ୍କ ମୃତ୍ୟୁ ହୋଇଥିଲା। କବିତାରାଣୀ ଅଭିଯୋଗ କରିଛନ୍ତି ଯେ, ଶାଶୁଘରେ ଝିଅଙ୍କୁ ପ୍ରବଳ ମାଡ ସହିତ ବ୍ଲଡପ୍ରେସର ବଟିକା ଖୁଆଇବା ପରେ ଅଚେତ ଅବସ୍ଥାରେ ବ୍ରହ୍ମପୁର ମେଡିକାଲ ଆଣିଥିଲେ। ଏହା ଏକ ସୁପରିକଳ୍ପିତ ହତ୍ୟା ବୋଲି ସେ ଅଭିଯୋଗ କରିଛନ୍ତି। ଏ ନେଇ ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅନ୍ୟପଟେ ପ୍ରିୟମ୍ବଦାଙ୍କ ମା'ଙ୍କ ଏତଲା ଆଧାରରେ ସଦର ଥାନାରେ ନଂ.୩୨/୨୬ରେ ଅନ୍ୟ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ସଦର ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ କହିଛନ୍ତି। କନ୍ଧମାଳ ଏସ୍‌ପି ହରିଶ ବିସିଙ୍କ ତତ୍ତ୍ୱାବଧାନରେ ମାମଲାର ତଦନ୍ତ କରାଯାଉଥିବା ସେ ସୂଚନା ଦେଇଛନ୍ତି।

## ୭ ସୁନା ଚେନ, ଗୋଟିଏ ବାଇକ୍ ଜବତ: ୩ ଗିରଫ

ମଙ୍ଗୁଳି-ଜଗତପୁର/ ଚୌଦ୍ୱାର,୫।୨ (ମାନସ ସାମଲ/ଆଶୁତୋଷ ଦାସ)

ଚୌଦ୍ୱାର ପୋଲିସ ଜଣେ ସୁନାଚେନ୍ ଲୁଟେରା ଓ ୨ଜଣ ବଣିଆଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଲୁଟେରା ହେଲେ କଟକ ଜିଲା ନେମାଳ ଥାନା ଅଧୀନ ବଳରାମପୁର ଗ୍ରାମର ବିଶାଳ ମଲ୍ଲିକ (୨୨), ୨ ବଣିଆ ହେଲେ ମର୍କତନଗର ଥାନା ଅଧୀନ ସିଡିଏ ସେକ୍ଟର ୭ ଅଞ୍ଚଳର ପ୍ରଭାକର ସାମନ୍ତ ଓ ମାହାଙ୍ଗା ଥାନା ଅଧୀନ ଭାରଙ୍ଗ ଗ୍ରାମର ହରେକୃଷ୍ଣ ସାହୁ ଓରଫ କାହ୍ନୁ (୩୧)। ସେମାନଙ୍କ ନିକଟରୁ ପୋଲିସ ୭ଟି ସୁନା ଚେନ (୯୭ ଗ୍ରାମ) ଓ ଗୋଟିଏ ବାଇକ୍ ଜବତ କରିଛି। ପୋଲିସ ଅନୁଯାୟୀ, ସନ୍ଧ୍ୟାରାଣି ପତି ତାଙ୍କ ସ୍ୱାମୀଙ୍କ ସହିତ ବିରୂପା ବ୍ରିଜ ନିକଟ ପରିବା ମାର୍କେଟକୁ ଯାଇ ଘରକୁ ଫେରୁଥିଲେ। ଲକ୍ଷ୍ମଣପୁର ନିକଟରେ ୨ଜଣ ଯୁବକ ଏକ ବାଇକ୍‌ରେ ପଛପଟୁ ଆସି ତାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ଫେରାର ହୋଇଯାଇଥିଲେ। ଥାନାରେ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିବା ସହ ସହିତ ଜୋନ୍-୧ ଏସିପି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ଛକରେ ଲାଗିଥିବା ସିସିଟିଭି ଯାଞ୍ଚ ପରେ ୨୦୨୫ ଜାନୁଆରୀରେ ଚୌଦ୍ୱାର ଓ ଝାରପଡ଼ା ଜେଲରୁ ମୁକୁଳିଥିବା ଉପରୋକ୍ତ ଲୁଟେରାଙ୍କୁ ଦେଖିବାକୁ ମିଳିଥିଲା। ସନ୍ଦେହରେ ସେମାନଙ୍କୁ ଗିରଫ କରି ପଚରାଉଚରା ସମୟରେ ଅଭିଯୁକ୍ତମାନେ ଚୌଦ୍ୱାର, ଜଗତପୁର, ସଦର ଥାନା ଅଞ୍ଚଳ ସହିତ କଟକ, ଭୁବନେଶ୍ୱର ଅନ୍ୟାନ୍ୟ ଥାନା ଅଞ୍ଚଳରେ ସୁନା ଚେନ ଛିନତାଇ ଏବଂ ଡକାୟତି ମାମଲାରେ ସମ୍ପୃକ୍ତି ଥିବା ଜଣାପଡିଥିଲା। ପୂର୍ବରୁ ସେମାନଙ୍କ ନାମରେ ଚୌଦ୍ୱାର, ଜଗତପୁର, ସଦର ଥାନାରେ ୬ଟି ମାମଲା ରହିଛି।

## ଯୁବକଙ୍କୁ ମାରଣାସ୍ତ୍ରରେ ହାଣି ହତ୍ୟା

**ଜଙ୍ଗଲରୁ ମିଳିଲା ଗଳିତ ମୃତଦେହ**

ବ୍ରଜରାଜନଗର, ୫।୨ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ରାମପୁର ଫାଣ୍ଡି ଅନ୍ତର୍ଗତ କୁକୁରିକାନୀ ଟାଙ୍ଗରଘାଟ ଜଙ୍ଗଲରେ ଜଣେ ଯୁବକଙ୍କୁ ମାରଣାସ୍ତ୍ରରେ ହାଣି ହତ୍ୟା କରିବା ପରେ ଫିଙ୍ଗି ଦିଆଯାଇଛି। ମୃତକ ହେଲେ ରାମପୁର ଫାଣ୍ଡି ଅନ୍ତର୍ଗତ ବିନାଶିପଡ଼ାର ସତ୍ୟନାରାୟଣ ସହିସଙ୍କ ପୁତ୍ର ସାହିଲ ସହିସ(୧୯)। ଗୁରୁବାର ସକାଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି।



ମୃତକ ସାହିଲ ସହିସ।

ପୋଲିସ ସୂଚନା ଅନୁଯାୟୀ, ଗତ ୧ ତାରିଖ ସନ୍ଧ୍ୟାରେ ସାହିଲ ଘରୁ ପଳାଇ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର ସନ୍ଧାନ ମିଳିନ ଥିଲା। ବୁଧବାର ଅପରାହ୍ନରେ ସତ୍ୟ ନାରାୟଣ ଖବର ପାଇଥିଲେ ଯେ, ସାହିଲ ଓ ଅନ୍ୟ ୪ ଜଣ ସାଙ୍ଗଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଏଥିରେ ସେମାନେ ଉତ୍‌କ୍ଷିପ୍ତ ହୋଇ ମାରଣାସ୍ତ୍ରରେ ସାହିଲଙ୍କୁ ହତ୍ୟା କରିଥିଲେ। ପରେ ମୃତଦେହକୁ କଳା ପଲିଥିନ୍‌ରେ ଗୁଡାଇ ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ଖବରପାଇ ପୋଲିସ ବୁଧବାର ରାତିରେ ଉକ୍ତ ଜଙ୍ଗଲରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ମୃତଦେହ ପାଇ ନ ଥିଲା। ଗୁରୁବାର ସକାଳେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ, ରାମପୁର ଫାଣ୍ଡି ଅଧିକାରୀ ସୁଦର୍ଶନ ବେହେରା, ଅନ୍ୟତମ ପୋଲିସ ଅଧିକାରୀ ଅଭୟ ମହାନ୍ତି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଜଙ୍ଗଲରେ ପହଞ୍ଚି ତଦନ୍ତ କରିବାବେଳେ ସାହିଲଙ୍କ ଗଳିତ ମୃତଦେହ ଜବତ କରିଥିଲେ। ଘଟଣାସ୍ଥଳରେ ମୃତକଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିବାବେଳେ ଅନ୍ୟ ୨ ଜଣ ଫେରାର ଅଛନ୍ତି। ଏନେଇ ସତ୍ୟ ନାରାୟଣ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୩୦/୨୬) ରୁଜୁ କରିଛି। ଏ ସମ୍ପର୍କରେ ଏସ୍‌ପି ରାଘବେନ୍ଦ୍ର କହିଛନ୍ତି, ସାହିଲଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଛି। ତେଣୁ ତାଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦିଆଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## ପୂର୍ବତନ ଭାରପ୍ରାପ୍ତ ସମ୍ପାଦକଙ୍କୁ ୩ ବର୍ଷ ଜେଲ୍

**ପାଇକସିଦା ସମବାୟ ସମିତିରେ ଅର୍ଥ ହେରଫେର ମାମଲା**

ବାଲେଶ୍ୱର, ୫।୨(ବାଞ୍ଛାନିଧି ଦେ)

ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପାଇକସିଦା ସେବା ସମବାୟ ସମିତିରେ ଅର୍ଥ ହେରଫେର ମାମଲାର ବିଚାର କରି ଗୁରୁବାର ଭିଜିଲାନ୍ସ ସ୍ପେଶାଲ କୋର୍ଟ ଜଜ୍ ଲଳିତ କୁମାର ଦାଶ ପୂର୍ବତନ ଭାରପ୍ରାପ୍ତ ସମ୍ପାଦକ କୃତ୍ତିବାସ ବେହେରା(୬୯)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

କୃତ୍ତିବାସ ବେହେରା ଉକ୍ତ ସମିତିରେ ଭାରପ୍ରାପ୍ତ ସମ୍ପାଦକ ଦାୟିତ୍ୱରେ ଥିବା ସମୟରେ ୨୦୦୯-୧୦ ଆର୍ଥିକ ବର୍ଷରେ ଚାଷୀଙ୍କଠାରୁ ଖରିଫ ଧାନ କିଣା ଟଙ୍କା ଆତ୍ମସାତ କରିଥିଲେ। ଜାଲିଆତି କରି ୨୫ଜଣ ଚାଷୀଙ୍କ ଜମାଖାତାରୁ ୫ଲକ୍ଷ ୪୧ହଜାର ୧୧୫ଟଙ୍କା ଆତ୍ମସାତ କରିଥିଲେ। ଏହି ଘଟଣା ସ୍ପେଶାଲ ଅଡିଟ୍ ସମୟରେ ଜଣାପଡ଼ିଥିଲା। ଏନେଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ. ୨୮/୨୦୧୨) ରୁଜୁ ହୋଇଥିଲା। ତଦନ୍ତ ପୂର୍ବକ ଚାର୍ଜସିଟ୍ ଦାଖଲ ହୋଇଥିଲା। ୨୮ଜଣ ସାକ୍ଷ୍ୟ ଓ ୨୧୭ଟି ଦଲିଲ୍ ଦସ୍ତାବିଜ୍‌କୁ ଆଧାର କରି ଜଜ୍ ଦାଶ ଦୋଷୀଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଧାକାନ୍ତ ମହାପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।

**Business**

# ଓଡ଼ିଶା ପାଇଁ ମାଇଣ୍ଡ ଇକୋନୋମି ଗୁରୁତ୍ୱପୂର୍ଣ୍ଣ

**ବ୍ଲାକ୍ ସ୍ୱାନ ସମିଟ୍ ଉଦ୍‌ଘାଟିତ**

ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)

ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟ୍‌ୱର୍କ (ଜିଏଫ୍‌ଟିଏନ୍) ସହିତ ସହଭାଗିତାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ଭୁବନେଶ୍ୱରରେ ପ୍ରଥମ ବ୍ଲାକ୍ ସ୍ୱାନ ସମ୍ମିଳନୀ ଇଣ୍ଡିଆ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ ଓଡ଼ିଶା ପାଇଁ ମାଇନ୍ସ ଇକୋନୋମି ସହ ବର୍ତ୍ତମାନ ସମୟରେ ମାଇଣ୍ଡ ଇକୋନୋମି ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି । ଗର୍ଗ ଆହୁରି କହିଛନ୍ତି, ଓଡ଼ିଶାର ଭବିଷ୍ୟତ ହେଉଛି ଡିଜିଟାଲ ଇକୋନୋମି । ବ୍ଲାକ୍ ସ୍ୱାନ ସମ୍ମିଳନୀ ପରି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶା ପାଇଁ ବଡ଼ ସୁଯୋଗ ଆଣିବାର ଲକ୍ଷ୍ୟ ରଖାଯାଇଛି। ଏହାକୁ ନେଇ ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ଏହାରି ମାଧ୍ୟମରେ ଓଡ଼ିଶାର ଯୁବତୀ ଯୁବକ ଦକ୍ଷ ହେବେ । ଫିନ୍‌ଟେକ୍, ଇନ୍ସଟେକ୍, ଡିଜିଟାଲ ଇନ୍‌ଫ୍ରାଷ୍ଟ୍ରକ୍ଚରରେ ଯାହା ଉନ୍ନତି ହେଉଛି ରାଜ୍ୟର ଯୁବତୀ ଯୁବକ କିଭଳି ଏହାକୁ ନେଇ ନିଜର ପ୍ରସ୍ତୁତି କରିବେ ତାହା ଉପରେ ଫୋକସ କେନ୍ଦ୍ରୀଭୂତ ହେବ । ଏହା ୫୦୦ ବିଲିଅନ ଡଲାର ଅର୍ଥନୀତିର ଲକ୍ଷ୍ୟ ସାଧନ କରିବାରେ ସହାୟକ ହେବ । ଏହି ପ୍ରୋଗ୍ରାମ ଗ୍ଲୋବାଲ ଶିକ୍ଷା, ମାନସିକତା ଓ ଇନୋଭେଶନ ସେଣ୍ଟର ଆଡ଼କୁ ଓଡ଼ିଶାକୁ ଗତି କରାଇବ। ସୂଚନା ଥାଉକି, ଏହି ସମ୍ମିଳନୀ ଭାରତନେତ୍ର ପଦକ୍ଷେପର ଏକ ଅଂଶ ଏବଂ ଫିନ୍‌ଟେକ୍, ଇନ୍‌ସୁରଟେକ ଏବଂ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ରାଜ୍ୟର ଇକୋସିଷ୍ଟମକୁ ବିକଶିତ କରିବା ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟକ୍ରମ କର୍ମଶକ୍ତି ପ୍ରସ୍ତୁତି ଏବଂ ଡିଜିଟାଲ ଆବଶ୍ୟକତା ପୂରଣ କରିବା ପାଇଁ ଶିକ୍ଷାରୁ ନିଯୁକ୍ତି ପର୍ଯ୍ୟନ୍ତ ଏକ ପାଇପଲାଇନ ସୃଷ୍ଟି କରିବା ଉପରେ ଧ୍ୟାନ କେନ୍ଦ୍ରିତକରେ। ଏହି ପଦକ୍ଷେପର ଏକ ପ୍ରମୁଖ ଅଂଶ ହେଉଛି ୫ ମାସିଆ ଫିନ୍‌ଟେକ୍ ଏବଂ ଇନ୍‌ସୁରଟେକ ହାଇବ୍ରିଡ୍ ତାଲିମ କାର୍ଯ୍ୟକ୍ରମ। ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟର ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜିଟାଲ ଫାଇନାନ୍ସ ସହିତ ସହଯୋଗରେ ବିକଶିତ ଏହି କାର୍ଯ୍ୟକ୍ରମରୁ ପ୍ରଥମ ବ୍ୟାଚ୍ ଛାତ୍ର ସ୍ନାତକ ହୋଇଛନ୍ତି। ଏହି ସ୍ନାତକମାନଙ୍କୁ ସମର୍ଥନ କରିବା ପାଇଁ, ରାଜ୍ୟ ଷ୍ଟାର୍ଟଅପ୍ ପାଇଁ ସିଧାସଳଖ ନିଯୁକ୍ତି ଏବଂ ବଜାର ପ୍ରବେଶ ସୁନିଶ୍ଚିତ କରିବା ପାଇଁ ବଜାଜ ଜେନେରାଲ ଇନ୍‌ସ୍ୟୁରାନ୍ସ, ସ୍ୱାଇସ୍ ମନି ଏବଂ ଭାୟାନା ଭଳି କମ୍ପାନୀଗୁଡ଼ିକ ସହିତ ୧୭ଟି ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଜିଏଫ୍‌ଟିଏନ୍‌ର ଉପାଧ୍ୟକ୍ଷ ନୀଲ ପାରେଖ କହିଛନ୍ତି, ଆର୍ଥିକ ପ୍ରଯୁକ୍ତିବିଦ୍ୟା ଏବଂ ବୀମା ପ୍ରଯୁକ୍ତିବିଦ୍ୟା ଭବିଷ୍ୟତର ଚାକିରିକୁ ପ୍ରତିନିଧିତ୍ୱ କରେ। ବିଭିନ୍ନ ପ୍ରଯୁକ୍ତିର ଦକ୍ଷତା ଯୁବପିଢ଼ିଙ୍କୁ ଫିନ୍‌ଟେକ ଏବଂ ଇଓ ସହିତ ପରିଚିତ କରାଇବା ଜରୁରୀ ହୋଇପଡ଼ିଛି। ପାରେଖ ଉଲ୍ଲେଖ କରିଛନ୍ତି, ଓଡ଼ିଶାରେ ୭ ହଜାର ଛାତ୍ରୀଛାତ୍ରଙ୍କ ତାଲିମ ଅଧିକ ଷ୍ଟାର୍ଟଅପ ଏବଂ ସୁଯୋଗ ସୃଷ୍ଟି କରିବ। ସେ ଆହୁରି କହିଛନ୍ତି , ଉଚ୍ଚ ଦରମାପ୍ରାପ୍ତ ନିଯୁକ୍ତି ସୃଷ୍ଟିକରିବା ଉପରେ ଧ୍ୟାନ ଦିଆଯାଇଛି। ଜିଏଫଟିଏନ୍‌ର ସିଇଓ ଜେମ୍ସ ବୋଇ କହିଛନ୍ତି, ଏହି ସମ୍ମିଳନୀ ନୀତି ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ବିତର୍କ କରିବାକୁ ଏବଂ ନବସୃଜନକୁ ଉତ୍ସାହିତ କରିବାକୁ ଅଂଶୀଦାରମାନଙ୍କୁ ସକ୍ଷମ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ସେ କହିଛନ୍ତି, ବିଶ୍ୱ ନେତାମାନଙ୍କୁ ଏକତ୍ରିତକରି ଆଲୋଚନା କରିବା ପ୍ରଥମ ସଂସ୍କରଣର ମୁଖ୍ୟ ଉଦ୍ଦେଶ୍ୟ।

## ପୂର୍ବତଟ ରେଳପଥ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟରେ ଏମ୍‌ଓୟୁ



ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟରେ ଗୁରୁବାର ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀ ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଭୁବନେଶ୍ୱରର ରେଳ ସଦନ ଅନ୍ତର୍ଗତ ସଭାଗୃହରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତିନାମା ଅନୁଯାୟୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଅନେକ କର୍ମଚାରୀ ଅନୁକୂଳ ସୁବିଧା ପ୍ରଦାନ କରିବ, ଯେଉଁଥିରେ ଅସୀମିତ ମାଗଣା ଏଟିଏମ୍ କାରବାର, ମାଗଣା ଡିମାଣ୍ଡ ଡ୍ରାଫ୍ଟ, ରିହାତି ଲକର ଭଡ଼ା ବ୍ୟବସ୍ଥା, ବ୍ୟକ୍ତିଗତ ଦୁର୍ଘଟଣା ବୀମା, ପିଲାମାନଙ୍କ ପାଇଁ ଶିକ୍ଷାଗତ ଅନୁଦାନ ଏବଂ ପ୍ରିମିୟମ ବିକଳ୍ପ ସହ ସ୍ୱାସ୍ଥ୍ୟ ବୀମା କଭରେଜ ଅନ୍ତର୍ଭୁକ୍ତ, ଯାହାର ଲକ୍ଷ୍ୟ ରେଳ କର୍ମଚାରୀମାନଙ୍କ ପାଇଁ ଅଧିକ ଆର୍ଥିକ ସୁରକ୍ଷା ଏବଂ ସୁବିଧା ସୁନିଶ୍ଚିତ କରିବା। ଏହି ଅବସରରେ ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ ଯେ ଏହି ଚୁକ୍ତିନାମା କର୍ମଚାରୀ କଲ୍ୟାଣ ପ୍ରତି ସଂଗଠନର ନିରନ୍ତର ପ୍ରତିବଦ୍ଧତା ଏବଂ ଆକର୍ଷଣୀୟ ସର୍ତ୍ତାବଳୀରେ ବ୍ୟାପକ ଆର୍ଥିକ ସେବା ଉପଲବ୍ଧତା ପ୍ରଦାନକୁ ପ୍ରତିଫଳିତକରେ। ଏହି ଚୁକ୍ତିନାମା ମାଧ୍ୟମରେ ଏକକ ବେତନ ଆକାଉଣ୍ଟ ଢାଞ୍ଚା ଅଧୀନରେ ଉନ୍ନତ ବ୍ୟାଙ୍କିଙ୍ଗ୍ ସୁବିଧା ଏବଂ ମୂଲ୍ୟଯୁକ୍ତ ସେବା ପ୍ରଦାନକରି ବହୁ ସଂଖ୍ୟକ କାର୍ଯ୍ୟରତ ରେଳ କର୍ମଚାରୀ ଉପକୃତ ହେବେ ବୋଲି ଆଶା କରାଯାଉଛି।

## ଏଏମ୍‌ଏନ୍‌ଏସ୍ ଇଣ୍ଡିଆକୁ ସବୁଜ ଇସ୍ପାତ ପ୍ରମାଣପତ୍ର

AM/NS INDIA

ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍‌ଏନ୍‌ଏସ୍ ଇଣ୍ଡିଆ) ଦେଶର ପ୍ରଥମ ସମନ୍ୱିତ ଇସ୍ପାତ ଉତ୍ପାଦକ ଭାବେ ଇସ୍ପାତ ମନ୍ତ୍ରଣାଳୟର ନୂତନ ସବୁଜ ଇସ୍ପାତ ବର୍ଗୀକରଣ ଅଧୀନରେ ସବୁଜ ଇସ୍ପାତ ପ୍ରମାଣପତ୍ର ହାସଲ କରିଛି। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ହଟ୍ ରୋଲ୍ (ଏଚ୍‌ଆର୍) କଏଲ ଏବଂ ସିଟ ୪-ଷ୍ଟାର ରେଟିଂ ପାଇଥିବାବେଳେ କୋଲ୍ଡ ରୋଲ (ସିଆର୍) କଏଲ ଏବଂ ସିଟ ୩-ଷ୍ଟାର ରେଟିଂ ହାସଲ କରିଛି। ଏହି ଉତ୍ପାଦଗୁଡ଼ିକ ଯାହା ଅଟୋମୋଟିଭ, ଭିତ୍ତିଭୂମି, ପ୍ରତିରକ୍ଷା, ନିର୍ମାଣ ଉପକରଣ ଏବଂ ଦୀର୍ଘସ୍ଥାୟୀ ଉପଭୋକ୍ତା ସାମଗ୍ରୀ କ୍ଷେତ୍ର ପାଇଁ ପ୍ରମୁଖ ଉପାଦାନ, ଏବେ ଆଧିକାରିକ ଭାବେ ସରକାରଙ୍କ ଦ୍ୱାରା ସବୁଜ ଇସ୍ପାତ ରୂପେ ମାନ୍ୟତାପ୍ରାପ୍ତ। ଏହା ଗ୍ରାହକମାନଙ୍କୁ ସେମାନଙ୍କର ମୂଲ୍ୟ ଶୃଙ୍ଖଳରେ ସ୍କୋପ ୩ ନିର୍ଗମନ ହ୍ରାସ କରିବାକୁ ସକ୍ଷମ କରିବ। ପ୍ରମାଣପତ୍ର ପାଇଁ ଯୋଗ୍ୟତା ଇସ୍ପାତ ଉତ୍ପାଦନର ନିର୍ଗମନର ତୀବ୍ରତା ଉପରେ ଆଧାରିତ, ଯେଉଁଥିରେ ପ୍ରତି ଟନ୍ ପିଛା ଚୂଡ଼ାନ୍ତ ଇସ୍ପାତ ଉତ୍ପାଦନ ନିମନ୍ତେ ୨.୨ ଟନ୍‌ରୁ କମ୍ ଅଙ୍ଗାରକାମ୍ଳ ସମତୁଲ୍ୟ ଯୋଗ୍ୟତା ସୀମା ରଖାଯାଇଛି। ଏହି ସୀମା ତଳେ ନିର୍ଗମନ ସହ ଉତ୍ପାଦିତ ଇସ୍ପାତକୁ ଏକ ୩ ସ୍ତରୀୟ ବ୍ୟବସ୍ଥା ଅଧୀନରେ ମୂଲ୍ୟାଙ୍କନ କରାଯାଏ, ଯାହା ୩-ଷ୍ଟାର, ୪-ଷ୍ଟାର, କିମ୍ବା ୫-ଷ୍ଟାର ସବୁଜ ଇସ୍ପାତ। ଏହି ପ୍ରମାଣପତ୍ର ହାସଲ କରିବା ପାଇଁ ଏଏମ୍‌ଏନ୍‌ଏସ୍ ଇଣ୍ଡିଆକୁ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସେକେଣ୍ଡାରି ଷ୍ଟିଲ୍ ଟେକ୍ନୋଲୋଜି (ଏନ୍‌ଆଇଏସ୍‌ଏସ୍‌ଟି) ଦ୍ୱାରା ଏକ କଠୋର ସମୀକ୍ଷା ପ୍ରଣାଳୀର ସାମ୍ନା କରିବାକୁ ପଡ଼ିଥିଲା ଯାହା ସୁନିଶ୍ଚିତ କରିଥିଲା ଯେ କମ୍ପାନୀର ପ୍ରମୁଖ ଫ୍ଲାଟ ଷ୍ଟିଲ ପୋର୍ଟଫୋଲିଓ ସବୁଜ ଇସ୍ପାତ ମାନଦଣ୍ଡ ପୂରଣ କରୁଛି। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ଉମେନ କହିଛନ୍ତି, ଭାରତର ସବୁଜ ଇସ୍ପାତ ବର୍ଗୀକରଣ ଇସ୍ପାତ ଶିଳ୍ପର ଭବିଷ୍ୟତ ଏବଂ ଏହାର ଡିକାର୍ବୋନାଇଜେଶନ ପାଇଁ ଏକ ସ୍ପଷ୍ଟ ଦିଗ ନିର୍ଦ୍ଧାରିତ କରୁଛି। ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଏହାର କାର୍ବନ ପଦଚିହ୍ନକୁ ହ୍ରାସ କରିବା ପାଇଁ ମାପନୀୟ ପ୍ରୟାସ ସହ କମ୍ କାର୍ବନ ଇସ୍ପାତ ଉତ୍ପାଦନ କରିଆସୁଛି ଏବଂ ନୂତନ ଢାଞ୍ଚା ଏହି ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି।

## ବୁଦ୍ଧିମତ୍ତାପୂର୍ଣ୍ଣ କମ୍ପ୍ୟୁଟିଂ, ସ୍ମାର୍ଟ ସିଷ୍ଟମ୍ ଦ୍ୱାରା ସ୍ଥାୟୀ ପ୍ରଯୁକ୍ତିଗତ ଉନ୍ନତି ସମ୍ଭବ




ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)

ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି(ସିଜିୟୁ)ରେ ବୁଦ୍ଧିମତ୍ତାପୂର୍ଣ୍ଣ କମ୍ପ୍ୟୁଟିଂ, କଗ୍ନିଟିଭ୍ ନେଟ୍‌ୱର୍କ ଓ ସ୍ମାର୍ଟ ସିଷ୍ଟମ୍(ଆଇସି୨ଏନ୍‌ଏସ୍୨-୨୦୨୬) ବିଷୟରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ପ୍ରିଙ୍ଗରର ଟେକ୍ନିକାଲ ସହଯୋଗରେ ଅନୁଷ୍ଠିତ ଏହି ୨ଦିନିଆ ସମ୍ମିଳନୀରେ ଚେସ୍ ଡିଆରଡିଓର ନିର୍ଦ୍ଦେଶକ ଡ. ଜଗନ୍ନାଥ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୁଦ୍ଧିମତ୍ତାପୂର୍ଣ୍ଣ କମ୍ପ୍ୟୁଟିଂ ଓ ସ୍ମାର୍ଟ ସିଷ୍ଟମ୍ ଦ୍ୱାରା ସ୍ଥାୟୀ ପ୍ରଯୁକ୍ତିଗତ ଉନ୍ନତି ସମ୍ଭବ ବୋଲି ସେ କହିଥିଲେ। କୋଲକାତାସ୍ଥିତ ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରଫେସର ଡ. ସ୍ୱାଗତମ ଦାସ ସମ୍ମାନିତ ଅତିଥି, ମ୍ୟାଲେସିଆର ଏମ୍‌ଏଆର୍‌ଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ପ୍ରଫେସର ନଇମ୍ ହାନୁନ୍ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ସିଜିୟୁର କୁଳପତି ପ୍ରଫେସର ବଂଶୀଧର ମାଝୀ, ପ୍ରୋ ଭାଇସ ଚାନ୍ସେଲର ପ୍ରଫେସର ଡ. ଗୁଡ଼ାଦେବୀ ଓ ପରାମର୍ଶଦାତା ଡ. ଗଣପତ ପଣ୍ଡା, ପ୍ରୋଗ୍ରାମ୍ ଚେୟାର ଡ. ମୋନାଲିସା ମିଶ୍ର, ଡ. ମମତାରାଣୀ ଦାସ ଓ ଡ. ମଧୁସ୍ମିତା ସାହୁ, ପ୍ରୋଗ୍ରାମ୍ ଆଡଭାଇଜର ପ୍ରଫେସର ସୁକାନ୍ତ କିଶୋର ବିଶୋୟୀ, ସମ୍ମିଳନୀର ଆବାହକ ଡ. ଦେବେନ୍ଦ୍ର ମୁଦୁଲି, ଡ. ରାକେଶ ରଞ୍ଜନ କୁମାର ଓ ଡ. ଆଦ୍ୟାଶା ରଥ ପ୍ରମୁଖ ଯୋଗଦେଇଥିଲେ। ଡ. ଗଣପତି ପଣ୍ଡାଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିଲା।

## ସୋନାଲିକା ଟ୍ରାକ୍ଟର୍ସର ଉଲ୍ଲେଖନୀୟ ପ୍ରଦର୍ଶନ

ଭୁବନେଶ୍ୱର,୫।୨(ଅନୁରାଧା ମହାରଣା): ସୋନାଲିକା ଟ୍ରାକ୍ଟର୍ସ ଏପ୍ରିଲ ୨୦୨୫-ଜାନୁଆରୀ ୨୦୨୬ ମଧ୍ୟରେ ଉଲ୍ଲେଖନୀୟ ବିକ୍ରି ରେକର୍ଡ ହାସଲ କରିଛି। ଏହି ସମୟରେ କମ୍ପାନୀ ମୋଟ ୧୫୧,୬୦୪ଟି ଟ୍ରାକ୍ଟର୍‌ର ଦ୍ରୁତତମ ୱାଇଟିଡି ବିକ୍ରି ହାସଲ କରିଛି। ଏହି ସଫଳତା ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, 'ଆମେ ୨୦୨୫ ଏପ୍ରିଲରୁ ୨୦୨୬ ଜାନୁଆରୀ ମଧ୍ୟରେ କେବଳ ୧୦ ମାସରେ ଆମର ୧.୫୧ ଲକ୍ଷର ଦ୍ରୁତତମ ଟ୍ରାକ୍ଟର ବିକ୍ରି ରେକର୍ଡ ହାସଲ କରି ଖୁବ୍ ଉତ୍ସାହିତ ଅଛୁ । ଭାରତର ଅର୍ଥନୀତି ଉତ୍ପାଦକତା ଓ ନିବେଶର ସ୍ତମ୍ଭ ଉପରେ ଅଗ୍ରଗତି କରିବା ସହିତ ଆମେ 'ଜିତ୍‌ନେ କା ଦମ୍' ଦ୍ୱାରା ପରିଚାଳିତ ନିର୍ଭରଯୋଗ୍ୟ ଭବିଷ୍ୟତ ପ୍ରସ୍ତୁତ ଟେକ୍ନୋଲୋଜି ସହ ଶକ୍ତି, ବ୍ୟାପକତା ଏବଂ କୃଷକଙ୍କୁ ସମର୍ଥନ କରିବା ପାଇଁ ପ୍ରତିବଦ୍ଧ ରହିଛୁ।

## ଗିଫ୍ଟର ୧୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ

ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଗିଫ୍ଟ ସ୍ୱୟଂଶାସିତ ମହାବିଦ୍ୟାଳୟର ୧୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ 'ଅକ୍ଟାଥାଲନ୍-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜାତୀୟସ୍ତରୀୟ ଫୁଟ୍‌ବଲ ଖେଳାଳି ପ୍ରଦୀପ୍ତ କୁମାର ପଟ୍ଟନାୟକ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଗିଫ୍ଟର ନିର୍ଦ୍ଦେଶକ ଡ. ପତିତପାବନ ପଣ୍ଡା, ଅଧ୍ୟକ୍ଷ ଡ. ତ୍ରିଲୋଚନ ସାହୁ, ରେଜିଷ୍ଟ୍ରାର ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଡିନ୍(ଏକାଡେମିକ) ଡ. ରବିନାରାୟଣ ପଣ୍ଡା, ଇଂ ସମୀର ରଞ୍ଜନ ପଣ୍ଡା, ପିଆଇସି ଷ୍ଟୁଡେଣ୍ଟ୍ ୱେଲ୍‌ଫେୟାର ପ୍ରଫେସର ସୌମେନ୍ଦ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ମୋଟ ୩୫ଟି ଖେଳରେ ୮୦୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ଜଗନ୍ନାଥ ରାୟ, ପ୍ରତାପ କୋର ମିଶ୍ର, ଅସିତ ପାହାଡ଼ସିଂ, ଅବଦୁଲ ଅଜିଜୀ ଖାନ, ଏସ୍ .କେ. ସିରାଜ ଓ ଏ ଚୈତନ୍ୟ ପ୍ରମୁଖ ପରିଚାଳନା କରିଥିଲେ।




ଗିଫ୍ଟ ସ୍ୱୟଂଶାସିତ ମହାବିଦ୍ୟାଳୟର ୧୮ତମ ବାର୍ଷିକ କ୍ରୀଡ଼ା ଉତ୍ସବରେ ଅତିଥିମାନେ ଉପସ୍ଥିତ ଅଛନ୍ତି।

**ଗୋଟିଏ ରାତିରେ ୩ ମନ୍ଦିରରୁ ଚୋରି**

ସୋର,(ଜନ୍ମେଜୟ ମିଶ୍ର): ବାଲେଶ୍ୱର ଜିଲା ସୋର ଥାନା ତଳନଗର ପଞ୍ଚାୟତ କୃଷ୍ଣନଗର ଓ ତିରିଶିବାଟି ଗ୍ରାମରେ ଥିବା ୩ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମରେ ଥିବା ହନୁମାନ ମନ୍ଦିର , ଶିରିଡି ସାଇ ମନ୍ଦିର ଓ ଠାକୁରାଣୀ ମନ୍ଦିରକୁ ସକାଳେ ପୂଜକ ପୂଜା କରିବାକୁ ଆସିବା ବେଳେ ମନ୍ଦିରର ତାଲା ଗ୍ୟାସକଟର କଟାଯାଇଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ହନୁମାନ ମନ୍ଦିରରୁ ରୁପା ମୁକୁଟ, ମୁଦି, ରୁପା ହାର ସମେତ ପିତ୍ତଳ ସାମଗ୍ରୀ, ସାଇବାବା ମନ୍ଦିରରୁ ରୁପା ମୁକୁଟ ଓ ଠାକୁରାଣୀ ମନ୍ଦିରରୁ ରୁପା ମୁକୁଟ, ସୁନା ଟିକା ଚୋରି ହୋଇଥିବା ଗ୍ରାମବାସୀ ସୋର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।



# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୫ ଦେଶର ସେନା ଅଧିକାରୀ

ଭୁବନେଶ୍ୱର, ୫।୨(ସୁନିତ୍ ମିଶ୍ର)

ଅଧ୍ୟୟନ ପରିଦର୍ଶନ କାର୍ଯ୍ୟକ୍ରମରେ ଓଡ଼ିଶା ଆସିଥିବା ଦିଲ୍ଲୀସ୍ଥିତ ନ୍ୟାଶନାଲ ଡିଫେନ୍ସ କଲେଜର ପ୍ରଶିକ୍ଷାର୍ଥୀ ଅଧିକାରୀମାନେ ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଏହି ଅଧ୍ୟୟନ ପରିଦର୍ଶନ କାର୍ଯ୍ୟକ୍ରମରେ ଭାରତୀୟ ସଶସ୍ତ୍ର ବାହିନୀର ଅଧିକାରୀମାନଙ୍କ ସମେତ ଆର୍ମେନିଆ, ଭୁଟାନ, ଶ୍ରୀଲଙ୍କା, ମାଙ୍ଗୋଲିଆ ଏବଂ ନେପାଳର ସୈନ୍ୟବାହିନୀର ଅଧିକାରୀମାନେ ମଧ୍ୟ ଯୋଗଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମସ୍ତଙ୍କ ପାଇଁ ଦେଶର ଅର୍ଥ ହେଉଛି କେବଳ ଜାତୀୟ ସେବା। ଏହା ସେମାନଙ୍କ ପ୍ରତିବଦ୍ଧତା। ପ୍ରତ୍ୟେକ ସାମରିକ ଅଧିକାରୀଙ୍କ ଭାବାବେଗ ସହ ତାଙ୍କର ଏହି ମନୋଭାବ ଗଭୀର ଭାବେ ଜଡ଼ିତ ବୋଲି ସେ ଅଧିକାରୀମାନଙ୍କୁ କହିଛନ୍ତି।

ସେ ଆହୁରି କହିଛନ୍ତି, ଅପରେଶନ ସିନ୍ଦୂରର ସଫଳତା ଓ ଭାରତୀୟ ସଶସ୍ତ୍ର ବାହିନୀର କାର୍ଯ୍ୟ ପ୍ରଶଂସନୀୟ। ଅପରେଶନ ସିନ୍ଦୂର ସମୟରେ ସୈନ୍ୟବାହିନୀ ଦ୍ୱାରା ଦେଖାଯାଇଥିବା ସାହସ ଏବଂ ସାହସିକତା ସମାଲ। ଏହି ଅପରେଶନ ସେନାର ଶୃଙ୍ଖଳା, ଦୃଢ଼ ପ୍ରତିବଦ୍ଧତା ଏବଂ ନିଃସ୍ୱାର୍ଥପର ସେବାର ପ୍ରମାଣ। ଏହାସହ ପ୍ରାଚୀନ ଓଡ଼ିଶାର ବୀରତ୍ୱ ଏବଂ ପରାକ୍ରମ ଉପରେ ଆଲୋକପାତ କରିବା ସହ ଶିଳ୍ପ, ଭିତ୍ତିଭୂମି, ଶିକ୍ଷା, କ୍ରୀଡ଼ା ଏବଂ ବିପର୍ଯ୍ୟୟ ପରିଚାଳନାରେ ରାଜ୍ୟ ସମଗ୍ର ଭାରତରେ କିଭଳି ଏକ ନୂତନ ପରିଚୟ ସୃଷ୍ଟି କରିଛି ସେ ବିଷୟରେ କହିଛନ୍ତି। ଏହି ଅବସରରେ ବିଭିନ୍ନ ଦେଶରୁ ଆସିଥିବା ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସବୁକ୍ଷେତ୍ରରେ ଓଡ଼ିଶାର ଦ୍ରୁତ ବିକାଶ ଦେଖି ସେମାନେ ପ୍ରଶଂସା କରିଛନ୍ତି। ଏଥିରେ ଭାରତୀୟ ସଶସ୍ତ୍ର ବାହିନୀର ବରିଷ୍ଠ ଅଧିକାରୀ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିବା ଦେଶର ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। କାର୍ଯ୍ୟକ୍ରମରେ ଏୟାର ମାର୍ଶଲ ମନୀଷ କୁମାର ଗୁପ୍ତା, ମେଜର ଜେନେରାଲ ସି.ପି. ସାଙ୍ଗରା, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଭାରତୀୟ ସଶସ୍ତ୍ର ବାହିନୀର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଲୋକସେବା ଭବନଠାରେ ଦିଲ୍ଲୀସ୍ଥିତ ନ୍ୟାଶନାଲ ଡିଫେନ୍ସ କଲେଜର ପ୍ରଶିକ୍ଷାର୍ଥୀ ଓ ଅଧିକାରୀମାନଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ସାକ୍ଷାତ କରୁଛନ୍ତି।

# ପାଠ ପଢ଼ାଇଲା ବେଳେ ଟଳିପଡ଼ିଲେ ଶିକ୍ଷକ

ଫୁଲବାଣୀ/ଫିରିଙ୍ଗିଆ,୫।୨ (ରାକେଶ କୁମାର ରାଉତ/ ବିମଳ ଦିଗାଲ)

